

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର, ୨୮ ଅଗଷ୍ଟ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 28 AUGUST 2022

Vol.No. 35 ■ No. 226 ■ Price :Rs.2.00 (16 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


# ଅପରେସନ ଲୋଟସ ଭୟରେ ବିଧାୟକଙ୍କୁ ନେଇ ଛୁ-ମାରିଲେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ



ନୂଆଦିଲ୍ଲୀ, ୨୭/୦୮ : ଝାଡ଼ଖଣ୍ଡ ରାଜନୀତିରେ ହାଇଭୋଲଟେଜ୍ ଡ୍ରାମା । ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଗାଦି ଟଳମଳ ହେବା ପରେ ଝାଡ଼ଖଣ୍ଡ ରାଜନୀତିରେ ହଲଚଲ ଆରମ୍ଭ ହୋଇଛି । ଅପରେସନ୍ ଲୋଟସ୍ ଭୟରେ ନିଜ ବିଧାୟକଙ୍କୁ ଲୁଚାଇବାକୁ ଉଦ୍ୟମ କରିଛନ୍ତି ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ । ଜେଏମଏମର ସମସ୍ତ ବିଧାୟକଙ୍କୁ ସ୍ୱତନ୍ତ୍ର ବସରେ କଂଗ୍ରେସ ଶାସିତ ଛତିଶଗଡ଼କୁ ନେଇ ଯାଇଛନ୍ତି ନିଜେ ମୁଖ୍ୟମନ୍ତ୍ରୀ । ଏପଟେ ହେମନ୍ତ ସୋରେନ୍ ଯଦି ମୁଖ୍ୟମନ୍ତ୍ରୀ ପଦ ଛାଡ଼ନ୍ତି, ତେବେ ତାଙ୍କ ସ୍ଥାନରେ କିଏ ଝାଡ଼ଖଣ୍ଡର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବେ, ସେ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ହେମନ୍ତ ସୋରେନଙ୍କୁ ଘାରିଛି ଅପରେସନ୍ ଲୋଟସ୍ ଭୟ । କାଳେ ବିଧାୟକଙ୍କୁ ପ୍ରଭାବିତ କରି ନିଜ ଆଡକୁ ଟାଣିନେବ ବିଜେପି, ଜେଏମଏମର ବିଧାୟକଙ୍କୁ ନିଜ ଆଖି ଆଗରେ ରଖିବା ପାଇଁ ଉଦ୍ୟମ କରିଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ । ବିଧାୟକଙ୍କ କିଣାବିକାର ଆଶଙ୍କା କରି ଆରମ୍ଭ ହୋଇଛି ରିସର୍ଟ ପଲିଟିକ୍ସ । ରାଞ୍ଚିରୁ ଛତିଶଗଡ଼ର ରାୟପୁର ଅଭିମୁଖେ ସ୍ୱତନ୍ତ୍ର ବସରେ ଯାଇଛନ୍ତି ଝାଡଖଣ୍ଡ ମୁକ୍ତିମୋର୍ଚ୍ଚାର ବିଧାୟକ । ଆଉ ବସରେ ନିଜେ ଉପସ୍ଥିତ ରହିଛନ୍ତି ହେମନ୍ତ ସୋରେନ୍ । ତାଙ୍କ ମନରେ ଭୟ ରହିଛି, ହୁଏତ ତାଙ୍କ ବିଧାୟକମାନଙ୍କୁ ପ୍ରଭାବିତ କରିପାରେ ବିଜେପି । ତେବେ ମୁଖ୍ୟମନ୍ତ୍ରୀ ବଦଳିଲେ ବି ମେଣ୍ଟରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଆଶା ରଖିଛନ୍ତି ସୋରେନଙ୍କ ଶିବିର । ତେବେ ହେମନ୍ତ ସୋରେନ୍ ଯଦି ଅଯୋଗ୍ୟ ଘୋଷିତ ହୁଅନ୍ତି ତାହେଲେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ▶▶ପୃଷ୍ଠା ୭

# ମାଟିରେ ମିଶିବ ନୋଏଡାର ଟ୍ୱିନ୍ ଟାୱାର



ନୂଆଦିଲ୍ଲୀ, ୨୭/୦୮ : ନୋଏଡାରେ ବେଆଇନ ଭାବେ ନିର୍ମିତ ବହୁତଳ ବିଶିଷ୍ଟ ସୁପରଟେକ ଟ୍ୱିନ-ଟାୱାରକୁ ଅଗଷ୍ଟ ୨୮ ଅର୍ଥାତ ଆସନ୍ତାକାଲି ଭଙ୍ଗାଯିବ । ବିସ୍ଫୋରଣ କରି ୯ ସେକେଣ୍ଡ ମଧ୍ୟରେ ଏହାକୁ ମାଟିରେ ମିଶାଇ ଦିଆଯିବ । ଏଥିପାଇଁ ଆସନ୍ତାକାଲି ସକାଳ ୭ଟା ସୁଦ୍ଧା ନିକଟସ୍ଥ ଘର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଦେଶରେ ପ୍ରଥମ ଥର ପାଇଁ ଏତେ ବଡ କୋଠାକୁ ବିସ୍ଫୋରଣ କରି ଭାଙ୍ଗି ଦିଆଯିବ । ରବିବାର ଅପରାହ୍ନ ୨ଟା ୩୦ ପରେ ମାଟିରେ ମିଶିଯିବ ନୋଏଡାର ସେକ୍ଟର ୯୩-ଏ ରେ ବେଆଇନ ଭାବେ ନିର୍ମିତ ବହୁତଳ କୋଠା ଟ୍ୱିନ-ଟାୱାର । ବିସ୍ଫୋରଣ କରି ଏହି ବହୁତଳ କୋଠାକୁ ଧ୍ୱଂସ କରି ଦିଆଯିବ । ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ବିସ୍ଫୋରକ ଧରି ପହଁଚିଛନ୍ତି ଅଧିକୃତ ବିସ୍ଫୋରଣକାରୀ । ତେବେ ମାତ୍ର ୯ ସେକେଣ୍ଡ ଭିତରେ ମାଟିରେ ମିଶିଯିବ ଏହି ବିଶାଳ କୋଠା । ବିସ୍ଫୋରଣ କରି ▶▶ପୃଷ୍ଠା ୭

# ଆଇଏଏସ ସ୍ତରରେ ଛୋଟ ଧରଣର ଅଦଳବଦଳ




ଭୁବନେଶ୍ୱର,୨୭/୦୮ (ନି.ପ୍ର): ଆଇଏଏସ ସ୍ତରରେ ଛୋଟ ଧରଣର ଅଦଳବଦଳ । ପଞ୍ଚାୟତିରାଜ ବିଭାଗର ପ୍ରମୁଖ ସଚିବ ଅଶୋକ ମୀନା କେନ୍ଦ୍ରୀୟ ଡେପୁଟେସନରେ ଯିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଛୋଟ ଧରଣର ଅଦଳବଦଳ କରାଯାଇଛି । ନୂଆ ବିଜ୍ଞପ୍ତି ଅନୁଯାୟୀ, ୧୯୯୩ ବ୍ୟାଚ ଆଇଏଏସ ଅଫିସର ତଥା ଇସ୍ପାତ ଓ ଖଣି ବିଭାଗର ପ୍ରମୁଖ ସଚିବ ଦେଓ ରଞ୍ଜନ ସିଂଙ୍କୁ ଅବକାରୀ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି । ଦେଓରଞ୍ଜନ ଓଡିଶା ମାଇନିଂ କର୍ପୋରେସନର ଅଧ୍ୟକ୍ଷ, ଇଡକଲ ଅଧ୍ୟକ୍ଷ ଓ ଓଏମସିଏଲର ଅଧ୍ୟକ୍ଷ ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ । ପୂର୍ବରୁ ଅବକାରୀ ବିଭାଗର ସଚିବ ଭାବେ ଦାୟିତ୍ୱ ତୁଲାଉଥିଲେ ସୁଶୀଲ ଲୋହାନୀ । ସେହିଭଳି ୧୯୯୫ ବ୍ୟାଚର ଆଇଏଏସ ଅଫିସର ସୁଶୀଲ କୁମାର ଲୋହାନୀ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ▶▶ପୃଷ୍ଠା ୭

# ଭିଜିଲାନ୍ସ ଜାଲରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ

ଭୁବନେଶ୍ୱର,୨୭/୦୮ (ନି.ପ୍ର): ଭିଜିଲାନ୍ସ ରେଡ ବେଳେ ମିଳିଲା ପୁଳା ପୁଳା ଟଙ୍କା । ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଘରୁ ୪କୋଟିରୁ ଅଧିକ ନଗଦ ଟଙ୍କା ଜବତ କରାଯାଇଛି । ବିହାରର କିଶନଗଂଜ ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସଂଜୟ କୁମାର ରାୟଙ୍କ ଘରେ ଚଢାଉ ବେଳେ ୧କୋଟି ନଗଦ ଟଙ୍କା ଜବତ ହୋଇଛି । ଏହା ସହ ତାଙ୍କ ପାଟନା ସ୍ଥିତ ଘରେ ମଧ ଚଢାଉ ବେଳେ ୩କୋଟିରୁ ଅଧିକ ଟଙ୍କା ଜବତ ହୋଇଛି । କିଷନଗଞ୍ଜ ସ୍ଥିତ ତାଙ୍କ ବାସଭବନରେ ଚଢାଉ କରି ନଗଦ ଟଙ୍କା ଓ ସୁନା ଗହଣା ଜବତ କରିଛି ଭିଜିଲାନ୍ସ । ଭିଜିଲାନ୍ସ ଡିଏସପି ସୁଜିତ ସାଗର ଏ ନେଇ ସୂଚନା ଦେଇ କହିଛନ୍ତି ଯେ, ତଦନ୍ତ ଚାଲିଥିବା ସହ ସଂଜୟ କୁମାର ରାୟଙ୍କ ନାଁରେ ଏଫଆଇଆର ରୁଜୁ କରାଯାଇଛି । ନଗଦ ୧କୋଟି ଟଙ୍କା, ସୁନା ଗହଣା ସହ ଗୁରୁତ୍ୱପୂର୍ଣ୍ଣ ଭିଜିଲାନ୍ସ କାଗଜପତ୍ର ଜବତ କରିଛି ।

## ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ଧରିଲା ବିଏସ୍ଏଫ

ଜମ୍ମୁ, ୨୭/୦୮ : ସୁରକ୍ଷାକର୍ମୀଙ୍କ ହାତରେ ଧରାପଡ଼ିଛି ପୁଣିଜଣେ ପାକିସ୍ତାନ ଅନୁପ୍ରବେଶକାରୀ। ଜମ୍ମୁର ଆର୍ନିଆ ସେକ୍ଟର ସ୍ଥିତ ସୀମାନ୍ତ ଅଞ୍ଚଳରୁ ଆଜି ଭୋର ସମୟରେ ବିଏସଏଫ ଯବାନମାନେ ଏହି ଅନୁପ୍ରବେଶକାରୀଙ୍କୁ ଧରିଛନ୍ତି। ଚଳିତ ସପ୍ତାହରେ ସୀମାରେ ଏପରି ଅନୁପ୍ରବେଶ ଉଦ୍ୟମ ତୃତୀୟ ଥର ପାଇଁ ହୋଇଛି। ସେନାର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଭୋର ସମୟରେ ସୀମାନ୍ତରେ ସନ୍ଦିଗ୍ଧ ଗତିବିଧି ସମ୍ପର୍କରେ ସୂଚନା ମିଳିଥିଲା। ଏହାପରେ ବିଏସ୍ଏଫ ଯବାନମାନେ ଆଲର୍ଟ ମୋଡ଼କୁ ଆସି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଏତିକି ବେଳେ ଆର୍ନିଆ ସେକ୍ଟରର ଆରଏସ ପୂରା ଅଞ୍ଚଳରୁ ଜଣେ ପାକିସ୍ତାନ ନାଗରିକଙ୍କୁ କାବୁ କରାଯାଇଥିଲା।

# ଅନଲାଇନ ଠକେଇ ମାମଲାରେ ନାଇଜେରିଆନ ଦମ୍ପତି ଗିରଫ



ବାଲେଶ୍ୱର,୨୭/୦୮ (ନି.ପ୍ର): ସହରର ବାଲିଆ ଅଞ୍ଚଳର ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କଠାରୁ ଅନଲାଇନରେ ୩୦ ଲକ୍ଷ ଟଙ୍କା ଠକି ନେବା ମାମଲାର ଅନ୍ୟ ଦୁଇ ଅଭିଯୁକ୍ତ ନାଇଜେରିଆନ ଦମ୍ପତିଙ୍କୁ ଦିଲୀରୁ ଗିରଫ କରିଛି ବାଲେଶ୍ୱର ସାଇବର ଥାନା ପୁଲିସ। ସେମାନେ ହେଲେ ଏମାଉନେଲ ନାମମାନି କେଲଭିନ ଓଟୁସୋରୋ ନାମନା ଓ ପତ୍ନୀ ଟି ସୁଟିମ ବିଖାର। ସେମାନଙ୍କଠାରୁ ଗୋଟିଏ କାର, ୨ଟି ଲାପଟପ, ଦୁଇଟି ନକଲି ପାସପୋର୍ଟ, ୭ ମୋବାଇଲ ଓ ସୁନାଗହଣା ଜବତ କରାଯାଇଛି। ଏହି ମାମଲାରେ ଗତ ୬ ତାରିଖରେ ସାମସନ ଏମକେ ଅଲିକା ନାମକ ନାଇଜେରିଆ ଯୁବକଙ୍କୁ ଗିରଫ କରାଯାଇଥିଲା। ତାଙ୍କୁ ରିମାଣ୍ଡରେ ଆଣି ପଚରାଉଚୁରା ସହ ପୁଲିସ ଏହି ପତିପତ୍ନୀଙ୍କୁ ଗିରଫ କରିଥିବା ଜଣାଯାଇଛି। ଏହି ଅନଲାଇନ ଠକେଇ ମାମଲାରେ ତଦନ୍ତ ଏବେ ଜାରି ରହିଥିବା ବେଳେ ଫେରାର ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ ଜାରି ରହିଥିବା ପୁଲିସ ସୂଚନା ଦେଇଛି। ବିଦେଶୀ ମହିଳାଙ୍କ ନାଆଁରେ ଥିବା ସୋସିଆଲ ମିଡିଆ ଆଇଡିରୁ ପ୍ରଥମେ ବନ୍ଧୁତା ଓ ପରେ ଘନିଷ୍ଟତା ହୋଇ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବାଲିଆ ଅଞ୍ଚଳର ଅବସରପ୍ରାପ୍ତ କର୍ମଚାରୀଙ୍କୁ ନାଇଜେରିଆ ର୍‍ୟାକେଟ ଚୁନ ଲଗାଇଥିଲା।

## ପ୍ରଧାନ ବିଚାରପତିଙ୍କ ଶପଥ ଗ୍ରହଣ

ନୂଆଦିଲ୍ଲୀ, ୨୭/୦୮ : ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଭାବେ ଜଷ୍ଟିସ ଶ୍ରୀ ଉଦୟ ଉମେଶ ଲଳିତ ଶପଥ ଗ୍ରହଣ କରିଛନ୍ତି । ରାଷ୍ଟ୍ରପତି ଭବନ ଦରବାର ହଲରେ ଆଜି (ଅଗଷ୍ଟ ୨୭, ୨୦୨୨) ପୂର୍ବାହ୍ନ ସାଢ଼େ ୧୦ଟା ସମୟରେ ତାଙ୍କର ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଥିଲା । ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ

# ଥାଲାସେମିଆ ସଚେତନତା ଶିବିର




ବାଲେଶ୍ୱର, ୨୭/୦୮ (ନି.ପ୍ର): ବାଲେଶ୍ୱର ଚିଡ଼ିଆ ପୋଲ ନିକଟସ୍ଥ ହେଲଦି ଲାଇଫ ଯୋଗକେନ୍ଦ୍ରରେ ଥାଲାସେମିଆ କେୟାର ସୋସାଇଟ୍ ଓଡ଼ିଶା, ଏଷ୍ଟର ସି.ଏମ.ଆଇ ଚିକିତ୍ସାଳୟ ବେଙ୍ଗୋଲର୍ ଓ ହେଲଦି ଲାଇଫ୍ ମିଳିତ ଉଦ୍ୟମରେ ଏକ ଥାଲାସେମିଆ ସଚେତନତା ଓ ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ଏଚ.ଏଲ୍.ଏ. ଟାଇପିଙ୍ଗ୍ ଶିବିର ଅନୁଷ୍ଠିତ ହେଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡ଼ା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଷ୍ଟର ସି.ଏ.ଆଇ ର ଡାକ୍ତର ଷ୍ଟାଲିନ୍ ରାମପ୍ରକାଶ ତଥା ବି.ଏମ.ଟି ବିଶେଷଜ୍ଞ ଥାଲାସେମିଆ ରୋଗୀଙ୍କ ପରିଚାଳନା ରୋକଥାମ ଓ ରୋକିବା ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଅସ୍ଥିମଜ୍ଜା ପ୍ରତିରୋପଣ ସମ୍ବନ୍ଧରେ ବିଶେଷ ବ୍ୟାଖ୍ୟା କରିଥିଲେ । ଆଗାମୀ ଦିନରେ ଥାଲାସେମିଆର ଉତ୍ତମ ଚିକିତ୍ସା ବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ । ▶▶ପୃଷ୍ଠା ୭

# ମଣୀନ୍ଦ୍ରଙ୍କୁ 'ସାଗରିକା' ଓ ପ୍ରଭାସଙ୍କୁ 'ଧ୍ୱନି ପ୍ରତିଧ୍ୱନି' ସମ୍ମାନ

**ଅନନ୍ତଙ୍କୁ ବାଲେଶ୍ୱର ବରପୁତ୍ର, ଗଳ୍ପରେ ରାଜ୍ୟବର୍ଦ୍ଧନ, କବିତାରେ ଯଶୋଧାରା, ପ୍ରବନ୍ଧରେ ରାଧାରଂଜନ, ଶିଶୁ ସାହିତ୍ୟରେ ପୀତାମ୍ବର, ନବପ୍ରତିଭାରେ ଜୟନ୍ତୀ ଓ ପ୍ରୀତିଲେଖା, ସଂଗଠନରେ ଭାଗବତ ଓ ଦକ୍ଷତାରେ ଅଶ୍ୱିନୀ ଓ ନଳିନୀ, ସମାଜସେବାରେ ଧ୍ରୁବ ଓ ଅନୁଷ୍ଠାନରେ ଯୋଗେନ୍ଦ୍ର ଆଞ୍ଚଳିକ କଲେଜ**


ଅନନ୍ତ ଦାସ


ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ


ଡ. ମଣୀନ୍ଦ୍ର କୁମାର ମେହେର


ଅଶ୍ୱିନୀ କୁମାର ଦଣ୍ଡପାଟ


ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର


ଯଶୋଧାରା ଦାସ


ଡ. ରାଧାରଂଜନ ପଟ୍ଟନାୟକ


ପୀତାମ୍ବର ଦାସ


ଡ. ଭାଗବତ ପ୍ରସାଦ ଦାସ


ଜୟନ୍ତୀ ବିଶ୍ୱାଳ ବେହୁରିଆ


ପ୍ରୀତିଲେଖା ଦାସ


ନଳିନୀକାନ୍ତ ଦାସ


ଧ୍ରୁବ ରଣା


ମିନତୀ ରାଣୀ ବେହେରା

ବାଲେଶ୍ୱର, ୨୧/୮ (ନି.ପ୍ର): ବାଲେଶ୍ୱରରୁ ଦୀର୍ଘ ୩୩ ବର୍ଷ ଧରି ନିରବଚ୍ଛିନ୍ନ ଭାବରେ ପ୍ରକାଶ ପାଇଆସୁଥିବା ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ସମାରୋହ ତଥା ସାହିତ୍ୟୋତ୍ସବ ଏବଂ ଧ୍ୱନିପ୍ରତିଧ୍ୱନି ଓ ସାହିତ୍ୟ ପତ୍ରିକା 'ସାଗରିକା'ର ମିଳିତ ସମ୍ମାନ ପ୍ରଦାନ ଉତ୍ସବ ୨୮ ତାରିଖ ରବିବାର ଦିନ ପୂର୍ବାହ୍ନ ୯ ଘଟିକା ସମୟରେ ବାଲେଶ୍ୱର ସହରସ୍ଥ ଭେନିୟା ପାରାଡାଇଜ୍‌ଠାରେ ଯଥାରୀତି ଅନୁଷ୍ଠିତ ହେବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବାକୁ ପୂର୍ବବର୍ଷ ପରି ସ୍ଥିରୀକୃତ ହୋଇଛି। ଚଳିତ ବର୍ଷ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କୁ 'ସାଗରିକା ସମ୍ମାନ' ଓ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟଙ୍କୁ 'ଧ୍ୱନି ପ୍ରତିଧ୍ୱନି ସମ୍ମାନ' ପ୍ରଦାନ କରାଯିବ। ବାଲେଶ୍ୱର ବରପୁତ୍ର ସମ୍ମାନ ପୂର୍ବତନ ▶▶ପୃଷ୍ଠା ୭

# ରାଜ୍ୟରେ ଖୋଲିବ ୩୬ ନୂଆ ଥାନା

ଭୁବନେଶ୍ୱର,୨୭/୦୮ (ନି.ପ୍ର): ବର୍ଦ୍ଧିତ ଜନସଂଖ୍ୟା ଓ ପ୍ରଶାସନିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ଆଉ ୩୬ଟି ନୂଆ ପୋଲିସ ଥାନା ଖୋଲିବା ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଏହି ଥାନା ଗୁଡିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନୂତନ ଭାବରେ ଖୋଲୁଥିବା ଏହି ନୂଆ ଥାନା ଗୁଡିକ ହେଲା – ଅନୁଗୁଳର ବଗେଡିଆ ଓ ଗୋପାଳପ୍ରସାଦ, ବାଲେଶ୍ୱରର ଗୋପଳପୁର ଓ ଅନନ୍ତପୁର, ବରଗଡର ବରଗଡ ଗ୍ରାମାଂଚଳ, ବ୍ରହ୍ମପୁରର ନିମଖଣ୍ଡି, ବଲାଙ୍ଗୀରର ଲକ୍ଷ୍ମୀଜୋର ଓ ଆଗଲପୁର, ବଉଦର ଘଂଟାପଡା, ଭୁବନେଶ୍ୱର କମିଶନରେଟର ମୈତ୍ରୀ ବିହାର, କଟକ ଗ୍ରାମାଂଚଳର ମାଣିଆବନ୍ଧ, ଜୋଡୁମ ଓ ଭଦ୍ରେଶ୍ୱର, ଦେବଗଡର ଲାଇମୁରା, ଢେଙ୍କାନାଳର ମହାବୀର ରୋଡ, ଗଞ୍ଜାମର ବେଗୁନିଆପଡା ଓ କୋଟିନଡା, ଜଗତସିଂପୁରର କୃଷ୍ଣନନ୍ଦପୁର, ଯାଜପୁରର ଅଳକୁଣ୍ଡ, ବ୍ରହ୍ମବରଦା ଓ ଦଶରଥପୁର, ଝାରସୁଗୁଡାର ଏୟାରପୋର୍ଟ ପୋଲିସ ଷ୍ଟେସନ, କଳାହାଣ୍ଡିର କରଲାପାଟ, କଳାମପୁର, କେନ୍ଦ୍ରାପଡାର ପଟାମୁଣ୍ଡାଇ ଗ୍ରାମାଂଚଳ, କୁଦାନଗରୀ କୋରୁଆ, କେନ୍ଦୁଝରର ମନୋହରପୁର, ଖୋର୍ଦ୍ଧାର ନାଚୁଣୀ, କୋରାପୁଟର ସୁଙ୍କି, ମାଲକାନଗିରିର ମାଲକାନଗିରି ସଦର କୋରକୁଣ୍ଡା, ମୟୁରଭଞ୍ଜର ଭଞ୍ଜପୁର, ନଗରଂଗପୁର ମଇଦଲପୁର, ପୁରୀର ଚାରିଛକ, ରାୟଗଡାର ରାମନାଗୁଡା, ସମ୍ବଲପୁରର ବରେଇପାଲି ଏବଂ ସୁବର୍ଣ୍ଣପୁରର ଲଛିପୁର ଥାନା । ଏ ସମସ୍ତ ନୂଆ ଥାନାଗୁଡିକ ବର୍ତମାନ ଥିବା ଥାନାର ବିଭକ୍ତୀକରଣ ତଥା ଫାଣ୍ଡିଗୁଡିକର ଅପ ଗ୍ରେଡେସନ କରାଯାଇ ସୃଷ୍ଟି କରାଯାଇଛି । ଏହି ନୂତନ ଥାନା ଗୁଡିକ ନିମନ୍ତେ ଇନସ୍ପେକ୍ଟର ଠାରୁ ଆରମ୍ଭ କରି କନଷ୍ଟେବଳ ପର୍ଯ୍ୟନ୍ତ ବିଭିନ୍ନ ପାହ୍ୟା ରେ ୫୬୩ଟି ନୂଆ ପଦବୀ ସୃଷ୍ଟି କରାଯାଇଛି । ଏହି ନୂଆ ୩୬ଟି ଥାନା ପ୍ରତିଷ୍ଠା ହେବା ଦ୍ୱାରା ଜନସାଧାରଣଙ୍କୁ ଉତମ ପୋଲିସ ସେବା ଯୋଗାଇ ଦେବା ଦିଗରେ ଓଡିଶା ପୋଲିସର ଉଦ୍ୟମ ଆହୁରି ଶକ୍ତିଶାଳୀ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

# ଏସଆଇ ସ୍ୱାଗତିକା ବେହେରାଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର,୨୭/୦୮ (ନି.ପ୍ର): କନ୍ଧମାଳ ଜି ଉଦୟଗିରି ଥାନା ମହିଳା ଏସଆଇଙ୍କ ମୃତଦେହ ଉଦ୍ଧାର । ସରକାରୀ କ୍ୱାର୍ଟର୍ସରୁ ଝୁଲନ୍ତା ଅବସ୍ଥାରେ ସବ ଇନସପେକ୍ଟର ସ୍ୱାଗତିକା ବେହେରାଙ୍କ ମୃତଦେହ ଉଦ୍ଧାର କରିଛି ପୋଲିସ । ତେବେ ସ୍ୱାଗତିକା ଏକା ରହୁଥିବା ବେଳେ କେଉଁ କାରଣରୁ ଏଭଳି ପଦକ୍ଷେପ ନେଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ମୃତ ସ୍ୱାଗତିକାଙ୍କ ମା' ଝିଅର ମୃତ୍ୟୁ ପାଇଁ ଥାନା ଆଇଆଇସି ରେବତୀ ଶବରଙ୍କୁ ଦାୟୀ କରିଛନ୍ତି । ସ୍ୱାଗତିକା ବେହେରା, ▶▶ପୃଷ୍ଠା ୭

# ବାରହା ମାଂସ କିଣିଥିବା ୩ ଯୁବକ ଗିରଫ

ମାଲକାନଗିରି,୨୭/୦୬ (ନି.ପ୍ର): ଗତକାଲି ବାଲିମେଳା ବନାଂଚଳରେ ୩ ଜଣ ଯୁବକ ଏକ କେଜି ୫୦୦ ଗ୍ରାମ ବାରହା ମାଂସ କ୍ରୟକରି ଗୋଟାଏ ବାଇକରେ ନାକାମାମୁଡି ଘାଟି ନିଲାପାରୀ ଛକରୁ ଏମଭି-୩୭ ଅଭିମୁଖେ ଆସୁଥିବା ବେଳେ ନିର୍ଭର ଯୋଗ୍ୟ ସୂତ୍ରରୁ ସୂଚନା ପାଇ ବନକର୍ମଚାରୀମାନେ ୩ ଜଣଙ୍କୁ ବାଲିମେଳା ଛକରେ ଅଟକାଇଥିଲେ । ବନ କର୍ମଚାରୀମାନେ ତାଙ୍କ ଠାରୁ ବାରାହ ମାଂସକୁ ଜବତ କରିବା ସହ ଆଜି ୩. ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ପ୍ରାପ୍ତ ବିବରଣୀ ଅନୁସାରେ, ଗତ ରାତି ୧୧.୩୦ ମିନିଟରେ ଏମଭି-୩୭ ଗ୍ରାମର ରଞ୍ଜିତ ପାଲ (୨୮),ମନରଞ୍ଜନ ରାୟ (୩୪) ଏବଂ ସୁଜିତ ପାଲ (୩୦) ନାକାମୁଡି ଘାଟି ନିଲାପାରୀ ଛକରୁ ଜଣେକ ବ୍ୟକ୍ତିଙ୍କ ଠାରୁ ୧ କେଜି ୫୦୦ ଗ୍ରାମ ବାରହା ମାଂସ ଚାରି ଶହ ଟଙ୍କା ଦେଇ କ୍ରୟ କରି ନିଜ ଗ୍ରାମକୁ ବାଇକରେ ଫେରୁ ଥିବା ବେଳେ ମାଲକାନଗିରି ବନଖଣ୍ଡ ଅଧିକାରୀ ପ୍ରତାପ କଟାପାଲ୍ଲୀଙ୍କ ନିର୍ଦ୍ଦେଶ କ୍ରମେ ବାଲିମେଳା ବନ କର୍ମଚାରୀମାନେ ବାଲିମେଳା ଛକରେ ଜଗି ରହି ଉକ୍ତ ବାଇକକୁ ଅଟକାଇଥିଲେ । ସେମାନଙ୍କ ଠାରୁ ୧ କେଜି ୫୦୦ ଗ୍ରାମ ବରାହ ମାଂସ ଜବତ କରିବା ପରେ ୩ ଜଣ ଅଭିଯୁକ୍ତଙ୍କ ନାମରେ ୧୯୭୨ ବନ୍ୟପ୍ରାଣୀ ଆଇନ ଧାରା ୯,୩୯,୪୪,୪୮,୪୯ ଦଣ୍ଡବିଧି ଆଇନ ୫୧ ଅନୁସାରେ ମାମଲା ରୁଜୁ କରାଯିବା ସହ ଆଜି ମାଲକାନଗିରି କୋର୍ଟକୁ ଚାଲାଣ କରାଯାଇଛି । ଏହି ଧରପଗଡରେ ବାଲିମେଳା ବନାଂଚଳ ଅଧିକାରୀ ଜଗନ୍ନାଥ ପ୍ରଧାନ ବିଶୋୟୀ, ବନପାଳ ମୋହନ ଗୁଡିଆ, ଫଂଗ୍ରାମ ବରାଳ, ପ୍ରଶାନ୍ତ କୁମାର ରାଉତ, ସଞ୍ଜୟ କୁମାର ପରିଡା ଓ ବନ କର୍ମଚାରୀମାନେ ସାମିଲ ଥିଲେ ।

# ବନ୍ୟାରେ ଚାଷ କ୍ଷତିର ମିଳିତ ଅନୁଧ୍ୟାନ

ଭଦ୍ରକ,୨୭/୦୬ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ଅ ଳରେ ଗତ ଦୁଇଟି ବନ୍ୟାରେ ହୋଇଥିବା ଖରିଫ ଧାନ କ୍ଷୟକ୍ଷତି ସମ୍ପର୍କରେ ଆଜି ମିଳିତ ଅନୁଧ୍ୟାନ କରାଯାଇଛି । ମଞ୍ଜୁରୀରୋଡ ରାଜସ୍ୱ ସର୍କଲ ଅ ଳର ବଡିପୁର, ବନ୍ଧାଲୋ, ଖଡୁରିଆପଦା ଗ୍ରାମରେ ରାଜସ୍ୱ ଓ କୃଷି ବିଭାଗର ମିଳିତ ଅନୁଧ୍ୟାନ କରାଯାଇଥିଲା । ତହସିଲଦାର ସରୋଜକାନ୍ତ ନାୟକ, ରାଜସ୍ୱ ନିରୀକ୍ଷକ ଦେବୀପ୍ରସନ୍ନ ବାରିକ, ଗ୍ରାମ୍ୟ କୃଷି କର୍ମଚାରୀ ଶିବନାରାୟଣ ପାଣି ପ୍ରମୁଖ ଧାନଚକି, ଉଧାଧାନ ଆଦିର କ୍ଷୟକ୍ଷତି ଆକଳନ କରିଥିଲେ । ଆଗାମୀ ୩୦ ତାରିଖ ସୁଦ୍ଧା ବନ୍ୟା ଜନିତ ଚାଷ କ୍ଷୟକ୍ଷତି ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# କୁଡୁମୁଲୁଗୁମ୍ମାରେ ରକ୍ତଦାନ ଶିବିର

ମାଲକାନଗିରି,୨୭/୦୬ (ନି.ପ୍ର): କୁଡୁମୁଲୁଗୁମ୍ମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆଜି ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଅବସରରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ଅନ୍ୟ ମାନଙ୍କ ମଧ୍ୟରେ କୁଡୁମୁଲୁଗୁମ୍ମା ବିଏସଏଫ ୧୫୧ ବାଟାଲିୟନର ଅତିରିକ୍ତ କମାଣ୍ଡର ସୌରଭ ଫୋ ଜଦାର, ସ୍ଥାନୀୟ ଫାଣ୍ଡି ଅଧିକାରୀ ଅଜିତ କୁମାର ଷଡଙ୍ଗୀ, ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀଙ୍କ ସହ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ. ସନ୍ତୋଷ କୁମାର ଷଡଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ । ଆଜିର ଏହି ଶିବିର ପୂର୍ବତନ ବିଦ୍ୟୁତଗତ ବିପିଏମ୍ ସ୍ୱର୍ଗତ ହର ପ୍ରସାଦ ତାରିଣୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କରାଯାଇଥିଲା । ସମସ୍ତ ଅତିଥି ବିଦ୍ୟୁତଗତ ବିପିଏମଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରଥିଲେ । ଏଥିରେ ମୁଖ୍ୟ ଅତିଥି ଶ୍ରୀ ବାକା ସମସ୍ତ ଯୁବ ସମାଜକୁ ରକ୍ତଦାନ ଭଳି ପୁଣ୍ୟ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଏସଏଫ ଯବାନ, ହସ୍ପିଟାଲ କର୍ମଚାରୀ, ଡିଗ୍ରୀ ମହାବିଦ୍ୟାଳୟର ଛାତ୍ର ସମୂହ ଓ ସ୍ଥାନୀୟ ଜନସାଧାରଣ ମାନେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ସହ ରକ୍ତଦାନ କରିଥିଲେ । ମାଲକାନଗିରି ବ୍ଲଡ ବ୍ୟାଙ୍କରୁ ଆସିଥିବା କର୍ମଚାରୀ ମାନେ ଉପସ୍ଥିତ ରହି ଯଥେଷ୍ଟ ସତର୍କତା ଅବଲମ୍ବନ କରି ପାଖାପାଖି ୫୦ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସମ୍ପୂର୍ଣ୍ଣ ଶିବିରକୁ ଚିକିତ୍ସାଧିକାରୀ ଡ. ସନ୍ତୋଷ କୁମାର ଷଡଙ୍ଗୀ ପରିଚାଳନା କରିଥିଲାବେଳେ ଫାର୍ମାସିଷ୍ଟ ସଞ୍ଜୟ କୁମାର ପୃଷ୍ଟି ସହଯୋଗ କରିଥିବା ଜଣାପଡିଛି । ଆଜି ବିଧାୟକଙ୍କ ଜନ୍ମଦିନ ଥିବାରୁ ଏହି ଅବସରରେ ବିଧାୟକ ଶ୍ରୀ ବାକା ସମସ୍ତ ବିଏସଏଫ ଯବାନ ଓ ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ମିଠା ଖୁଆଇଥିଲେ ।

# ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ି ପାଉଁଶ

ଧର୍ମଶାଳା,୨୭/୦୬ (ନି.ପ୍ର): ଯାଜପୁର ଜିଲା ବରୀ ଥାନା ଅନ୍ତର୍ଗତ କାଇମାଟିଆ ଗ୍ରାମରେ ଅଘଟଣ । ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ସମେତ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଥିବା ଜଣାପଡିଛି । କାଇମାଟିଆ ଗ୍ରାମର ବାବନ ସାହୁଙ୍କ ଘର ବୋଲି ଜଣାପଡିଛି । ବିଦ୍ୟୁତ୍ ସର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ସୂଚନା ମୁତାବକ,ଗତ କାଲି ରାତିରେ ବାବନଙ୍କ ପରିବାର ଲୋକେ ଖାଇପିଇ ଛପର ଘରେ ଶୋଇ ପଡିଥିଲେ । ତେବେ ବିଳମ୍ବିତ ରାତିରେ ଘର ଜଳୁଥିବା ପରିବାର ଲୋକେ ଜାଣିବାକୁ ପାଇ ଥିଲେ । ତାଙ୍କଠାରୁ ୪ ବଖରା ଛପର ଘର ନିଆଁ ଲାଗି ଯାଇଥିଲା । ନିଆଁର ପ୍ରକୋପ ଏତେ ଥିଲା ଯେ ପରିବାର ଓ ଗ୍ରାମବାସୀଙ୍କ ପକ୍ଷେ ଏହା ସମ୍ଭବ ହୋଇ ନ ଥିଲା । ଶେଷରେ ଚଣ୍ଡିଖୋଲ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ହେଲେ ସେତେବେଳକୁ ୪ ବଖରା ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇ ଯାଇଥିଲା । ବଡଚଣା ବିଜେପିର ବରିଷ୍ଠ ନେତା ଅମର ନାୟକ ଅଗ୍ନିପିଡ଼ିତ ପରିବାରଙ୍କ ନିକଟରେ ପଂହଚି ଶୁଖିଲା ଖାଦ୍ୟ ପ୍ରଦାନ କରିବା ସହିତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି । ଅଗ୍ନିପିଡ଼ିତ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ରାଜ୍ୟ ଖାଦ୍ୟ ଆୟୋଗଙ୍କ ଝାରସୁଗୁଡ଼ା ଗସ୍ତ

ଝାରସୁଗୁଡ଼ା,୨୭/୦୬(ନି.ପ୍ର): ରାଜ୍ୟ ଖାଦ୍ୟ ଆୟୋଗ ଝାରସୁଗୁଡ଼ାକୁ ଦି ଦିନିଆ ଗସ୍ତରେ ଆସି ଜିଲ୍ଲାରେ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ୨୪ତାରିଖରେ ଆୟୋଗ ଦୁର୍ଲଗାସ୍ଥିତ ଯୋଗାଣ ବିଭାଗର ସୁଲଭ ମୂଲ୍ୟ ଦୋକାନ ପରିଦର୍ଶନ କରିବା ସହ ବୋର୍ଡ ଓ ରେଜିଷ୍ଟର ଯାଂଚ କରିଥିଲେ । ସାଧାରଣ ବଣ୍ଟନ ବ୍ୟବସ୍ଥା ହିତାଧିକାରୀ ମାନଙ୍କୁ ଚାଉଳ ଗହମ ଆଦି ଖାଦ୍ୟ ଶସ୍ୟ ଠିକ ଭାବରେ ବଣ୍ଟନ କରାଯାଉଛି କି ନାହିଁ ପଚାରି ବୁଝିଥିଲେ । ପରେ ଆୟୋଗ ସ୍ଥାନୀୟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପାଇଁ ବ୍ୟବହୃତ ସାମଗ୍ରୀ ଯାଂଚ କରିଥିଲେ । ବେବାର୍ତ୍ତ ଶିକ୍ଷାନୁଷ୍ଠାନରେ ସି ଏସ୍ ଆର୍ ଅନ୍ତର୍ଗତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୁଷ୍ଟି ସାଧନ କେନ୍ଦ୍ରରେ ପୁଷ୍ଟିହୀନତାର ଶିକାର ଶିଶୁ ମାନଙ୍କୁ ଦିଆଯାଉଥିବା ପୁଷ୍ଟିଯୁକ୍ତ ଖାଦ୍ୟ ଓ ଔଷଧ ସମ୍ପର୍କରେ ପଚାରି ବୁଝିଥିଲେ । ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଆୟୋଗ ଅଧକ୍ଷ ପ୍ରମୋଦ କୁମାର ମେର୍ଦ୍ଧାପ ଓ ସଭ୍ୟ ଦିଗବିଜୟ ନାଥ ପାଢ଼ୀ ଯୋଗ ଦେଇଥିଲେ । ଖାଦ୍ୟ ସୁରକ୍ଷା ଯୋଜନା ସମ୍ପର୍କରେ ଆଲୋଚନା କରି ଆୟୋଗ ଖାଦ୍ୟ ସୁରକ୍ଷା ସାଧାରଣ ଲୋକଙ୍କ ଅଧିକାର ହୋଇଥିବାରୁ ବିଭିନ୍ନ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହିତାଧିକାରୀମାନେ ଯେପରି ସେମାନଙ୍କ ପ୍ରାପ୍ୟ ଖାଦ୍ୟ ସାମଗ୍ରୀରୁ ବଂଚିତ ନ ହୁଅନ୍ତି ସେ ଦିଗରେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହ ସଠିକ ହିତାଧିକାରୀ ଚୟନ ପୂର୍ବକ ରାସନ କାର୍ଡ ଯୋଗାଣ ପାଇଁ ପରାମର୍ଶ ଦେଇଥିଲେ । ପ୍ରତ୍ୟେକ ଶିଶୁ ସୁସ୍ଥ ସବଳ ହେବା ଆବଶ୍ୟକ , ସେ ଦୃଷ୍ଟିରୁ ଗର୍ଭବତୀ ମହିଳାଙ୍କୁ ଏବଂ ପ୍ରସବ ପରବର୍ତ୍ତୀ ମହିଳାମାନଙ୍କୁ ତିନି ମାସ ଧରି ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ସମ୍ପର୍କରେ ପଚାରି ବୁଝିଥିଲେ । ମାଆ ମାନେ ଯେପରି ନିୟମିତ ସ୍ୱାସ୍ଥ୍ୟ ବଟିକା ସେବନ କରନ୍ତି ସେ ଦିଗରେ ଦୃଷ୍ଟି ରଖିବାକୁ ପରାମର୍ଶ ଦେଇ ଆୟୋଗ ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟ ଓ ବିଦ୍ୟାଳୟ ମାନଙ୍କରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ କିପରି ଅଧିକ ପୁଷ୍ଟିଯୁକ୍ତ ହୋଇପାରିବ ସେ ଦିଗରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଆହର୍ଯ୍ୟ ସୁଲଭ ମୂଲ୍ୟ ଦୋକାନ ପ୍ରସ୍ତୁତି ଓ ନିୟମିତ ସୋସିଆଲ ଅଡିଟ୍ ପାଇଁ ମଧ ପରାମର୍ଶ ଦେଇଥିଲେ । ଆୟୋଗ ଜିଲ୍ଲାରେ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ସନ୍ତୋଷ ପ୍ରକାଶ କରିଥିଲେ । ଜିଲ୍ଲାପାଳ ସରୋଜ କୁମାର ସାମଲ ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ଜିଲ୍ଲାରେ ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟମାନଙ୍କରେ ପୁଷ୍ଟି ଯୁକ୍ତ ଖାଦ୍ୟ ଯୋଗାଣ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଆୟୋଗଙ୍କୁ ଅବଗତ କରାଇଥିଲେ । ସମୀକ୍ଷା ବୈଠକରେ ଆୟୋଗଙ୍କ ପ୍ରଶାସନିକ ଅଧିକାରୀ ସମରେନ୍ଦ୍ର ଷଡ଼ଙ୍ଗୀ , ପରାମର୍ଶଦାତା ତମାଲ ଲେଙ୍କା , ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ତପିରାମ ମାଝୀ , ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ ) ପ୍ରବୀର କୁମାର ନାୟକ , ଅତିରିକ୍ତ ଜିଲ୍ଲାପାଳ ( ରାଜସ୍ୱ ) ଲକ୍ଷେଶ୍ୱର ଅମାତ , ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲମଣି ସେଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମହିଳାଙ୍କୁ ନିର୍ଯ୍ୟାତନା

ଜୟପୁର ,୨୭/୦୬ (ନି.ପ୍ର): ମହିଳା ଙ୍କୁ ନିର୍ଯ୍ୟାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି । ଜୟପୁର ସହରର ଜେଲ ରୋଡର ସୁଜାତି ରଥ ମହିଳା ଥାନାରେ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଉଲ୍ଲେଖ କରିଛନ୍ତି ଯେ ଗତ ୫ ବର୍ଷ ତଳେ ସେ ପ୍ରବିଣ କୁମାର ଦାସ କୁ ବିବାହ କରିଥିଲେ । ବିବାହର ମାତ୍ର ୭ ଦିନ ଭଲରେ କଟିଥିବା ବେଳେ ସୁଜନ୍ତି ଜାଣି ପାରିଲେ ଯେ ସୁଜିର ଜଣେ ଯୁବତୀ ଙ୍କ ସହ ତାଙ୍କ ସ୍ୱାମୀର ସମ୍ପର୍କ ରହିଛି । ସେ ଯେତେ ବେଳେ ଏହାକୁ ସ୍ତ୍ରୀ ବିରୋଧ କଲେ ସ୍ୱାମୀ ଶାରିରିକ ଓ ମାନସିକ ନିର୍ଯ୍ୟାତନା ଦେବା ଆରମ୍ଭ କଲେ ।

# ବଲାଙ୍ଗିର ମୁନିସିପାଲଟି ଓ ବନବିଭାଗ ମିଳିତ ସହଯୋଗରେ ବୃକ୍ଷରୋପଣ

ବଲାଙ୍ଗିର ,୨୭/୦୬ (ନି.ପ୍ର): ଏକ ମିଶନ ମୁଡ୍ରେ ବଲାଙ୍ଗିର ସହର ଭିତରେ ସବୁଜ ପରିବେଶ ପାଇଁ ବୃକ୍ଷରୋପଣ କରାଯାଉଛି । ସମଗ୍ର ବଲାଙ୍ଗୀର ସହରରେ ୫ହଜାର ବୃକ୍ଷରୋପଣ କରାଯିବ ବୋଲି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ସହରର ଉନ୍ନତିକରଣ ପାଇଁ ଯେଉଁ ଗଛ ସବୁ କଟାଯାଇଥିଲା, ତାହାକୁ ଭରଣା କରିବା ପାଇଁ ଏହି ବୃକ୍ଷରୋପଣ କରାଯାଉଛି । ଆଜି ବଲାଙ୍ଗୀର ମୁନିସିପାଲିଟି ଓ ବଲାଙ୍ଗୀର ବନ ବିଭାଗର ମିଳିତ ସହଯୋଗରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଏପରି କିଛି ସୂଚନା ଦେଇଛନ୍ତି ବଲାଙ୍ଗୀର ଜିଲ୍ଲାପାଳ ଚଂଚଳ ରାଣା ଓ ବଲାଙ୍ଗୀର ଡିଏଫ୍‌ଓ ନିତିଶ କୁମାର । ଆଜି ମୁନିସିପାଲଟି ପକ୍ଷରୁ ବନ୍ ବିଭାଗ ସହଯୋଗରେ ଦୁଇ ବିଭାଗର ମିଳିତ ଅନୁକୂଲ୍ୟରେ ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆ ରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗୀର ଜିଲ୍ଲାପାଳ ଚଂଚଳ ରାଣା ଓ ସମ୍ମାନିତ ଅତିଥି ଭାବରେ ବଲାଙ୍ଗୀର ଡିଏଫ୍‌ଓ ନିତିଶ କୁମାର ଓ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ଯୋଗ ଦେଇ ଜଙ୍ଗଲ ସୁରକ୍ଷା ପରିବେଶ ସୁରକ୍ଷା ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ବଲାଙ୍ଗୀର ସହରକୁ ସବୁଜ ସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ ପ୍ରଶାସନିକ ପଦକ୍ଷେପ ସହ ଜନସହଭାଗିତା ଉପରେ ଅତିଥି ମାନେ ଗୁରୁତ୍ୱ ଦେଇଥିଲେ । ଜୁଲାଇ ପ୍ରଥମ ସପ୍ତାହରେ ବନ ମହୋତ୍ସବ ବେଳେ ଏହି କଳାମଣ୍ଡଳ ପରିସରରେ ୧୨୦ ଗୋଟି ଚାରା ରୋପଣ କରାଯାଇଥିଲା ଯେଉଁଥିରେ ଜିଲ୍ଲାପରିଷଦଅଧକ୍ଷା ଦେବକୀସାହୁ ଜିଲ୍ଲାପାଳ ଚଂଚଳ ରାଣା ଯୋଗାଇଥିଲେ ।

# ପଂଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଧର୍ମଶାଳା,୨୭/୦୬ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୧୫ ନଂ ଜୋନ ଅନ୍ତର୍ଗତ ଦେଓଦା ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ଏହି ଅଭିଯୋଗ ଶୁଣାଣି ଶିବିରରେ ୧୫ ନଂ ଜୋନ ଜିଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ, ଜୋନ ଉପଦେଷ୍ଟା ପିତାମ୍ବର ନାୟକ, ଜୋନ ସଂଯୋଜକ ଅମରେନ୍ଦ୍ର ରାୟ, ସରପଂଚ ଅତୁଳାନନ୍ଦ ମଲିକ ପଂଚାୟତର ବହୁ ନେତୃମଣ୍ଡଳୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ଅଜିମାବାଦ୍‌ରେ ଶୁଭ ଜନ୍ମଦିନ ପାଳନ



ବାଲେଶ୍ୱର ,୨୭/୦୬ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନିଙ୍କ ନାତୁଣୀ,ମୁନି ମତୀ କିତାମଣୀ ମନ୍ତ୍ରୀଙ୍କ ନାତୁଣୀ ତଥା ମୁନି ପ୍ରତାପ ଚନ୍ଦ୍ର ମନ୍ତ୍ରୀ-ମୁନିମତୀ ଶାନ୍ତିଲତା ମନ୍ତ୍ରୀଙ୍କ ଏକମାତ୍ର ଅଲିଅଳୀ ସୁକନ୍ୟା ମୁନି କୁମାରୀ ଉପାସନା ମନ୍ତ୍ରୀଙ୍କର ଶୁଭ ଜନ୍ମଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ସମୂହ ପ୍ରଣବ,ଶୁଭ ଭାବନା କରାଯାଇ ,ବେଦ ପାଠ,ଶାନ୍ତି ପାଠ ପରେ,ତାଙ୍କର ଦୀର୍ଘ ନିରୋଗ ନୀରାମୟ ଆନନ୍ଦମୟ ଉଜ୍ଜ୍ୱଳ ଭବିଷ୍ୟତର ଶୁଭ ଆଶୀର୍ବାଦ ପ୍ରଦାନ କରାଯାଇଥିଲା । ଶେଷରେ ଉପାସନା ସମସ୍ତଙ୍କୁ ଧନ୍ୟବାଦ ଦେଇ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# ୧୪୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ: ୧୭ ଗିରଫ

ବଲାଙ୍ଗିର,୨୭/୦୬ (ନି.ପ୍ର): ବଲାଙ୍ଗିର ସଦର ପୁଲିସ ବ୍ୟାପକ ଭାବରେ ଚଢ଼ଉ କରି ବିଗତ ୫ ଦିନ ମଧ୍ୟରେ ବଲାଙ୍ଗିର ସଦର ଥାନା ଅଧୀନରେ ଥିବା କମାଖ୍ୟାନଗର, ପଥରଚେପା, ବରପିଟା, ମାଧ୍ୟାପଓଲି, ବରପଦର, ବାଡିଗୋରେ, ଚନ୍ଦନଭାଟି, ଧୁଲୁସର, କୁସମେଲ, କୁସଙ୍ଗ, ସଲେପାଲି, ବରକାନୀ, ଚୁଡାପାଲି ଅଂଚଳରେ ସଦର ଥାନା ପୁଲିସ ବେଆଇନ ଭାବରେ ମଦ ବିକ୍ରି କରୁଥିବା ଢାବା ଓ ବ୍ୟକ୍ତି ମାନଙ୍କ ଉପରେ ଘରେ ଚଢ଼ଉ କରିଛି । ୧୭ ଜଣ ମଦ ବେପାରୀଙ୍କୁ ଧରି ସେମାନଙ୍କ ନାମରେ ଦଫା ୫୨ (କ) ଓଡିଶା ଏକ୍ସାଇଜ ଆକ୍ଟ ରେ କେସ ରୁଜୁ କରି ସେମାନଙ୍କ ବିରୁଦ୍ଧରେ ଆଇନ ଗତ କର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ସେମାନଙ୍କ ଠାରୁ ସର୍ବ ମୋଟ ୧୦୫ ଲିଟର ଦେଶୀ ମହୁଲି ମଦ ଓ ୪୦ ଲିଟର ବିଦେଶୀ ମଦ ଜବତ କରିଛି । ଏହି ଚଢ଼ଉ ଆଗାମୀ ଦିନ ମାନଙ୍କରେ ଉପରୋକ୍ତ ଅଂଚଳ ଓ ଅନ୍ୟ ଅଂଚଳରେ ଜାରି ରହିବ ବୋଲି ଏସଡିପିଓ ତୁଫାନ୍ ବାଗ ସୂଚନା ଦେଇଛନ୍ତି ।

# ବର୍ଷାରେ କ୍ଷତିଗ୍ରସ୍ତ ପରିବାରକୁ ପଲିଥିନ ବଂଟନ

ମାଲକାନଗିରି,୨୭/୦୬(ନି.ପ୍ର): ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା ଆଜି କୁଡୁମୁଲୁଗୁମ୍ମା ସ୍ଥିତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ପରିସରରେ ପହଂଚି ଚଳିତ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିବା ଘରର ହିତାଧିକାରୀ ମାନଙ୍କୁ ପଲିଥିନ ବାଂଟିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ କୁଡୁମୁଲୁଗୁମ୍ମା ରାଜସ୍ୱ ସର୍କଲ ଓ ନାକାମାମୁଡି ରାଜସ୍ୱ ସର୍କଲର ପାଖାପାଖି ୫୦ ରୁ ଉର୍ଦ୍ଧ୍ୱ ହିତାଧିକାରୀ ମାନଙ୍କୁ ପଲିଥିନ ବଂଟା ଯାଇଛି । ପ୍ରକାଶ ଥାଉକି, ଚଳିତ ବର୍ଷ ବର୍ଷାର ବିପ୍ରାତ ଲାଗି ରହିଥିବା ଫଳରେ ଅଧିକାଂଶ ଲୋକଙ୍କର ଘରଛପର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ଏହି ଅବସରରେ କୁଡୁମୁଲୁଗୁମ୍ମା ରାଜସ୍ୱ ନିରୀକ୍ଷକ ରୁଦ୍ର ପ୍ରସାଦ ଗୌଡ ଓ ନାକାମାମୁଡି ରାଜସ୍ୱ ନିରୀକ୍ଷକ ପ୍ରିୟଙ୍କା ପ୍ରଧାନଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପଲିଥିନ ବଣ୍ଟନରେ ବିଧାୟକ ଶ୍ରୀ ବାକାଙ୍କୁ ସହଯୋଗ କରିଥିଲେ । ପଲିଥିନ ପାଉଥିବା ହିତାଧିକାରୀ ମାନଙ୍କ ମଧ୍ୟରେ ଦାମୋଦରବେଡା ଗ୍ରାମର ଲଳିତା ମୁଦୁଲି, କଣ୍ଟେଲ ଗ୍ରାମର ଚୈତନ୍ୟ ଦୋରା, ହାତୀରାମ ଦୋରା, ଲଳିତା ଆଦବାରୀ, ମନୋଜ କୋଡେ ଓ ହାଡିଆ ଗ୍ରାମର ସନୁ ଚାଲାଣ ପ୍ରମୁଖ ଅଛନ୍ତି ।

# ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭବାନୀପାଟଣା,୨୭/୦୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ କିରକାବାନୀ ଗାଁ ମୁଣ୍ଡ ଗଛରୁ ଆଜି ସକାଳେ ଝୁଲନ୍ତା ଅବସ୍ଥାରେ ପ୍ରେମୀଯୁଗଳଙ୍କ ମୃତଦେହ ଉଦ୍ଧାର ହୋଇଛି । ଦୀର୍ଘ ଦିନ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା । ଉଭୟ ଯୁବକ ଯୁବତୀ ଭିନ୍ନ ଜାତିର ହୋଇଥିବା ଜଣାପଡିଛି । ତେବେ କେଉଁ କାରଣରୁ ଏମାନେ ଆତ୍ମହତ୍ୟା କରିଛନ୍ତି ତାହା ଅଦ୍ୟାବଧି ଅସ୍ପଷ୍ଟ ରହିଛି । ଖବର ପାଇ ଧର୍ମଗଡ଼ ପୋଲିସ ଘଟଣାସ୍ଥଳରେ ପହଂଚି ମୃତକ ଦ୍ୱୟଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି । ଥାନା ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ବନ୍ୟା ଅଂଚଳ ପରିଦର୍ଶନ

କେନ୍ଦ୍ରାପଡ଼ା,୨୭/୦୬ (ନି.ପ୍ର): କେନ୍ଦ୍ରାପଡାର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡା ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ବ୍ଲକ ଯଥା ଗରଦପୁର, ମହାକାଳପଡା, ମାର୍ଶାଘାଇରେ ବନ୍ୟା ପିଡିତଙ୍କୁ ଭେଟିଥିବା ଜଣାପଡିଛି । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ଜଳପୋଳ ପଂଚାୟତରୁ ଆରମ୍ଭ କରି ପକ୍ଷୋଟ, ନାନକାର, ଆୟତପୁର, ବାଲିସିଂହ, ଡିହ ବଳରାମପୁର, ମେହେନ୍ଦୀ ନଗର, କରାଣ୍ଡିଆ, ଆଖୁଆ, ମାଣ୍ଡିଆ, ପରକୁଳା, ଧନିଆପଡା, ବଟିରା, ମଙ୍ଗରାଜପୁର, ପଦ୍ମପୁର, ନୂଆପଡା ପ୍ରଭୃତି ବନ୍ୟାଂଚଳ ପରିଦର୍ଶନ କରିଥିଲେ । ତାଙ୍କର ଏହି ଗସ୍ତ ସମୟରେ ବିଜେପିର ରାଜ୍ୟ ପ୍ରବକ୍ତା ଉମାକାନ୍ତ ପାଣିଗ୍ରାହୀ, ଶଙ୍କର ସାହୁ, ସୁନୀଳ କୁମାର ରଥ, ଜିଲ୍ଲା ବିଜେପି ନେତା ସୁଧାକର ବେହେରା, ଜାନକୀ ପ୍ରଧାନ, କୃଷ୍ଣଚନ୍ଦ୍ର ପଣ୍ଡା, ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତଙ୍କ ସମେତ ବହୁ ନେତା ଓ କର୍ମୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇ କେନ୍ଦ୍ରାପଡା ଜିଲ୍ଲାର ଅନେକ ଅଂଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଲା ବନ୍ୟା ପରବର୍ତ୍ତୀ ସମୟରେ ସଠିକ୍ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ମାନଙ୍କୁ ସମସ୍ତ ସୁବିଧା ଓ ସହାୟତା ଯୋଗାଇ ଦେବାପାଇଁ ଶ୍ରୀ ପଣ୍ଡା ଜିଲ୍ଲା ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ରଙ୍ଗମିସ୍ତ୍ରୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର

ବଲାଙ୍ଗିର,୨୭/୦୬ (ନି.ପ୍ର): ଏକ ରକ୍ତାକ୍ତ ମୃତଦେହ ମିଳିବା ପରେ ହତ୍ୟା ସନ୍ଦେହ ସୃଷ୍ଟି ହୋଇ ପୁଲିସ ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ, ସ୍ଥାନୀୟ ହାତୀଶାଳପଡା ଫରେଷ୍ଟ କଲୋନୀରୁ ଆଜି ଜଣେ ରଙ୍ଗମିସ୍ତ୍ରୀଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର କରାଯାଇଛି । ମୃତ ରଙ୍ଗମିସ୍ତ୍ରୀ ଜଣକ ଠିକାଦାରପଡାର ଅଭି ହାତୀ ବୋଲି ଜଣାପଡିଛି । ଫରେଷ୍ଟ କଲୋନୀର ଚାରି ମହଲା କୋଠା ନିକଟରେ ମୁହଁ ମାଡିକି ପଡିଥିବା ଅବସ୍ଥାରେ ସ୍ଥାନୀୟ ପୋଲିସ ତାଙ୍କ ମୃତଦେହ ଉଦ୍ଧାର କରିଛି । ଅନ୍ୟପଟେ ଏହି ଘଟଣାକୁ ପରିବାର ଲୋକେ ହତ୍ୟା ସନ୍ଦେହ କରୁଛନ୍ତି । ଘଟଣାସ୍ଥଳରେ ବଲାଙ୍ଗିର ଏସ୍‌ଡିପିଓ ତୋଫାନ ବାଗ, ଟାଉନ ଥାନା ଆଇଆଇସି ପ୍ରିୟଙ୍କା ରାଉତରାୟ, ସଦର ଥାନା ଆଇଆଇସି ଶ୍ରୀକାନ୍ତ ସାହୁ ଓ ସାଇଣ୍ଟିଫିକ ଟିମ୍ ପହଂଚି ତଦନ୍ତ ଜାରି ରଖିଛନ୍ତି । ଘଟଣାସ୍ଥଳର ପାରିପାର୍ଶ୍ୱିକ ଅବସ୍ଥା ଦେଖି ଉପରୁ ପଡି ସମ୍ପୃକ୍ତ ବ୍ୟକ୍ତି ମରିଥିବା କୁହାଯାଉଛି । ତଦନ୍ତ ପରେ ସତ୍ୟା ସତ୍ୟ ଉନ୍ମୋଚିତ ହେବ ବୋଲି ପୋଲିସ କହିଛି ।

# ନାଳରୁ ଶବ ଜବତ

ଜୟପୁର,୨୭/୦୬ (ନି.ପ୍ର): ଜୟପୁର ସହରର କୁମ୍ଭାରସାହିର ଏକ ନାଳରୁ ଶବ ଭାସୁଥିବା ଅବସ୍ଥାରେ ଜବତ ହୋଇଛି । କୁମ୍ଭାରସାହି ନାଳରେ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ଜୟପୁର ଟାଉନ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଂଚି ଶବକୁ ଜବତ କରିଛି । ମୃତକ ଜଣକ କୁମ୍ଭାର ସାହିର ଲକ୍ଷ୍ମଣ ପଙ୍ଗାନାୟକ (୩୫) । ପୋଲିସ ଶବକୁ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇଛି । ୨୭/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ବାଲେଶ୍ୱର ଜିଲ୍ଲା ବାରିକ ସମିତିର ଜରୁରି ବୈଠକ



ନୂଆବଜାର,୨୭/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାବାରିକ ସମିତିର ଜରୁରୀ ବୈଠକ ନୂଆବଜାର Evokas ModernSalon ପ୍ରାଙ୍ଗଣରେ,ସ୍ଥାୟୀ ଉପସଭାପତି ଶ୍ରୀଯୁକ୍ତ ପରମାନନ୍ଦ ବାରିକଙ୍କ ସଭାପତିତ୍ୱରେ ଶତାଧିକ ଜାତିଭାଇ (ସେଲୁନ) ମାନଙ୍କୁ ନେଇ ଅନୁଷ୍ଠିତ ହୋଇ ଯାଇଛି । ସମ୍ପାଦକ ଶ୍ରୀଯୁକ୍ତ ଶୁଭ୍ରଲୋଚନ ବାରିକ, ଆଗାମୀ ଦିନରେ କିପରି ବାର୍ଷିକ ଅଧିବେଶନ ଶୃଙ୍ଖଳା ର ସହିତ ହୋଇପାରିବ ତାହା ଉପରେ ଆଲୋକପାତ କରାଯାଇଥିଲା । ଶତାଧିକ ସେଲୁନ ଭାଇମାନେ ସହଯୋଗ କରିଥିଲେ । ରାଜେନ୍ଦ୍ରବାରିକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ଆନ୍ଦୋଳନ ଚେତାବନୀ ପରେ କମିଲା କଲେଜର ନାମଲେଖା ଫି

କେନ୍ଦ୍ରାପଡ଼ା,୨୭/୦୬ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର +୨ କଳା, ବିଜ୍ଞାନ, ବାଣିଜ୍ୟ ଆଦି ବିଭାଗର ନାମଲେଖା ଫି ଅହେତୁକ ଭାବେ ୨୦୨୧-୨୨ ଶିକ୍ଷାବର୍ଷ ଠାରୁ ଚଳିତ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ପ୍ରାୟ ୬୫% ନାମଲେଖା ଫି ବୃଦ୍ଧି କରାଯାଇ ଥିଲା । ବିଭିନ୍ନ ବିଭାଗରେ ସର୍ବନିମ୍ନ ୨ ହଜାର ଟଙ୍କାରୁ ୩୬୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇ ଥିବାରୁ ଏହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଥିଲା । କଲେଜ କର୍ତ୍ତୃପକ୍ଷଙ୍କ ଏଭଳି ଅହେତୁକ ନାମଲେଖା ଫି ବୃଦ୍ଧି ଘଟଣାରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ପୁରାତନ ଛାତ୍ର ତଥା ବରିଷ୍ଠ ଆଇନଜୀବି ବିଧୁଭୂଷଣ ମହାପାତ୍ର ଓ ସନ୍ତୋଷ କୁମାର ବେହେରାଙ୍କ ସମେତ ବହୁ କଲେଜ ଛାତ୍ର ଅତିରିକ୍ତ ଜିଲ୍ଲାପାଳ ପାଠାଧର ସାମଲ ଓ କଲେଜ ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କୁ ଏକ ଦାବିପତ୍ର ଦେଇ ମୂଲ୍ୟବୃଦ୍ଧି ହ୍ରାସ କରାନଗଲେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ । କଲେଜ କର୍ତ୍ତୃପକ୍ଷ ପ୍ରବଳ ବିରୋଧର ଆଶଙ୍କା କରି ନାମଲେଖା ଫି ବୃଦ୍ଧି ହାର ଗତବର୍ଷ ଠାରୁ ମାତ୍ର ୧୫% ବୃଦ୍ଧି କରିଥିବା ସୂଚନା ମିଳିଛି । ଏନେଇ କଲେଜ ପକ୍ଷରୁ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ଏହି ବର୍ଦ୍ଧିତ ହାର କଳା ଓ ବାଣିଜ୍ୟରେ ୩୪୫୨ ଟଙ୍କା, ବିଜ୍ଞାନରେ ୪୭୫୨ ଟଙ୍କା, କଳା ପ୍ରାକ୍ଟିକାଲ ସହିତ ୫୫୫୨ ଟଙ୍କା, ବିଜ୍ଞାନ ପ୍ରାକ୍ଟିକାଲ ସହିତ ୭୦୫ ଟଙ୍କା, ଓ ବଦାଣିଜ୍ୟରେ ୬୦୦ ଟଙ୍କା ବୃଦ୍ଧି କରିଥିବା ଜଣାପଡିଛି ।

# ସାପ କାମୁଡ଼ାରେ ଯୁବକର ମୃତ୍ୟୁ

ମୁଖୀଗୁଡା,୨୭/୦୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ଅନ୍ତର୍ଗତ ସର୍ଗିଗୁଡା ଗ୍ରାମର ଗିରିଧାରୀ ନାୟକ(୪୦) ସାପ କାମୁଡା ରେ ମୃତ୍ୟୁ ଘଟିଛି । ଆଜି ସକାଳ ୮ସମୟରେ ଗିରିଧାରୀ ଶଶୁର ଘର ଯିବା ପାଇଁ ଘରେ ମୋଟର ସାଇକେଲ ଚାବି ଖୋଜିବା ସମୟରେ ତାଙ୍କୁ ଏକ ନାଗ ସାପ କାମୁଡି ଦେଇଥିଲା।ଘର ଲୋକେ ତାଙ୍କୁ ଜୟପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ।କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା ।ଜୟପାଟଣା ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ କୁ ହସ୍ତାନ୍ତର କରିଛି ।

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ**
ସଭାପତି, ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଏବଂ ଜନସାଧାରଣଙ୍କ ସୁଖ ଦୁଃଖର ସାଥୀ ହେଉ । ଏହି ବାର୍ଷିକ ଉତ୍ସବର ସଫଳତା ଓ ଉନ୍ନତି କାମନା କରୁଛି ।

**ହିମାଂଶୁ ଶେଖର ପଣ୍ଡା**
JE, ITDA,
ପାନପୋଷ, ରାଉରକେଲା

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଏବଂ ଜନସାଧାରଣଙ୍କ ସୁଖ ଦୁଃଖର ସାଥୀ ହେଉ ।

**ବିଜୟ କୁମାର ପାଣିଗ୍ରାହୀ**
ଆଇନଜୀବୀ ତଥା ସଭାପତି ଫ୍ୟୁଚର ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ



ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ସ୍ୱନକ୍ଷତ୍ର ଦିବସ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା

**ଜୀବନ ପ୍ରଦୀପ ଦାଶ**
ପୂର୍ବତନ ବିଧାୟକ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଗାଳ୍ପିକା ସ୍ମୃତି ଦାସ**
ଗାଳ୍ପିକା, ସମାଜସେବୀ, ମାଣିଖମ୍ବ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

**ଶ୍ରୀମତୀ ଅଞ୍ଜଳି ପଣ୍ଡା**



'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ୩୩ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଏବଂ ଜନସାଧାରଣଙ୍କ ସୁଖ ଦୁଃଖର ସାଥୀ ହେଉ, ଏତିକି କାମନା ।

କବୀ ତଥା ସୁସାହିତ୍ୟିକା
ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ



ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ୩୩ତମ ବାର୍ଷିକ ଉତ୍ସବ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।

**ଗୋପାମୁଦ୍ରା ମହାପାତ୍ର**
ବିଶିଷ୍ଟ ସମାଜସେବୀ, ନାରୀ ସଂଘ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ



ଓଡ଼ିଶାର ସ୍ୱନାମଧନ୍ୟ ଦୈନିକ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ରାଜ୍ୟର ସମସ୍ତ ଭାଇଭଉଣୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ।

**ପ୍ରଭାତ କୁମାର ଆଚାର୍ଯ୍ୟ**
ବରିଷ୍ଠ ସାହିତ୍ୟିକ, ରୂପସା, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । କରୋନା ନିୟମ ପାଳନ କରନ୍ତୁ, ମାସ୍କ ପିନ୍ଧନ୍ତୁ ଓ ସାମାଜିକ ଦୂରତା ବଜାୟ ରଖନ୍ତୁ ।

**ଡା. କୁମାର ଗୋପାଲ**
ପୂର୍ବତନ ସଂପାଦକ:
ଫକୀରମୋହନ ସାହିତ୍ୟ ପରିଷଦ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ



ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇ ଆସୁଥିବା 'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ହେଉଥିବା ଜାଣି ଆନନ୍ଦିତ ହେଲି । ମଣିଷ ସମାଜର ବିଭିନ୍ନ ସମସ୍ୟା ଓ ସେସବୁର ସମାଧାନ, ସାହିତ୍ୟସେବା ତଥା ଦିଗ୍‌ଦର୍ଶନ ଦିଗରେ ଏ ସମ୍ବାଦପତ୍ରର ଯଥେଷ୍ଟ ଅବଦାନ ଥିବା କାରଣରୁ ଏହି ଉତ୍ସବର ସଫଳତା କାମନା କରିବା ସହ ଏହାର ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

**ସରୋଜିନୀ ପ୍ରସନ୍ନ ଲୁଲୁ**
OAS, (S) I/C, PA, ITDA,
ପାନପୋଷ, ରାଉରକେଲା

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ସମସ୍ତ ସାରସ୍ୱତପ୍ରେମୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଏବଂ ସାଧାରଣ ଲୋକଙ୍କ ସୁଖ ଦୁଃଖର ସାଥୀ ହେଉ, ଏତିକି କାମନା ।

**ହେମେନ୍ଦ୍ର ମହାପାତ୍ର**
ସାହିତ୍ୟଏକାଡେମୀ ପୁରସ୍କାର ପ୍ରାପ୍ତ ନାଟ୍ୟକାର,
ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତପ୍ରେମୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଶ୍ରୀକାନ୍ତ ଚରଣ ପାତ୍ର**
ବରିଷ୍ଠ ସାହିତ୍ୟିକ, ଜଳେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଅଧୀପ ଦାସ**
କାର୍ଯ୍ୟକାରୀ ସଭାପତି, ବାଲେଶ୍ୱର ଜିଲ୍ଲା ଆଟଲେଟିକ୍ ଆସୋସିଏସନ

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଏବଂ ଜନସାଧାରଣଙ୍କ ସୁଖ ଦୁଃଖର ସାଥୀ ହେଉ, ଏତିକି କାମନା ।

**ଅରୁଣ ଚାଟାର୍ଜୀ**
ସଭାପତି ବାଲେଶ୍ୱର ଟାଉନ ହାଉସ ବିଲ୍ଡିଂ କ୍ରେଡିଟ୍ ଆଣ୍ଡ କ୍ରିପ୍ଟ, ସମବାୟ ସମିତି ଲି.

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ଏବଂ ଦୀର୍ଘଜୀବୀ ହେଉ ।

**ହରିହର ବେହେରା**
ଚେୟାରମ୍ୟାନ କ୍ଲବମେୟର ଜୀବନବୀମା ନିଗମ,
ବାଲେଶ୍ୱର ଶାଖା

## ଶୁଭେଚ୍ଛା ଓ ଅଭିନନ୍ଦନ



ନାନା ଘାତ ପ୍ରତିଘାତ ମଧ୍ୟରେ ଖରା ବର୍ଷା ଛାଇ ଆଲୁଅର ଦୁର୍ଗମ ପଥକୁ ଭ୍ରୁକ୍ଷେପ ନ କରି ସମତାଳ ଦେଇ ସଗର୍ବେ ଛାତି ଫୁଲେଇ ଦୀର୍ଘ ତେତ୍ରିଶ ବର୍ଷ ଧରି ଦୈନିକ ନିରପେକ୍ଷ ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି'ଓ ସାହିତ୍ୟ ପତ୍ରିକା 'ସାଗରିକା' ଗତି କରି ଚାଲିଛି । ଆଜି ତା'ର 'ତେତ୍ରିଶ ବର୍ଷ ବାର୍ଷିକ ଉତ୍ସବ'ରେ ଏହିପରି ସମଗ୍ର ସମାଜର ମଙ୍ଗଳ ନିମିତ୍ତ ଏବଂ ଓଡ଼ିଶାର ସମସ୍ତ ପାଠକଙ୍କର ଅତ୍ୟନ୍ତ ଆଦୃତ ହେଉ ମୁଁ ଏତିକି କାମନା କରୁଛି ।

**କଲ୍ୟାଣୀ ନନ୍ଦ,**
ଯୁଗ୍ମ ସଂପାଦିକା : ଫକୀରମୋହନ ସାହିତ୍ୟ ପରିଷଦ

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଗୀତାଞ୍ଜଳି ପାଣିଗ୍ରାହୀ**
ରୋଟାରିଆନ୍, ଦକ୍ଷ ସଂଗଠକ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଏବଂ ଜନସାଧାରଣଙ୍କ ସୁଖ ଦୁଃଖର ସାଥୀ ହେଉ । ଏହି ବାର୍ଷିକ ଉତ୍ସବର ସଫଳତା ଓ ଉନ୍ନତି କାମନା କରୁଛି ।

**ସୁରେଶ କୁମାର ବେହେରା**
JE, ITDA,
ପାନପୋଷ, ରାଉରକେଲା

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ବାର୍ଷିକ ଉତ୍ସବ ଅବସରରେ ବାଲେଶ୍ୱରବାସୀଙ୍କ ସାମଗ୍ରିକ ବିକାଶ ପାଇଁ 'ଧ୍ୱନି ପ୍ରତିଧ୍ୱନି' ସଦା ବିକାଶର ସାରଥୀ ହେଉ, ଏତିକି କାମନା । ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତପ୍ରେମୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ।

**ଇଂ ହୃଷୀକେଶ ସାହୁ**
ଲେଖକ ଓ ସମାଜସେବୀ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି' ଏକ ନିରପେକ୍ଷ ସମ୍ବାଦପତ୍ର । ଏଇ ଦୈନିକ ଖବରକାଗଜ ସତ୍ୟ ସମ୍ବାଦ ପରିବେଶଣ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ବାର ଅନୁସାରେ ସାହିତ୍ୟର ବିଭାଗ ଥାଇ ସାରସ୍ୱତ ପ୍ରତିଭାକୁ ଲେଖା ମାଧ୍ୟମରେ ପ୍ରତିଷ୍ଠିତ କରିବାରେ ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ । 'ସାଗରିକା' ଏକ ଉଚ୍ଚକୋଟିର ମାସିକ ପତ୍ରିକା । ଏଥିରେ ପ୍ରତିଷ୍ଠିତ ପ୍ରବୀଣ, ନବୀନ ସାହିତ୍ୟିକ ମାନଙ୍କର ଗଳ୍ପ, କବିତା, ପ୍ରବନ୍ଧ ଇତ୍ୟାଦି ପ୍ରକାଶ ପାଇ ସଭିଙ୍କ ମାନସରେ ଅମ୍ଳାନର ରେଖା ସୃଷ୍ଟିକରି ଚିର ସବୁଜ ହୋଇଉଠିଛି । ଶ୍ରୀଯୁକ୍ତ ପରିଡ଼ା ଓ ଶ୍ରୀମତୀ ସାହୁ ଦମ୍ପତ୍ତିଙ୍କର ଏଇ ଦୁଇଟି ମାନସ ସନ୍ତାନ ସେମାନଙ୍କୁ ସଦାସର୍ବଦା ମର୍ଯ୍ୟାଦା ପ୍ରଦାନ କରି ଆହୁରି ଆଗକୁ ଖୁବ୍ ନାମ କରି ଉତ୍ତରୋତ୍ତର ସୁନାମ ଅର୍ଜନ କରି ଚାଲନ୍ତୁ ଏହାହିଁ କାମନା

**ପୀତାମ୍ବର ଦାସ**
(ବିଶିଷ୍ଟ ଶିଶୁ ସାହିତ୍ୟିକ, ବାଲେଶ୍ୱର)

## ଶୁଭେଚ୍ଛା ଓ ଅଭିନନ୍ଦନ







'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମସ୍ତଙ୍କୁ ସୁଖଶାନ୍ତିରେ ରଖନ୍ତୁ, ଏତିକି କାମନା ।

**ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ**
ଦକ୍ଷ ସଂଗଠକ, ବାଲେଶ୍ୱର

**ପ୍ରଣତୀ ମିଶ୍ର**
ସୁସାହିତ୍ୟିକା
ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । 'ଧ୍ୱନି ପ୍ରତିଧ୍ୱନି' ଅଧିକ ଲୋକପ୍ରିୟ ହେଉ ଏବଂ ଜନସାଧାରଣଙ୍କ ସୁଖ ଦୁଃଖର ସାଥୀ ହେଉ ।

ଧ୍ୱନି ପ୍ରତିଧ୍ୱନି
୨୮ ଅଗଷ୍ଟ ୨୦୨୨
ବାଲେଶ୍ୱର,
ରବିବାର


# ବାର୍ଷିକ ବିଶେଷାଙ୍କ-୨୦୨୨

## ସଂପର୍କ

### ସୁକାନ୍ତି ନନ୍ଦ

କଥା ରଖିବା ପାଇଁ ଖୋଲା ହୃଦୟ
ଦୁଃଖ ବୁଝିବା ପାଇଁ ଦରଦୀ ମନ
ପାଦରେ ପାଦ ମିଳେଇ
ଚାଲିବା ପାଇଁ ସାହସ, ବିଶ୍ୱାସ
ହାତରେ କଲମ ଆଉ ରକ୍ତର କାଳିରେ
ଦିନେ ତିଆରନ୍ତି ସଂପର୍କର ଦିବ୍ୟ ଉଆସ ।

ସେଠି ଆତଯାତ ହୁଅନ୍ତି
ନିଷ୍ପାପ ଓ ପବିତ୍ର ପବନର ଅଣୁମାନେ
ଆଶୀର୍ବାଦ ମୁଦ୍ରାରେ ଘୂରୁଥାନ୍ତି
ସୂର୍ଯ୍ୟ, ଚନ୍ଦ୍ର, ତାରାଗଣ
ସାରା ଆକାଶ ଛଳ ଛଳ ଖୁସୀରେ ଆତୁର
କୁହୁଳା ଆତ୍ମାଟିର ଖାଲି ଖାଲି ଆଞ୍ଜୁଳାରେ
ସୁଖ, ବୈଭବ, ଆଶିଷ, ଆୟୁଷ
ଢ଼ାଳି ଦିଅନ୍ତି ପ୍ରାଣର ଈଶ୍ୱର ।

ସେଇ ବିଶ୍ୱାସ ଟିକିଏ ଥଣ୍ଟରେ ନେଇ
ଉଡ଼ିଯାଏ ସକାଳର ପକ୍ଷୀ
ଖରାପିଠିରେ ସବାର ହୋଇ
ଚାଲିଯାନ୍ତି କୁହିତ ଅନୁଭୂତି
ସୋରା ସୋରା ପବନ
ଉଡେଇ ନିଏ ମନ୍ଦ ଭାଗ୍ୟ, ନଷ୍ଟ ଲଗ୍ନ,
ଯେତେ ଅଭିଶାପ
ହଲି ଦୋହଲି ଭାସିଯାଏ ଶୁଭ ସଂକେତ
ନେଇ

ଥରିଲା ପାଣିରେ ନାଆ
ଡ଼ର ନଥାଏ ନଥାଏ ବି ନିର୍ମମ ଏକଲାପଣ
ମନ, ହୃଦୟ ଆନନ୍ଦ ବିଭୋର ସ୍ୱପ୍ନମଗ୍ନ
ସଂପର୍କର ଟାଣୁଆ ସୂତାରେ
ଯେବେ ବନ୍ଧା ହୁଏ ଅଲୋଡା ଜୀବନ ॥

ସୌଜନ୍ୟ ସଂପାଦିକା, ପ୍ରିୟପତ୍ର,
ଗୁଡ଼ିଆ ସାହି, ପୁରୀ

## ମୁଁ କାହିଁକି ହେବି ଆନମନା

### କବିତା ପ୍ରତିହାରୀ

ବିରୋଧାଭାସ ଯେ ମୋର ପ୍ରିୟତମ
ବାଧା ମୋର ଅନ୍ତରଙ୍ଗ ସଖି,
ମାନ ଅଭିମାନ ଚିର ସହଚର
ଆତ୍ମା ସହ ରହିଚି ଯା ଲାଖି ।

କି ଆଲୁଅ କି ଅନ୍ଧାର
ଦୁଃଖ ସହ ଆଣ୍ଡେଇ ଆଣ୍ଡେଇ,
ସତେ ବା ସେ ମୋର ଗେହ୍ଲାଧନ
ପାରିବି କି ତାରେ ମୁଁ ଏଡାଇ ?

ଭାଗ୍ୟ ଭାରି ଦୂରକଥା,
ଜୀବନ ତ ସତ୍ୟ ବର୍ତ୍ତମାନ ।
ଆଉଟିପାଉଟି ହୋଇ କାଳ କାଟିଯିବା
ଉପାୟ ଶୂନ୍ୟତା ଜାଣ
ମୋ ଗୌରବ ମାନ ।

ଉଦାସ ମୋ ପ୍ରାଣସଖା
ଅବରୁଦ୍ଧ ମୋର ଯେ ନିଃଶ୍ୱାସ
ଆଘାତ ମୋ ପାଦର ପାଣ୍ଠୋଇ
ତଥାପି ମୁଁ କେତେ ହସହସ ?

ଚାଲିବାଟା ନିର୍ଦ୍ଧାରିତ ସତ୍ୟ ଯଦି
ଅଧବାଟେ ରୋକିଯିବା
ଖାଲି ବିଡମ୍ବନା
ନିଃଶ୍ୱାସଟା ଚାଲୁଥିବା ଯାଏ
ମୋର ପ୍ରାଣେ,
ମନେ ଚାଲିବି ସତତ,
ମୁଁ କାଇଁକି ହେବି ଆନମନା ?

ଶ୍ରୀ ଟାୱାରସ,୧ମ ଭାଗ, ୩/୬,ବିଜେ.ବି.
ନଗର,ଭୁବନେଶ୍ୱର-୧୪

## ଧ୍ୱନି ପ୍ରତିଧ୍ୱନି

### ଡାଃ ଚିନ୍ତାମଣି ସାହୁ

ନବ ଶରତର ମଧୁର ଲଗନେ
ଧ୍ୱନି ପ୍ରତିଧ୍ୱନି ସାହିତ୍ୟ-ଗଗନେ
ଉଇଁଲାଣି ଭାଷା-ରବି
ତାର ଜ୍ଞାନକର ଅତୀବ ଉଜ୍ଜ୍ୱଳ
ତାହାରି ପରଶେ ହସଇ ଉତ୍କଳ
ଧନ୍ୟ ତା ସାହିତ୍ୟ ଛବି ।

କିଆ କେତକୀର ମଧୁର ମହକ
ସଭିଙ୍କ ପରାଣେ ଭରଇ ପୁଲକ
ଧୂପ ଦୀପ ଉଠେ ଜଳି
ବୀଣା ପାଣିଙ୍କର ବୀଣାର ଝଙ୍କାର
ରୁମଝୁମ ବାଜେ ଦେଇ ଦେଇ ସ୍ୱର
ହସି ଉଠେ ସଭାସ୍ଥଳୀ ।

ଉତ୍ତର ଓଡ଼ିଶା କବି, ସାହିତ୍ୟିକ
ଲେଖକ, ଗାୟକ ଶିଳ୍ପୀ, ସାମ୍ବାଦିକ
ସଭିଏଁ ହେଲେଣି ମେଳ
କବି ମାନଙ୍କର କବିତା ଗାନରେ
ବକ୍ତା ମାନଙ୍କର ମିଠା ଭାଷଣରେ
ବିତିଯାଏ ଶୁଭବେଳା ।

ସମ୍ପାଦକଙ୍କର ସମ୍ପାଦକୀୟ
ପ୍ରତିଦିନ ହୁଏ ଆକର୍ଷଣୀୟ
ହରେ ପାଠକଙ୍କ ମନ,
ସମ୍ବାଦ ପତ୍ରରେ ସାହିତ୍ୟର ସ୍ଥାନ
ବଢ଼ାଇ ଦିଅଇ କାଗଜର ମାନ
ଏହା ଅଟେ ମହାଦାନ ।

ସତ୍ୟ ସମ୍ବାଦର ନିତ୍ୟ ସହଚର
ସେଥିପାଇଁ ତାର ବଢ଼ଇ ଆଦର
ମନକୁ ନିଅଇ ହରି ।
ଆହେ ଜଗନ୍ନାଥ ଜଗତର ନାଥ
ତାର ଚଳାପଥ କର କୁସୁମିତ
ଶୁଭାଶିଷ ଦିଅ ଭରି ।

ବାଣୀଭବନ, ସାନବିଶୋଳ, କପ୍ତିପଦା,
ମୟୂରଭଞ୍ଜ

## ଧ୍ୱନି ପ୍ରତିଧ୍ୱନି

### କବି ପୂର୍ଣ୍ଣଚନ୍ଦ୍ର ସେଠୀ

ହେ ଧ୍ୱନି ପ୍ରତିଧ୍ୱନି !
ଚାଲିଛି, ଚାଲୁଛି ଚାଲିବ ତ ପୁଣି
ତୁମ ପଦ ଚିହ୍ନ ନହୋଇବ ଗଣି
ତୁମ ଗଲା ପଥ ପୁଷ୍ପିତ ହେଉ
ଦେଉଅଛ ନିରପେକ୍ଷର ବାଣୀ ।

ହେ ଧ୍ୱନି ପ୍ରତିଧ୍ୱନି
ଦିଅ ଭରି ଦିଅ ଶବ୍ଦ ପ୍ରତିଶବ୍ଦ
ଓଡ଼ିଶା ରାଇଜେ ବଜାଅ ବାଇଦ
ଦୁର୍ନୀତିଖୋରଙ୍କୁ ହଟାଇଣ ଦିଅ
ରାମ ରାଜ୍ୟ ଆସୁ ଉତ୍କଳେ ପୁଣି ।

ହେ ଧ୍ୱନି ପ୍ରତିଧ୍ୱନି ।
ଗଢ଼ିଯାଅ ତୁମେ ଭାଷା କୋଣାରକ
ଗଢୁଅଛ କବି କେତେ ସାହିତ୍ୟିକ
ଭାଷା ବଞ୍ଚିଲେ ତ ଜାତି ବି ବଞ୍ଚିବ
ଏହା ହେଉ ତୁମ ମହତ୍ ବାଣୀ ।

ହେ ଧ୍ୱନି ପ୍ରତିଧ୍ୱନି
ତୁମ ଦୁଇ ଦଶ ଏକ ବରଷରେ
ପାଳନ କରୁଛୁଁ ମହା ଆଡ଼ମ୍ବରେ
ଛପା, ହେବ ଏକ ଏବେ ରଙ୍ଗବେରଙ୍ଗରେ
ଆଦରରେ ତୋତେ ନେବେରେ କିଣି ।

କବିନିବାସ, ଇଶାଣୀ, ବାଲେଶ୍ୱର-୨

## ସ୍ୱାଭିମାନୀ ଓଡିଆ

### ଦୁଷ୍ମନ୍ତ ବେହେରାଅ

ମୁଁ ଓଡିଆ..
ମୋ ପରିଚୟ ଓଡିଆ ଭାଷା
ପଖାଳ କଂସା କୁ ମୁଖେ ଓଡିଆ
ବିଶ୍ୱ ଦେଖି ଶୁଣି କହେ ଭାରି ବଢିଆ

ମୁଁ ଓଡିଆ..
ମୋ ମାଟି ଚଷା ପୁଅ ମୁଖେ
ହସ ବଢିଆ ଖେତ ରେ ଫଳିଛି
ନାନା ରକମର ନାନା ପନିପରିବା

ମୁଁ ଓଡିଆ..
ଏ ମାଟିରେ କେତେ ବୀର ପୁତ୍ର
ଜନ୍ମ ନେଇ ଇତିହାସ ପୃଷ୍ଠା କହେ
ତାଙ୍କର ବୀର ଜନ୍ମ ମାଟିର ଗାଥା

ମୁଁ ଓଡିଆ..
ମୋ ଓଡିଶା କାରୁକାର୍ଯ୍ୟ ଦେଖି
ବିଶ୍ୱ କହେ ବାଃ ବଢିଆ ଓଡିଆ
ବୋଲି କହେ ମଥା ଟେକି

ମୁଁ ଓଡିଆ..
ଜାତି ଜାତି ପ୍ରାଣ ରଖିଛି ନିଜ
ସ୍ୱାଭିମାନ ଚିତ୍ରପଟ କହେ
ଇଏ ଓଡିଶା ର ସମ୍ମାନ

ମୁଁ ଓଡିଆ..
ଇଏ ମାଟି ନୁହଁ ମୋର ମା'ଆ ମାଟି
କୋଳେ ଥୋଇ ମଥା ସ୍ୱାଧୀନେ କହେ
ଇଏ ମୋ ଓଡିଶା ମୋ ସ୍ୱାଭିମାନ
ଓଡ଼ିଆ...

ରାସୋଳ-ମୁଣ୍ଡିଆପକ୍ଷି
ଢେଙ୍କାନାଳ
ମୋ ନଂ-୯୯୩୭୬୫୨୫୦୪

## ମନେପଡିଯାଏ ବୋଉରକଥା

### ପ୍ରଶାନ୍ତ କୁମାର ଦାଶ

ହସ ହସ ହେଇ ଶୁଭାଶିଷ ଦେଇ
ପୋଛୁଥିଲା ଆଖିଲୁହ
ଚୁମା ଦେଉଥିଲା ନରମଗାଲରେ
ଦେଖିଲେ ଶୁଖିଲା ମୁହଁ ।।

ପଣତରେଢାଙ୍କି ଦୁଃଖ ବିପଦରେ
ବୋଉ ହେଉଥିଲା ସାହା
ଝୁଣ୍ଟିପଡି ପାଦେ କଣ୍ଟା ଫୁଟିଗଲେ
କହୁଥିଲା ଥରେ ଆହା ।।

ସଞ୍ଜସଳିତାଶେ ସଞ୍ଜବେଳେ ଜାଳି
ମାଗୁଥିଲା ଶାନ୍ତି ସୁଖ
କୋଳେଇ କାଖେଇ ପାଳି ପୋଷି ମତେ
ନିଜେ ସହୁଥିଲା ଦୁଃଖ ।।

ବାର ଓଷା ତେର ବ୍ରତ କରୁଥିଲା
ଉପାସ ଭୋକରେ ରହି
ଛୋଟରୁ ବଡ ସେ କରିବା ଆଶାରେ
ଝଡ଼ଝଞ୍ଜା ଗଲା ସହି ।।

ଜହ୍ନ ଦେଖାଇଲା ଗୀତଗାଇଦେଲା
ଖୁଆଇଲା ଦୁଧଭାତ
ନରମ ଦେହକୁ ଆଉଁସିଦେଲାସେ
ଲାଗଇ ତା ଦୁଇହାତ ।।

ରୋଗ ଜର ଦେହୁ ତଡ଼ିଦେଲା ଖୋଇ
ଅଉଷଦ ପଥି ମୋତେ
ତା କୋଳରେ ଶୋଇ ବଡ଼ ହେବାପାଇଁ
ସପନ ଦେଖିଲି କେତେ ।।

ଦୁଃଖ ଦେଇ ଶେଷେ ରୋଗମୁଖେ ପଡି
ବୋଉ ବୁଜିଦେଲା ଆଖି
ଶୁଣିଲାନି ସେତ ଲୁହ ଢାଳି ଢାଳି
ଚାଲିଗଲା ମତେ ଠକି ।।

ବୋଉ ଗଢ଼ିଥିଲା ସରଗସମାନ
ହସ ଖୁସି ଭରା ଘର
ବୋଉଗଲା ଦିନୁ ସେଇଘରେ ଆଉ
ଝରୁନି ମମତା ଝର ।।

ସକାଳ ସଂଜରେ ଅଧରାତି ହେଲେ
ମନେପଡେ ବୋଉକଥା
ଲୁହ ଖସିପଡ଼େ ମରମ ତଳରେ
ଭରିଯାଏ ପୁଣି ବଥା ।।

କୁଞ୍ଜର, ସଙ୍ଗଳାଇ, ପିପିଲି, ପୁରୀ
(ମୋ)୯୬୬୮୮୨୨୧୯୦

## ଜନ୍ମ ମୃତ୍ୟୁର ଚକ୍ର ଓ ଭଗବତ୍ ପ୍ରାପ୍ତିର ଫଳ

### ଅମୂଲ୍ୟ କୁମାର ପଣ୍ଡା



'ଆମ ସଭିଙ୍କ ମନରେ ଏକ ପ୍ରଶ୍ନ ଆସେ ଯେ ଏ ଯେଉଁ ଭଗବତ୍ ପ୍ରାପ୍ତି କଥା ଅଛି ତାହା କଣ ଅର୍ଥାତ୍ ଭଗବତ୍ ପ୍ରାପ୍ତିର ଫଳ କ'ଣ ? ତାହାର ସାଧାରଣ ଉ□ର ହେଉଛି, ଯେଉଁମାନେ ଭଗବତ୍ ପ୍ରାପ୍ତି କରନ୍ତି, ସେମାନେ ଜନ୍ମ ମୃତ୍ୟୁର ଚକ୍ରରୁ ମୁକ୍ତ ହୋଇ ଭଗବାନଙ୍କର ଦିବ୍ୟ ଲୋକରେ ସ୍ଥାନ ପାଆନ୍ତି । ସେମାନଙ୍କୁ ପୁଣି ଏହି ସଂସାରରେ ଜନ୍ମନେବାକୁ ପଡ଼େ ନାହିଁ, ଯାହାକି ଦୁଃଖ ଭୋଗର ଏକ ସ୍ଥାନ ଅଟେ । ଆମେ ଜନ୍ମ ହେବାର କଷ୍ଟପ୍ରଦ ପ୍ରକ୍ରିୟା ଭୋଗ କରୁ ଏବଂ ଅସହାୟ ଭାବେ କ୍ରନ୍ଦନ କରେ । ଗୋଟିଏ ଛୋଟ ଶିଶୁ ଭାବରେ ଆମର ଅନେକ ଆବଶ୍ୟକତା ରହିଥାଏ ଯାହା ପ୍ରକାଶ କରି ନ ପାରି ଆମେ କାନ୍ଦିଥାଏ । କିଶୋର ଅବସ୍ଥାରେ ଆମେ ନିଜର ଶାରୀରିକ କାମନାକୁ ନେଇ ସଂଘର୍ଷରେ ମାନସିକ ଅଶାନ୍ତି ଭୋଗ କରେ । ବୈବାହିକ ଜୀବନରେ ସ୍ୱାମୀ/ସ୍ତ୍ରୀଙ୍କର ମନମୁଖୀ ସ୍ୱଭାବକୁ ସହ୍ୟ କରିବାକୁ ପଡିଥାଏ । ବୃଦ୍ଧାବସ୍ଥାରେ ଶାରୀରିକ କଷ୍ଟ ଭୋଗ କରେ । ଏହିପରି ସାରା ଜୀବନ ଆମେ ଶାରୀରିକ ଓ ମାନସିକ କଷ୍ଟ ସହିତ ଅନ୍ୟର ବ୍ୟବହାର ଏବଂ ପରିବେଶ ଜନିତ କ୍ଳେଶ ଭୋଗକରିଥାଏ । ଶେଷରେ ଆମେ ମୃତ୍ୟୁର କଷ୍ଟ ଅନୁଭବ କରିଥାଏ । ଏହି ସବୁ ଯାତନା ଅର୍ଥହୀନ ନୁହେଁ, ଭଗବାନଙ୍କର ବୃହତ୍ ଯୋଜନାରେ ଏହାର ଗୋଟିଏ ଉଦ୍ଦେଶ୍ୟ ରହିଛି । ଏହା ଆମର ହୃଦ୍ ?ବୋଧ କରାଇଥାଏ ଯେ ଭୌତିକ ଜଗତ ଆମର ସ୍ଥାୟୀ ନିବାସ ନୁହେଁ । ଆମ୍ଭମାନଙ୍କ ପରି ଭଗବତ୍ ବିମୁଖ ଜୀବାତ୍ମାମାନଙ୍କ ପାଇଁ ଏହା ଏକ ସୁଧାର ଗୃହ ସଦୃଶ ଅଟେ । ଦୁଃଖ କଷ୍ଟ ଭୋଗ ନ କଲେ ଆମେ କେବେ ବି ଭଗବାନଙ୍କର କାମନା କରନ୍ତେ ନାହିଁ । ଉଦାହରଣ ସ୍ୱରୂପ, ଯଦି ଆମେ ଅଗ୍ନିକୁ ସ୍ପର୍ଶ କରିବା ତେବେ ଦୁଇଟି କଥା ହେବ - ହାତ ପୋଡିଯିବ ଏବଂ ଆମେ ଯନ୍ତ୍ରଣା ଅନୁଭବ କରିବା । ହାତ ପୋଡିଯିବା ଖରାପ କଥା କିନ୍ତୁ ଯନ୍ତ୍ରଣା ଅନୁଭବ କରିବା ଆମ ପାଇଁ ଲାଭଦାୟକ ଅଟେ । ଆମେ ଯଦି ଯନ୍ତ୍ରଣା ଅନୁଭବ କରି ନଥାନ୍ତେ, ତାହେଲେ ଆମେ ହାତକୁ ନିଆଁଠାରୁ ଦୂରେଇ ନେଇ ନ ଥାନ୍ତେ ଏବଂ ତଦ୍ୱାରା ଆମର ବହୁତ କ୍ଷତି ହୋଇଥାଆନ୍ତା । ତେଣୁ ଯନ୍ତ୍ରଣାଟି ଏକ ସୂଚନା ଯେ କେଉଁଠି କିଛି ଭୁଲ ରହିଯାଇଛି ଏବଂ ତାକୁ ସୁଧାରିବା ଆବଶ୍ୟକ । ସେହିପରି ମାୟିକ୍ ଜଗତରେ ଅନୁଭବ କରୁଥିବା ଦୁଃଖ କଷ୍ଟ ମାଧ୍ୟମରେ ଭଗବାନ ଆମକୁ ସତର୍କ କରାଇ ଥାଆନ୍ତି ଯେ ଆମର ଚେତନା ଦୋଷଯୁକ୍ତ ଅଟେ । ସଂସାରିକ ଚେତନାରୁ ଆମେ ଭଗବତ୍ ଚେତନାଯୁକ୍ତ ହେବା ନିମନ୍ତେ ଅଗ୍ରସର ହେବା ଆବଶ୍ୟକ ।

ବ୍ୟକ୍ତିର ଜୀବନବ୍ୟାପୀ ଅଭ୍ୟାସ ଏବଂ ସଙ୍ଗର ପରିଣାମ ସ୍ୱରୂପ ଯାହାର ଚିନ୍ତନ ଏବଂ ଅନୁଧ୍ୟାନ ସେ ନିରନ୍ତର କରିଥାଏ, ତାହା ହିଁ ତା'ର ଅନ୍ତିମ ବିଚାର ନିର୍ଦ୍ଧାରଣ କରିବା ସ୍ୱାଭାବିକ । ପୁରାଣରେ ମହାରାଜ ଭରତଙ୍କର ଆଖ୍ୟାନ ବର୍ଣ୍ଣନା କରାଯାଇଛି । ସେ ଜଣେ ରାଜା ଥିଲେ । କିନ୍ତୁ ଭଗବତ୍ ପ୍ରାପ୍ତି କରିବା ଉଦ୍ଦେଶ୍ୟରେ ସେ ରାଜ୍ୟ ତ୍ୟାଗ କରି, ବନରେ ସନ୍ନ୍ୟାସୀ ଭାବରେ ଜୀବନଯାପନ କରୁଥିଲେ । ଦିନେ ସେ ଗୋଟିଏ ହରିଣକୁ ବାଘର ଗର୍ଜନ ଶୁଣି ପାଣି ମଧ୍ୟକୁ ଡ଼େଇଁ ପଡ଼ିବାର ଦେଖିଲେ । ଅତିଶୟ ଭୟ ଯୋଗୁଁ ଗର୍ଭିଣୀ ମୃଗଟି ଗର୍ଭରୁ ଗୋଟିଏ ଶାବକ ଜନ୍ମ ଲାଭ କରି ପାଣିରେ ଭାସିବାରେ ଲାଗିଲା । ଶାବକଟି ପ୍ରତି ଭରତଙ୍କ ମନରେ ଦୟା ଉତ୍ପନ୍ନ ହେଲା ଏବଂ ସେ ତାକୁ ପାଣିରୁ ଉଦ୍ଧାର କରି ତାଙ୍କ କୁଟୀରକୁ ଆଣି ତା'ର ଲାଳନ ପାଳନ କରିବାକୁ ଲାଗିଲେ । ଅତି ଆଗ୍ରହର ସହିତ ସେ ତାର ଚପଳତାପୂର୍ଣ୍ଣ ଚାଲିକୁ ନିରୀକ୍ଷଣ କରିବାରେ ଲାଗିଲେ । ସେ ଖାଇବା ପାଇଁ ଘାସ ସଂଗ୍ରହ କରୁଥିଲେ ଏବଂ ତାକୁ ଉଷ୍ମତା ପ୍ରଦାନ ପାଇଁ କୋଳାଗ୍ରତ କରୁଥିଲେ । ଧୀରେ ଧୀରେ ତାଙ୍କର ମନ ଭଗବାନଙ୍କ ଠାରୁ ହଟିଯାଇ ସେହି ହରିଣ ଠାରେ କେନ୍ଦ୍ରିତ ହେବାକୁ ଲାଗିଲା । କ୍ରମଶଃ ସେହି ତନ୍ମୟତା ଏତେ ଗଭୀର ହେଲା ଯେ ଦିନସାରା ତାଙ୍କର ମନ ସେହି ହରିଣର ହିଁ ଚିନ୍ତନ କଲା । ଯେତେବେଳେ ସେ ମୃତ୍ୟୁବରଣ କରିବାକୁ ଯାଉଥିଲେ, ହରିଣଟି ପ୍ରତି ତାଙ୍କର ମମତା ଏବଂ ଚିନ୍ତା ଯୋଗୁଁ, ସେ ତାକୁ ପାଖକୁ ଡ଼ାକିଲେ । ପରିଣାମ ସ୍ୱରୂପ, ପରବ□ୀ ଜନ୍ମରେ ସେ ମୃଗ ଯୋନିରେ ଜନ୍ମ ଗ୍ରହଣ କଲେ । କିନ୍ତୁ ଯେହେତୁ ସେ ଭଗବତ ସାଧନା କରିଥିଲେ, ପୂର୍ବଜନ୍ମର ସମସ୍ତ ତ୍ରୁଟି ସଂପର୍କରେ ସେ ସଚେତନ ଥିଲେ । ସେଥିପାଇଁ ହରିଣ ହେଲେ ମଧ୍ୟ ସେ ଜଙ୍ଗଲରେ ସାଧୁମାନଙ୍କ ଆଶ୍ରମ ପାଖରେ ରହୁଥିଲେ । ହରିଣ ଶରୀର ତ୍ୟାଗ କରିବା ପରେ ପୁନର୍ବାର ସେ ମନୁଷ୍ୟ ଜନ୍ମ ପ୍ରାପ୍ତ କରିଥିଲେ । ଏଥର ସେ ବିଖ୍ୟାତ ସନ୍ଥ ଜଡ଼ଭରତ ହେଲେ ଏବଂ ସାଧନା ସମାପ୍ତ କରି ଭଗବତ ପ୍ରାପ୍ତି କଲେ ।

ଏ ସଂସାରରେ ଯେଉଁମାନେ ଭଗବାନଙ୍କୁ ପ୍ରାପ୍ତ କରିବାକୁ ଇଚ୍ଛା କରନ୍ତି, ସେମାନେ ଭୌତିକ ଲାଭ ଉଦ୍ଦେଶ୍ୟରେ କର୍ମ କରନ୍ତି ନାହିଁ । ତେବେ ସେମାନେ ସାଂସାରିକ କର୍ମ କରନ୍ତି କାହିଁକି ? ତା'ର କାରଣ ଏହା ଯେ ସେମାନେ ଭଗବାନଙ୍କର ସେବା କରିବାକୁ ଚାହାଁନ୍ତି ଏବଂ ତାଙ୍କ ଖୁସି ପାଇଁ ସେମାନେ କର୍ମ କରିବାକୁ ପ୍ରେରିତ ହୁଅନ୍ତି । ଭଗବାନଙ୍କ ପ୍ରତି ବିମୁଖ ହୋଇ ଭୌତିକ ଜଗତରେ କଷ୍ଟଭୋଗ କରୁଥିବା ଜୀବାତ୍ମା ମାନଙ୍କୁ ଦେଖି ତାଙ୍କର ହୃଦୟ ତରଳି ଯାଏ ଏବଂ ସେମାନଙ୍କର ଆଧ୍ୟାତ୍ମିକ ଉନ୍ନତି ପାଇଁ କାର୍ଯ୍ୟ କରିବାକୁ ସେମାନେ ପ୍ରେରିତ ହୋଇଥାନ୍ତି । ଏକଦା ବୁଦ୍ଧଦେବ କହିଥିଲେ, "ଭଗବତ ପ୍ରାପ୍ତି ପରେ ତୁମ ସମ୍ମୁଖରେ ଦୁଇଟି ବିକଳ୍ପ ଥାଏ- ତୁମେ କିଛି କରି ନ ପାର, ବା ଅନ୍ୟର ଭଗବତ୍ ପ୍ରାପ୍ତି କରାଇବାରେ ସାହାଯ୍ୟ କରିପାର ।" ତେଣୁ ଯେଉଁ ମାନଙ୍କର ନିଜର ସ୍ୱାର୍ଥପୂ□ ଉଦ୍ଦେଶ୍ୟରେ କୌଣସି କାର୍ଯ୍ୟ କରିବାର ନ ଥାଏ, ସେମାନେ ଭଗବତ୍ ପ୍ରୀତ୍ୟର୍ଥ କର୍ମରେ ପ୍ରବୃ□ ହୁଅନ୍ତି । ଭକ୍ତି ଯୁକ୍ତ କର୍ମ ଭଗବାନଙ୍କର କୃପା ଆକର୍ଷିତ କରିଥାଏ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

With best Compliment from:-

**MANAGEMENT SOCIETY, DHAMARA FISHING HARBOUR, DHAMARA**
At:- Dhamara, Dist. Bhadrak- 756171, State: Odisha
www.dhamarafishingharbour.org,
EID- manager.msdfh@gmail.com

An autonomous Society organized for management of Dhamara Fishing Harbour . The Governing Body of the Society is headed by the Commissioner-cum- Secretary to Govt. of Odisha, Deptt. of Fisheries and A.R.D.

**Facilities available in the Fishing Harbour :**

- Situated 3 K.Ms away from the river mouth enabling smooth sail of trawlers.
- Quality of fish is maintained to international standard by proper handling, processing, packing, icing etc.
- Two jetties having 200 mtrs. length each. Providing better facilities for landing and stack-ing of trawlers/vessels/boats etc.
- Repair of trawlers and vessels in the repair track and dry docking for 24 trawlers at a stretch.
- Supply of fresh water round the 'clock' to the trawlers before going for fishing and to the harbour users.
- Diesel outlet on the jetty for fuel supply.
- 12 Nos. of Ice plants in the vicinity of Dhamara for supply of quality Ice round the clock.
- Storage facilities available for trawler owners.
- Net mending yard for quick repair of nets.
- Rest house facility provided to vessel crews on rent.
- Market complex has been constructed to facilitate business require by the jetty users.
- Pre-Processing Plant for Sea Food Exporter.
- Further facilities to the entrepreneurs and exporters for stor age, shorting, grading and icing are,provided.
- Facilities like Chitin Plant and Cold storage are in the pipe line for construction. Visit us at www.dhamarafishingharbour.org and we will be proud of you.

Manager,
Management Society,
Dhamara Fishing Harbour,

D.F.O., Bhadrak And Secretary,
Management Society, Dhamara
Fishing Harbour, Dhamara.

EMail ID : manager.msdfh@gmail.com, dfo.bhadrak@gmail.com

Hello: 06784-240223, 06786-222500

## ଦଉଡ଼ି

### କବି ବିପ୍ଳବ

ପାଞ୍ଚଟଙ୍କିଆ ଆହାର ଖାଇ
ହାକୁଟି ମାରୁଥିବା ପିଲା
କଣ ବୁଝିବେ ଦଉଡ଼ିର ବଳିଦାନ
ମାଟି ଆଉ ମଣିଷ ଭିତରେ
ଗୋଟେ ସମ୍ପର୍କର ସେତୁ ବୋଲି !

ଦଉଡ଼ି ବାପାଙ୍କ ସହ ମିଶି
ଚାଷ କରେ, ବୁଣେ
ବେଉଷଣ କରେ
କଳେଇ ଖଳାକୁ ଆଣେ
ଆଉ ବେଙ୍ଗଳାରେ ବି
ଲୋଡ଼ା ପଡ଼େ ।

ଗରା ଫଙ୍ଗରେ ବାନ୍ଧି
ବୋଉ କୂଅରୁ ପାଣି କାଢ଼େ
ଆଉ ସେଇ ପାଣିରେ ଧାନ ଉସାଁଏ
ଭାତ ରାନ୍ଧେ, କଂସା ଧୁଏ ।

ଦଉଡ଼ି ଥାଏ ବୋଲି ସିନା
ଉପଭୋଗ୍ୟ ହୁଏ ରଜ
ଆମ୍ବ ଗଛରେ ଲଙ୍ଗଳ ଦଉଡ଼ି ବାନ୍ଧି
ବାପା ଝୁଲଉଥାନ୍ତି ଆମକୁ
ସେତେବେଳେ ସ୍ୱପ୍ନ ଛୁଁ ଥାଏ ଗଗନ ।

ଏବେ ଦଉଡ଼ି ସବୁ
ଅଖୋଜା ଅଲୋଡ଼ା
ବାପା ଆଉ ବଳଦ ପରି
କୋଉ ଅନ୍ଧାରି ମୂଳକରେ ଏବେ
ସେମାନଙ୍କର ଆତ୍ମ ଗୋପନ ।

ଶୁଣିଲି କାଲି ସଂଜରେ
ବାପା, ବୋଉ ଆଉ ବିଲକୁ
ଭୁଲିଥିବା ପିଲାଟିଏ
ଦଉଡ଼ି ଖୋଜୁଥିଲା ବଡ଼ ବିକଳରେ
ସକାଳୁ ସେଇ ପିଲା
ଗାଁ ତୋଟାରେ ଝୁଲୁଥିଲା
ଆଙ୍ଗୁଳେ ଜିଭ କାଢ଼ି ।

ଅ ମକୁନ୍ଦ ପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

## ପଞ୍ଚାୟତ ପୋଖରୀରେ ମାଛଚାଷ

୧. ପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ମାଛ ଚାଷ କରିବା ନିମନ୍ତେ ପଞ୍ଚାୟତ ପୋଖରୀଗୁଡିକରୁ ଦୀର୍ଘକାଳୀନ ମିଆଦରେ ଲିଜ୍ ନିଆଯାଇଛି ।



୨. ମହିଳା ସହାୟକ ଗୋଷ୍ଠୀକୁ ଏହି ମାଛଚାଷ କରିବା ନିମନ୍ତେ ହେକ୍ଟର ପ୍ରତି ଦେଢଲକ୍ଷ ଟଙ୍କା ମାଛଯାଆଁଳ ଓ ଖାଦ୍ୟ ଉପରେ ୬୦% ଅର୍ଥାତ୍ ୯୦ ହଜାର ଟଙ୍କା ରିହାତି ଦିଆଯାଇଛି ।

୩. ପଞ୍ଚାୟତ ପୋଖରୀଗୁଡିକୁ ଅଗ୍ରାଧିକାର ଓ ଦୀର୍ଘକାଳୀନ ଭିତ୍ତିରେ ନିଲାମ ନେବାର ସୁବିଧା କରାଯାଇଛି ।

୪. ମତ୍ସ୍ୟ ବିଭାଗ ମିଶନଶକ୍ତି ଓ ପଞ୍ଚାୟତିରାଜ ବିଭାଗର ମିଳିତ ପ୍ରଚେଷ୍ଟାରେ ସ୍ୱୟଂ ସହାୟକ ଗୋଷ୍ଠୀମାନେ ପଞ୍ଚାୟତ ପୋଖରୀରେ ମାଛଚାଷ କରି ସ୍ୱାବଲମ୍ବୀ ହେବା ସଙ୍ଗେ ସଙ୍ଗେ ମତ୍ସ୍ୟ ସମ୍ପଦ ବୃଦ୍ଧିରେ ସହାୟକ ହୋଇ ପାରୁଛନ୍ତି ।

ଜିଲ୍ଲା ମତ୍ସ୍ୟ ଅଧିକାରୀ
ବାରିପଦା, ମୟୁରଭଂଜ

# କବିତା ଓ କବିତା

## ନୀରବ ରାତ୍ରିର କବିତା

**ଡ. ସିନ୍ଧୁ ସେନ୍**

ବେଳେବେଳେ
ଏମିତି ବି ହୁଏ
ନିଶାର୍ଦ୍ଧରେ
ନିଦ ଯେବେ ଭାଙ୍ଗିଯାଏ
ମନେହୁଏ,
ବାହାରେ କେହିଜଣେ ଡାକୁଥାଏ ।

ଝରକା ଖୋଲି
ବାହାରକୁ ଅନାଇଲେ
ଶୂନ୍‌ଶାନ୍ ରାସ୍ତାପରେ
ଜାଗ୍ରତ ପ୍ରହରୀ ଭଳି
ଧାଡ଼ିଧାଡ଼ି ବତୀଖୁଣ୍ଟ
ସହରକୁ ଜଗିଥାନ୍ତି
ଦିନ ତମାମ
ଗାଡ଼ି ମଟର ଯାନର
ଘର୍ଘର ଶବ୍ଦ
ବ୍ୟସ୍ତବିବ୍ରତ ମଣିଷ
ଯେବେ ରାତ୍ରିର କୋଳରେ
ଘୁମେଇ ପଡ଼ିଥାନ୍ତି
ପୁନଶ୍ଚ ଆଉ ଏକ ସକାଳର
ପ୍ରତୀକ୍ଷାରେ ଥାନ୍ତି ।
ରାତ୍ରି ଯେବେ ଗାଉଥାଏ
ନିରବତାର ସଂଗୀତ
ପବନକୁ ଛୁଇଁଛୁଇଁ ଯାଉଥାଏ
ମଲ୍ଲୀ, ଯୁଇ, ଫୁଲର ମହକ
ତନୁରେ ତନୁରେ ସ୍ପନ୍ଦିତ ହେଉଥାଏ
କାହିଁ କେତେ ରୋମାଞ୍ଚ ।

ମନେହୁଏ,
ରାତ୍ରି ମୋତେ ଡାକେ ହାତଠାରି
ଦେହ ମନ୍ତ୍ର ଉଚ୍ଚାଟିତ କରି
ମୋ କାନରେ କହିଯାଏ
ଆ ମୋ ପାଖକୁ ଆ
ଅସହାୟ ମୁଁ ଯେ,
ତା ପାଖକୁ ପାରେନାହିଁ ଯାଇ
ବରଂ ଝରକା ରେଲିଂକୁ
ହାତମୁଠାରେ ଜାବୁଡ଼ି ଧରି
ଦେଖୁଥାଏ ରାତ୍ରିର
ତନୁ ବଲ୍ଲରୀ ।

କବି ମୁହିଁ
କବି ମନ ମୋର
ବ୍ୟାକୁଳିତ ହୁଏ
ସାମାଜିକ ବନ୍ଧନରେ
ବନ୍ଧା ଜୀବନ ମୋର
ଇଚ୍ଛାକୁ କବର ଦେବାକୁ ହୁଏ
ମୁଁ କିନ୍ତୁ ଭଲପାଏ
ରାତ୍ରିର ଗାଢ଼ ନିରବତାକୁ
ରାତ୍ରି କୋଳରେ ମୁଣ୍ଡ ରଖି
ସବୁ ଦୁଃଖ ଶୋକ ଭୁଲିଯିବାକୁ
ଯେଣୁ, ରାତ୍ରି ହିଁ
ମୋ ହାତରେ,
କବିତା ଲେଖାଇ ନିଏ ।

ବାରବାଟୀ, ବାଲେଶ୍ୱର
ମୋ: ୯୩୩୭୫୮୦୦୪୫

## ସେ ତ ଗଛଟିଏ

**କାଳୀପଦ ପଣ୍ଡା**

ସେ ତ ଗଛଟିଏ
ବାଣ୍ଟି ଖୁଲେ ଫୁଲ, ଫଳ, ଛାଇ
ଚେନା ଚେନା ହସ
ଉଦରେ ଚାପି ସବୁ ଦୁଃଖ ।

ଆକାଶ ସମ ପରିବ୍ୟାପ୍ତ
ସମୁଦ୍ରଠୁଁ ଗଭୀର
ଭରପୂର ଭଣ୍ଡାର
ସୁଧାମୟ ସୃଷ୍ଟିରସକଳ ଆଧାର ।

ଶିଶୁ ମନଜିଣା
ଯୁବ ହୃଦୟ ଚୋରା
ବୃଦ୍ଧର ଆଶାବାଡ଼ି
ସଂସାର ସାରଭୂତା ସେ' ତ ରମଣୀ ।

ସଂରଚନାରେ ସେ ଆଦ୍ୟ ସ୍ଥିତି
ତା' ବିନା ଜଗତ ଅପୂର୍ଣ୍ଣ
ତା' ସନ୍ଦର୍ଶନେ ଭରିଯାଏ
ତୃପ୍ତିର ଚରମ ସୁଖ,
ଜୀବନ ବେଦୀରେ ଭରେ ରୋମାଞ୍ଚ ।

ତା' ଗର୍ଭଗୃହେ ବଢ଼ି
ଜଗତ ଦେଖୁ
ତା'ର ଆରାଧନା
ଆମର ମୂଳମନ୍ତ୍ର ତାକୁ ଶତବାର ପ୍ରଣାମ ।

ସୁନାରୁଇ, ବାଲିଆପାଳ, ବାଲେଶ୍ୱର

## ଅଭିସାରିକା

**ବିଦ୍ୟାଧର ସେଠୀ**

ଭଗ୍ନ କୋଣାର୍କର ନଗ୍ନ ଶିଳାଦେହେ
ଅପରୂପା ତୁମେ ତିଲୋତ୍ତମା
ସ୍ନିଗ୍ଧ ତନୁମନେ ପୁଲକିତ ପ୍ରାଣେ
ଅଭିସାରିକା ଗୋ' ମନୋରମା ।

ଜ୍ୟୋତ୍ସ୍ନା ବିଧୌତ ଚନ୍ଦ୍ରିନୀ ରାତିରେ
ସତେ ଅବା ତୁମେ ଚିତ୍ରଲିପି
ଅଙ୍ଗେଅଙ୍ଗେ ପୁଣି ଫୁଟନ୍ତା ଯୌବନ
ଆଙ୍କିଅଛି କେଉଁ ଦେବଶିଳ୍ପୀ ।

କିଏ କହେ ତୁମେ ଚିତ୍ର ପୁତ୍ତଳିକା
ଜୀବନ୍ତ ପ୍ରତିମା ଚାରୁକଳା
କାହା ପଥ ଚାହିଁ ରହିଛ ଅନାଇ
ମନୋମୋହିନୀ ଗୋ' ଚାରୁଶୀଳା ।

ନୀଳ ସାଗରର ନୀଳ ଉର୍ମିମାଳା
ଉଚ୍ଛୁଳେ ଅଧୀରେ ତୁମ ପାଇଁ
ପ୍ରଚଣ୍ଡ ପ୍ରବାଳ ଉତ୍ତାଳ ତରଙ୍ଗ
ଚୁମିଚୁମି ଯାଏ ବେଳାଭୂଇଁ ।

କେଉଁ ଦେବତାର ଅଭିସାର ପାଇଁ
ନିଜକୁ କରିଛ ସୁସଜ୍ଜିତ
କିଏ ସେ ନାଗର ତୁମ ଚିତ୍ତଚୋର
କାହାପାଇଁ ଏତେ ବ୍ୟାକୁଳିତ ।

ନିଃଶବ୍ଦ ବେଳାରେ ଅତି ସରାଗରେ
ପ୍ରୀତି ଅନୁରାଗ ଭରି ମନେ
ହୃଦୟ ସଙ୍ଗୀତ ଗାଇ ଅବିରତ
ଭିଜିଯାଅ ପୁଣି ଅନୁକ୍ଷଣେ ।

ଜିଲ୍ଲାପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର


## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମସ୍ତଙ୍କୁ ସୁଖଶାନ୍ତିରେ ରଖନ୍ତୁ ।

**ଯୋଗୀ କୃପାସିନ୍ଧୁ ମୁନି**
ଜୁଣବଳଦା, ଗୋଡ଼ିଖାଳ ଆଶ୍ରମ, ବାଲେଶ୍ୱର





ଧ୍ୱନି ପ୍ରତିଧ୍ୱନିର ୩୩ଶ ବାର୍ଷିକ ଉତ୍ସବ ଅବସରରେ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ।

**ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ**
ବିଧାୟକ-ସଦର, ବାଲେଶ୍ୱର

" ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ କୃଷି ଓ କୃଷକର ସାମଗ୍ରିକ ବିକାଶ ତଥା ଗ୍ରାମାଞ୍ଚଳର ସର୍ବାଙ୍ଗିନ ଆର୍ଥିକପ୍ରଗତି ଆମ୍ଭର ଆଭିମୁଖ୍ୟ ଓ ଲକ୍ଷ୍ୟ "

- ଫସଲଋଣ ପ୍ରଦାନରେ ଆମେ ଅଗ୍ରଣୀ
- କୃଷି ଓ କୃଷକର ଆର୍ଥିକ ବିକାଶ ଆମର ଅନବରତ ପ୍ରୟାସ




ADMISSION OPEN [Pre School to Std - VIII]
Session :2022-23
**Sulagna Public School**
*Stress free Schooling*
Strictly following CBSE / NCERT Curriculum from Class-I
25% Free Education Under RTE Act for Socially and Economically Disadvantaged Children.
Opp. F.M. College, Balasore
Ph: 9439152530, 7008149727, 9040529298

## ଶୁଭେଚ୍ଛା ଓ ଅଭିନନ୍ଦନ




ଦୈନିକ ସମ୍ବାଦପତ୍ର ଧ୍ୱନି ପ୍ରତିଧ୍ୱନିର ୩୩ଶ ବାର୍ଷିକ ଉତ୍ସବ ସମାରୋହ-୨୦୨୨ ପାଳନ ଅବସରରେ ଉଦଳାସ୍ଥିତ ମେଣ୍ଢାଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଆମେ ୧୯୮୫ ମସିହାରେ ସପ୍ତମ ଶ୍ରେଣୀ ପାସ କରିଥିବା ଛାତ୍ରଛାତ୍ରୀମାନେ ଧ୍ୱନି ପ୍ରତିଧ୍ୱନି ପରିବାରର ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମ୍ବାଦପତ୍ରର ଦୀର୍ଘଜୀବନ କାମନା କରୁଛୁ ।

**ମେଣ୍ଢାଖାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ପାସ୍ କରିଥିବା ଛାତ୍ରଛାତ୍ରୀ ବୃନ୍ଦ**

**ମାସିକ କିସ୍ତିରେ ଜାଗା ମିଳୁଛି ବାଲେଶ୍ୱର ସହରରେ**




ଯୋଗାଯୋଗ :
**ରେସ୍‌ଲାଇଫ୍**
ବୈରାମନଗର, ମୋତିଗଞ୍ଜ, ବାଲେଶ୍ୱର
ମୋବାଇଲ୍ ନଂ. :
9777915880

ଦୈନିକ ସମ୍ବାଦପତ୍ର ଧ୍ୱନି ପ୍ରତିଧ୍ୱନିର ୩୩ଶ ବାର୍ଷିକ ଉତ୍ସବ ସମାରୋହ-୨୦୨୨ ପାଳନ ଅବସରରେ ଶୁଭେଚ୍ଛା...

JOIN SAI SADHANA
WE WILL ESCORT YOU IN RIGHT DIRECTION AND PROMISE YOU A BRIGHT CAREER WITH HIGH DIGNITY
DIBYASINGPUR, UDALA, MAYURBHANJ




PURNA CHANDRA BINDHANI
CHAIRMAN
Mob – 9437294587, 7504089568

SAI SADHANA COLLEGE OF BASIC SCIENCE (+3) (Residential),
SAI SADHANA SCIENCE HIGHER SECONDARY SCHOOL (+2) (Residential),
SAI SADHANA ITI (TRADE: Fitter & Electrician) &
SAI SADHANA SISHU VIDYA MANDIR (CBSE PATTERN ODIA MEDIUM)
At:- Dibyasingpur, Udala, Dist:-Mayurbhaj, PIN-757041
Contact No: 9437294587, 9437443950, 9937557158, 9438232419
Website: saisadhanasssc.org

with best Compliments from : (M) 9439656277

**SIDDHESWAR COLLEGE OF PHARMACEUTICAL SCIENCES**

At/Po : Amarda Road- 756030 Dist : BALESWAR, ODISHA
Approved by Pharmacy Council of India, New Delhi, Govt of Odisha
&
Affiliated to Odisha State Board of Pharmacy
Bhubaneswar

ଧ୍ୱନି ପ୍ରତିଧ୍ୱନି

୨୮ ଅଗଷ୍ଟ ୨୦୨୨
ବାଲେଶ୍ୱର,
ରବିବାର ୬

# ବାର୍ଷିକ ବିଶେଷାଙ୍କ-୨୦୨୨

## ଓଷା ବ୍ରତର ମାହାତ୍ମ୍ୟ ଓ ଖୁଦୁରୁକୁଣୀ ଓଷା

### ଡକ୍ଟର ମନୋରଞ୍ଜନ ବିଷୋୟୀ

ମାନବର ସୁଖ ଓ ସମୃଦ୍ଧି ନିମନ୍ତେ ଓଷା ଓ ବ୍ରତ କଥା ସୃଷ୍ଟିଲାଭ କରିଥିବା ବିଶ୍ୱାସ କରାଯାଏ । ପ୍ରାଚୀନ ଉତ୍କଳ ବିଭିନ୍ନ ସମୟରେ ଶୈବ, ଶାକ୍ତ, ଗାଣପତ୍ୟ, ବୈଷ୍ଣବ, ବୌଦ୍ଧ ଓ ଜୈନ ଧର୍ମ ପରି ବହୁ ଧର୍ମ ଦର୍ଶନର ସଂସ୍ପର୍ଶରେ ଆସିଅଛି । ଫଳତଃ ବହୁ ଗୋଷ୍ଠୀ ଦ୍ୱାରା ବହୁପ୍ରକାରର ଦେବଦେବୀ ଆରାଧନା ପ୍ରଣାଳୀ ଏଠାରେ କ୍ରମେ ବିକାଶଲାଭ କରିଛି । ଓଡ଼ିଶାରେ ଦେଖାଯାଉଥିବା ଓଷା ଓ ବ୍ରତ ମଧ୍ୟରେ କେତେକ ପାର୍ଥକ୍ୟ ଦେଖାଯାଏ । ବ୍ରତଗୁଡ଼ିକ ସାଧାରଣତଃ ଶାସ୍ତ୍ରାନୁମୋଦିତ ଏବଂ ଏହାର ସମୟ ଓ ବିଧାନ ଇତ୍ୟାଦି ପ୍ରଣାଳୀବଦ୍ଧ । ଏହାର ସଂକଳ୍ପ ଓ ପୂଜା ନିମନ୍ତେ ବ୍ରାହ୍ମଣ ଆବଶ୍ୟକ ହୋଇଥାଏ କିନ୍ତୁ ଓଷା ପାଳନ ନିମନ୍ତେ ବ୍ରାହ୍ମଣ ଅନିର୍ବାର୍ଯ୍ୟ ନୁହନ୍ତି । ଅଭିଷ୍ଟ ସିଦ୍ଧି ପାଇଁ ଜାତି, ଧର୍ମ ନିର୍ବିଶେଷରେ ଉପବାସ ଓ ସଂଯତ ଆଚରଣ ଦ୍ୱାରା ଏହାକୁ ନାରୀ ନିଜେ କରିପାରନ୍ତି । ଓଷାବ୍ରତର ପାଳନ କର୍ତ୍ତା ପୃଥକ୍ ଥିବା ଦେଖାଯାଏ । କେତେକ ସ୍ତ୍ରୀ (ସଧବା), କେତେକ କୁମାରୀ କନ୍ୟା ଓ କେତେକ ସ୍ତ୍ରୀ ପୁରୁଷ ଉଭୟ ପାଳନ କରୁଥିବା ଦେଖାଯାଏ । ଏହି ଓଷା ବ୍ରତ ପାଳନ ଅବସରରେ ଆଖ୍ୟାୟିକା ପଠନ କରାଯାଏ । ଆରାଧ୍ୟ ଦେବତାଙ୍କ ଅଲୌକିକ ଶକ୍ତି ସଂପର୍କିତ ଏହି କାହାଣୀ ସାଧାରଣ ପାଠକଙ୍କୁ ଆମୋଦିତ କରିବା ସହ ଦେବତାଙ୍କ ପ୍ରତି ଭୟ ଓ ଭକ୍ତି ସୃଷ୍ଟି କରିଥାଏ । ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସ୍ରଷ୍ଟାଙ୍କ ଦ୍ୱାରା ସୃଷ୍ଟିଲାଭ କରିଥିବା ହେତୁ ଓଷାବ୍ରତର ଶୈଳୀ ତଥା ଉପସ୍ଥାପନା ପ୍ରଣାଳୀ ଭିନ୍ନ ହେବା ସ୍ୱାଭାବିକ । ଏପରିକି ପୂଜା ପ୍ରଣାଳୀ ଓ ପୂଜା ନିମନ୍ତେ ଆବଶ୍ୟକ ଉପକରଣ ମଧ୍ୟ ଭିନ୍ନ ହୋଇଥିବା ଦେଖାଯାଏ ।

ମୁଖ୍ୟତଃ ଓଷାବ୍ରତ ଗୁଡ଼ିକରେ ଗଣେଶ, ସୂର୍ଯ୍ୟ, ଶିବ, ବିଷ୍ଣୁ ଓ ଦୁର୍ଗା- ଏହି ପଞ୍ଚ ଦେବତା ପ୍ରମୁଖ ସ୍ଥାନ ଅଧିକାର କରିଥାନ୍ତି । ବିଷ୍ଣୁଙ୍କ ବିଭିନ୍ନ ରୂପକୁ କେନ୍ଦ୍ରକରି ଓଡ଼ିଶାରେ ଏକାଦଶୀ ବ୍ରତ, ଅନନ୍ତ ବ୍ରତ, ଜନ୍ମାଷ୍ଟମୀ, ବାମନ ବ୍ରତ, ପଞ୍ଚକ ବ୍ରତ, ନୃସିଂହ ଚତୁର୍ଦ୍ଦଶୀ, ଭୋଦେଇ ଓଷା, ଶ୍ରୀରାମ ନବମୀ, ବିଷ୍ଣୁ ପଞ୍ଚକ, ସତ୍ୟନାରାୟଣ ବ୍ରତ, ଲକ୍ଷ୍ମୀନାରାୟଣ ବ୍ରତ ଇତ୍ୟାଦି ଓଷା ଓ ବ୍ରତ ଦେଖାଯାଏ । ଠିକ୍ ସେହିପରି ଶିବ ଓ ପାର୍ବତୀଙ୍କୁ କେନ୍ଦ୍ର କରି- ଶିବ ଚତୁର୍ଦ୍ଦଶୀ, ବାଲିତୃତୀୟା ବ୍ରତ, ସୋମବାର ବ୍ରତ, କେଦାର ବ୍ରତ, ସୋମନାଥ ବ୍ରତ ଆଦି ପାଳନ କରାଯାଇଥାଏ ।

ବିଷ୍ଣୁ ଓ ଶିବଙ୍କ ପରି ଶକ୍ତି ପୂଜାର ପରମ୍ପରା ଓଡ଼ିଶାରେ ବ୍ୟାପକ ପ୍ରଚଳିତ । ଶକ୍ତି ଆରାଧନା ନିମନ୍ତେ ମୁଖ୍ୟତଃ ମା' ମଙ୍ଗଳା, ମହାଲକ୍ଷ୍ମୀ ପୂଜା, ଦୁର୍ଗାଷ୍ଟମୀ ବ୍ରତ, ତାରିଣୀ ବ୍ରତ, ଦୁତିଆ ଓଷା, ଗୁରୁବାର ବ୍ରତ, ସୁଦଶା ବ୍ରତ, ଜହ୍ନିଓଷା, ମଙ୍ଗଳ ସଂକ୍ରାନ୍ତି, ଚୈତ୍ର ମଙ୍ଗଳବାର, ଖୁଦୁରୁକୁଣୀ ଓଷା, ବଜ୍ରମହାକାଳୀ, ସାବିତ୍ରୀ ବ୍ରତ, ବାଲି ତୃତୀୟା, ଷଷ୍ଠୀ ଓଷା, ସୀତା ନବମୀ ଇତ୍ୟାଦି ପାଳିତ ହୁଏ ।

ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ସମଗ୍ର ଭାରତରେ ସୌର ଉପାସନାର ପ୍ରାଧାନ୍ୟ ଅନୁଭୂତ ହୁଏ । ଓଡ଼ିଶାରେ ଏହାର ପ୍ରଭାବ ଅଷ୍ଟମ ନବମ ଶତାବ୍ଦୀ ବେଳକୁ ବିଶିଷ୍ଟ ସ୍ଥାନ ଅଧିକାର କରିଥିବା ଦେଖାଯାଏ । ସୂର୍ଯ୍ୟ ଉପାସନା ଧାରାରେ ଓଡ଼ିଶାରେ - ରବିନାରାୟଣ ବ୍ରତ, ବିରଞ୍ଚି ନାରାୟଣ ବ୍ରତ, ପୌଷ ରବିବାର, ଉଜିଆ ରବିବାର ବ୍ରତ ପାଳିତ ହେଉଥିବା ଦେଖାଯାଏ ।

ଆଦ୍ୟ ଦେବତା ଭାବରେ ଗଣେଶ ସର୍ବତ୍ର ପୂଜିତ । ସିଦ୍ଧିଦାତା ଓ ବିଦ୍ୟାଦାତା ଭାବରେ ଗଣେଶଙ୍କୁ ଆଧାର କରି ବିନାୟକ ବ୍ରତ ପାଳିତ ହୁଏ । ସେହିପରି ଶନିଙ୍କ ନିମନ୍ତେ ଶନି ଓଷା, ଯମଙ୍କ ନିମନ୍ତେ ବାଟ ଓଷା, ଚନ୍ଦ୍ର ଆରାଧନା ନିମନ୍ତେ ଚନ୍ଦ୍ର ଓଷା, ଜହ୍ନିଓଷା, ଋଷି ପଞ୍ଚମୀ ବ୍ରତ ବିଧାନ ଦେଖାଯାଏ । ନାଗଦେବତା ନିମନ୍ତେ ନାଗଲ ଚଉଠି ବ୍ରତ ଆଦି ଓଡ଼ିଶାରେ ପାଳିତ ହେଉଥିବା ଦେଖାଯାଏ ।

ଓଷାବ୍ରତକୁ ଅନୁଧ୍ୟାନ କଲେ ଏହାର ସୃଷ୍ଟି ଅନ୍ତରାଳରେ କିମ୍ବଦନ୍ତୀ, ଲୋକବିଶ୍ୱାସକୁ ଦେଖିହୁଏ । ସୁସଂହତ ସାମାଜିକ ଜୀବନର ବିକାଶ ସହ ଗତାନୁଗତିକ ଜୀବନ ଧାରାରୁ ଭିନ୍ନ ଏକ ଉତ୍ସବ ମୁଖର ପରିବେଶ ସୃଷ୍ଟି ନିମନ୍ତେ ଜନ୍ମଲାଭ କରିଛି ଓଷା ଓ ବ୍ରତ କଥା । ଆଧ୍ୟାତ୍ମିକ ବିକାଶ, ନୈତିକ ମାନବୃଦ୍ଧି ଏବଂ ସାମାଜିକ ସଂହତିକୁ ଏହି ପରମ୍ପରା ଅନ୍ତରାଳରେ ଲକ୍ଷ୍ୟ କରିହୁଏ । ଲୋକାଚାର ଓ ଲୋକବିଶ୍ୱାସ ସହ ସଂଯୋଜିତ ଏହି ଓଷାବ୍ରତ ଦୁର୍ବିପାକରୁ ମୁକ୍ତିଲାଭ ପାଇଁ ମାନବକୁ ଯୋଗାଇଥାଏ ପ୍ରେରଣା ।

ସେହି ଧାରାରେ ସାମୂହିକ ଆବେଗ, କଳ୍ପନା, ବିଶ୍ୱାସ ଓ ଚଳଣିକୁ ଆଧାର କରି ଗଢ଼ି ଉଠିଥିବା ଖୁଦୁରୁକୁଣୀ ଓଷା ଅନ୍ୟତମ । ଯାହା ଭାଦ୍ରବ ମାସର ପ୍ରତି ରବିବାରେ ପାଳିତ ହେବା ସହ ଓଡ଼ିଆଙ୍କ ବିଶ୍ୱାସବୋଧକୁ ବହୁଳ ଭାବେ ପ୍ରଭାବିତ କରିଆସିଛି । ଏହି ଓଷାର ଆରାଧ୍ୟ ମା' ମଙ୍ଗଳା । ଅନୂଢ଼ା କୁମାରୀ ଓ ସଧବା ବୋହୂମାନେ ନିଜ ନିଜର ଓ ପରିବାର ଶୁଭମନାସି ମା'ମଙ୍ଗଳାଙ୍କୁ ସ୍ଥାପନ କରିବା ସହ ଉପବାସ କରି ମଙ୍ଗଳା ଦେବୀଙ୍କୁ ସୁମରଣା କରିଥାନ୍ତି । ଏପରିକି ଏହି ଓଷା ସହ ସଂପର୍କିତ ସାତ ସାଧବ, ସାତ ବୋହୂ, ତଅପୋଇ ଓ ସାତ ବୋଇତର ଛବି ମଧ୍ୟ ଅଙ୍କାଯାଇଥାଏ । କାରଣ ଏହି ଓଷା ପାଳନ କରି ସାଧବ ଝିଅ ତଅପୋଇ କିପରି ମା' ମଙ୍ଗଳାଙ୍କ କୃପାରୁ ନିଜ ମନବାଞ୍ଛା ପୂରଣ କରିପାରିଛି ତାହାର ବର୍ଣ୍ଣନା ଶ୍ରୀକୃଷ୍ଣ ତାଙ୍କ ପାଟରାଣୀ ଓ ଦାସୀମାନଙ୍କୁ ଶୁଣାଇଛନ୍ତି ।

ଆଖ୍ୟାୟିକାଟି ଥିଲା- ତନୟ ନାମକ ସାଧବଙ୍କ ସାତ ପୁଅ ଓ ସାତ ବୋହୂ ସମେତ ଗୋଟିଏ ବୋଲି ଅଲିଅଳି ଝିଅ ତଅପୋଇ ଥିଲା । ସମସ୍ତଙ୍କ ଅମାପ ସ୍ନେହ, ଶ୍ରଦ୍ଧା ପାଇ ବଢ଼ିଥିବା ତଅପୋଇର କୌଣସିଟିରେ ଅଭାବ ନଥିଲା । ଏକଦା ବାଉଁଶ କୁଲେଇ ଓ ଟୋକେଇ ଧରି ଖେଳୁଥିବା ବେଳେ, ଜଣେ ବିଧବା ବ୍ରାହ୍ମଣୀର ପ୍ରରୋଚନାରେ ପଡ଼ି ସୁନାର କୁଲେଇ ଓ ଚାନ୍ଦ ପାଇଁ ତଅପୋଇ ଜିଦ୍ ଧରେ । ତା' ପାଇଁ ସୁନା ଚାନ୍ଦ ଓ କୁଲେଇ ତିଆରିରେ ଅଧା ଚାନ୍ଦ ବେଳେ ପିତା ଓ ପୁରା ଚାନ୍ଦେ ମାଆଙ୍କ ବିୟୋଗ ଘଟେ । ପରେ ପରେ ସାତଭାଇ ଅଲିଅଳି ଭଉଣୀ ତଅପୋଇର ଦାୟିତ୍ୱ ଭାଉଜମାନଙ୍କୁ ଦେଇ ବାଣିଜ୍ୟରେ ଯାଆନ୍ତି । କିନ୍ତୁ ପୁନଶ୍ଚ ସେହି ବ୍ରାହ୍ମଣୀର ପ୍ରରୋଚନାରେ ସାନ ଭାଉଜ ବ୍ୟତିରେକ ସମସ୍ତେ ତଅପୋଇକୁ ନିର୍ଯାତନା ଦିଅନ୍ତି । ସେ ବଣକୁ ଛେଳି ଧରି ଯାଏ । ବଡ଼ ଭାଉଜର ଛେଳି 'ଘରମଣି' ହଜେ । କିନ୍ତୁ ମା' ମଙ୍ଗଳାଙ୍କୁ ପୂଜା କରି ଛେଳିକୁ ଫେରି ପାଏ ଏବଂ ମା'ଙ୍କୁ ପୂଜା କରି ଭାଇମାନଙ୍କ ଫେରିଆସିବାକୁ ସୁମରଣା କଲା । ଭାଇମାନେ ଫେରି ଆସନ୍ତି । ଘୋର ବନରେ ଭାଇମାନଙ୍କ ସହ ସାକ୍ଷାତ ପରେ ନିଜର ଦୁଃଖ କହେ । ଭାଇମାନେ ତଅପୋଇକୁ ଗୋଟିଏ ତୀକ୍ଷ୍ଣ ଛୁରୀ ଦେଇ ବୋଇତରେ ମଙ୍ଗଳା ଠାକୁରାଣୀ ବେଶରେ ବସାଇଥିଲେ । ଭାଉଜମାନେ ବୋଇତ ବନ୍ଦାଇବାକୁ ଆସିବା ପରେ ଭାଇମାନଙ୍କ କହିବା ପ୍ରକାରେ ସାନ ଭାଉଜକୁ ଛାଡ଼ି ଅନ୍ୟ ସମସ୍ତଙ୍କ ନାକର ବଉଳି କାଟି ଯଥାର୍ଥ ଶାସ୍ତି ବିଧାନ କରିଛି ।

ପରବର୍ତ୍ତୀ ସମୟରେ ତଅପୋଇର ରତ୍ନାକର ନାମକ ସାଧବ ସହିତ ବିବାହ ସଂପନ୍ନ ହୋଇଥିଲେ ମଧ୍ୟ ଅଷ୍ଟମଙ୍ଗଳା ଦିନ ସେ ଗନ୍ଧର୍ବ ସହ ସ୍ୱର୍ଗପୁରକୁ ଚାଲିଯାଇଛି । କାରଣ ସେ ଥିଲା ଗନ୍ଧର୍ବ ପତ୍ନୀ ଜଣେ ଅପସ୍ୱରୀ । ପୂର୍ବ ଅଭିଶାପରୁ ଏଭଳି ସେ ଷୋଳବର୍ଷ ମର୍ତ୍ତ୍ୟ ଦଣ୍ଡ ଭୋଗ କରିଥିଲା ।

ଘଟଣା ଆଧାରରେ ଶ୍ରୀକୃଷ୍ଣଙ୍କ ମା' ମଙ୍ଗଳାଙ୍କ ମହିମା ଦର୍ଶାଇଛନ୍ତି । ଏଭଳି ଭାବେ ମା' ମଙ୍ଗଳାଙ୍କ ଅପାର କରୁଣା ଜାଣି ମା'ଙ୍କ ଖୁଦୁରୁକୁଣି ଓଷା ଅଦ୍ୟାବଧି ପାଳିତ ହୋଇ ଆସୁଅଛି । ଏହି ଓଷାରେ ମା' ମଙ୍ଗଳାଙ୍କୁ ଖୁଦ କୁଣ୍ଡାରେ ପିଠା କରି ତା' ଦେହରେ ଖୁଦ ତଣ୍ଡୁଳ ପୁର ଦେଇ ପୂଜା କରାଯାଉଥିବାରୁ ଏହାକୁ ଖୁଦୁରୁକୁଣି ଓଷା କୁହାଯାଏ । ଏହି ଓଷାର ଶେଷ ପାଳି ଦିନ ରାତି ପୂଜା ପରେ ଭୋରରୁ ପରିକ୍ରମା ସହ ଆନନ୍ଦ ଉଲ୍ଲାସ ସହକାରେ ବିସର୍ଜନ କରାଯାଇଥାଏ । ଏହି ଓଷା ଆମ ଭିତର ଧାର୍ମିକ ଚେତନା, ଏକତା ଓ ମୈତ୍ରୀଭାବ ସୃଷ୍ଟିରେ ବେଶ୍ ସହାୟକ ହେବା ସହ ଆଧ୍ୟାତ୍ମିକ ବିଶ୍ୱାସବୋଧକୁ ସୁଦୃଢ଼ କରିଥାଏ । କାରଣ ଆମ ଜୀବନଧାରାର ପ୍ରାଥମିକ ଉତ୍ସ ହେଉଛି ଆଧ୍ୟାତ୍ମିକ ବିଶ୍ୱାସବୋଧ । ଯାହା ପ୍ରାଚୀନ ମାନବ ଠାରୁ ଆରମ୍ଭ କରି ଆଧୁନିକ ମାନବ ପର୍ଯ୍ୟନ୍ତ ବିକାଶର ପ୍ରତ୍ୟେକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଥାଏ ।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
(ମୋ) ୮୮୯୫୧୪୧୭୨୭

## ପୁଷ୍ପାଞ୍ଜଳି ଅରପୁଛି ତବ ଶ୍ରୀ ପୟରେ

### ଗୋପୀନାଥ ଶା

ହେ ମୋର ପ୍ରିୟ ଧ୍ୱନି ପ୍ରତିଧ୍ୱନି,
ତୁମେ ନୁହ ମୋ ପାଇଁ ଏକ ମୁଦ୍ରିତ ପତ୍ରିକା,
ତୁମେ ତୁଲାଇଛ ମୋ ପାଇଁ ଏକ ବ୍ୟକ୍ତିର ଭୂମିକା
ଏକ ସମ୍ମାନାର୍ହ ବ୍ୟକ୍ତିତ୍ୱ ମୋ ପାଇଁ,
ତୁମେ ରହିଛ ମୋ ସହ ଏକ ପ୍ରିୟ ବନ୍ଧୁ ହୋଇ,
ଏକ ଦରଦି ବନ୍ଧୁର ଭୂମିକା ନିଭାଇ ।

କି ଭାଷାରେ ଗାଇବି ମୁଁ ପ୍ରଶସ୍ତି ତୁମର,
ତୁମେ ମୋ ଜୀବନ ନାଟିକାର ଏକ ମୁଖ୍ୟ କଳାକାର
ଏ ନାଟିକା ଅଭିନିତ ଯେଉଁ ମଞ୍ଚ ପରେ,
ତୁମେ ଉଭା ହୋଇଛ ସେଠାରେ ମୁଖ୍ୟ ଚରିତ୍ରରେ
ସରାହନା କରୁଛି ତୁମକୁ ତୁମ ସ୍ୱନକ୍ଷତ୍ର ଦିବସରେ
ଦରଦୀ ବନ୍ଧୁକୁ କେବେ ବି କେ ଭୁଲିଯାଇପାରେ ?

ତୁମେ ଏକ ଉଜ୍ଜଳ ତାରକା ଓଡ଼ିଆ ସାହିତ୍ୟାକାଶରେ,
ତୁମ ରଶ୍ମି ବିଛୁରିତ ବିଭିନ୍ନ ଦିଗରେ ବିଭିନ୍ନ ରଙ୍ଗରେ,
କବିତା, ନାଟକ, କ୍ଷୁଦ୍ର ଗଳ୍ପ ଅଥବା କାହାଣୀ ରୂପରେ,
ଚାଷବାସ, ଉଦ୍ୟାନ କୃଷି, ଔଷଧ, ରନ୍ଧନ କଳାରେ,
ପର୍ଯ୍ୟଟନ ଶିଳ୍ପ, ତୀର୍ଥାଟନ ନିମିତ୍ତ ଜ୍ଞାତବ୍ୟ ତଥ୍ୟରେ
ବାସ୍ତୁ ଶାସ୍ତ୍ର, ଧର୍ମ ଶାସ୍ତ୍ର, କର୍ମକାଣ୍ଡ, ପୂଜା ପଦ୍ଧତିରେ ।

କେଉଁଥିରେ ନିରବି ଯାଇନି ତୁମ ଧ୍ୱନି କରିଛି ଗର୍ଜନ,
ସେହି ଧ୍ୱନି ପ୍ରତିଧ୍ୱନିତ୍ୱ ହେଉଛି କର୍ଣ୍ଣ କୁହରରେ
କବି, ଲେଖକ, ପାଠକ, ସାରସ୍ୱତ ସାଧକ ସାଧିକାଙ୍କର
ଘେନ ମମ ପୁଷ୍ପାଞ୍ଜଳି ଅରପୁଛି ତବ ସ୍ୱନକ୍ଷତ୍ର ଦିବସରେ
ସ୍ୱଚ୍ଛ ବାର୍ତ୍ତାବହ ତୁମେ ନିରପେକ୍ଷ ସମ୍ବାଦ ପ୍ରେରଣେ,
ସମୟ ସ୍ରୋତ ସହିତ ତାଳଦେଇ
ଚାଲୁଥାଅ ଦୀର୍ଘ ପଥାତିକ୍ରମଣେ ।

+ ୱାର୍ଡ ନଂ-୧୨, ଉଦଳା,
ମୟୂରଭଞ୍ଜ

## ଚୋରାଇ ନେଲା ଚୋରା ଚଇତି

### ନିରଞ୍ଜନ ସାହୁ

ଦିନ ଥିଲା ଦିନେ ଏହି ମନକୁ ମୁଁ
ରଖିଥିଲି ପରା ସାଇତି
ଆଜି ମୁଁ ଭାବୁଛି ସେହି ମନଟାକୁ
ଚୋରାଇଲା ଚୋରା ଚଇତି ।

ମୋ ପାଖରୁ ମୋର ମନ ହଜିଗଲା
ଖୋଜିଲେ ମିଳିବ କେଉଁଠି
ମନେ ମନେ ମୋର ମନକୁ ଖୋଜୁଛି
ହଜେଇ ଦେଇଛି ଯେଉଁଠି ।

ଯେଉଁଠି ଖୋଜିଲେ ଯେମିତି ଖୋଜିଲେ
ଆଉ କି ମିଳିବ ମନଟା
ଅତି ଆପଣାର ତାକୁ ଭାବିଥିଲି
ହଜି ଗଲା ମୋର ଧନଟା ।

ହଜିଗଲା ଧନ ମିଳି ଯାଇପାରେ
ହଜିଲା ମନ ନ ମିଳିବ
ଚୋର ପଶି ଘରେ ଚୋରୀ କଲାପରେ
କାହିଁକି କବାଟ କିଳିବ ??

ଏ ଜୀବନେ ଯେବେ ଚୋରା ଚଇତାଳି
ପହିଲି ପରଶ ଦେଇଛି
ସେହି ଦିନ ଠାରୁ ଚଗଲା ମନକୁ
ଚଇତ ଚୋରାଇ ନେଇଛି ।

ଜୀବନରେ ଆସି ସପ୍ତମ ଋତୁଟା
ନୂଆ ଅନୁଭବ ଆଣିଲା
ବାଲ୍ୟ , କୈଶୋରକୁ ସମାପ୍ତ କରିକି
ଯୌବନ ରେଖା ଟାଣିଲା ।

ନବ ଯଉବନ ରଙ୍ଗୀନ ସପନ
ଜୀବନେ ବସନ୍ତ ଆସିଲେ
ଚୋରା ଚଇତାଳି ଚୋରୀ କରିନିଏ
ମନ କଳ୍ପନାରେ ଭାସିଲେ ।

ନୂଆ ନୂଆ ଲାଗେ ଜୀବନ ଜୀଇଁବା
ଭବିଷ୍ୟତ କିଏ ପଚାରେ
ଇଚ୍ଛା ହୁଏ ସପ୍ତ ସାଗର ଲଙ୍ଘିବା
ଲାଭକ୍ଷତି କିଏ ବିଚାରେ ।

ନିଜର ନିଷ୍ପତ୍ତି ଭାରି ଭଲଲାଗେ
ଉପଦେଶ ଲାଗେ ଖଟକା
ସାଙ୍ଗସାଥି ମେଳ ଥଟ୍ଟାମଜା ଖେଳ
ଦେଉ ପଛେ ଯେତେ ଝଟକା ।

ଉଡି ଉଡି ଯାଏ ମନ ପ୍ରଜାପତି
ବସନ୍ତେ ଫୁଲର ହାଟରେ
ଷୋହଳ ଫଗୁଣ ଉପସ୍ଥିତ ଏବେ
କେ' ଚାଲିବ ଠିକ ବାଟରେ ।

ଚଇତର ଛୁଆଁ ଦେହେ ଜାଳେ ନିଆଁ
ମନ ଯାଏ ହଜିହଜିକା
ପାଗଳ ମନକୁ କେଉଁଠି ଭେଟିବ
ଚାଲୁଥାଅ ଖୋଜିଖୋଜିକା ।

ଚୋରା ଚଇତର ଚଇତାଳି ସତେ
ମନକୁ ଚୋରାଇ ନିଅଇ
ଭୁଲ କରୁ ଅବା ଠିକ କରୁ ସିଏ
ସପନ ଦେଖାଇ ଦିଅଇ ।

ଆହେ ଚଇତାଳି ଦେଉନାହିଁ ଗାଳି
ପାଳିଅଛ ତୁମ ଧରମ
ଚହଲା ମନକୁ ହଜାଇ ଦେଇ ମୁଁ
କରିନି ଉଚିତ କରମ ।

+ ନିହଲ ପ୍ରସାଦ, ଢେଙ୍କାନାଳ
(ମୋ) ୯୯୩୮୭୪୧୫୮୩

## ସନ୍ଦେହ

### ସୁନନ୍ଦା ମହାନ୍ତି

ପ୍ରଶ୍ନ ଓ ଆଶଙ୍କା
ବିପର୍ଯ୍ୟସ୍ତ ଭାବନା
ବସ୍ତୁବାଦୀ ମାନସିକତା
ଏସବୁ ବୋଧହୁଏ ସନ୍ଦେହ
ଆଜିକାଲି ବାପା ପୁଅକୁ
ଭଉଣୀ ଭାଇକୁ
ସ୍ୱାମୀ ସ୍ତ୍ରୀ କୁ
ସନ୍ଦେହ ଭିତରେ
କିଏ କୋଉ ପରି ଭାବନାରେ
ସନ୍ଧିକ୍ଷଣ ସଂଳାପ
ଅବାସ୍ତବ ଆଚରଣ
ସାମୟିକ ଦୁର୍ବଳତା
ସନ୍ଦେହ କୁ କରେ ଦ୍ୱିଗୁଣିତ
ଚଳଣୀ ରେ ଅସାମଞ୍ଜସ୍ୟ
ବ୍ୟବହାର ଅସନ୍ତୁଳନ
ବାକ୍ୟ ବିନିମୟେ କ୍ରୋଧ
ଏସବୁ ସନ୍ଦେହ ଲକ୍ଷଣ
ଛଡ଼ା ଆଉ କଣ
ସାମୟିକ ଦୁର୍ବଳତା ରୋକି
ସ୍ୱାର୍ଥ ଛାଡ଼ି ନିଶ୍ୱାର୍ଥପରତା ଭାବ ରଖି
ହାତେ ମାପି ଚାଖଣ୍ଡେ ଚାଲିବା ଶିଖି
ସନ୍ଦେହ ଘେର ଛିଡ଼େଇ
ବେକରେ ପଘା ପକେଇ
ସଂସାର ସାର ବୁଝିନେଇ
ସନ୍ଦେହ ଭୟରେ ଯିବ ପଳେଇ
ତଥାପି ସନ୍ଦେହ ଫାସ
ସନ୍ଦେହୀକୁ ସନ୍ଦେହ ବିଶ୍ୱାସ
ନିଶ୍ୱାସ ରେ ପଶିଗଲେ ସେ ବିଷ
ଜିବନ ଥାଇ ଯା ନଥାଇ
ସନ୍ଦେହ ଏକ ଏମିତି ରୋଗ
ଔଷଧ ନିଜ ପାଖେ ଅଛି
ଥିଲା ଥିବ ରହି ।

+ ସାକ୍ଷୀଗୋପାଳ, ପୁରୀ
(ମୋ) ୭୦୦୮୯୪୨୨୧୫

## ଏ ତର୍କ ଆଉ ପ୍ରଶ୍ନଠୁ ଦୂରେ

### ସୁଚିତ୍ରା ପାତ୍ର

ଏ ତର୍କ ଆଉ ପ୍ରଶ୍ନଠୁ ଦୂରେ
ତୋ ସହ ବଞ୍ଚିବାକୁ ଚାହେଁ,
ଏକ ନବ ପ୍ରେମର ସହରେ
ସେଠି ତୁ ଥିବୁ ଆଉ ମୁଁ
କିନ୍ତୁ ନଥିବ ସେ ରାଇଜେ,
ତୋ ପ୍ରାପ୍ତି ନିମନ୍ତେ ପ୍ରତିଦ୍ୱନ୍ଦିତା ।
ଶ୍ରେଷ୍ଠ ସାଜିବା ଦୁହେଁ ପରସ୍ପରର
ପ୍ରଶ୍ନ କରିବେନି ତୋତେ ଜଣେ ବି,
ଜୀବନେ କିଏ ତୋ ପାଇଁ ଶ୍ରେଷ୍ଠତର ?
ଭୁଲିଯିବା ନିନ୍ଦା ଅପବାଦ
ବ୍ୟଥା ଏ ମନୁ
ପ୍ରେମ ରହିବ ଆମ ଉର୍ଦ୍ଧ୍ୱରେ
ତୁଚ୍ଛ ହେବ ତନୁ ।

ଯୁକ୍ତ ୩ କଳା
ଜଏରାଟ୍, କିଶୋରନଗର,
ଅନୁଗୋଳ

## ଚାଲ ଆମେ ଲେଖିବା ଗୋଟେ କବିତା

### ସ୍ମିତା ପଣ୍ଡା

ଚାଲ ଆମେ ଲେଖିବା ଗୋଟେ
କବିତା ସାଥୀ ହୋଇ
ଉପରେ ଗୋଟେ ଶୀର୍ଷକ ଦେବା
ତଳେ ଦୁହେଁ ଦୁହିଁଙ୍କର ନାଁ
ଲେଖିଦେବା
ଭିତରେ ସଜାଡ଼ି ନେବା
ପରସ୍ପର ଭାବନା ମାନଙ୍କୁ ।

ଆମର ଭାବନା ମାନଙ୍କୁ ମୁକ୍ତ
କରିଦେବା
ଶବ୍ଦ ମାନଙ୍କୁ
ସଜାଡ଼ି ସଜାଡ଼ି ରଖିବା
କିଛି କିଛି ଧାଡ଼ି ମାନଙ୍କୁ
ଫୋପାଡ଼ି ବି ଦେବା
କେହି କାହାକୁ ସ୍ପର୍ଶ କରିବାନି
କିନ୍ତୁ ଭଲ ପାଇବା ।

ତମକୁ କହିବାକୁ ପଡ଼ିବନି
କାହା ପାଇଁ ଲେଖୁଛ
ମତେ ଜଣେଇବାକୁ ହେବନି
କେଉଁଠୁ ପ୍ରେରଣା ପାଉଛି
ଯୁଗଳବନ୍ଦୀ ବଂଶୀ ସ୍ୱର ଭଳି
ଆମେ ଖାଲି କବିତାରେ
ଏକାଠି ହୋଇ ରହିବା ।

ପାଇକପଡ଼ାପାଟଣା
ନରସିହପୁର,ଜି କଟକ
(ମୋ) ୯୮୬୧୪୮୧୯୨୧

## ଭୋକ

### ସୁଦର୍ଶନ ମହାପାତ୍ର

ଭୋକର ଛବି ଫୁଟି ଉଠେ
ପେଟରେ, ପିଠିରେ
ଲୁହରେ, କୋହରେ
ନିଃସହାୟ ମା'ର ଶୁଖିଲା ଛାତିରେ
ଲଙ୍ଗଳା ଛୁଆର ଆଖି କୋରଡାରେ
ଭୋକ ଦୃଶ୍ୟ ଅଙ୍କାଯାଏ
ଖବରକାଗଜ ପୃଷ୍ଠାରେ
ଟିଭି ପରଦାରେ
କାନଭାସରେ, ଗଳ୍ପରେ, କବିତାରେ
ତୃଷିତ ମାଟିର ଧୂସର ପିଠିରେ..!

ଭୋକ ଚକା ମାଡି ବସିଥାଏ
ଲୋଭରେ, ମୋହରେ, ଆସକ୍ତିରେ
ସାହୁକାରର ହିସାବ ଫର୍ଦ୍ଦରେ
ନୀତିଭ୍ରଷ୍ଟର ଲୋଲୁପ ଦୃଷ୍ଟିରେ
ଧୃତରାଷ୍ଟ୍ରମାନଙ୍କର ଅପତ୍ୟ ସ୍ନେହରେ
ଭୋକ କେବେ ତାଣ୍ଡବ ରଚେ
ଖାଣ୍ଡବ ବନରେ
ଛଞ୍ଚାଣର ତୀକ୍ଷ୍ଣ ନିଶାଣରେ
ଶତ୍ରୁର ସ୍ପର୍ଦ୍ଧିତ ମାନସିକତାରେ !

ଭୋକ ଉଙ୍କି ମାରୁଥାଏ
ଦିନରେ, ରାତିରେ, ଦେହରେ, ମନରେ
ଅସଲଗ୍ନ ଇଚ୍ଛା ମାନଙ୍କରେ
କାମାନ୍ଧ ଦେବତାର ଛଦ୍ମବେଶରେ
ଭୋକ କେବେ ଭିଜୁଥାଏ
ବିଚ୍ଛୁରିତ ମଉଳା ହସରେ
ନିର୍ଲଜ ଶବ୍ଦ ବା ଠାଣିରେ
ବସ୍ତିର ଝାପସା ଆଲୁଅରେ...!

ଭୋକ ଛପି ରହିଥାଏ
ଝିଟିପିଟିର ଲାଳୁଆ ଜିଭରେ
ଚୁଲି ଜଳୁନଥିବା କୁଡିଆ ଭିତରେ
ପେଟ ଚାଖଣ୍ଡର
ଭୋକ ଥକା ମାରେ ଯାଇ
ରଙ୍ଗି ମାଆ ଫଟା ବାସନରେ
ମାଗୁଣିର ଥରିଲା ସ୍ୱରରେ
ନିଦେଇ ପଡିଥିବା ମଶାଣି ଛାତିରେ...!

+ କୁଞ୍ଜବିହାରୀ ଲେନ, କଟକ



## କବି

### ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ

ଚିନ୍ତା ବାକ୍ୟ କରମରେ ରଖି ସମନ୍ୱୟ
ସ୍ୱଧରମ ପାଳନରେ ନରଖିଣ ଭୟ
ଆଙ୍କେ ଯିଏ
ସତ୍ୟ-ଶିବ-ସୁନ୍ଦର ର ଛବ ।

ସେ ଅଟଇ ସର୍ବଶ୍ରେଷ୍ଠ ସୃଜନର ଉତ୍ସ
ସେ ଅଟଇ କାଳଜୟୀ କବି,
ତା ' ଝଙ୍କାରେ ବରଷେତ
ଅବାରିତ ଭାବର ପୀୟୂଷ...

ତା ' ଓଁକାରେ ସୃଜିଯାଏ ନିମିଷକେ
ଅନୁପମ ବିଶ୍ୱାସର ବିଶ୍ୱ,
ସେ ହସିଲେ କୋଟି ପ୍ରାଣେ ଫୁଟିଉଠେ
ପ୍ରୀତିମୟ କବିତାର ଫୁଲ-
ସେ ରୁଷିଲେ ଝାଉଁଳିଯାଏ
ହସ ଆଉ ଖୁସିର ଫସଲ।

+ କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର, ଓଡ଼ିଶା
ପିନ୍ -୭୫୫୦୧୩
ମୋ -୮୫୯୪୮୮୫୮୯୮

## ଏଇ ଆମ ପୃଥିବୀରେ...

### ଆଦ୍ୟାଶା ମହାପାତ୍ର

ଏଇ ଆମ ପୃଥିବୀରେ
ଧୂଳି ମାଟି ଅଗଣାରେ
କେତେ ଖେଳ ଖେଳିଛି
ମନେ ମୋର କେତେ ଖୁସି
ସେଇ ଏକା ଭରିଛି

ଏଇ ଆମ ପୃଥିବୀରେ
କୁନି କୁନି ପାଦ ଥାପି
ଯେତେ ଜାଗା ବୁଲିଛି
ସବୁଆଡେ ସେନେହର
ଝରଣାଟେ ଝରିଛି

ଏଇ ଆମ ପୃଥିବୀରେ
ଫୁଲ ଫଳ ଗଛଲତା
ମନ ମୋର ମୋହିଛି
କେତେ ସବୁ ପକ୍ଷୀଙ୍କର
କଳରବ ଶୁଣିଛି

ଏଇ ଆମ ପୃଥିବୀରେ
ଝରଣାର ମିଠା ଗୀତ
ମୋତେ ଭଲ ଲାଗିଛି
କୁଳୁକୁଳୁ ସୁରରେ ମୁଁ
ସତେ ହଜି ଯାଇଛି


ଏଇ ଆମ ପୃଥିବୀରେ
ନଈ ନାଳ ପାହାଡକୁ
ମନ ଭରି ଦେଖିଛି
ପାଣି ଆଉ ପବନକୁ
ଦେହରେ ମୁଁ ମାଖିଛି

ଏଇ ଆମ ପୃଥିବୀରେ
ସୁଖ ଶାନ୍ତି ମୈତ୍ରୀ ଭାବ
ଅନୁଭବ କରିଛି
କୋଳ କରି ସତେ ଅବା
ମାଟି ମାଆ ଧରିଛି

+ ନୂଆପଡା,କଟକ

## ଆଶା ମରିଚିକା

### ଝରଣା ବାରିକ



ଦୁଃଖ ନେଇ ଯିବୁ ସୁଖ କୁ ବାଣ୍ଟିବୁ
ଲୁହ ପୋଛିଦେବୁ ଲୁଚେଇ,
ବାଟ ଚାଲୁ ଥିବୁ ଝୁଣ୍ଟି ପଡିଲ୍ଲେ
ହସି ଦେଉଥିବୁ ଦେଖେଇ।

ମନର କଥା ମନେ ରଖିଥିବୁ
କହିବୁନି କାହା ଆଗରେ,
ସକେଇ କାନ୍ଦିବେ ତୋ କଥା ଶୁଣି
ହସୁ ଥିବେ ତୋ ପଛରେ।

ମାଗଣା ରେ ମିଳେ ଉପଦେଶ ଏଠି
ଆଉ ସବୁ ମିଳେ ଅର୍ଥ ରେ,
ସାହାଯ୍ୟ ମିଳେନା କାହା ଠାରୁ ଏଠି
ମାଗିବା ଟା ଯିବ ବ୍ୟର୍ଥରେ।

ଜୀବନ ଟା ସାରା ଅନ୍ଧାର ରେ ଭରା
ମିଛରେ ଆଲୁଅ ଭାବୁଛୁ,
ମୋର ମୋର ସବୁ କହି ହେଉ ସିନା
ଗଲା ବେଳେ ଖାଲି ଯାଉଛୁ।

କାହିଁକି ଧରିଛୁ ମିଛ ଆଶା ବାଡି
ମରୁ ମରିଚିକା ବାଲିରେ,
ଆଜି ଅଛୁ ତୁହି ଏ ମହୀ ମଣ୍ଡଳେ
ନ ଥିବୁ ଆଉ ତୁ କାଲିରେ।

+ ସମଲ, ତାଳଚେର,
ଅନୁଗୋଳ

## ସନ୍ଥକବି ଭୀମଭୋଇ

### ବୀରକିଶୋର ନାୟକ

ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ,
ବିଶ୍ୱ ଜାତିସଂଘ କାର୍ଯ୍ୟାଳୟେ ଲେଖା
ଚିରଦିନ ରହିଥାଉ ।
ଓଡିଶା ମାଟିର ଶ୍ରେଷ୍ଠ ଗଉରବ
ଭୀମଭୋଇ ଥିଲେ କହି,
ପ୍ରାଣୀଙ୍କ ଆରତେ ନୟନୁ ତାଙ୍କର
ଅଶ୍ରୁ ଯାଉଥିଲା ବହି ।

ଅଷ୍ଟାଦଶ ଶହ ପଚାଶ ମସିହା
ବୈଶାଖ ପୂର୍ଣ୍ଣିମା ଦିନ,
ସମ୍ବଲପୁରର ଜଟିଆପାଲି ରେ
ହୋଇଥିଲେ ସିଏ ଜନ୍ମ ।
ଅଖ୍ୟାତ ପଲ୍ଲୀର ଆଦିବାସୀ ଶ୍ରେଣୀ
ଜାତି ନାମ ଥିଲା କନ୍ଧ,
ପିଲାଦିନେ ସିଏ ବସନ୍ତ ଆକ୍ରାନ୍ତେ
ହୋଇ ଯାଇଥିଲେ ଅନ୍ଧ ।

କୈଶୋର ସମୟେ ପିତୃହରା ହେଲେ
କଟିଥିଲା ଦୁଃଖେ ଦିନ,
ଦ୍ୱିତୀୟ ବିବାହ କଲେ ତାଙ୍କ ମାଆ
ନକରି ତାଙ୍କୁ ସେ ଭିନ୍ନ ।
ଅନ୍ଧ ହୋଇବି ସେ ବିଭା ହୋଇଥିଲେ
ପତ୍ନୀ ତାଙ୍କ ଅନ୍ନପୂର୍ଣ୍ଣା,
ପୁତ୍ର ନାମ ଥିଲା କପିଳେଶ୍ୱର ଓ
ଲାବଣ୍ୟବତୀ ଯେ କନ୍ୟା ।

ସଂସାର କରି ବି ପ୍ରଗାଢ଼ ଭକ୍ତିରେ
କରନ୍ତି ସେ ବିଭୁ ପୂଜା,
ଦୟାଳୁ ଭାବନା ମନେ ପୂର୍ଣ୍ଣ ଥିଲା
ଦୁଃଖ ସତେ ହୋଇ ଖଞ୍ଜା ।
ସମାଜ ସଂସ୍କାରେ ମାନବତାବାଦ
ଥିଲା ତାଙ୍କ ହୃଦୟରେ,
ଛୁଆଁ ଅଛୁଆଁର ଭେଦଭାବକୁ ସେ
ବିରୋଧୀଲେ କବିତାରେ ।

ହୋଇଥିଲେ ଭକ୍ତ ଧର୍ମ ଅନୁସରି
ମହିମା ଗୋସାଇଁଙ୍କର,
ମହିମା ଧର୍ମର ଶ୍ରେଷ୍ଠ ପ୍ରଚାରକ
ଶ୍ରେଷ୍ଠ ଗୁରୁ ସେ ଧର୍ମର ।
ସ୍ତୁତି ଚିନ୍ତାମଣି, ନିର୍ବେଦ ସାଧନା,
ବ୍ରହ୍ମ ନିରୂପଣ ଗୀତା,
ଧର୍ମ ସାହିତ୍ୟର ଆଲୋକ ବର୍ତ୍ତିକା
ସନ୍ଥକବି ରଚୟିତା ।

ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଗ୍ରାମରେ
ଅଲେଖ ମହିମା ପୀଠ,
ଶୂନ୍ୟ ମନ୍ଦିରରେ ମହାଜ୍ୟୋତି ଖେଳେ
ଶୂନ୍ୟ ବ୍ରହ୍ମ ଯେ ପୂଜିତ ।
ଅଷ୍ଟାଦଶ ଶହ ପଞ୍ଚାନବେ ଅଟେ
ମହା ପ୍ରୟାଣର ବର୍ଷ,
ଶିବ ଚତୁର୍ଦ୍ଦଶୀ ସେହି ପୂର୍ଣ୍ୟ ତିଥି
ସୁବର୍ଣ୍ଣପୁର ବି ପୂତ ।

+ ଖଣ୍ଡବନ୍ଧ, ଢେଙ୍କାନାଳ
ଫୋନ.୮୮୪୭୮୪୨୨୯୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୮ ଅଗଷ୍ଟ, ୨୦୨୨
email : rabibarachayan2015@gmail.com




.......ସୁଚୟନ ସୁଚୟନ ସୁଚୟନ.......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

ଭାଗ-୮୯

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଉପସ୍ଥିତ ଓକିଲ ବନ୍ଧୁମାନେ ସ୍ୱୟଂ ଆସାମୀପକ୍ଷର ମୋକ୍ତାର ବୃଦ୍ଧ ବ୍ରଜବନ୍ଧୁ ମିଶ୍ର ପୁଣି ନିଜେ ଗୋପବନ୍ଧୁ ବାବୁ ଉଚ୍ଚସ୍ୱରରେ ହା ହା କରି ହସିଲେ । ତତ୍‌ପରେ ବ୍ରଜବନ୍ଧୁ ବାବୁ ପ୍ରୋକ୍ତ ଆସାମୀକୁ କହିଲେ; 'ଆ ବେ! ଟିପଚିହ୍ନ ଦେ, ଏହାର ପୁଣି ଆତ୍ମସମ୍ମାନ!' ଏହା କହି ପୁନର୍ବାର ସେହି ଦରଖାସ୍ତରେ ତାହାର ଟିପଚିହ୍ନ ନେଲେ, କହିବା ବାହୁଲ୍ୟ, ଆସାମୀ ଥିଲେ ସି ଅକ୍ଷର ବିବର୍ଜିତ । ସଙ୍ଗଦୋଷରେ ହେଉ ବା ଗୁଣରେ ହେଉ, କେତେ କେତେ ବଡ଼ ବଡ଼ କଥା ଶିଖିଥିଲେ । ଭଗବାନ ରାୟଗୁରୁଙ୍କ ମୋକଦ୍ଦମା ସୁଦ୍ଧା ଏହି ପ୍ରକାରେ ନିଷ୍ପତ୍ତି ହେଲା ।

ଏହି କଥା ତତ୍‌କ୍ଷଣାତ୍ ରାଷ୍ଟ୍ର ହୋଇଗଲା । ସେହିଦିନ ସନ୍ଧ୍ୟାରେ କଟକର ସ୍ୱନାମଧନ୍ୟ ଜମିଦାର ସ୍ୱର୍ଗୀୟ ଶ୍ରୀ ବ୍ରଜସୁନ୍ଦର ଦାସ ମୋ ବସାକୁ ଆସି ତଳେ ଥାଇ ଦୋତାଲାରୁ ମୋତେ ଡାକିଲେ ଓ ଉଚ୍ଚହାସ୍ୟ କରି କହିଲେ, 'ଭାରତ! ଆଜି କାହାର ପଶ୍ଚାତ୍‌ଭାଗରୁ ବସ୍ତ୍ରୋତ୍ତୋଳନପୂର୍ବକ ବେତ୍ରାଘାତ କରୁଥିଲୁ?' ମୁଁ ଅଳ୍ପ ଲଜ୍ଜା ବୋଧ କଲି, ବ୍ରଜସୁନ୍ଦର ବାବୁ ମୋ ଧର୍ମପିତା ଶ୍ରୀ ବାଲୁକେଶ୍ୱର ମିଶ୍ରଙ୍କ ବନ୍ଧୁ ଓ ମୋତେ ପିଲାଦିନରୁ ସ୍ନେହ କରୁଥିଲେ । ପିଲାଦିନ ପରି ମୋତେ ସର୍ବଦା 'ତୁ' ବୋଲି ସମ୍ବୋଧନ କରୁଥିଲେ । ମୁଁ ମଧ ତାଙ୍କୁ ସମ୍ମାନ କରୁଥିଲି, ସେ ଥାଉଁ ଥାଉଁ ଆଉ ଦୁଇଚାରିଜଣ ବନ୍ଧୁ ଆସି କଂଗ୍ରେସବାଲାଙ୍କ ଅତ୍ୟାଚାର ସମ୍ବନ୍ଧରେ ନାନା ଗଳ୍ପ କରିଗଲେ ।

ଯଥା ସମୟରେ ଏହି କଥା ପ୍ରଧାନମନ୍ତ୍ରୀଙ୍କଠାକୁ ପହଞ୍ଚିଗଲା । ମୋକଦ୍ଦମା ନିଷ୍ପତ୍ତିର ପରଦିନ ଜିଲ୍ଲା ମାଜିଷ୍ଟ୍ରେଟ୍ ମୋତେ ଡାକି ତାଙ୍କ ହୁକୁମ୍ କାଗଜ ଦେଖାଇ ଦେଲେ । ତହିଁରେ ପ୍ରଧାନମନ୍ତ୍ରୀ ଲେଖିଥିଲେ, ସେ ଅବଗତ ହୋଇଅଛନ୍ତି ଯେ ମୁଁ କୌଣସି ଆସାମୀ ପ୍ରତି ବିଚ୍ ଅଦାଲତରେ ଅସଂଯତ ଭାଷା ବ୍ୟବହାରଦ୍ୱାରା ତାହାକୁ ଅପମାନିତ କରିଅଛି ଓ ମୋଠାରୁ ଏଥିର କୈଫିୟତ୍ ତଲବ କରିଅଛନ୍ତି । ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ସମସ୍ତ କଥା ପରିଷ୍କାର ଭାବରେ କହିଦେଲି ଓ ମୁଁ ନିଜେ ଯାଇ ସମସ୍ତ କଥା ବୁଝାଇଦେବା ସକାଶେ ମୋତେ ସୁଯୋଗ ଓ ସମୟ ଦେବାପାଇଁ ତାଙ୍କ ଠାକୁ ଲେଖିବାକୁ କହିଲି । ଲିଖିତ କୈଫିୟତ୍ ଦେଲେ ଅନେକ କଥା ଲେଖିବାକୁ ହୁଅନ୍ତା ଓ ତାହା ଆଇନ୍ ଦୃଷ୍ଟିରେ ଅପ୍ରୀତିକର ହୁଅନ୍ତା । ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ବ୍ୟବହାର ଅକୃତ୍ରିମ ବନ୍ଧୁତୁଲ୍ୟ । ସେ ଭୀତି ପ୍ରକାଶ କଲେ ଓ ନାନା ଉପଦେଶପୂର୍ଣ୍ଣ କଥା କହିଲେ । ମୁଁ କିନ୍ତୁ ତାଙ୍କୁ ଅଭୟ ଦେଉଥାଏ । ମୁଁ କୌଣସି ପ୍ରକାର ଅସାଧୁତାପୂର୍ଣ୍ଣ କାର୍ଯ୍ୟ କରିନଥିଲି । ଭୟର କୌଣସି କାରଣ ଖୋଜି ପାଉନଥାଏ । ସେହିଦିନ ସନ୍ଧ୍ୟା ସରିକି ପ୍ରଧାନମନ୍ତ୍ରୀଙ୍କ ଠାରୁ ଉତ୍ତର ଆସିଲା, ପରଦିନ ସକାଳ ଆଠଟା ବେଳେ ତାଙ୍କ ବସାରେ ସାକ୍ଷାତ କରିବାପାଇଁ ମୋତେ ଅନୁମତି ମିଳିଅଛି । ଠିକ୍ ଆଠଟା ବେଳେ ତାଙ୍କ ବସାରେ ଯାଇ ଉପସ୍ଥିତ ହେଲି ଓ ଚପରାସୀ ଦ୍ୱାରା ମୋର ଆଗମନ ବାର୍ତ୍ତା ଜଣାଇଦେଲି । ବାହାରେ ବସି ଶୁଣିବାକୁ ପାଇଲି, ଭିତର କାମରା ଭିତରେ ହୋ ହୋ କୋଳାହଳ ହେଉଥାଏ । ଦୁଇଚାରିଜଣ ଭିତରେ ଥିଲେ, ଜଣେ ଆସି ଚାଲିଯିବା ସମୟରେ ମୋତେ ଦେଖି ବିଦ୍ରୂପାତ୍ମକ ଭାଷା ପ୍ରୟୋଗପୂର୍ବକ ପଦେ ଦୁଇପଦ ଶୁଣାଇଦେଇ ଗଲେ । କିଛି ସମୟ ପରେ ସମସ୍ତେ ଚାଲିଗଲେ ଓ କାମରା ଖାଲି ହୋଇଗଲା । ଚପରାସୀ ଭିତରକୁ ଯିବା ପାଇଁ ମୋତେ ଇଙ୍ଗିତ କଲା । ଅତି ସନ୍ତର୍ପଣରେ କାମରା ଭିତରକୁ ପ୍ରବେଶ କଲି, ନୈତିକ ସାହସର ପ୍ରେରଣାରେନ୍ତ ତଥାପି ଛାତି ଧଡ଼ଧଡ଼ ହେଉଥାଏ । ପ୍ରବେଶ କରିବା ମାତ୍ରକେ ମୁଖ୍ୟମନ୍ତ୍ରୀ ମହୋଦୟ ମୋ ସମ୍ମୁଖକୁ ଆସି ମୋତେ କୁଣ୍ଢାଇ ପକାଇଲେ ଓ ଯେମନ୍ତ ପ୍ରାଣଭରି ହସିବାକୁ ଲାଗିଲେ । ତତ୍‌ପରେ ଚୌକି ଦେଖାଇଦେଲେ । ମୁଁ ବସିଲି ଓ ଅପର ଚୌକିରେ ସେ ବସିଲେ । ପୁଣି ହସି ହସି କହିଲେ, 'ଆପଣଙ୍କ ପରି ଗଣ୍ଡାଏ ମାଜିଷ୍ଟ୍ରେଟ୍ ଯଦି ଥାଆନ୍ତେ, ତାହାହେଲେ ଏହି ଅମନୁଷ୍ୟଯାକ ଥଣ୍ଡା ହୋଇଯାଆନ୍ତେ । ଆପଣ ତାକୁ ବେତ ନ ଦେଇ ଛାଡ଼ିଦେଲେ କିଆଁ? ଏଁ! ଏ କ'ଣ ଦେଖୁଛି, କଣ ଶୁଣୁଛି, ବିଶ୍ୱାସ ହେଉନାହିଁ । ଭୟରେ ହୃତ୍‌ପିଣ୍ଡ ଯେ ସ୍ପନ୍ଦିତ ହେଉଛି । ପିଠିଆଡୁ ଝାଳ ବହି ପଡ଼ିଲାଣି । କି ବିପରୀତ ବ୍ୟବହାର ଦେଖୁଛି! ମୁହୂର୍ତ୍ତକ ପୂର୍ବେ ପ୍ରମାଦ ଗଣୁଥିଲି । ମନ୍ତ୍ରୀ ମହୋଦୟ କହି ଚାଲିଛନ୍ତି । ମୋତେ କିଛି କହିବା ପାଇଁ ଅବସର ସୁଦ୍ଧା ଦେଉନାହାଁନ୍ତି । ପୁଣି କହିଲେ 'ଯେ କେହି ହେଉ, ଅନ୍ୟାୟ କଲେ ନିଶ୍ଚୟ ତାହାର ବିଚାର ହେବ । ତାହା ନ ହେଲେ ଦେଶରେ ଶାସନ ଚାଲି ପାରିବ ନାହିଁ । ଏମାନେ କଣ କହୁଛନ୍ତି, ଚାହୁଁଛନ୍ତି ଶୁଣିବେ । ଆମେ ତ ଏହାଙ୍କର ଭୋଟ୍‌ରେ ଆସିଛୁ । ଏମାନେ ଚାହାଁନ୍ତି, ଏମାନେ ଯେତେ ବେଆଇନ୍ କାମ କରିବେ ଆମ ହାତରେ ସବୁ ମାଫ୍ କରାଇନେବେ ଆଉ ଆମ ବଳରେ ଅଦାଲତ ଶାସନ କରିବେ । ତାଙ୍କ ମାନ ରକ୍ଷା ସକାଶେ ଆମ୍ଭେମାନେ କଣ କରୁଛୁ ନା ଯେପରି ଆପଣଙ୍କୁ ଲେଖିଲି, ଆପଣ କଥାଟା ଠିକ୍ ବୁଝିଲେ । ଆପଣ ଯଦି ମୋ ଲେଖାରେ ଭୟ କରି ଅନ୍ୟ ପ୍ରକାର କିଛି କହିଥାନ୍ତେ, ମୁଁ ଅତ୍ୟନ୍ତ ଅସନ୍ତୁଷ୍ଟ ହୋଇଥାନ୍ତି । ଆପଣଙ୍କ ବିଚାରର ମୁଁ ପ୍ରଶଂସା କରୁଛି ।' ମୁଁ ଏହା ଉପରେ ଆଉ କିଛି କହିବା ଆବଶ୍ୟକ ମନେକଲି ନାହିଁ, କେବଳ ଏତିକି କହିଲି, 'ଆପଣଙ୍କ ପ୍ରତି ମୁଁ କୃତଜ୍ଞ । କେବଳ ଆପଣମାନଙ୍କ ସୁନାମ ରକ୍ଷା ସକାଶେ ମୋତେ ଯାହା ଦିଶିଲା ତାହା କଲି । ଏଥିରେ ମୋର ଯଦି କୌଣସି ପ୍ରକାର ତ୍ରୁଟି ଦେଖନ୍ତି, ମୋତେ କ୍ଷମାଦେବେ ।' ଏହା କହି ଚାଲି ଆସିଲି ଆଉ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଠାକୁ ଯାଇ କହିଲି, 'ଦେଖନ୍ତୁ ସାର୍ଟିଫିକେଟ୍ ପାଇ ଆସିଲି ଏବଂ ସବୁକଥା ତାଙ୍କୁ କହିଲି, ସେ କହିଲେ, 'ଆପଣଙ୍କର ବଡ଼ ସାହସ!' ମୁଁ କହିଲି, 'ଖାଲି ସାହସ ନୁହେଁ, ସତ୍‌ସାହସ ।'

କଟକରେ ଝିଅମାନଙ୍କ ଝିଅମାନଙ୍କ ପାଠପଢ଼ା ସୁରୁଖୁରୁରେ ଚାଲିଥାଏ । ସରକାରୀ କାମ ତ ଗତାନୁଗତିକ ଭାବରେ ଚାଲିଛି । ପ୍ରବଳ ଉତ୍ସାହସହକାରେ ମୁଁ ନିରୁପମା, ସୁରମା, ନୀଳିମା ଓ ଉମାକୁ ପଢ଼ାଇବାରେ ଲାଗିଥାଏ । ଏମାନେ ମେଟ୍ରିକୁଲେଶନ୍ ତଳର ସ୍କୁଲ ଛାତ୍ରୀ । ସରକାରୀ କାମ ଓ ଏମାନଙ୍କୁ ଘରେ ପଢ଼ାଇବାକୁ ଜାଣି ମୋର ଦୈନନ୍ଦିନ କରଣୀୟ କାର୍ଯ୍ୟର ସମୟର ନିର୍ଘଣ୍ଟ କରିପକାଏ ଓ ସେହି ଅନୁସାରେ କାର୍ଯ୍ୟକରେ । ସମୟର ଅପବ୍ୟବହାର କୌଣସିଠାରେ ହେଉନଥାଏ । ଶ୍ୟାମା ଶିଶୁ ଶ୍ରେଣୀରେ । ବିଭୁ ପ୍ରସାଦ କନ୍‌ଭେଣ୍ଟ ସ୍କୁଲରେ । ପୂର୍ଣ୍ଣିମାର ପାଠ ଆରମ୍ଭ ହୋଇନଥାଏ । ସୁଷମା କଲେଜରେ । ତାହା ସଙ୍ଗକୁ ପୁତୁରା ବ୍ରଜ । ଏମାନେ ଆଇ.ଏସ୍‌ସି.ରେ । ଏମାନଙ୍କୁ କେବଳ ସମୟ ସମୟରେ ଇଂରେଜୀ ଓ ଓଡ଼ିଆ ସାହିତ୍ୟରେ ଚାହିଁଲେ ସାହାଯ୍ୟ କରିବାକୁ ହେଉଥାଏ । ବିଶେଷତଃ ସୁଷମା ପ୍ରତି ସମସ୍ତଙ୍କ ଧ୍ୟାନ ଓ ଯତ୍ନ ଥାଏ । ଖଣ୍ଡେ ପୁରୁଣା ୧୯୩୬ ସାଲ ବୈଶାଖ ମାସର 'ଉତ୍କଳ ସାହିତ୍ୟ' ମାସିକ ପତ୍ରିକା ମୋ ଦୃଷ୍ଟିରେ ପଡ଼ିଲା । ତହିଁରେ ପ୍ରକାଶିତ 'ମହିଳା ସମ୍ବାଦ'ରେ ଦେଖିଲି, ସେହିବର୍ଷ ପାଟଣା ପାଟଣା ବିଶ୍ୱବିଦ୍ୟାଳୟର ଆଇ.ଏ. ପରୀକ୍ଷାରେ ଦୁଇଜଣ ଓ ପ୍ରବେଶିକା ପରୀକ୍ଷାରେ ଚାରିଜଣ ଓଡ଼ିଆ ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିଲେ । ଇତି ପୂର୍ବେ ଲେଖାଅଛି ଯେ ସୁଷମା ୧୯୩୭ ମସିହାର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲା । ଏହି ସମ୍ବାଦ 'ଉତ୍କଳ ସାହିତ୍ୟ'ରେ ପ୍ରକାଶିତ ହୋଇ ଲେଖାଥିଲା ଯେ ସମଗ୍ର ଓଡ଼ିଶାରେ ସେ ତାବତ୍ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ ବ୍ରାହ୍ମଣ କନ୍ୟା ସୁଷମା । ଏ ପ୍ରସଙ୍ଗରେ ମୋ ଉପରେ ଝିଅମାନଙ୍କ ଉଚ୍ଚଶିକ୍ଷା ଯୋଗୁଁ ପ୍ରଶଂସା ବର୍ଷଣ । ତହିଁରେ ମୋର ଉତ୍ସାହ ଆହୁରି ବୃଦ୍ଧି ହେଉଥାଏ । ପାଠ ପଢ଼ାଇବା ସଙ୍ଗେ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନରେ ଯୋଗ ଦେଉଥାଏ । ପ୍ରତିବର୍ଷ ରାମଚନ୍ଦ୍ର ଭବନରେ ସଙ୍ଗୀତ ସମ୍ମେଳନ ଓ ସଙ୍ଗୀତ ପ୍ରତଯୋଗିତାରେ ସୁଷମା ଓ ଅନ୍ୟ ଝିଅମାନେ ଯୋଗ ଦିଅନ୍ତି । (କ୍ରମଶଃ)

## ପର୍ଦ୍ଦାପଛର କଥା



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ । ପ୍ରାୟ ୯୦ଟିରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି । ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ । ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ ।

ଭାଗ- ୬୪

### ॥ ୨୦୧୬ର ଯାତ୍ରା (୨) ॥

(ଟାଇଗର ଓ ଝିଅଟା ବିଗିଡ଼ିଗଲା)

ଆର୍.ଆର୍. ଇଭେଣ୍ଟର ସତ୍ତ୍ୱାଧିକାରୀ ଥିଲେ ରମେଶ ବାରିକ, ଜଣେ ଉତ୍ସାହୀ ଯୁବକ । ଜୀବନରେ ବହୁ ସଂଘର୍ଷ ପରେ ଶୀର୍ଷକୁ ଉଠିଛନ୍ତି । ଖିଆଲି ଓ ସ୍ୱପ୍ନ ପ୍ରବଣ, କିନ୍ତୁ କଠୋର ପରିଶ୍ରମ କରି ସଫଳତା ହାସଲ କରିବାରେ ବିଶ୍ୱାସୀ ।

କଳିଙ୍ଗ ହସ୍ପିଟାଲ ନିକଟସ୍ଥ ରମେଶ ବାବୁଙ୍କ ଅଫିସ୍ ଓ ଚଳଚ୍ଚିତ୍ରର ବୈଠକ ଚାଲିଲା । କାହାଣୀ ନିର୍ବାଚନ କରିବାରେ ଦୀଲ୍ଲିପ ବାବୁ ଧୂରନ୍ଧର । ତିନି ତିନୋଟି ଅନ୍ୟଭାଷାର ଚଳଚ୍ଚିତ୍ରର କାହାଣୀକୁ ନେଇ କାହାଣୀ ପରିକଳ୍ପନା କରାଗଲା । ଶୀର୍ଷକ ରହିଲା 'ଟାଇଗର' । ନାୟକର ପ୍ରେମ, ସଂଘର୍ଷର କାହାଣୀ 'ଟାଇଗର' । କାହାଣୀରେ ଦୁଇ ଦୁଇଜଣ ନାୟିକା । ଅନେକ ଗଳ୍ପ ନାୟକ । କାହାଣୀର କାନ୍‌ଭାସ୍ ବିରାଟ । ଅନେକ ଫାଇଟ୍ । ରୋମାନ୍ସ ଅପେକ୍ଷା ଆକ୍‌ସନ୍‌ରେ ଭରପୁର । ବିଗ୍ ବଜେଟ୍‌ର ଚଳଚ୍ଚିତ୍ର । ପ୍ରଯୋଜକ ରମେଶ ବାବୁଙ୍କ ଜିଦ୍ କୌଣସି ପରିସ୍ଥିତିରେ ଚଳଚ୍ଚିତ୍ରରେ କମ୍ପ୍ରୋମାଇଜ କରାଯିବ ନାହିଁ ।

ତେବେ ପ୍ରସ୍ତାବ ହେଲା ଚଳଚ୍ଚିତ୍ରଟିକୁ ଦ୍ୱିଭାଷୀ କରାଯିବ । ଭୋଜପୁରୀ ଓ ଓଡ଼ିଆ । ନାୟକ ଅମ୍ଳାନଙ୍କ ବିପକ୍ଷରେ ଦୁଇଜଣ ନାୟିକା, ଦୀପିକା ତ୍ରିପାଠୀ । ଦୀପିକା ଗାୟିକାରୁ ନାୟିକା । ଅନ୍ୟଜଣେ ଭୋଜପୁରୀର ଜଣାଶୁଣା ନାୟିକା ସ୍ମିତିସିହ୍ନା । ଏମାନଙ୍କ ବ୍ୟତୀତ ମିହିର ଦାସ, ମୀନକେତନ ଆଦି ବହୁ ଓଡ଼ିଆ ଅଭିନେତା ଅଭିନେତ୍ରୀଙ୍କ ସହ ଭୋଜପୁରୀ ଚଳଚ୍ଚିତ୍ର ଦୁନିଆର ବହୁ ଚର୍ଚ୍ଚିତ ଅଭିନେତା ଆୟାଜ୍ ଖାନ ଓ ଅବଧେଶ ମିଶ୍ରଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ଚୁକ୍ତିବଦ୍ଧ କରାଗଲା । ଏମାନଙ୍କ ବ୍ୟତୀତ ଭୋଜପୁରୀ ସିନେମାର ସ୍କିଟିଂ ଛାବଡ଼ା ମଧ ଦମ୍‌ଦାର ନୃତ୍ୟ ପ୍ରଦର୍ଶନ କରିଥିଲେ ।

ଏ ଚଳଚ୍ଚିତ୍ରର ପ୍ଲସ୍ ପଏଣ୍ଟ ଥିଲା ଏହାର ସଂଗୀତ । ଗୁଡଲି ରଥ ଜଣେ ଟ୍ରେଣ୍ଡି ମ୍ୟୁଜିକ୍ କମ୍ପୋଜର । ତାଙ୍କର ଟ୍ୟୁନ୍ ଓ ଆରେଞ୍ଜମେଣ୍ଟ ନିଆରା । ଗୁଡ୍‌ଲିଙ୍କ ସହ ମୋର ସଂପର୍କ 'ବୋଉ' ଫିଲ୍ମରୁ । 'ବୋଉ' ଫିଲ୍ମର ଆରେଞ୍ଜର ଥିଲେ ମ୍ୟୁଜିକର୍ । ବ୍ୟକ୍ତିଗତ ବନ୍ଧୁତା ଥାଏ । 'ଆରେ ସାଥୀ ଆ'ରେ' ପ୍ରେମ ଉପରେ ଥୀମ୍ ସଙ୍ଗ ଲେଖିଥିଲି ଗୁଡ୍‌ଲିଙ୍କ ସଂଗୀତରେ । ଏ ଚଳଚ୍ଚିତ୍ରର ୬ଟି ଯାକ ଗୀତ ସବୁ ନିଆରା ନିଆରା । ଗୋଟିଏ ରୋମାଣ୍ଟିକ ଡୁଏଟ୍ ନାୟକ ନାୟିକାଙ୍କ ପାଇଁ ମୁଁ ଲେଖିଥିଲି, ଗୁଡ୍‌ଲିଙ୍କ ଅନୁରୋଧରେ । ଗୀତ ଗୁଡ଼ିକର ମଧ ଚମତ୍କାର ଚିତ୍ରାୟନ ହୋଇଥିଲା । ଦିଲ୍ଲୀପ ବାବୁଙ୍କର ଅଲଟାଇମ୍ ଫେବରାଇଟ୍ ସାଉଥ୍ ଚଳଚ୍ଚିତ୍ର 'ଜୁନିଅର ଦୁଇ ଓଡ଼ିଆ ନୃତ୍ୟ ନିର୍ଦ୍ଦେଶକପ୍ରେମ୍ ଗୋପୀ ବହୁତ ଭଲ କୋରିଓଗ୍ରାଫ୍ କରିଥିଲେ । ଫାଇଟ୍ ମଧ ବେଶ୍ ପ୍ରଭାବଶାଳୀ ଥିଲା ।

ମୋଟାମୋଟି ଭାବରେ ଚଳଚ୍ଚିତ୍ରଟି ସବୁ ଦୃଷ୍ଟିରୁ ଉଚ୍ଚଦରର ଥିଲା । ପ୍ରାୟ ଦେଢ଼କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିଲା । ମ୍ୟୁଜିକ୍ ଅଡିଓ ରିଲିଜ ଦିନ ହୋଟେଲ୍ ସ୍ୱସ୍ତିପ୍ଲାଜାରେ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ଊର୍ମିଳା ଆସିଥିଲେ । ବ୍ୟବସାୟିକ ଦୃଷ୍ଟିରୁ ଲାଭକ୍ଷତିର ହିସାବ ମୋ ପାଖରେ ନାହିଁ । ତେବେ ଗୋଟିଏ ସଫଳ ଚଳଚ୍ଚିତ୍ର ଭାବରେ 'ଟାଇଗର' ପରିଗଣିତ ହୁଏ ।

'ଟାଇଗର'ର ରିଲିଜ୍ ତାରିଖ ଥିଲା ୨୦୧୫ ମେ' ମାସ ଷୋହଳ ତାରିଖ । ତେବେ 'ଟାଇଗର'ର ସ୍କ୍ରିପ୍ଟିଂ ସମୟରେ ବ୍ରଜରାଜ ମୁଭିଜ୍‌ର ବଂଧୁ ସଞ୍ଜୟ ନାୟକ (ଟୁଟୁ)ଙ୍କ ଟେଲିଫୋନ୍ ପାଇଲି ଅରଜେଣ୍ଟ ମୁନ୍ ଟିଭି ଅଫିସ୍‌କୁ ଆସିବା ପାଇଁ । ମୁନ୍ ଟିଭିର ସଚ୍ଚିକାନ୍ତ ଜେନା ଓ ବିନି ପଟ୍ଟନାୟକ ସହ ସେତେଟା ଅନ୍ତରଙ୍ଗତା ନଥାଏ ମୋର । ମୁନ୍‌ଟିଭି 'ମାଇଁ ଡାର୍ଲିଂ' ଶୀର୍ଷକରେ ଏକ ଚଳଚ୍ଚିତ୍ର ତଥା ଅନେକ ଗୁଡ଼ିଏ ଆଲବମ୍‌ର ପ୍ରଯୋଜନା କରି ସାରିଥାନ୍ତି । ସେମାନେ ଚିନ୍ତା କଲେ ଆଉ ଗୋଟିଏ ଚଳଚ୍ଚିତ୍ର କରିବା ପାଇଁ । ସଂଜୟ ନାୟକ (ଟୁଟୁ) ପ୍ରସ୍ତାବ ଦେଲେ ମତେ ଲେଖକ ଭାବରେ ନେବାପାଇଁ । ଯଦିଓ ବ୍ରଜରାଜ ମୁଭିଜ୍ ବ୍ୟାନରରେ ମୁଁ କାମ କରିନଥାଏ । ଟୁଟୁ ବାବୁ ମୋର ଜଣେ ଭଲ ଶୁଭେଚ୍ଛୁ ଓ ବଂଧୁ । ସେହି ହିସାବରେ ମୁଁ ମୁନ୍‌ଟିଭି ପ୍ରୋଜେକ୍ଟରେ ରାଜି ହୋଇଗଲି । ଶୀର୍ଷକ ପ୍ରଥମରୁ ଫାଇନାଲ, 'ଝିଅଟା ବିଗିଡ଼ିଗଲା', ମତେ ଏଇ ଶୀର୍ଷକରେ କାହାଣୀ ପ୍ରସ୍ତୁତ କରିବାକୁ ପଡ଼ିବ । ଇଏ ଏକ ଚ୍ୟାଲେଞ୍ଜ ମୋ ପାଇଁ । କାରଣ ନିକଟ ଅତୀତରେ ମୋ ଲିଖିତ 'ପିଲାଟା ବିଗିଡ଼ିଗଲା ବେଶ୍ ସଫଳ ହୋଇଥିଲା । ପାଖାପାଖି ସେଇ ଟାଇଟିଲ୍‌କୁ ନେଇ କେଉଁଭଳି କାହାଣୀ ପ୍ରସ୍ତୁତ ହେବ ମୁଁ ବଡ଼ ଚିନ୍ତାରେ ପଡ଼ିଗଲି । ନାୟିକା ଭାବରେ ଏଲିନା ସାମନ୍ତରାୟଙ୍କ ସାଥିରେ କଥାବାର୍ତ୍ତା ହେଲା । ଅନ୍ୟ ଯୋଡିରେ ଜିନା ସାମଲ ଓ ରୁଦ୍ର । ଏଲିନାଙ୍କ ବିପକ୍ଷରେ ବାବୁସାନ୍ କରିବା ପାଇଁ ସ୍ଥିର କରାଗଲା । ବାବୁସାନ୍ ମୁଡି ପିଲା । ତାକୁ କନ୍‌ଭିନ୍ସ କରିବା ମୁସ୍କିଲ । ମୁଁ ବାବୁଙ୍କୁ ବୁଝାଇଲି । ୬ଟି ଦୃଶ୍ୟ ଓ ଦୁଇଟି ଗୀତରେ ମୋଟାଅଙ୍କର ପାରିଶ୍ରମିକ ନେଇ ରାଜି ହେଲା । ମତେ କିନ୍ତୁ ଚିତ୍ରନାଟ୍ୟ ପ୍ରସ୍ତୁତିରେ ବେଶ୍ କସରତ କରିବାକୁ ପଡ଼ିଲା । ବାବୁସାନର ଛଅଟି ଦୃଶ୍ୟ ଶେଷରେ ଚାରିଟିରେ ସୀମିତ ହେଲା । ମାତ୍ର ଚଳଚ୍ଚିତ୍ରଟି ଦେଖିବା ପରେ ସମସ୍ତେ ଅନୁଭବ କରେ ବାବୁସାନ୍ ହିଁ ରିୟଲ୍ ହିରୋ କାହାଣୀ ଉପରେ । ଚଳଚ୍ଚିତ୍ରଟିର ପ୍ଲସ୍ ପଏଣ୍ଟ ଥିଲା ପ୍ରେମାନନ୍ଦଙ୍କ ସଂଗୀତ । ସବୁତକ ଗୀତ ସୁପରହିଟ ଥିଲା । ମାତ୍ର ଟାଇଟିଲ୍ ଗୀତ ରଚନାକୁ ନେଇ ମୁଁ ଆଦୌ ଖୁସି ନଥିଲି । କାହିଁକିନା କାହାଣୀର ବିପରୀତ ଥିଲା । ପରିସ୍ଥିତି ଚାପରେ ସରଳ ନାୟିକାଟି ପରିବର୍ତ୍ତନ ହେଉଛି, ସମାଜ ଉପରେ ପ୍ରତିଶୋଧ ନେବାପାଇଁ ନିଜକୁ ପ୍ରସ୍ତୁତ ହେଉଛି । ମିଥ୍ୟା କେଶ୍‌ରେ ଫସିଥିବା ନିଜ ପ୍ରେମିକ (ରୁଦ୍ର)କୁ ଜେଲ୍‌ରୁ ମୁକ୍ତ କରିବା ପାଇଁ ଉଦ୍ୟମ କରୁଛି । ଏହି ପ୍ରକୃତି ପରିବର୍ତ୍ତନ ବେଳରେ ହିଁ ଟାଇଟିଲ୍ ଗୀତର ସଂଯୋଜନା । ମାତ୍ର ସିକ୍ୟୁଏନ୍ସକୁ ନବୁଝି ଗୀତିକାର ମନକୁ ମନ ଗୀତ ଲେଖିଦେଲେ ଆଲ୍‌ବମ୍ ଢାଞ୍ଚାରେ । ମୁଁ ଭୀଷଣ ବିରକ୍ତ ହୋଇଥିଲି । ନିର୍ଦ୍ଦେଶନା ଦେଉଥିଲେ ବିନି ପଟ୍ଟନାୟକ । କାର୍ଯ୍ୟକାରୀ ନିର୍ଦ୍ଦେଶକ ଅଶ୍ୱିନୀ ଗଡ଼ନାୟକ । ଚଳଚ୍ଚିତ୍ରରେ ଗୀତଟିକୁ ବାଧ ହୋଇ ଅଧାରୁ କାଟି ଦିଆଯାଇଥିଲା । (କ୍ରମଶଃ)

## କବିତା.....

### ॥ ଖରାରେ ବର୍ଷାରେ ଅହଲ୍ୟା ॥

ଯଶୋଧରା ଦାସ



ମୁଁ ତ ମୋର ବେଶ୍ ଭଲ ଥିଲି
ଗହନ ଅରଣ୍ୟର ଶିଳାଖଣ୍ଡ ପରି
କେତେବେଳେ ସରୀସୃପ, କେତେବେଳେ
ବେଙ୍ଗ ଓ ବେଙ୍ଗୁଲୀ ଡେଇଁ ପଡୁଥିଲେ
କେତେବେଳେ ହାତୀପଲ
ଶୁଣ୍ଢ ଘଷୁଥିଲେ ମୋ ଦେହରେ
କେବେ ଅବା ମିରିଗ ଛୁଆଟା
ଦୁବଘାସ ଖୁଣ୍ଟି, ଖୁଣ୍ଟି ଡେଇଁ ପଡୁଥିଲା
ଅବା କେବେ ଦଳଦଳ ନେଉଳ
ଧଇଁସଇଁ ହୋଇ ଧାଉଁଥିଲେ
କୁଦାକୁଦି ହୋଇ ।

ମୁଁ ତ ବେଶ୍ ଭଲ ଥିଲି
ନିରୋଳା ଆକାଶରେ
ପୂର୍ଣ୍ଣମୀର ଜହ୍ନ ଅବା ବିଜୁଳି ଚମକ ଦେଖି
ବରଷାରେ ଗାଧୋଇ ଗାଧୋଇ

ମୁଁ ତ ବେଶ୍ ଭଲ ଥିଲି,
କେବେ କେବେ ଉଦୁଉଦିଆ ଦିପହରେ
ବାଟୋଇଟି କ୍ଳାନ୍ତ ହୋଇ
ମଇଳା ଗାମୁଛାରେ ପୋଛୁଥିଲା ଝାଳନାଳ
ଚୁପ୍‌ଚାପ୍ ଫଟେଇ ଭିତରୁ
ବାରମ୍ବାର ଦେଖୁଥିଲା କାଇଁଚର ମାଳ
ନାଲି, ନାଲି ଶଙ୍ଖା ଓ ସିନ୍ଦୂର ।

ତୁମକୁ କିଏ କହିଲା
ପାଦସ୍ପର୍ଶ କରି ମତେ
ପଥରରୁ ମାନବୀ କରିବା ପାଇଁ?
ରକ୍ତମାଂସର ପିତୁଳାଟେ ହୋଇ
ପ୍ରତି ମୁହୂର୍ତ୍ତରେ
ଅଜଣା ଭୟରେ
ଦୁଲୁକୁ ଉଠୁଛି ଛାତି ମୋର
ମୋ ତେଲ, ଲୁଣର ସଂସାର

ରଜଦୋଳି, କୁଆଁରପୂନେଇଁ ପୁଚି
ଆଉ କିଛି ମିଠାମିଠା ସ୍ମୃତି ଆଉ ସ୍ୱପ୍ନ ।
ମୋର କି ଉପାୟ ଅଛି ଭାବଗ୍ରାହୀ?

ମୁଁ ତ ବେଶ୍ ଭଲ ଥିଲି
ଜଙ୍ଗଲର ଶିଳାଖଣ୍ଡ ହୋଇ
ବାରବାର ବରଷାରେ ଭିଜିଭିଜି
ନିଜ ଭିତରେ ନିଜେ ମରିହଜି ଯାଇ ।

♥ ଗୋପାଳଗାଁ, ବାଲେଶ୍ୱର-୦୧

### ॥ ଜୀବନକୁ ଜୀଇଁଯିବା ॥

ପ୍ରୀତିଲେଖା ଦାସ



ଚଞ୍ଚୁରେ ଜାଲକୁ ଧରି
ସାରା ଆକାଶକୁ
ପରିକ୍ରମା କରିବାର କ୍ଷମତା
ଅଛି ବୋଲି ତ ମୋ' ଠାରେ,
ଏତେ ବେଶି ଲୋଭ ମୋର
ବୁଣା ଯାଇଥିବା ଖୁଦ କଣିକାରେ ।

ଆପଣେଇ ଶିଖିଛି ବୋଲି ତ
ଛାଇକୁ ଆଉଜି
ଠିଆ ହେବାର କଳା,
ଡୋଳାରେ ସାଇତି ପାରିଛି
ବଢ଼ିଲା ନଈର ସୁଅରେ
ଭାସି ଯାଉଥିବା-
ଲକ୍ଷେ ମୋହଭଙ୍ଗର ଚିତ୍ର ।

ଥରକୁ ଥର
ବଦଳି ଚାଲିଥିବା ବେଳେ ଆକାଶର ରଙ୍ଗ
ସୁଅ ମୁହଁରେ ପୋତିପାରେ ମୁଁ

ମୋ' ଦଦରା ନାଆର କାତ,
ନିଶବ୍ଦରୁ ସାଉଁଟି ଶବ୍ଦ
ଶୁଣାଇପାରେ ରାତିକୁ
ଭୋର ପକ୍ଷୀର ଗୀତ ।

ମୁଁ ଜଳିପାରେ, ଜାଳିପାରେ ।
କରିପାରେ ବି ସର୍ଜନା
ମୁଠାଏ ପାଉଁଶ ଭିତରୁ ନୂଆ କିଛି,
ପାଲଟିଲା ପରେ ବି ଅଙ୍ଗାର
ଧରି ରଖିପାରେ
ନିଜ ଭିତରେ ଦାହକର ଶକ୍ତି ।

ହରାଇ ପାରିନି ମୋତେ
ସମୟର କେଉଁ ଉତ୍ତୀର୍ଣ୍ଣ ବୟସ,
ଶିଖିଛି ଜୀଇଁବା ମୁଁ
ଜୀବନକୁ, ପ୍ରତ୍ୟେକ ମୁହୂର୍ତ୍ତକୁ ।

ଶିଖିଛି ବି
ତିଆରି କରିବାର ରାସ୍ତା,
ଯେଉଁଠି ବି ପଡ଼ିଗଲେ ପାଦ ।

ସମ୍ଭାବନାରେ ଭରିପାରେ ମୁଁ
ପୋଡ଼ାମାଟିର ଜରାୟୁ ।

♥ ଇନ୍ଦିରାଗାନ୍ଧୀ ମାର୍ଗ, ଭୋଇସାହି,
ବାଲେଶ୍ୱର-୦୧
ମୋ: ୯୮୫୩୩୪୪୬୮୮

ସୁରଞ୍ଜନ ପାତ୍ର

### ॥ ଜହ୍ନରାତି ॥



ଏଇ ଜହ୍ନ ରାତି ସ୍ମୃତିର ତଟରେ ହଳଦୀ ପଖଳା ତୁଠ
ଅନେକ ପ୍ରୀତିର ବିମୁଗ୍ଧ ନର୍କେ ପୁଣ୍ୟର ଦେବୀ ପୀଠ ।
କେତେ ଯେ କାହାଣୀ ଛନ୍ଦାୟିତ ପୁଣି ଏଇ ଜହ୍ନରାତି ଦେହେ
ଲକ୍ଷେ ପାରିଜାତ ଐଶ୍ୱର୍ଯ୍ୟ ସୁଷମା ଜହ୍ନ ପାଶେ କିଛି ନୁହେଁ ।

ନିଦ୍ରିତ ପୃଥିବୀ ସ୍ୱପ୍ନେ ବିଭୋର ଏଇ ଜହ୍ନ ପାଇଁ ହୁଏ
ମୋ ବୋଉ ଆଖିରେ ଏଇ ଜହ୍ନରାତି ନାନବାୟା ଗୀତ ଟିଏ ।
ପ୍ରୀତି ପର୍ଣ୍ଣା ମାଟି ଅର୍ଘ୍ୟ ଅର୍ପଣ କରେ ଯହିଁ ବାରବାର
ସେଇ ଏଇ ଜହ୍ନ ଦେଉଳର ବେଢ଼ା ଜୋଛନାର ପାରାବାର।।

ମନ୍ତ୍ରମୟ ଲାଗେ ଏଇ ଜହ୍ନରାତି ସମ୍ବୋଧନର ପୃଷ୍ଠା
ଧନ୍ୟ ସେ ବିନ୍ଧାଣି ଗଢିଛି ଏ ରାତି କେତେ ଯେ ହୋଇ ନିଷ୍ଠା ।

ରୂପ ଲାବଣ୍ୟର ଏ ଜହ୍ନରାତିରେ କଇଁ ସାଜେ ଇଛାମତୀ
ମନର ସପ୍ତଶଯ୍ୟା କୂଳରେ ଶୁଣାଯାଏ ପ୍ରୀତି ଗୀତି ।

ଶତାବ୍ଦୀ ଶତାବ୍ଦୀ ଜିଇଁବାକୁ ଇଛା ହୁଏ ମୋତେ ଜହ୍ନପାଇଁ
ସାରା ଜଗତରେ ଜହ୍ନରାତି ଠାରୁ ଅଧିକା କି ଅଛି ସହୀ ।

♥ସଂପାଦକ- ନୀହାରକନ୍ୟା ସାହିତ୍ୟ ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର, ବାଲେଶ୍ୱର-୪୫
ମୋ -୮୧୧୭୮୦୫୯୫୯

### ॥ ଭଲ ପାଇବ ତ ପାଅ ॥

ଜୟନ୍ତୀ ବିଶ୍ୱାଳ ବେହୁରିଆ



ଭଲ ପାଇବ ତ ସମ୍ଭାଳ
ଛାତିରେ !
ଶେଷ ଗୁଳି ବାଜିବା ପର୍ଯ୍ୟନ୍ତ
ସେମିତି ରୁହ
ଦମ୍ଭ ଧରି,
ଆଖିରୁ ନଗଡେ ଯେମିତି
ଗୋଟେ ଠୋପା ଲୁହ ।

କେହି ଯଦି ତୁମକୁ
ଦୀର୍ଘ ବର୍ଷ କାଳ
ପଣବନ୍ଦୀ କରି ରଖେ
ତଥାପି ଭଲପାଅ

ଚାଲୁଥିବା ଆଙ୍ଗୁଳିକୁ
କହି ଯଦି କାଟିନିଏ
ତଥାପି ଭଲ ପାଅ ।

ତୁମ ଦୃଷ୍ଟିରେ ଶେଷତମ
ଉଜ୍ଜ୍ୱଳତା ଟିକକ
କାଢ଼ିନିଏ କେହି ଯଦି
ତଥାପି ଭଲପାଅ ।

ଭଲ ପାଇବାର ପ୍ରଶ୍ନ
ତୁମର, ଉତ୍ତର ବି
ତୁମର ରହୁ
ଅପେକ୍ଷା ରଖନି ।
ଭଲ ପାଇବା କୈଫିୟତ୍
ମାଗେନି କି ଦିଏନି କାହାକୁ
ଫୈସଲା, ଯାହାବି ହେଉ
ଏହାକୁ କହନ୍ତି ଭଲ ପାଇବା ।

ଗୋଟିଏ ପତ୍ରରୁ ଅନ୍ୟପତ୍ରର
ସନ୍ଧାନରେ
ନଥାଏ ଭଲପାଇବା...
ଭଲ ପାଇବାର ଗୁଡ଼ି
ସବୁବେଳେ ଉଡୁଥାଏ
ଆକାଶର ଊର୍ଦ୍ଧ୍ୱତମ ଛାତିରେ
ଓହ୍ଲେଇ ଆଣିଲେ
ଯାଏ ଛିଡ଼ି !

ତୁମେ କଣ ବୁଝ
କଫି ହାଉସ୍‌ର
ଦୁଇକପ୍ କଫି ଓ
ଛୁଇଁବାର ତୀବ୍ର ଆକାଂକ୍ଷାରେ
ଭଲ ପାଇବା ବସିଥାଏ
ନା ସମୁଦ୍ର କୂଳର
ଓଦା ହାୱାରେ ଭଲପାଇବା
ଝୁଲୁଥାଏ?

ଭଲପାଇବା କି ଜୀବନ ନିଏ
ନା ପ୍ରତିଶୋଧ?
ଏସବୁ କୋଉଥିରେ ବି
ନଥାଏ ଭଲପାଇବା ।

ଭଲ ପାଇବା
କେହି କ'ଣ ମାଗେ
ନା' ନମିଳିଲେ
ଟିକେ ଟିକେ କରି
ନଷ୍ଟ କରେ ନିଜକୁ
ଏହାକୁ କହନ୍ତିକି ଭଲପାଇବା?

ଭଲପାଇବା
ମୁକ୍ତ ମଞ୍ଚର
ସ୍ଲୋଗାନ ପରି
ଯାହା ଗୋଟେ ହୃଦୟରୁ
ଅନ୍ୟ ଏକ ହୃଦୟକୁ ପ୍ରସରିଯାଏ ।

ଭଲ ପାଇବା ତୁମକୁ ଯଦି
ଅନ୍ଧକାର ପଥେ ଟାଣିନିଏ
ନିର୍ଭୟରେ ଯାଅ
ଭଲପାଇବାର ପଥ
ସଦା ଆଲୋକିତ
ସମୟକୁ ଅଟକେଇବାର
କ୍ଷମତା ଯଦି ଥାଏ ତେବେ
ଭଲ ପାଇବ ତ ପାଅ ।

♥ ମାର୍ଫତ୍- ଯୁଗଜ୍ୟୋତି ବେହୁରିଆ
କୃଷ୍ଣନଗର, ବାଲିଆ, ବାଲେଶ୍ୱର

# ଧ୍ୱନି ପ୍ରତିଧ୍ୱନି



## ପ୍ରେମରେ ପ୍ରେମରେ ଗୀତି ....(୭୧)



### ॥ ତୁମେ ପାଷାଣ ପ୍ରେମିକାଟିଏ ॥

ସଖୀରେ...
ତୁମେ ପାଷାଣ ପ୍ରେମିକାଟିଏ,
ମନଟାକୁ ତୁମ ଶିଳାଠାରୁ ଟାଣ
କୁହ ବନାଇଲା କିଏ ?

ଛାତି ତଳେ ତୁମ ସ୍ପନ୍ଦନ ଅଛି,
ମନ ତଳେ ତୁମ ପ୍ରେମ ବି ଭରିଛି,
ଆଖି ତଳୁ ତୁମ ଅନେକ ରାତିର,
ସ୍ୱପ୍ନ ଚୋରାଇଲା କିଏ ?

ଦେହରେ ତୁମର ଫଗୁଣ ନାଚୁଛି,
ରୂପଟା ତୁମର ରଙ୍ଗରେ ଭିଜୁଛି,
ହୃଦୟକୁ ତୁମ ଟୁକୁଡ଼ାଟୁକୁଡ଼ା
ଏତେ ଖଣ୍ଡ କଲା କିଏ ?

ବୁଝନାହିଁ ତୁମେ ଭାଷା ପ୍ରେମିକର,
ଲୁହରେ ଦିଅ ଯେ ପ୍ରେମର ଉତ୍ତର,
ତୁମ ଆଖି ତଳେ ଫଗୁଣ ବଦଳେ
ଶ୍ରାବଣ ରଚିଲା କିଏ ?


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧





## ମୋ ଦୃଷ୍ଟିରେ ମୋ ସୃଷ୍ଟି...(୧୮)



'ମୋ ଦୃଷ୍ଟିରେ ମୋ ସୃଷ୍ଟି' ନାମକ ଏକ ବିଶେଷ ଆଲୋଚନା ନିୟମିତ ପ୍ରକାଶ କରିବାକୁ ଯାଉଛୁ, ଯାହାକି ଆମ ମାଟିର ଜଣେ ପ୍ରଥିତଯଶା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ସାମଗ୍ରିକ ନାଟ୍ୟକୃତି ଉପରେ ଆଧାରିତ। ସେ ନିଜ ଭାଷା ଓ ଭାବନାରେ ନିଜ ନାଟକର ସମୀକ୍ଷାମୂଳକ ଆଲୋଚନା ଏହି ସ୍ତମ୍ଭରେ ଲେଖିବେ, ଯେଉଁଥିରେ କେଉଁ ପରିପ୍ରେକ୍ଷୀରେ ତଥା କେଉଁ ସମସ୍ୟାର ଉତ୍ପୀଡ଼ନରେ ସେ ଏଭଳି ଏକ ନାଟକ ସୃଷ୍ଟିକଲେ ଏବଂ ତାହା ଦର୍ଶକ ମହଲରେ କି ପ୍ରଭାବ ପକାଇଲା ତାର ଏକ ସଂକ୍ଷିପ୍ତ ବିବରଣୀ ଧ୍ୱନି ପ୍ରତିଧ୍ୱନିର ରବିବାର ସୁଚୟନ ପୃଷ୍ଠାରେ, ଜିଜ୍ଞାସୁ ପାଠକମାନଙ୍କ ପାଇଁ...


■ ହେମେନ୍ଦ୍ର ମହାପାତ୍ର | ସଂପାଦକ : ରଂଗମଞ୍ଚ, ସୁନହଟ, ବାଲେଶ୍ୱର-୨
(ମୋ) ୯୮୬୧୩୫୦୯୫୧


(ପୂର୍ବ ପ୍ରକାଶିତ ଉତ୍ତାରୁ)

### ॥ ଅଥଚ ଅଥର୍ବର 'ମଂଚନ' ॥

ପ୍ରାୟ ଗୋଟିଏ ବର୍ଷର ପରିଶ୍ରମ ପରେ 'ଅଥଚ ଅଥର୍ବ' ଲେଖା ଶେଷ ହୋଇଥିଲା । ଲେଖା ସରିବା ପରେ ମଂଚସ୍ଥ ନହେଲେ ନାଟକ ସଂପୂର୍ଣ୍ଣ ହୁଏନି, ମୁଁ ଅବଶ୍ୟ ସେତେବେଳକୁ 'ସ୍ରଷ୍ଟା'ରେ ଯୋଗ ଦେଇସାରିଥାଏ, କିନ୍ତୁ ନିଜ ଲେଖା ନାଟକଟିକୁ ନମାଗିଲେ ଯାଚି କରିଦେବାର ମନୋବୃତ୍ତି ମୋର ନଥାଏ, କିଛିଦି ଏମିତି ପଡ଼ି ରହିଲା ପରେ 'ବର୍ଣ୍ଣାଳୀ' ନାଟ୍ୟ ସମବାୟ ସମିତିର ତତ୍କାଳୀ ସଂପାଦକ ବିଶିଷ୍ଟ ଅଭିନେତା ନିର୍ଦ୍ଦେଶକ ତଥା ନାଟ୍ୟ ସଂଗଠକ ଶ୍ରୀଯୁକ୍ତ ସୁକାନ୍ତ କୁମାର ନାୟକ ଅଥଚ ଅଥର୍ବକୁ ପ୍ରଯୋଜନା କରିବାକୁ ଇଚ୍ଛା ପ୍ରକାଶ କଲେ । ଜୀବନ ଯାକ ପାରମ୍ପରିକ ଗତାନୁଗତିକ ନାଟକ କରିଥିବା କଳାକାରମାନେ ଅଥଚ ଅଥର୍ବକୁ ଦେଖି ସେତେଟା ପସନ୍ଦ କଲେନି । ତଥାପି ସୁକାନ୍ତ ଭାଇଙ୍କ ଜିଦ୍ ଆଗରେ ସମସ୍ତେ ମୁଣ୍ଡ ନୋଇଁଲେ । ସେତେବେଳର ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତ୍ରୀ 'ମାମିନା' ଏଥିରେ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ବହୁଝଡ଼ ଝଂଜା ଅତିକ୍ରମ କରି ନାଟକ ମଂଚସ୍ଥ ହେଲା ୧୯୮୩ ମସିହାର ଆଦ୍ୟ ଭାଗରେ । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହିକି କଳାକାରମାନଙ୍କ ଅସହଯୋଗ ଆଲୋକ ଶବ୍ଦର ବିଫଳତା ନାଟକକୁ ଦର୍ଶକଙ୍କ ନିକଟରେ ପହଞ୍ଚାଇ ପାରିଲାନି । ଫଳରେ ଦର୍ଶକମାନେ ନିରାଶ ହେଲେ । ମୋର ଅସଫଳତାକୁ ସମସ୍ତେ ଧିକ୍କାର କଲେ । ମୁଁ ଏକପ୍ରକାର ଦର୍ଶକଙ୍କୁ କଟୁ ମନ୍ତବ୍ୟରେ କାନ୍ଦିପକେଇଲି । କିନ୍ତୁ ଦୁଇଜଣ ବର୍ଷିୟାନ ଅଭିନେତା ନିର୍ଦ୍ଦେଶକ ସ୍ୱର୍ଗତ ହରେକୃଷ୍ଣ ବାରିକ ମୋତେ ପ୍ରବୋଧନା ଦେଇ କହିଲେ, ହେମେନ୍ଦ୍ର ଏ ନାଟକ ଅତି ସୁନ୍ଦର ହୋଇଛି। ଶବ୍ଦ ପ୍ରଧାନ ନାଟକ ଶୁଣି ପାରିଲେନି ବୋଲି ଦର୍ଶକ ନିରାଶରେ ବିରକ୍ତି ପ୍ରକାଶ କରିଛନ୍ତି ଆଉ ଥରେ ଚେଷ୍ଟାକର । ସ୍ଥିର ମନରେ ଦୁଇଦିନ ଧରି ନାଟକଟିକୁ ଆମୂଳଚୂଳ ପଢ଼ିଲି ଆବଶ୍ୟକୀୟ ସ୍ଥାନରେ ପୁନର୍ଲିଖନ ବି କଲି । ତା' ପରେ କାହାକୁ କିଛି ନକହି ସଂଗୀତ ନାଟକ ଏକାଡେମୀ ଆୟୋଜିତ ଚତୁର୍ଦ୍ଦଶ ନାଟକ ପ୍ରତିଯୋଗିତା ନିମନ୍ତେ ପାଣ୍ଡୁଲିପି ପଠାଇ ଦେଲି । ଅନ୍ୟ ଏକ କପି କଟକ ଆକାଶବାଣୀକୁ ପଠେଇ ଦେଲି । ଏମିତି ବିତିଗଲା କିଛିଦିନ । ୧୯୮୩ ମସିହା ଅପ୍ରେଲ ୧୭ ତାରିଖ ମୋ ଜୀବନର ଗୋଟେ ସ୍ମରଣୀୟ ଦିନ । ଯେଉଦିନ ମୁଁ ଟେଲିଗ୍ରାମ ପାଇଲି କି ମୋ ନାଟକ 'ଅଥଚ ଅଥର୍ବ' ସଂଗୀତ ନାଟକ ଏକାଡେମୀର ଚତୁର୍ଦ୍ଦଶ ନାଟକ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି, ମୋ ପାଦ ତଳେ ପଡ଼ିଲାନି । ଯାହାହେଉ ବହୁ ବାଦବିବାଦ ଭିତରେ ବର୍ଣ୍ଣାଳୀ ଦ୍ୱାରା ନାଟକଟି ପ୍ରସ୍ତୁତ ହେଲା ଅଶୋକ ମହାନ୍ତିଙ୍କ ନିର୍ଦ୍ଦେଶନାରେ । ବହୁ ପୁରୁଖା ଅଭିନେତାମାନଙ୍କ ମଧ୍ୟରେ ସର୍ବଶ୍ରୀ ସୁକାନ୍ତ କୁମାର ନାୟକ ଅରୁଣ ଚନ୍ଦ୍ର ପ୍ରଧାନ, ଅବଧୁତ ଚରଣ ଗିରି, ପ୍ରବୋଧ ଚନ୍ଦ୍ର ମହାପାତ୍ର, ବିନୟ କୁମାର ଦାସ, ସରୋଜ ଦାସ, ଜୟନ୍ତ ମହାପାତ୍ର, ରଘୁନାଥ ସାହୁ, ଚିନ୍ତାମଣି ରାଉତ ଓ ଅମିତା ପାଠୀ ଆଦି ଅଭିନୟ କରିଥିଲେ । ଫୁଲବାଣୀର ସଭା ଘର ରଂଗମଂଚରେ ମେ ମାସ ୨୭ ତାରିଖରେ ମଂଚସ୍ଥ ପାଇଁ ଆମେ ଫୁଲବାଣୀ ଗଲୁ । କିନ୍ତୁ ଦୁର୍ଭାଗ୍ୟ ସାଥୀ ଛାଡ଼ି ନଥିଲା । ନାଟକ ହେବାର ଅବ୍ୟବହିତ ପୂର୍ବରୁ ଭୀଷଣ ଝଡ଼ ତୋଫାନ ସହିତ ପ୍ରବଳ ବର୍ଷା । ବାସ୍ ସବୁ ପ୍ରସ୍ତୁତି ସମସ୍ତ ସାଜସଜ୍ଜା ଆଲୋକ ବିନ୍ୟାସ ଧୂଳିସାତ୍ ହେଲା । ସେଦିନର ନାଟକ କାର୍ଯ୍ୟକ୍ରମ କ୍ୟାନସେଲ ହେଲା । ତା'ପର ସନ୍ଧ୍ୟାରେ କଟକର ଗୋଟେ ଅନୁଷ୍ଠାନର କାର୍ଯ୍ୟକ୍ରମ ଥିଲା, ସେମାନେ ମଂଚ ଦେଲେନି । ତେଣୁ ବାଧ ହୋଇ ମଧ୍ୟାହ୍ନରେ ଦିନ ଏଗାରଟାରୁ ଗୋଟେ ଭିତରେ ନାଟକ କଲୁ । ଫୁଲବାଣୀ ପରି ଗ୍ରୀଷ୍ମଦିନର ମଧ୍ୟାହ୍ନରେ ନାଟକ କରିବା ଯେ କେତେ ଦୁଃଖ ଯନ୍ତ୍ରଣାର କଥା ତାହା ଅନୁଭବ ନକଲେ ଜାଣି ହେବନି । ବିଭାଗୀୟ ମଣ୍ଡଳି ଥାଆନ୍ତି ବିଶିଷ୍ଟ ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଓ ବିଶିଷ୍ଟ ନିର୍ଦ୍ଦେଶକ ନଟବର ସେଣ । ନାଟକ ମଂଚନ ପରେ ଆମେ ସେହି ମହାନ ନାଟ୍ୟ ରଥୀ ଦ୍ୱୟଙ୍କୁ ସାକ୍ଷାତ କଲୁ । ଯେହେତୁ ବିଚାରକ ତେଣୁ ବିଶେଷ କିଛି କହିଲେନି ରାମଚନ୍ଦ୍ର ମିଶ୍ର । କେତେ କଥା ଭିତରୁ ଗୋଟିଏ ଉଲ୍ଲେଖନୀୟ କଥା କହିଲେ କି ଯେ 'ଏଭଳି ନାଟକ କେବଳ ବାଲେଶ୍ୱର କରିପାରେ । ସେ ୧୯୮୯ ମସିହାରେ ବାଲେଶ୍ୱରରେ ଡେପୁଟି କଲେକ୍ଟର ଥିଲାବେଳେ ଏହା ଅନୁଭବ କରିଥିବାର କହିଥିଲେ । ତାଙ୍କର ବହୁଚର୍ଚ୍ଚିତ ନାଟକ 'ଘରସଂସାର' ଏହି ବାଲେଶ୍ୱରରେ ଲେଖା ଯାଇଥିଲା ବୋଲି ବ୍ୟକ୍ତ କରି ମୋତେ ଉତ୍ସାହିତ କରିଥିଲେ । ଏ ନାଟକର ସମୀକ୍ଷା ଓ ଆଲୋଚନା ପ୍ରଜାତନ୍ତ୍ରର ରୂପ ରସ ଛନ୍ଦ, ପ୍ରଗତୀବାଦୀର ରଂଗ ତରଂଗରେ ପ୍ରକାଶିତ ହେଲା କିନ୍ତୁ ଆମେ ପ୍ରତିଯୋଗିତାରୁ ବାହାରି ଯାଇଥିବାରୁ ପୁରସ୍କାର କିଛି ମିଳିଲାନି । ପୁଣିଥରେ ନିରାଶ ହେଲି, ତତ୍ପରେ ଦିନେ ମୁଁ ରାତି ପ୍ରାୟ ଦଶଟା ପାଖାପାଖି ଘରକୁ ଫେରୁଥାଏ । ରେଡିଓରେ ମୋ ସଂଳାପ ଶୁଣିଲି । ପ୍ରତ୍ୟେକ ମଣିଷ ଜନ୍ମନିଏ ନର୍ସିଂହୋମ୍‌ର ଲାଲ ଛକରେ.. ନାଟକଟି ଏଇଠି ସରିଲା । ରେଡିଓରେ ପ୍ରସାରିତ ହେଲା ଅଥଚ ମୁଁ ଖବର ପାଇଲିନି କି ନାଟକ ଶୁଣି ପାରିଲିନି । ତିନି ଦିନ ପରେ ଚିଠି ପାଇଲି ଯେ ମୋ ନାଟକ ରେଡିଓରେ ଦେବ । ଏଠି ବି ନିରାଶ ହେଲି । ଶେଷରେ କେତେକ ବଂଧୁଙ୍କ ଅନୁରୋଧ କ୍ରମେ ନାଟକଟିକୁ ପ୍ରକାଶ କରିବାକୁ ମନ ବଳେଇଲି । ପ୍ରକାଶ ବି କରିଦେଲି ୧୯୮୪ ମସିହାରେ । ଏମିତି କିଛିଦିନ ବିତିଗଲା, ରାଜା ରାମମୋହନ ରାୟ ପାଠାଗାର ପାଇଁ ମନୋନୀତ ହୋଇ ବହି ଯୋଗାଇ ଦେଲି । ତତ୍ପରେ ୧୯୯୧ ମସିହାରେ ସେପ୍ଟେମ୍ବର ମାସରେ ଖଣ୍ଡିଏ ଚିଠି ପାଇଲି ସୁନାବେଡ଼ାର ଉତ୍କଳ ସାଂସ୍କୃତିକ ପରିଷଦର ସଭାପତି ତଥା ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ସୁଦାମ ବିଷୋୟୀଙ୍କ ନିକଟରୁ ଯେ ସେମାନେ ଅଥଚ ଅଥର୍ବକୁ ନେଇ ସର୍ବ ଭାରତୀୟ ସ୍ତରର ଏକ ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତ ହେଉଛନ୍ତି । ଆବଶ୍ୟକ ସ୍ଥଳେ ପରାମର୍ଶ ଦେବାପାଇଁ ଅନୁରୋଧ କଲେ । ସେତେବେଳେ ଫୋନର ସୁବିଧା ନଥିଲା । ତେଣୁ କେବଳ ପୋଷ୍ଟକାର୍ଡ ହିଁ ଭରସା । ଯାହାହେଉ ପୋଷ୍ଟକାର୍ଡ ମାଧ୍ୟମରେ ତାଙ୍କର ସନ୍ଦେହ ଦୂର କରି ମୋର ପାରୁପର୍ଯ୍ୟନ୍ତ ଚେଷ୍ଟା କଲି । ଦିଲ୍ଲୀରେ ପ୍ରତିଯୋଗିତାରେ ସେମାନେ ଅଂଶଗ୍ରହଣ କଲେ । ମୋର କୌଣସି ଆଶା ନଥିଲା କେବଳ ବିଫଳତାର ଆଶଙ୍କା ଥାଏ । କିଛି ଦିନପରେ ମୋର ଜଣେ ନାଟ୍ୟ ବଂଧୁ ପରିବା ମାର୍କେଟରେ ସାକ୍ଷାତ ହେଲେ । ଯିଏକି ଆଠବର୍ଷ ପୂର୍ବରୁ ଅଥଚ ଅଥର୍ବ ପ୍ରଯୋଜନାରେ ବିରକ୍ତ ପ୍ରକାଶ କରି ମୋ ଉପରେ ବର୍ଷିଥିଲେ । ହଠାତ୍ ହସି ହସି ହାତ ବଢ଼େଇ କହିଲେ କଂଗ୍ରାଚୁଲେସନ୍ । ମୁଁ ଆଶ୍ଚର୍ଯ୍ୟ ହେଲି, କ'ଣ ପାଇଁ ? ସେ ସଂଗେ ସଂଗେ କହିଲେ ଆପଣ ଆଜିର ଟେଲିଗ୍ରାଫ୍ ପଢ଼ି ନାହାଁନ୍ତି କି? ଆପଣଙ୍କ ନାଟକ ପରା ଛଅଗୋଟି ପ୍ରାଇଜ୍ ପାଇଛି । ମୁଁ ଆତ୍ମହରା ହୋଇପଡ଼ିଲି । ଟେଲିଗ୍ରାଫ୍ ଖୋଜି ଖୋଜି ପଢ଼ିଲି ବିଶ୍ୱାସ ହେଲାନି । ସେହିଦିନ ଅପରାହ୍ନ ଦୁଇଟା ବେଳେ ଗୋଟେ ରେଜିଷ୍ଟ୍ରି ଚିଠି ପାଇଲି । ଖୋଲି ଦେଖେତ 'ଅଥଚ ଅଥର୍ବ' ଶ୍ରେଷ୍ଠ ରଚିତ ନାଟକ ସହ ଅନ୍ୟାନ୍ୟ ବିଭାଗରେ ମୋଟ ଛଅଗୋଟି ପୁରସ୍କାର ପ୍ରାପ୍ତ ହୋଇଛି ବୋଲି ସୁଦାମ ବିଷୋୟୀ ସୁନାବେଡ଼ାରୁ ଚିଠି ଦେଇଛନ୍ତି ଫଟୋ ସହ । ଯା' ହେଉ ଏତେଦିନର ପ୍ରତୀକ୍ଷା ପରେ ଫଳ ପାଇଲି ଭାବି ପରବର୍ତ୍ତୀ ନାଟକରେ ମନୋନିବେଶ କଲି । କିନ୍ତୁ ସୁଦାମ ବିଷୋୟୀ କିଏ କାହିଁକି ଏମିତି ଏକ ଉଦ୍ଭଟ ନାଟକପ୍ରତି ଦୁର୍ବଳତା ପ୍ରକାଶ କଲେ କିଛି ଜାଣି ପାରିଲିନି । ତା'ପରେ ଆଉ ସଂପର୍କ ରହିଲାନି । ଏମିତି ଅନେକ ବର୍ଷ ବିତିଗଲା । ୨୦୧୭ ମସିହାରେ ଦାମନ ଯୋଡ଼ିରେ ହେଉଥିବା ପଞ୍ଚପଟମାଳୀ ନାଟକ ମହୋତ୍ସବରୁ ମୋତେ ବିଚାରକ ଭାବରେ ନିମନ୍ତ୍ରଣ ଆସିଲା । ମୁଁ ଗଲି । ମୁଁ ଆସିବା କଥା ଶୁଣି ସୁଦାମ ବାବୁ ମଧ୍ୟ ବେଶ ଉତ୍ସାହିତ ଥାଆନ୍ତି । ସୁନାବେଡ଼ାରୁ ଅଳ୍ପ ଦୂରରେ ଦାମନଯୋଡ଼ି । ସେ ଆସିଥିଲେ ମୋତେ ସାକ୍ଷାତ କରିବାକୁ । ସେତେବେଳେ ମୋ ପାଖରେ ଥାଆନ୍ତି ବିଶିଷ୍ଟ ନାଟ୍ୟକାର ଅଧ୍ୟାପକ ରାମଚନ୍ଦ୍ର ମିଶ୍ର, ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ । ବିଶିଷ୍ଟ ନାଟ୍ୟକାର ନିର୍ଦ୍ଦେଶକ ସୁବୋଧ ପଟ୍ଟନାୟକ । ଓଃ କି ଅପୂର୍ବ ମୁହୂର୍ତ୍ତ ଯାହାକୁ କେବଳ ଅନୁଭବ କରିହେବ, ଭାଷାରେ ପ୍ରକାଶ ଅସମ୍ଭବ । ସୁଦାମ ବାବୁଙ୍କ ଅମାୟିକ ଆତ୍ମୀୟତାରେ ଆମେ ବିଭୋର ହୋଇଯାଇଥିଲୁ । ତାଙ୍କ ଘରକୁ ନେଇ ଫଟୋ ପୁରସ୍କାର ଆଦି ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହେଲେ । ପଚିଶବର୍ଷ ପରେ ନାଟ୍ୟକାର ସହିତ ନିର୍ଦ୍ଦେଶକର ଅପୂର୍ବ ମିଳନକୁ ଅନେକ ଚର୍ଚ୍ଚା ହେଲା । ଯୋଉ ଅଥଚ ଅଥର୍ବ ପାଇଁ ମୁଁ ବାଲେଶ୍ୱରରେ ଦିନେ ନିନ୍ଦିତ ହୋଇଥିଲି, ତାହାର ସଫଳତା ଏତେ ଦିନପରେ ପାଇ ଆତ୍ମହରା ହେଲି । (କ୍ରମଶଃ)

## ଧାରାବାହିକ ଉପନ୍ୟାସ

# ମାଟିର ପ୍ରହରୀମାନେ


ପୁଷ୍ପାଞ୍ଜଳି ନାୟକ
♥ ଜେଲ୍ ରୋଡ, ବାଲେଶ୍ୱର
ମୋ:୯୨୩୭୯୫୯୯୭୩




ଏ ଉପନ୍ୟାସର ରଚନାକାଳ ପ୍ରାୟ ୧୫/୧୬ ବର୍ଷ ତଳେ ଯେତେବେଳେ ବାଲିଆପାଳରେ ଘାଟୀ-ବିରୋଧି ଆନ୍ଦୋଳନ ତୀବ୍ର ରୂପ ଧାରଣ କରିଥିଲା। କିନ୍ତୁ ଦୁର୍ଭାଗ୍ୟକ୍ରମେ ଏ ଉପନ୍ୟାସଟି ପ୍ରକାଶିତ ହେବା ବହୁତ ଡେରି ହୋଇଗଲା। ତେବେ ଏ ସୌଭାଗ୍ୟର କଥା ଯେ ଯାହା ମୁଁ ଉପନ୍ୟାସରେ ଉଚ୍ଚାରଣ କରିଥିଲି, ତା ସତ୍ୟ ହୋଇଗଲା। ମା ପାଖରେ ପୁଅ ହାର୍ ମାନି ବାଉଳି ମାଟି ପାଖରେ ଘାଟି ହାର ମାନିଲା।
ଏ ଉପନ୍ୟାସ ଘାଟୀ ଆନ୍ଦୋଳନର ସମ୍ପୂର୍ଣ୍ଣ ବିବରଣୀ ନୁହେଁ କିମ୍ବା ସମ୍ପୂର୍ଣ୍ଣ ତଥ୍ୟାଶ୍ରୟୀ ନୁହଁ। ଅନେକ କ୍ଷେତ୍ରରେ ମୁଁ କଳ୍ପନାର ଆଶ୍ରୟ ନେଇଛି। ଯେଉଁମାନେ ଦୀର୍ଘ ଚାରିବର୍ଷ ଧରି ମାଟିକୁ ଅତନ୍ଦ୍ର ପହରା ଦେଇ ଇତିହାସର ଗତିକୁ ବଦଳାଇଦେଲେ, ସେଇ ବାଲିଆପାଳବାସୀଙ୍କୁ ଏ ଉପନ୍ୟାସ ଅର୍ପଣ କରୁଛି।

-ଲେଖିକା

(ପୂର୍ବ ପ୍ରକାଶିତ ଉତ୍ତାରୁ..)
(ଭାଗ-୩)

ଦାନ୍ତକାଠି ହାତରେ ଗେହ୍ଲୀ ଅନ୍ୟମନସ୍କ ହୋଇଯାଉଥିଲା ।

ଏଇ ପୋଖରୀଘାଟରେ କେତେ ମଗୁଶୀର ମାସର କାଡ଼ ଶୀତରେ, ଅନ୍ଧାର ଥାଉଁଥାଉଁ ସେମାନେ ଗାଧୋଇଛନ୍ତି । କେତେ ପଇଡଣ, କେତେ ପଞ୍ଝୁକର ସ୍ମୃତି ଏଇ ପୋଖରୀତୁଠରେ ଲେଖା ରହିଛି ।

ଆଜି ଦଳଭର୍ତ୍ତି, ପଙ୍କ, କାଦୁଅର ହଦୀପୋଖରୀରେ ପଦ୍ମ ଫୁଟୁନି । ଜଳ କାହିଁ ଯେ ପଦ୍ମ ଫୁଟିବ ? ପୋଖରୀ ସାରା ମାଡ଼ିଯାଇଛି ଦଲୁଆ ଘାସ । ପୋଖରୀହୁଡ଼ା ଆଗଭଳି ପରିଷ୍କାର ନାହିଁ । ଚାକୁଣ୍ଡା, ଗୁଗୁଚିଆରେ ଭର୍ତ୍ତି । ହୁଡ଼ା ଉପରର ପିଜୁଳିଗଛ ଆଉ ଜାମୁକୋଳି ଗଛ ସବୁ କେମିତି ହତଶିରୀ ଦେଖାଯାଉଛନ୍ତି ।

କେତେଟା ବେଙ୍ଗପହଣା ତା ଗୋଡ଼ରେ ବେଢ଼ିଯାଇଥିଲେ । ଗେହ୍ଲୀର ମନଖରାପ ହୋଇଯାଇଥିଲା ।

ଅଣ୍ଠାପାଣି କରି ତିନିହେଁ ଉପରକୁ ଉଠିଲେ ।

ଫେରିବାବାଟରେ ଗେହ୍ଲୀ ପଚାରିଲା, ପହଲି ବାପ ନିତେଇ ଦାସ ଭଲ ଅଛି ନା ?

ଭଲ ଆଉ କଅଣ ? ଗଞ୍ଜେଇ ପାଣି ଖାଇ ତ ସବୁ ସମ୍ପତ୍ତି ଉଡ଼ାଇଦେଲା । ଏବେ ବାତ ଧରିଛି । ଉଠିବସି ପାରେନି । ପହଲି ଭାରିଯା ତାକୁ ବଡ଼ ହିନସ୍ତା କରୁଛି । ବୁଢ଼ା ଦିନରାତି କାନ୍ଦୁଛି ।

ପିଲାଦିନେ ନିତେଇଦାସର ଚଳଣୀ ଦେଖିଛି ଗେହ୍ଲୀ ।

ରୋଜ ଘରେ ରେହୀମାଛ ନହେଲେ କୁକୁଡ଼ାମାଉଁସ ।

ପୋତାଧନ କି କଅଣ ପାଇଲା କେଜାଣି, ରାତାରାତି ବଡ଼ଲୋକ ହୋଇଗଲା । ଏଇ ହଦୀପୋଖରୀ ତ ପହିଲେ ସେ କିଣିଥିଲା । ବର୍ଷ କେଇଟାରେ ସତର, ଅଠର ମାଣ ଜମି କରିପକାଇଲା । ଦିଟା ଅମାର, ଗୁହାଳେ ଗାଈଗୋରୁ କଅଣ ନ କରିଥିଲା । ହେଲେ ଗଞ୍ଜେଇ ନିଶାରେ ସବୁ ଫୁଙ୍କି ଉଡ଼ାଇଦେଲା ।

ଆଜି ହଦୀପୋଖରୀର ଅଧିକାର ନେଇ ପହଲି ଦାସ ଓ ହୁନ୍ଦର ମହାନ୍ତି କଜିଆ ଲାଗିଛନ୍ତି ।

କେଉଁ ଆଖି ନ ପାଉଥିବା ଦିନୁ ଏ ବାଡ଼ି, ବିଲ ପୋଖରୀ ସବୁ ଏମିତି ଥିଲା, ଏମିତି ରହିବ, ଅଥଚ କେମିତି ହାତ ବଦଳ ହୋଇଯାଇଛି ।

ସମ୍ପତ୍ତି ଉପରେ ମଣିଷର କି ଲୋଭ !

ଗେହ୍ଲୀ ଅନ୍ୟମନସ୍କ ହୋଇଯାଇଥିଲା ।

ଫେରିବାବାଟରେ ବଡ଼ଭାଉଜ କହୁଥିଲେ, ଏ ପୋଖରୀ କଥା ନେଇ ହୁନ୍ଦର ମହାନ୍ତି ପହଲି ନାଆଁରେ ମକଦ୍ଦମା କରୁଛି । ପ୍ରତି ମାସ କଚେରୀ ଧାଉଁଛି ।

ଭୀମପୁରା ଗାଆଁର ଏ ଏକ ଦିଗ ।

ଘରେ ପଛେ ଖାଇବାକୁ ଦାନା ନଥାଉ, ଜମିବାଡ଼ି ନେଇ କାହା ନା କାହା ସାଥିରେ ମକଦ୍ଦମା ଲାଗିନଥିବ, ଏମିତି ଘର ଗାଆଁରେ କାହିଁ ?

ତା ବାପଘରେ ତ ତିନିଟା ମକଦ୍ଦମା ଲାଗିଛି ।

ବେଣ୍ଟପୋଖରୀ ମକଦ୍ଦମା ତ ତା' ଜନ୍ମ ଆଗରୁ ଠାକ କରିଥିଲା । ଆଜିଯାଏଁ ତା'ର ଫଇସଲା ହୋଇନି । ଅଚ୍ୟୁତି ଦାସ ସେ ପୋଖରୀ ଏବେବି ଭୋଗ କରୁଛି ।

ଆଉ ତା' ଶାଶୁଘରେ ?

ଏଇ ଜମି ଲାଗି ତ ସେ ଛଅବରଷ ଶଶୁଘରେ ବନ୍ଧା ପଡ଼ିଥିଲା । ବେଦୀରେ ବାପ ସତ୍ୟ କରିଥିଲା, ଭୂଷଣ୍ଡେଶ୍ୱର ପାଖେ ଥିବା ପାହିଜମିରୁ ତିନିମାଣ ଜମି ତାକୁ ଦେବ । ହେଲେ ବାପକୁ କି ଲୋଭ ଗ୍ରାସିଲା କେଜାଣି, ବାହାଘର ପରେ ଜମା ସେ ଜମି ଦେବାକୁ ମଙ୍ଗଲାନି । ତା ବଦଳରେ ଟଙ୍କା ଦେବ କହିଲା । ଏଣେ ଶ୍ୱଶୁର ବି ଅଡ଼ିବସିଲା, ଜମି କବଲା ନ କରିବାଯାକେ ବୋହୂକୁ ସେ ବାପଘରକୁ ପଠାଇବ ନାହିଁ ।

ହେଲେ ବାପ ବି କେଉଁ ସେ ଜମି ଭୋଗ କରିବାକୁ ବଞ୍ଚିଲା ?

ଏଇ ବିଲ ସେପଟ ଓସ୍ତଗଛ ତଳେ ବାପା ଜଳିଗଲା । ଗତ ସନ ।

ଝଅକ ଜମି । ଝଅକ ଝିଅଜନମ ।

ଗେହ୍ଲୀର ହୋସ ପିଶିଲା । ଘର ହୋଇଗଲାଣି ।

ଭାଉଜ ଦୁହେଁ ଓଦାଲୁଗା ସରସର ହୋଇ ବାଡ଼ିଦୁଆର ଆଡ଼କୁ ଗଲେ । ଦାଣ୍ଡଦୁଆରରେ ଅନାଦି ମାଷ୍ଟ୍ରେ ବସିଛନ୍ତି ।

ଗେହ୍ଲୀ ଶୁଖିଲାଲୁଗା ପିନ୍ଧିଥିଲା । ସେ ଝିଅ ପୁଆଣୀ ଲୋକ । ତା ଲାଗି ବାରଣ ନାହିଁ । ସେ ମାଷ୍ଟ୍ରଙ୍କ ପାଖେ ଓଲଗି ହେଲା ।

ଅନାଦି ମାଷ୍ଟ୍ରେ ବଡ଼ ଝିଆରୀର କଅଣ ଗୋଟିଏ ଅଙ୍କ କଷୁଥିଲେ । ତାକୁ ଦେଖି ଖାତା ଆଡ଼େଇ କହିଲେ, ବସ ମା ବସ । କେତେଯୁଗ ପରେ ତୋତେ ଦେଖିଲି । ଆଉ ତୋ ହାଲଚାଲ କଅଣ କହ ।

ଗେହ୍ଲୀ ମାଷ୍ଟ୍ରଙ୍କ ପାଖେ ତା ଶାଶୁଘର ଗପ ଗପିବାକୁ ଆରମ୍ଭ କଲା ।

### ॥ ତିନି ॥

ବାୟା ହାଟରୁ ଫେରିବାବେଳକୁ ସପନୀବୁଢ଼ୀ ଆହୁରି ଶୋଇନଥିଲା । ପୁଅ ତାଟି ଖୋଲିବାର ଶବ୍ଦ ଶୁଣି ପାଟି କରି ଉଠିଲା, ବାୟା, ଅମୀନ ସଙ୍ଗେ ଭେଟ ହେଲା ?

ବାୟା ବୁଢ଼ୀର ଏକମାତ୍ର ପୁଅ । ଘରେ ବାୟା, ସେ ଓ ବୋହୂ ଗୁରୁବାରୀ । ଏବେ ଦି'ମାସ ହେଲା ନାତିଟିଏ ହୋଇଛି ।

ସେଦିନ ଶିରିଆ ପଧାନ ବୁଢ଼ୀର ଆମ୍ବଗଛକୁ ବେଢ଼ିନେବାଠାରୁ ବୁଢ଼ୀକୁ ନିଦ ନାହିଁ । ରାତିରେ ପୁଅ ଫେରିବା ପରେ ବୁଢ଼ୀ ପୁଅ ଆଗରେ ସବୁକଥା କହିଲା । ବାୟା ବୁଦ୍ଧି ଦେଲା, ଥରେ ଅମୀନକୁ ପଇସା ପତ୍ର ଦେଇ ପଚ୍ଚାପାଉତିରେ ଏ ଜମି ଉଠାଇନେଲେ ଜଞ୍ଜାଳ ଶେଷ । ଥରକୁଥର କେତେ ବାଡ଼ କଥା ନେଇ କଜିଆ ଲାଗୁଥିବ ।

ତେଣୁ ପରଦିନ ଶିରିଆ ପଧାନର ମୂଲିଆ ଯେତେବେଳେ ଅଧା ଥିବା ବାଡ଼ ବେଢ଼ିବାକୁ ଆସିଲେ, ବୁଢ଼ୀ ବାଧା ଦେଲା ନାହିଁ । ଚୁପଚାପ୍ ପିଣ୍ଡାରେ ବସି ହେଁସ ବୁଣିବାକୁ ଲାଗିଲା ।

ଶିରିଆ ପଧାନ ଯେ ବିସ୍ମିତ ହୋଇନଥିଲା, ତା ନୁହେଁ । ହେଲେ ଏତେଦିନ ପରେ ବୁଢ଼ୀକୁ ଭଗବାନ ସୁବୁଦ୍ଧି ଦେଇଛନ୍ତି ବୋଲି ଭାବିଲା ।

ପୋଖରୀର ଚାରିଆଖିଆ ମାଛ ଭଳି ବୁଢ଼ୀ ମନରେ ସେଇଦିନଠୁଁ ସେଇକଥା ଖେଳୁଛି ।

ଏ ଆମ୍ବଗଛ ସେ କାହାରିକୁ ଦେବ ନାହିଁ ।

ବାୟାଠୁଁ ଉତ୍ତର ନପାଇ ବୁଢ଼ୀ ପୁଣି ପଚାରିଲା, କିରେ, ତୋତେ କଅଣ ଶୁଭୁନି? ପଚାରୁଛି ପରା !

ହାଟରୁ ଆଣିଥିବା ପରିବାଥଳି ଓ ସାରୁପତ୍ରରେ ଗୁଡ଼ା ଚିଙ୍ଗୁଡ଼ିମାଛ ଭିତର ଖଞ୍ଜାରେ ଥୋଇ ବାୟା କହିଲା, ଧୀରେ ମା ଧୀରେ । ଶିରିଆ ପଧାନ ଦାଣ୍ଡରେ ବସି ଜାଲ ବୁଣୁଛି, ଦେଖିଆଇଲି । ତାପରେ କଣ୍ଠ ବେଶ୍ ଧୀର କରି କହିଲା, ଦେଖାହେଲା, ହେଲେ ଆମ ଆଗରୁ ଶିରିଆ ପଧାନ ତାକୁ ଭେଟି ସାରିଲାଣି । ସିଏ ଦୁଇହଜାର ଯାଚିଛି, ମତେ ମାଗୁଛି, ପାଞ୍ଚହଜାର ।

ଏଁ, ପାଞ୍ଚ ହଜାର ! ସପନାବୁଢ଼ୀ ଚମକି ପଡ଼ିଲା ।

ସେମିତି ଚମକୁଛୁ କିଆଁ ? ଏ ପାଞ୍ଚ ହଜାର ତ ଏକା ଅମୀନ ମଧୁଦାସ ନେବନି, ବନ୍ଦୋବସ୍ତ ଅଫିସର ବାବୁମାନେ ବି ସେଥିରେ ଭାଗ ବସାଇବେ । ଆଉ ଟଙ୍କା ପାଇଁ ଯେ ଚମକୁଛ, ଦିଟା ମରୁଶମ ଆମ୍ବ ଫଳିଲେ ପାଞ୍ଚ ହଜାର ଅବା କେତେ ?

ହେଲେ ଏତେ ଟଙ୍କା କାହୁଁ ଆଇବ ?

ସେକଥା ତୁ ବୁଝିବୁ । ତୋର ଆମ୍ବଗଛ ଲୋଡ଼ା । ବାଡ଼ିରେ ଏତେ ଆମ୍ବଗଛ ଅଛି, ହେଲେ ସେଇ ଆମ୍ବଗଛରୁ ତ ତୋ ନାଗି ମହୁ ଝରୁଛି । ମତେ ଏତେ ସାତ ପାଞ୍ଚ ଭଲଲାଗେନା । ତୁ ଯାହା ବୁଝିବୁ କର ।

ବୁଢ଼ୀର ଛାତି ଫଟାଇ ଦୀର୍ଘଶ୍ୱାସଟିଏ ବାହାରି ଆସିଲା ।

ସେ ଭାବିଲା, ବୁଢ଼ୀ ହୋଇଯିବାଦିନଠୁଁ , ପୁଅ ଆଉ ତାକୁ ଭଲ ପାଉନି । କାହିଁକି ପାଇବ ? ଏବେ ତ ଆଉ ତା'ଠାରେ ଗରଜ ନାହିଁ ।

ଅଥଚ ଏତେସବୁ କରୁଛି କା ପାଇଁ ?

ସେ ଏସବୁ କଅଣ ସାଥିରେ ସ୍ୱର୍ଗକୁ ନେଇଯିବ ?

ସବୁ ତ ସେଇ ବାୟା ପାଇଁ !

ଆଉ ତା'ଛଡ଼ା ଏଇ ଆମ୍ବଗଛ ସହିତ ଯେ ତା'ର ପହିଲି ଯୌବନର କେତେ ମିଠା ସ୍ମୃତି ଯେ ଲେଖାହୋଇରହିଛି ।

ପହିଲି କରି ତ ଏଇ ଆମ୍ବବିକ୍ରି ଟଙ୍କାରେ ବାୟା ବାପ ତା ବେକକୁ ରୂପାର ଟଙ୍କାହାର କରିଦେଇଥିଲା, ତାପରେ ଚନ୍ଦ୍ରହାର, ପୁଣି ଦିନେ ଗୋଡ଼କୁ ପାଉଁଜି !

ସେଇ ଆମ୍ବଗଛକୁ ଅନାଇଲେ ନିଜର ଭରା ବୟସର ସେଇସବୁ ଅୟସର ଦିନ କଥା କଅଣ ତା'ର ମନେ ପଡ଼ିଯାଏନା ?

ସେଥର ସୁବର୍ଣ୍ଣରେଖାର ସେଇ ବଡ଼ ବନ୍ୟାରେ ତ ଘର ଭାସିଗଲା । ଢ଼ିଅ ଉପରେ ଦିହାତ ପାଣି ଠିଆ ହେଲା । ସୁସୁ ହୋଇ ପାଣି ଭଉଁରୀ ଖେଳୁଥିଲା । ସେତେବେଳେ ଏଇ ଆମ୍ବଗଛର ଡାଳରେ ତିନିତିନିଟା ଦିନ ସେମାନେ କାଟିଥିଲେ । ବାୟା ବାପାର ସେତେବେଳେ ଜୁଆନ ବୟସ । ଗୋଟିଏ ହାତରେ ଘରର ବୁଢ଼ାବଳଦ ବୁଧିଆ ଓ ଆରହାତରେ ଚାନ୍ଦୀଗାଈକୁ ଆଣି ଏଇ ଗଛରେ ବାନ୍ଧିଥିଲା ।

ବନ ଛାଡ଼ିବା ଆଗରୁ ଚାନ୍ଦୀ, ବୁଧିଆ ଚାଲିଗଲେ । ସନ୍ନିପାତ ଧରିନେଲା । ଆଉଥରେ ଏଇ ଆମ୍ବଗଛମୂଳେ ବାୟା ଜନମବେଳକୁ ସତ୍ୟନାରାୟଣ ପାଲା ହୋଇଥିଲା । ଦେଉଳାରୁ ଦଳ ଆସିଥିଲା । ସାରାରାତି ଧରି ଗୀତ, କୀର୍ତ୍ତନ ।

ପୁଣି ବରଷେ ଏଇ ଆମ୍ବଗଛ କୋରଡ଼ରୁ ବିରାଟ ଅଜଗରଟିଏ ବାହାରିଥିଲା । ବନ୍ୟାରେ ଆସି ରହିଯାଇଥିଲା । କେତେ କଷ୍ଟରେ ଗାଆଁଲୋକ ମିଶି ଠେଙ୍ଗା ଭୂଷି ତାକୁ ମାରିଥିଲେ ।

ଏ ଆମ୍ବଗଛକୁ ପ୍ରାଣ ଥାଉଁ ଥାଉଁ ସେ ଅନ୍ୟକୁ ମୁରୁଛି ଦେଇପାରିବ ନାହିଁ । ସେଥିପାଇଁ ମିଛ ପାପ କରିବାକୁ ପଡୁ ପଛକେ ।

ସପନୀ ମା'ର ହୋସ ଭାଙ୍ଗିଲା, ବୋହୂ ପିଢ଼ାପାଣି କରି ଖାଇବାକୁ ଡାକୁଛି ।

ମାଛତରକାରୀ ଲଗାଇ ଭାତ ଖାଉଁ ଖାଉଁ ସପନୀ ବୋହୂକୁ କହିଲା, ଆମ୍ବୁଲ ଦେଇ ରାନ୍ଧିଲୁନି ?

ଆମ୍ବୁଲ ତ ସଇଲାଣି ? ତଳିତଳିକା ଦି' ଚାରିଖଣ୍ଡ ପଡ଼ିଛି । ଭାବିଲି ସୋରିଷ ଦେଇ ଡାଟିଆବସା କରେ । ବୁଢ଼ୀର ପୁଣି ମନଖରାପ ହୋଇଗଲା ।

ଆମ୍ବଗଛ ଏ ବର୍ଷ କଷିରେ କଷିରେ ଭାଙ୍ଗିପଡ଼ିଛି । ହେଲେ ସେ ଆମ୍ବଗଛ ଏ ବର୍ଷ ଶିରିଆ ପଧାନ ବାଡ଼ିରେ ।

ଶୋଇଲାବେଳେ ସପନୀବୁଢ଼ୀ ଗୁଣୁଗୁଣୁ ହୋଇ ପ୍ରାର୍ଥନା କରୁଥିଲା, ହେ ମା ଭୋଗରାଇ ବାସୁଳି, ହେ ବାବା ଭୁଷଣ୍ଡେଶ୍ୱର ! ଶିରିଆ ପଧାନଠୁଁ ମୋ ଆମ୍ବଗଛ ଆଣିଦିଅ । ତମକୁ ଯୋଡ଼ା ବୋଦା ଦେବି, ତା ଦନ୍ତ ଭାଙ୍ଗିଦିଅ, ତା ହାତଗୋଡ଼ ଛିଡ଼ିପଡୁ । ସେ ଆମ୍ବଗଛ ତାକୁ ଭୋଗ ନହେଉ ।

ଆଉ ତା'ର ପରଳପଡ଼ିଥିବା ଆଖିର ଦୃଷ୍ଟି ଅନେକ ଆମ୍ବମୁରୁଶମ ପାରି ହୋଇ ଲମ୍ବିଯାଇଥିଲା, ସେଇଦିନକୁ ଯେଉଁ ଦିନ ଆମ୍ବଗଛରେ ଲଟେଇଥିବା ନିର୍ମୂଳିଲତା ଭଳି ନଖିଦାସର ଦମ୍ଭିଲା, ଶକ୍ତ ଛାତିଟାରେ ସେ ଲଟେଇ ରହିଥିଲା ।

### ॥ ଚାରି ॥

ଆମ୍ବରୁଖି ଗାଆଁର ଅଗରା ମଳିକ ସକାଳୁ ହଳ ଧରି ବିଲ ଆଡ଼େ ଚାଲିଥିଲା ।

କାଲି ଅସରାଏ ଖୁବ୍ ବରଷା ହୋଇଯାଇଛି । ବୈଶାଖ ମାସର ତାତିରେ ଫାଟି ଆଁ ହୋଇଯାଇଥିବା ମାଟି ଭିଜିଯାଇଛି । ଏଇନା ଥରେ ଲଙ୍ଗଳ ବୁଲାଇଦେଲେ ବୁଣାବେଳକୁ ଆଉ ବାଧିବନି ।

କାଳିଆ, କଷରାଙ୍କୁ ହାଙ୍କି ଅଗରା ଜୋର ଜୋର ପାଦ ପକାଉଥିଲା । ବିଲ ପାଖରେ ପହଞ୍ଚି ସେ ଚମକିଗଲା ।

ଗଉଡ଼ସାହି ମୁଚୁକୁନ୍ଦିଆ ମହାକୁଡ଼ ଓ ପାଣସାହି ହାଡ଼ିଆ ମଲିକ ତା' ଜମି ଉପରେ ନୂଆ କରି ହିଡ଼ ପକାଉଛନ୍ତି ।

ଅଗରା ମଳିକ କିଛି ବୁଝିପାରିଲାନି ।

ମୁଚୁକୁନ୍ଦିଆ ତା ହତଚକିତ ମୁହଁକୁ ଚାହିଁ କହିଲା, ହରି ସାହୁ କହିଛନ୍ତି, ହିଡ଼ ଦେବାକୁ । କାଲି ଅମୀନ ଆସିଥିଲା । ମାପ ହେବାରୁ ଜଣାପଡ଼ିଲା, ତୁ ତାଙ୍କର ଦି'ହାତ ଜମି ନେଇଯାଇଛୁ ।

ଅଗରା ମଳିକ ମୁଣ୍ଡରେ କିଛି ପଶିଲା ନାହିଁ । ସେ ପଚାରିଲା, ଅମୀନ ଆସିଥିଲା ? କାଇଁ, ମତେ ଖବର ଦେଲନି ? (କ୍ରମଶଃ)

## ଅନୁବାଦ ଗଳ୍ପ

# ସ୍ନେହ ଅଧିକାର

ମୂଳହିନ୍ଦୀ-
ଶ୍ୟାମସୁନ୍ଦର ଅଗ୍ରବାଲ




ଅନୁବାଦ- ବିନୟ କୁମାର ଦାସ


ବଜାର ସଉଦାର ତାଲିକା ଦେଖି ସୌରଭ କହିଲା , " ବୋଉ, ଏ ଶୀତଦିନରେ ଥଣ୍ଡାପାନୀୟ କଣ ପାଇଁ ଲେଖିଚ କି ? ତା ପରେ ଏମିତି ଆମ ଘରେ କେହି ତ ତାକୁ ଖରାଦିନେ ବି ପିଅନ୍ତି ନାହିଁ ।"

"ତୋତେ କହିନାହିଁ ପରା.. ମୁଁ ଆସନ୍ତାକାଲି ତୋ ପିଉସୀମା ଘରକୁ ଯାଉଛି ତ.. ତାଙ୍କରି ପାଇଁ ।" କହିଲେ ଶକୁନ୍ତଳାଦେବୀ ।

"ତୁମେ ବି ବୋଉ ବେଳେବେଳେ ଅଜବ କଥା ସବୁ କୁହ । ପିଉସୀମା ଏତେ ବଡ ସହରରେ ରହୁଛନ୍ତି , ସେଠି କଣ ଏଇ ସାମାନ୍ୟ ଥଣ୍ଡା ପାନୀୟ ମିଳେ ନି ? ଏତେ ଦୂରରୁ ତୁମେ ନେଇକି ଯିବ ?"

"ସେଠି ମିଳୁଛିରେ ସୌରଭ, ହେଲେ କଥା କଣ ଜାଣିଚୁ ନା.. ତାଙ୍କର ତ ବୟସ ହୋଇଗଲାଣି । ପୁଣି ବିଭିନ୍ନ ପ୍ରକାରର ରୋଗ । ସେ ତ ନିଜେ ଆଉ ବଜାରକୁ ଯାଇ ପାରୁ ନାହାନ୍ତି ।"

"ଓହୋ..ତେବେ ଏ ଯୋଉ ସବୁ ଫଳମୂଳ ଲେଖା ଯାଇଛି , ସେସବୁ ତାଙ୍କରି ପାଇଁ ?"

"ହଁ , ସେ ଭାରି ଫଳପ୍ରିୟ ତ.. । ଏତକ ଫଳ ଦେଖିଲେ ସେ ବହୁତ ଖୁସି ହୋଇଯିବେ ରେ ସୌରଭ । ହଁ, ସେ ଧର୍ମପାଳ ଲୁଗା ଦୋକାନରେ ମୁଁ କାଲି ଗୋଟେ ବେଡସିଟ୍ କିଣି ଭୁଲରେ ଛାଡି ଦେଇ ଆସିଚି । ତୁ ଆଜି ବଜାରରୁ ଫେରିଲା ସମୟରେ ସେଇଟା ନେଇ ଆସିବୁ ।"

"ବୋଉ, ଗତମାସ ପରା ତାଙ୍କୁ ଗୋଟେ ବେଡସିଟ୍ ଦେଇଥିଲ । ପୁଣି କଣ ପାଇଁ ?"

"ଆମ ଘରୁ କିଛି ଜିନିଷ ପାଇଲେ ତୋ ପିଉସୀମା ବହୁତ ଖୁସି ହୁଅନ୍ତି ରେ.. ଅନ୍ୟକୁ ଖୁସି କରାଇ ପାରଲେ ଆମକୁ ବି ଖୁସି ଲାଗେ ।"

"ବୋଉ..ଗୋଟେ କଥା ମୁଁ ବୁଝିପାରୁନି.."

"କଣ "

"ପିଉସୀମାଙ୍କର ମନ ପସନ୍ଦର ଜିନିଷ ସବୁ ଏଠୁ ଯିବ । ଅଥଚ ଘରେ ତ ତାଙ୍କର ଦୁଇ ଦୁଇଟା ପୁଅ । ସେମାନେ ବି ତ ଆଣି ଦେଇ ପାରନ୍ତେ.. " ଟିକେ ବିରକ୍ତ ହୋଇ କହିଲା ସୌରଭ ।

ଶମୁନ୍ତଳାଦେବୀ ଭାବୁଥିଲେ କହିଦେବେ... "ଆଜିକାଲିର ଦୁନିଆରେ କୋଉ ପୁଅ ବୁଢା ବାପାମାଆଙ୍କ କଥା ବୁଝି ପକାଉଛନ୍ତି ଯେ.. ସେମାନେ ବୁଝିବେ ? "



ହେଲେ କହିପାରିଲେ ନାହିଁ ନିଜ ପୁଅକୁ ଏମିତି ସିଧାସଳଖ । ତାଙ୍କର ନିରବତା ଦେଖି ସେ କହିଲା , "ଏ ସବୁ ଜିନିଷ ବାବଦରେ କେତେ ଖର୍ଚ୍ଚ ହୋଇଯିବ ଜାଣିଚ ତ ?"

"ଜାଣିଛିରେ ସୌରଭ , ହେଲେ ଆମର ବି ଭୁଲିଯିବା ଉଚିତ ନୁହେଁ, ତୋ ପିଉସୀମାଙ୍କର ବି ଏ ଘରେ କିଛି ଅଧିକାର ରହିଛି ବୋଲି । ସେଥିରୁ ତାଙ୍କୁ ବଂଚିତ କରାଇବା ଆମର ଉଚିତ ହେବନି ।"

"କି ଆଶ୍ଚର୍ଯ୍ୟ କଥା କହୁଚ ବୋଉ ?? ତାଙ୍କର ପୁଣି ଏ ଘରେ କି ଅଧିକାର ?"

"ଅଛି..ବହୁତ ଅଧିକାର ରହିଛି ।"

"ମାନେ ?"

"ତୋ ଭଉଣୀ ଯେମିତି ଏ ଘରର ଝିଅ, ତୋ ପିଉସୀମା ବି ସେମିତି ଏ ଘରର ଝିଅ । ସେ ଏଇ ଘରେ ଜନମ ହୋଇଛି । ଏ ଘରେ ତାର ସ୍ନେହ ଅଧିକାର ରହିଛି । ବିବାହ ପରେ ସେ ଅଧିକାରର ସମାପ୍ତି ଘଟେ ନାହିଁ ରେ.. । ଯେତେବେଳେ ଏ ଘରୁ କିଛି ବି ଜିନିଷ ତାକୁ ମିଳେ, ସେ ଯେଉଁ ଆନନ୍ଦ ଆଉ ତୃପ୍ତି ଲାଭ କରେ, ସେ କଥା ତୁ ବୁଝି ପାରିବି ନାହିଁ । ଶତ ଚେଷ୍ଟା କଲେ ବି ସେ ଅନୁଭବ ତୋ ଭିତରେ ଆସିବ ନାହିଁ ସୌରଭ ।"

ଏତକ କହିସାରି ଶକୁନ୍ତଳାଦେବୀ ଏକ ଦୀର୍ଘଶ୍ୱାସ ଛାଡି ତାଙ୍କ ବାପଘର କଥା ମନେ ପକାଉଥିଲେ ବୋଧେ ।



♥ ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର-୭୫୬୦୦୧
ମୋ-୭୯୭୮୮୬୦୩୬୩

## ସାମ୍ପ୍ରତିକୀ...



ମୀରା ବେଉରା

# ଲୌହ ମାନବୀ ନନ୍ଦିନୀ ଶତପଥୀ



କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତ ବର୍ଷର ଗୌରବମୟ ସ୍ୱର୍ଣ୍ଣିଭ ଇତିହାସ ପୃଷ୍ଠାରେ ଯେଉଁ ମହିୟସୀ ବିପ୍ଳବୀ ନାରୀଶକ୍ତିମାନଙ୍କ ତ୍ୟାଗ, ସାଧନା, ସଂଗ୍ରାମ ଏବଂ ତିତିକ୍ଷାଭରା ବ୍ୟଥାତୁର କାହାଣୀ ଲିପିବଦ୍ଧ ହୋଇ ରହିଛି ସେହିମାନଙ୍କ ମଧ୍ୟରେ ବିପ୍ଳବୀ ବହ୍ନିକନ୍ୟା ନନ୍ଦିନୀ ଶତପଥୀ ଥିଲେ ଅନ୍ୟତମ ପ୍ରତିଭା ସମ୍ପନ୍ନ ମହିୟସୀ ନାରୀଶକ୍ତି। ତତ୍କାଳୀନ ରକ୍ଷଣଶୀଳ ସମାଜରେ ଜନ୍ମଲାଭ କରି ମଧ୍ୟ ଅନେକ ବାଧା, ବିରୋଧ, ସଂଗ୍ରାମ, ପ୍ରତିକୂଳ ପରିସ୍ଥିତିରେ ସମ୍ମୁଖୀନ ହୋଇ ଦେଶ ଓ ଜାତିର ଉନ୍ନତି ପାଇଁ କାର୍ଯ୍ୟକରି ସମଗ୍ର ନାରୀ ସମାଜ ପାଇଁ ଆଦର୍ଶ ବ୍ୟକ୍ତିତ୍ୱ ପାଲଟି ଥିଲେ ଶ୍ରୀମତୀ ନନ୍ଦିନୀ ଶତପଥୀ। ବହ୍ନି କନ୍ୟା ନନ୍ଦିନୀ ଶତପଥୀ ନିଜର ଉଦାର ମହତକର୍ମ, ଉଚ୍ଚଚିନ୍ତାଧାରା ଓ ଆତ୍ମୋତ୍ସର୍ଗ ପାଇଁ ଆଜି ବି ଚିରସ୍ମରଣୀୟ ହୋଇରହିଛନ୍ତି। ଗୋଟିଏ ପଟେ ସମାଜସେବା ଓ ରାଜନୀତି ଏବଂ ଆଉ ଗୋଟିଏ ପଟେ ସାହିତ୍ୟ କ୍ଷେତ୍ରରେ ଆଜୀବନ ସାଧନା ତାଙ୍କର ଅସାଧାରଣ ଏବଂ ଅସାମାନ୍ୟ ପ୍ରତିଭାକୁ ସମଗ୍ର ଭାରତ ବର୍ଷରେ ତାଙ୍କୁ ପରିଚିତ କରିଥିଲା। କଟକ ସହରରେ ଜୁନ୍ ମାସ ୯ ତାରିଖରେ ୧୯୩୧ ମସିହାରେ ଶ୍ରୀମତୀ ନନ୍ଦିନୀ ଶତପଥୀ ଜନ୍ମଗ୍ରହଣ କରିଥିଲେ। ପିତା ଥିଲେ ବିଶିଷ୍ଟ ଔପନ୍ୟାସିକ ତଥା କମ୍ୟୁନିଷ୍ଟ ନେତା ଡଃ କାଳନ୍ଦୀ ଚରଣ ପାଣିଗ୍ରାହୀ ଏବଂ ମାତା ଥିଲେ ରତ୍ନମଣି ଦେବୀ। ପିତାମାତା ଶ୍ରଦ୍ଧାରେ ନାମ ରଖିଥିଲେ ନନ୍ଦିନୀ। ଏ ଛୋଟ ଝିଅ ନନ୍ଦିନୀ ଯେ ଦିନେ ନିଜ ମାଟି ଓଡ଼ିଶା ଏବଂ ସମଗ୍ର ଦେଶ ପାଇଁ ଅଜସ୍ର ଗୌରବ ଆଣିବ ସେ କଥା କହେ ଜାଣିନଥିଲେ। ପିତା ସମବାୟ ବ୍ୟାଙ୍କରେ ଚାକିରି କରୁଥିଲେ। ପିତା ଯେତେବେଳେ ମୟୁରଭଞ୍ଜରେ ଚାକିରି କରୁଥିଲେ ସେହି ଜିଲ୍ଲାର ବିଦ୍ୟାଳୟରେ ନନ୍ଦିନୀଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା। କିନ୍ତୁ ସେହି ବିଦ୍ୟାଳୟରେ ରାଜାଙ୍କୁ ତୋଷାମଦ କରାଯାଉଥିବା ଯୋଗୁ ନନ୍ଦିନୀ ତାର ଘୋର ପ୍ରତିବାଦ କରି ସେହି ବିଦ୍ୟାଳୟକୁ ପରିତ୍ୟାଗ କରି ସେଠାରୁ ୪ କିମି ଦୂରରେ ଥିବା ବିଦ୍ୟାଳୟରେ ସେ ପାଠପଢ଼ିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲା ପରି ଏହା ଥିଲା ତାଙ୍କର ସ୍ପଷ୍ଟବାଦିତା ଏବଂ ସ୍ୱାଧିନଚେତା ପ୍ରକୃତିର ପ୍ରମାଣ। ଏହାପରେ କଟକ ଆସି ରେଭେନ୍ସା ବାଳିକା ବିଦ୍ୟାଳୟରେ ପାଠପଢ଼ିଥିଲେ। ସେହି ସ୍କୁଲରେ ଗଣେଶପୂଜା ଏବଂ ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜା କରାଯାଉନଥିବାରୁ ସେ ଏହାର ଘୋର ପ୍ରତିବାଦ କରି ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫଳରେ ପରବର୍ତ୍ତୀ ସମୟରେ ସ୍କୁଲରେ ପୂଜା କରାଯାଇଥିଲା।

ପିଲାଦିନୁ ନନ୍ଦିନୀ ଅତ୍ୟନ୍ତ ଜିଦ୍‌ଖୋର ମନୋବୃତ୍ତିର ଥିଲେ। ଯାହା ଚିନ୍ତା କରୁଥିଲେ ତାହା ହିଁ କରୁଥିଲେ। ପିତା କାଳନ୍ଦୀଚରଣ ପାଣିଗ୍ରହୀ ଏବଂ ଦାଦା ଭଗବତୀ ଚରଣ ପାଣିଗ୍ରାହୀଙ୍କ ସାମ୍ୟବାଦୀ ଚିନ୍ତାଧାରାର ପ୍ରଭାବ ପଡୁଥିଲା ନନ୍ଦିନୀଙ୍କ ଉପରେ। ନନ୍ଦିନୀ ଟିକିଏ ବଡ଼ ହେବାପରେ କମ୍ୟୁନିଷ୍ଟ ଆନ୍ଦୋଳନରେ ଯୋଗଦେଲେ ଏବଂ ମୁକ୍ତି ଯୁଦ୍ଧ ପତ୍ରିକାରେ ତାଙ୍କର ଲେଖା ମଧ୍ୟ ପ୍ରକାଶ କଲେ। ତାଙ୍କର ବୈପ୍ଳବିକ ଲେଖନୀରୁ ଏହା ସ୍ପଷ୍ଟ ବାରି ହୋଇପଡୁଥିଲା ଯେ ଭବିଷ୍ୟତରେ ଜଣେ ପ୍ରତିଷ୍ଠିତ ନାରୀନେତ୍ରୀ ହୋଇ ରାଜନୀତିରେ ନିଜର ସ୍ଥିତି ଜାହିର୍ କରିପାରିବେ। କଲେଜରେ ପଢ଼ିବା ଦିନରୁ ସେ କମ୍ୟୁନିଷ୍ଟ ଦଳରେ ସକ୍ରିୟଭାବେ ସାମିଲ୍ ହୋଇଥିଲେ। ଥରେ କଟକରେ ଗୋଟିଏ ସଭାରେ ଭାଷଣ ଦେଇ ଫେରୁଥିବା ସମୟରେ କଟକ ଝାଞ୍ଜିରମଙ୍ଗଳାଠାରେ ତାଙ୍କୁ ଦୁଇଜଣ ଯୁବକ ତାଙ୍କ ଗାଡ଼ି ସାମ୍ନାକୁ ଆସି ଛିଡ଼ା ହେଲେ ଏହା ଦେଖି ନନ୍ଦିନୀ ଆଦୌ ଭୟଭୀତ ନ ହୋଇ କହିଲେ- ସାବଧାନ ! ଆଉ ଯଦି ଗୋଟିଏ ପାଦ ଆଗକୁ ଆସିବ ତେବେ ରକ୍ତ ଶୋଷିଦେବି। ଏହାପରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଗଲେ ଏବଂ ସେହି ଦୁଇ ଯୁବକ ନିଜର ଭୁଲ ମାଗିଥିଲେ ନନ୍ଦିନୀଙ୍କୁ। ଏହିଭଳି ନିର୍ଭୟ, ସ୍ପଷ୍ଟବାଦୀ ଏବଂ ସ୍ୱାଧିନଚେତାର ମଣିଷ ଥିଲେ ନନ୍ଦିନୀ ଶତପଥୀ। କିଛିଦିନ ପରେ ସେ ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ପ୍ରଭାବିତ ହୋଇ କମ୍ୟୁନିଷ୍ଟ ଦଳ ପରିତ୍ୟାଗ କରି ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ। ସ୍କୁଲ ଜୀବନରୁ ସେ ଇଂରେଜମାନଙ୍କ ବିରୁଦ୍ଧରେ ଆନ୍ଦୋଳନର ନେତୃତ୍ୱ ନେଇଥିବାରୁ ଅନ୍ୟ ଛାତ୍ରମାନଙ୍କ ସହ ମଧ୍ୟ ଗିରଫ ହୋଇଥିଲେ ହେଲେ ନିର୍ଭିକା ନନ୍ଦିନୀ ଏହାକୁ ଆଦୌ ଖାତିର କରୁନଥିଲେ। ପରବର୍ତ୍ତୀ ସମୟରେ ସେ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିବା ସ୍ୱାଧୀନତା ସଂଗ୍ରାମରେ ନିଜକୁ ନିୟୋଜିତ କରିଥିବା ଢେଙ୍କାନାଳ ଜିଲ୍ଲାର ବିଶ୍ୱନାଥ ଶତପଥୀଙ୍କର ପୁତ୍ର ଦେବେନ୍ଦ୍ର ଶତପଥୀଙ୍କ ସହିତ ତାଙ୍କର ବିବାହ ହୋଇଥିଲା। ସ୍କୁଲ ଜୀବନରୁ ନନ୍ଦିନୀ ଅନ୍ୟାୟ, ଅନୀତି, ଅତ୍ୟାଚାରକୁ ଆଦୌ ବରଦାସ୍ତ କରୁନଥିଲେ। ତା' ବିରୁଦ୍ଧରେ ସବୁବେଳେ ସ୍ୱର ଉତ୍ତୋଳନ କରୁଥିଲେ। ସେ ଏଭଳି ଦୁଃସାହସୀ ଥିଲେ ଯେ ରେଭେନ୍ସା କଲେଜରେ ଯେତେବେଳେ ଛାତ୍ର ଆନ୍ଦୋଳନ ହୋଇଥିଲା, ସେ ମା' ହେବାକୁ ଯାଉଥିଲେ ମଧ୍ୟ ଏହାକୁ ଖାତିର ନ କରି ଡାକ୍ତର ମନା କରିବା ସତ୍ତ୍ୱେ ସେ ଆନ୍ଦୋଳନରେ ଯୋଗଦେଇଥିଲେ ଏବଂ ଏହାର ଅଳ୍ପଦିନ ପରେ ସେ ପ୍ରଥମ ପୁତ୍ର ନଚିକେତାକୁ ଜନ୍ମ ଦେଇ ମାତୃତ୍ୱ ଗୌରବ ଅର୍ଜନ କରିଥିଲେ। ପୁଣି ଏହାର ଚାରିବର୍ଷ ପରେ ତଥାଗତଙ୍କୁ ଜନ୍ମଦେଇ ଦୁଇଟିପୁତ୍ରର ମା' ହୋଇଥିଲେ। ଏହାପରେ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରି କଂଗ୍ରେସ ଦଳର କର୍ମୀ ହୋଇ ସାଧାରଣ ଜନତାଙ୍କ ଦୁର୍ଦ୍ଦିନରେ ତାଙ୍କର ପାଖରେ ପହଁଞ୍ଚି ସେବା କରୁଥିଲେ। ଥରେ ଆକ୍ସିଡେଣ୍ଟରେ ସେ ଗଭୀରଭାବେ ଆଘାତ ପାଇ ଗୋଡ଼ ଭାଙ୍ଗିଥିଲେ, ପରେ ଶ୍ରୀଅରବିନ୍ଦଙ୍କ ଆଶୀର୍ବାଦରୁ ଭଲ ହୋଇଥିଲେ। ଏହାପରେ ଶ୍ରୀଅରବିନ୍ଦ ଓ ମା'ଙ୍କ ପ୍ରତି ତାଙ୍କର ଗଭୀର ବିଶ୍ୱାସ ଆସିଥିଲା। ଧୀରେ ଧୀରେ ତାଙ୍କ ପ୍ରତିଭା ବିକଶିତ ହୋଇ ରାଜନୈତିକ କ୍ଷେତ୍ରରେ ମଧ୍ୟ ପ୍ରଭାବ ଓ ପ୍ରତିଷ୍ଠା ବୃଦ୍ଧି ପାଇଲା। ଏହାପରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କୁ ସହାୟତା କରିବା ପାଇଁ ୧୯୬୨ ମସିହାରେ ସେ ପ୍ରଥମେ ରାଜ୍ୟ ସରକାର ସଦସ୍ୟରୂପେ ନିର୍ବାଚିତ ହୋଇ ଥିଲେ। ତାଙ୍କର ପ୍ରଥମ ଅଭିଭାଷଣରେ ସେ ସେଦିନ ଇନ୍ଦିରା ଗାନ୍ଧୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଶ୍ରୀମତୀ ଗାନ୍ଧୀ ତାଙ୍କୁ ତାଙ୍କର ମନ୍ତ୍ରିମଣ୍ଡଳର ସୂଚନା ଲୋକ ସମ୍ପର୍କ ମନ୍ତ୍ରୀ ଭାବରେ ନିଯୁକ୍ତି ଦେଇଥିଲେ। ତାଙ୍କର ଅନନ୍ୟ ରାଜନୈତିକ ପ୍ରତିଭା ଯୋଗୁଁ ତାଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ମଧ୍ୟ ତୁଲାଇବାକୁ ପଡ଼ିଥିଲା। ସେହିଁ ଥିଲେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଯିଏ ବାରମ୍ବାର କଟକ ଏବଂ ଢେଙ୍କାନାଳ ଆସନରୁ ନିର୍ବାଚିତ ହୋଇ ନିଜ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଆଣିଥିଲେ। ଏକାଧାରାରେ ସେ ଥିଲେ ସୁଦକ୍ଷା ପ୍ରଶାସିକା, ସାହସିନୀ ନାରୀ ନେତ୍ରୀ। ସେ ପରିଚାଳନା କମିଟି ଦ୍ୱାରା ଉତ୍ପୀଡ଼ିତ ବେସରକାରୀ ଶିକ୍ଷାନୁଷ୍ଠାନର କର୍ମଚାରୀମାନଙ୍କୁ ସିଧାସଳଖ ବେତନ ପ୍ରଦାନ ବ୍ୟବସ୍ଥା କରି ତାଙ୍କର ଦୀର୍ଘଦିନର ସମସ୍ୟା ଦୂର କରିଥିଲେ। ସାହିତ୍ୟ କ୍ଷେତ୍ରରେ ମଧ୍ୟ ଠିକ୍ ସେହିପରି ବାସ୍ତବ ଦାଦିନୀ ଥିଲେ ନନ୍ଦିନୀ। ତତ୍କାଳୀନ ଅନେକ ବାସ୍ତବ ଘଟଣାକୁ ସେ ସାହିତ୍ୟ ମାଧ୍ୟମରେ ଲୋକଲୋଚନକୁ ଆଣିଥିଲେ। ତାଙ୍କର ସାହିତ୍ୟକୃତି କାହାଣୀ ସଂକଳନ "କେତୋଟି କଥା", ବାବୁଲା, ଗାୟତ୍ରୀ କାହାଣୀକୁ ନେଇ ଟେଲିଫିଲ୍ମ ମଧ୍ୟ କରାଯାଇଥିଲା। ତାଙ୍କର କବିତା ସଂକଳନ ଥିଲା ଉତ୍ତର ପୁରୁଷ, ଠିକଣା ହଜିଗଲା ଇତ୍ୟାଦି। ସେ ରସିଦ ଟିକଟ୍ ପୁସ୍ତକ ପାଇଁ ଯାହା ଥିଲା ବଙ୍ଗଳା ସାହିତ୍ୟିକ ଅମୃତା ପ୍ରୀତମଙ୍କ "ରେଭିନ୍ୟୁ ଟିକଟ"ର ଓଡ଼ିଆ ଅନୁବାଦ ଯାହା ପାଇଁ ୧୯୯୫ ମସିହାରେ ସେ କେନ୍ଦ୍ର ସାହିତ୍ୟ ପୁରସ୍କାର ଲାଭ କରିଥିଲେ। ସେହିପରି ତସଲିମା ନାସାରିନ୍‌ଙ୍କ ପୁସ୍ତକ "ଲଜ୍ଜା" ଉପନ୍ୟାସକୁ ଓଡ଼ିଆ ଭାଷାରେ ଅନୁବାଦିତ କରି ବହୁ ଚର୍ଚ୍ଚିତ ହୋଇଥିଲେ। ସ୍ୱାଧୀନତାର ସୁବର୍ଣ୍ଣ ଜୟନ୍ତୀ ଅବସରରେ ତାଙ୍କୁ ଓଡ଼ିଶାସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଣେ ଅସାଧାରଣ ସମାଜସେବୀ, ସ୍ୱାଧୀନତା ସଂଗ୍ରାମୀ, ପ୍ରବୀଣ ରାଜନୀତିଜ୍ଞ, ସୁସାହିତ୍ୟିକା, ବିଖ୍ୟାତ ନାରୀନେତ୍ରୀ ଭାବରେ ତାଙ୍କୁ ଅନେକବାର ସମ୍ବର୍ଦ୍ଧିତ କରାଯାଇଥିଲା। ଧରିତ୍ରୀ ନାମକ ଏକ ଦୈନିକ ଖବର କାଗଜ ପ୍ରକାଶନ କରି ଓଡ଼ିଶାରେ ସମ୍ବାଦପତ୍ର ପ୍ରକାଶନରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଥିଲେ। ୧୯୯୦ରେ ସେ ନିଜର ସ୍ୱାମୀ ଦେବେନ୍ଦ୍ର ଶତପଥୀ ଏବଂ ୧୯୯୧ରେ ନିଜର ପିତା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କୁ ହରାଇ ଅସହାୟ ହୋଇପଡ଼ିଥିଲେ। ନିଜର କର୍ମନିଷ୍ଠା, ରାଜନୈତିକ ଦୂରଦର୍ଶିତା ପାଇଁ ୨୦୦୪ ମସିହାରେ ତାଙ୍କୁ ଶ୍ରେଷ୍ଠ ବିଧାୟିକା ରୂପରେ ପୁରସ୍କୃତ କରାଯାଇଥିଲା। କେନ୍ଦ୍ରର ତଥ୍ୟ ଏବଂ ବେତାର ମନ୍ତ୍ରୀଭାବେ ତାଙ୍କର କାର୍ଯ୍ୟାବଳୀ ଅତ୍ୟନ୍ତ ଉଚ୍ଚପ୍ରଶଂସନୀୟ। ଭୂସଂସ୍କାର କ୍ଷେତ୍ରରେ ମଧ୍ୟ ତାଙ୍କର କାର୍ଯ୍ୟାବଳୀ ଉଚ୍ଚକୋଟୀର। ପ୍ରକୃତରେ ସେ ଥିଲେ ଓଡ଼ିଶାର ଲୌହମାନବୀ। ନିଜର ଦୃଢ଼ତା, ମନନଶୀଳତା, ସଂକଳ୍ପବଦ୍ଧତା ଏବଂ ବହୁମୁଖୀ ପ୍ରତିଭା ପାଇଁ ସେ ସମଗ୍ର ଭାରତ ବର୍ଷରେ ସୁପରିଚିତ। ଏହି ମହିୟସୀ ନାରୀ ୨୦୦୬ ମସିହା ଅଗଷ୍ଟ ୪ ତାରିଖରେ ଶେଷନିଃଶ୍ୱାସ ତ୍ୟାଗ କଲେ। ମାତ୍ର ତାଙ୍କର ଜୀବନ ଅଦର୍ଶ ଆଜି ବି ଅମର। ସେ ହିଁ ଥିଲେ ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ଏବଂ ଭାରତବର୍ଷର ଦ୍ୱିତୀୟ ମହିଳା ମୁଖ୍ୟମନ୍ତ୍ରୀ। ଆଜିର ଯୁବପିଢ଼ି ତାଙ୍କର ଆଦର୍ଶରେ ପ୍ରେରିତ ହୋଇ ଓଡ଼ିଶାର ବିକାଶ ପାଇଁ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ ଜାରି ରଖିବେ ତେବେ ତାହା ହିଁ ହେବ ବିପ୍ଳବୀ ବହ୍ନିକନ୍ୟା ନନ୍ଦିନୀ ଶତପଥୀଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି।

ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି, ତୁଳସୀପୁର, କଟକ
ଫୋନ୍- ୯୮୫୩୩୫୦୩୮୪

# ଗାଁ ଗୀତ

## (ମାଟି ଅଗଣାର ବିରହ ବିଧୁର ଗାଥା... ମୋ' ଗାଁର କଥା)

**ଭାଗ-୨୪**

ପ୍ରାୟ ପ୍ରତ୍ୟେକ ସୃଜନଶୀଳ ମଣିଷ ଭିତରେ ଗାଁ ଟିଏ ଥାଏ । ରାଜଦୁଲାଳୀ ପଣତ ଅତର ମହକ ପରି ସେଇ ଗାଁର ବାସ୍ନା । ତାକୁ ଏମିତି ଅଥୟ କରେ ଯେ ଛାଡ଼ି ଆସିଥିବା ପିଛିଲା ଦିନର ପାଦଚିହ୍ନ ତା' ଭିତରେ ଥିବା କବିକୁ ଉସୁକାଏ- ଲେଖ୍...ଲେଖ୍...ଲେଖ୍‌ରେ ମୋ କଥା । ସେଇ ଉହୁଁକାପଣର ଦାୟରେ ଏଇଠି ମାଟି ଅଗଣାର ବିରହ ବିଧୁର ଗାଥା... ମୋ ଗାଁର କଥା...



ଉମାକାନ୍ତ ରାଉତ(ଅରୂପ)
ପ୍ଲଟ ନମ୍ବର-୭୬୨,
ପ୍ରଥମ ମହଲା, ନିଳାଦ୍ରି ବିହାର,
ସେକ୍ଟର-୩, ଭୁବନେଶ୍ୱର-୨୧
ମୋ: ୯୪୩୭୨୬୭୧୨୫

ଭୋଅର କାଉର କା' ଡାକରାରେ
ଉଠିପଡ଼େ ଯେବେ ଗାଁ
ଗ୍ରାମ୍ୟ କିଶୋରୀଙ୍କ ମିଳିତ କଣ୍ଠୁ
ସଂଗୀତ ଉଠେ ଆହା ! ୨୪୧ ।

ସୂର୍ଯ୍ୟଙ୍କ ରଥରେ ପବନ ସମ୍ରାଟ
ଖରାର ପସରା ଧରି
ଫୁଲ ଚାଙ୍ଗୁଡ଼ିର ଜାତିଜାତି ଫୁଲେ
ଗାଆଁ ପେଟ ଉଠେ ପୁରି । ୨୪୨ ।

ନରମ ସେ ଫୁଲ ଛାତି ଯେବେ ଚୁମେ
ଦୁଷ୍ଟ ଛିଟ ପ୍ରଜାପତି
ଦୁଲୁକେଇ ଉଠେ ଗାଆଁର ସ୍ପନ୍ଦନ
ଛୁଇଳ ଛବେଳୀ ଛାତି । ୨୪୩ ।

ବେଳ ବୁଡ଼ିଗଲେ ବରାବର ବଢ଼େ
ବତାସର ବାହାଦୁରି
ଛଇଳୀ ମୋ ଗାଆଁ ଛାତି ଚିରିଦିଏ
ଛାଇ ସଂଜର ଛୁରୀ । ୨୪୪ ।

ପ୍ରକୃତି ଦୁଆର ସାମ୍ନାରେ ମୋ' ଗାଁ
ଅନ୍ନପୂର୍ଣ୍ଣା ଥାଳିଟିଏ
ସବୁ ଦରଦର ଅବ୍ୟର୍ଥ ମଲମ
ପରିପୂର୍ଣ୍ଣା ସାହାଟିଏ । ୨୪୫ ।

ତା' ସ୍ନେହୀ ପବନ ମେଣ୍ଟାଇ ଦିଏ
ଯେତେ ସରି ଥକ୍କାପଣ
ଆଶାର ଦିହୁଡ଼ି ତୋଳିଧରେ ତା'ର
ନଇପାଖ ଫୁଲବଣ । ୨୪୬ ।

ଫଗୁଣ ପବନ ପାରିଦେଇଥାଏ
ମୁଲାୟମ ଶେଯଟିଏ
ଚିଠିଧରି ଆସେ ଶ୍ରାବଣ ନିକ୍ୱଣ
ଅଚିରେ ବରଷିଯାଏ । ୨୪୭ ।

ଗାଆଁ ସିଞ୍ଚୁଥାଏ ଅମୃତର ବାରି
ମଲା ଦୁବଘାସ ପରେ
କୋଇଲି ବି ସେଠି ଗୀତ ଗାଉଥାଏ
ବସନ୍ତ ବିଦାୟ ପରେ । ୨୪୮ ।

ଘରୁଆ ପବନ ଶୋଷିନିଏ ଝାଳ
ଦୂରନ୍ତ ଅତିଥି ଦେହୁ
କ୍ଳାନ୍ତ ଅବଶ ଅତିଥିଙ୍କୁ ଲାଗେ
ଆମ ଗାଁ ପରଶ ମହୁ । ୨୪୯ ।

ପାହାଡ଼ ପିଠିରୁ ନଇଁ ଆସେ ଯେବେ
ଧୂଳି ଧୂଆଁଳିଆ ସଂଜ
ଠାକୁର ବାଡ଼ିର ମନ୍ଦିର ପିଣ୍ଡାରୁ
ଶୁଭେ ଗୋସାଇଁଙ୍କ ଝାଂଜ । ୨୫୦ ।(କ୍ରମଶଃ)



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'




# ବମ୍ ତୁଲ୍ ବୁଖାରା



**୩୭**

ଦୀପକ ରଂଜନ ମିଶ୍ର

## ॥ ଆଣ୍ଡାମାନ ଦ ଇଣ୍ଡିଆନ୍ ବାଷ୍ଟାଇଲ୍ ॥




କାର୍ଡ୍ୟୁ କମିଟିର ରିପୋର୍ଟ ଅନୁଯାୟୀ ୧୯୨୧/୨୨ ମସିହାରୁ ଭାରତୀୟ ରାଜବନ୍ଦୀ ମାନଙ୍କୁ ଆଉ ନିର୍ବାସନ ଦଣ୍ଡଦେଇ ଆଣ୍ଡାମାନର ସେଲ୍ୟୁଲାର ଜେଲ୍‌କୁ ପଠାହେଉ ନଥିଲା । କିନ୍ତୁ ପେନାଲ୍ ସେଟେଲ୍‌ମେଣ୍ଟ ବନ୍ଦ ହେବାପରେ କାକୋରୀ ଟ୍ରେନ୍ ଲୁଟ୍ ଓ ଲାହୋର ଷଡ଼ଯନ୍ତ୍ର ଇତ୍ୟାଦି କେଶ୍‌ରେ ଅଭିଯୁକ୍ତ କ୍ରାନ୍ତିକାରୀମାନଙ୍କୁ ଭାରତୀୟ ଜେଲ୍‌ରେ ରଖିବା ଅସମ୍ଭବ ହୋଇପଡ଼େ । ସେମାନେ ଜେଲ୍ ଭିତରେ ବିଭିନ୍ନ ଦାବି କରି ଆମରଣ ଅନଶନ କରିବାକୁ ଲାଗନ୍ତି । ୬୩ ଦିନ ଅନଶନ ପରେ ଜତୀନ୍ ଦାସଙ୍କ ଦେହାନ୍ତ ହୁଏ ଲାହୋରର ସେଣ୍ଟାଲ୍ ଜେଲ୍‌ରେ । ବିଭିନ୍ନ ପତ୍ରପତ୍ରିକାରେ ବନ୍ଦୀମାନଙ୍କ ପ୍ରତି ଜେଲ୍ ଭିତରେ ହେଉଥିବା ଅତ୍ୟାଚାର ତଥା ଆମରଣ ଅନଶନ ଯୋଗୁଁ ସେମାନଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଅବନତି କଥା ପ୍ରକାଶିତ ହେବା ଫଳରେ ଜନସାଧାରଣ କ୍ରାନ୍ତିକାରୀମାନଙ୍କ ଆନ୍ଦୋଳନ ପ୍ରତି ସମର୍ଥନ ବ୍ୟକ୍ତ କରିବା ଆରମ୍ଭ କରିଦିଅନ୍ତି । ରାଜବନ୍ଦୀମାନଙ୍କୁ ଦେଶର ବିଭିନ୍ନ ଜେଲ୍‌ରେ ନରଖି ଦେଶାନ୍ତର କରିବାର ଆବଶ୍ୟକତା ଅନୁଭବ କରି ପୁଣିଥରେ ଆଣ୍ଡାମାନ ପଠାଇବାର ବିଚାର କରାଯାଏ । ୧୦୦ ଜଣ ରାଜବନ୍ଦୀଙ୍କୁ ଆଣ୍ଡାମାନ ପଠାଯିବାର ଖବର 'ହିନ୍ଦୁ' ଖବରକାଗଜରେ ପ୍ରକାଶିତ ହେବା ବେଳକୁ ବିଜୟ କୁମାର ସିହ୍ନା ରାଜମହେନ୍ଦ୍ରୀ ଜେଲ୍‌ରେ ବନ୍ଦୀ ଥାଆନ୍ତି । ସେଠିକାର ଅନ୍ୟ ବନ୍ଦୀମାନେ ଏଇ ଖବର ଶୁଣି ତାଙ୍କୁ ଆସି ସମବେଦନା ଜଣାଇବା ସହ କେହି କେହି ତାଙ୍କୁ କୁଣ୍ଢାଇ କାନ୍ଦି ପକାଇବା ବେଳେ ସେ କିନ୍ତୁ ଭିତରେ ଭିତରେ ଖୁବ୍ ଖୁସି ହେଉଥାନ୍ତି । ଲାହୋର ଷଡ଼ଯନ୍ତ୍ର କେଶ୍‌ରେ ଗିରଫ୍ ହେବା ପରେ ଆପଣା ସାଥୀଙ୍କ ଠାରୁ ବିଚ୍ଛିନ୍ନ ହୋଇ ଯାଇଥାନ୍ତି ସେ । ଆଣ୍ଡାମାନରେ ଯେତେ ଯନ୍ତ୍ରଣା ମିଳୁ ପଛେ ସେମାନଙ୍କ ସାନ୍ନିଧ ତ ପ୍ରାପ୍ତହେବ । ଆପଣା ସାଥୀମାନଙ୍କ ସହ କାନ୍ଧକୁ କାନ୍ଧ ମିଶାଇ ମୃତ୍ୟୁକୁ ବି ସାମ୍ନା କରିବାରେ ଯଥେଷ୍ଟ ଆନନ୍ଦ ଅଛି । ଜେଲ୍ ଭିତରେ ଥିବା ସମୟରେ ସେ ତାଙ୍କର ଅନେକେ ସାଥୀଙ୍କୁ ହରାଇ ମର୍ମାହତ ହୋଇଛନ୍ତି । ଭଗତସିଂହ, ରାଜଗୁରୁ, ଆଜାଦ, ଜତୀନ୍, ଭଗବତୀ ଚରଣ ଇତ୍ୟାଦି ମାତୃଭୂମିର ସ୍ୱାଧୀନତା ଯଜ୍ଞରେ ଆପଣାକୁ ଆହୁତି ଦେଇ ବାହୁଡ଼ି ଯାଇଛନ୍ତି ଆରପାରିକୁ । କ୍ରାନ୍ତିକାରୀଙ୍କୁ ପରସ୍ପରଠାରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଭାରତର ବିଭିନ୍ନ ଜେଲ୍‌କୁ ପଠାଯିବାର ବ୍ୟବସ୍ଥା କରାଯାଏ । ଲାହୋର ସେଣ୍ଟ୍ରାଲ୍ ଜେଲ୍‌ରେ ମାସେ ରଖିବା ପରେ ବିଜୟଙ୍କୁ ମୁଲତାନ୍ ସେଣ୍ଟ୍ରାଲ ଜେଲ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ କିଛିମାସ ରହିବା ପରେ ତାଙ୍କୁ ଓ ଶିବବର୍ମାଙ୍କୁ ଦକ୍ଷିଣ ଭାରତର ରାଜମହେନ୍ଦ୍ରୀ ଜେଲ୍‌କୁ ପଠାଇ ଦିଆଯାଏ । ସେଇଦିନଠାରୁ ସାଥୀଙ୍କ ଠାରୁ ବିଚ୍ଛେଦ ଯୋଗୁଁ ଖୁବ୍ ଛଟପଟ ହେଉଥାନ୍ତି ବିଜୟ । ଏବେ ଆଣ୍ଡାମାନରେ ୧୦୦ ଜଣଙ୍କ ସମାବେଶ, କିଛି ପୁରୁଣା ସାଥୀଙ୍କୁ ଭେଟିବା ସହ କେତେ ନୂଆ କ୍ରାନ୍ତିକାରୀଙ୍କ ସହ ମଧ୍ୟ ସାକ୍ଷାତର ସମ୍ଭାବନା ।

ଏଇ ସମୟରେ ଗୋଟିଏ ଅଘଟଣ ଘଟିଯାଏ । ଜେଲ୍ ପରିସର ଭିତରେ ବିଜୟ ଆପଣା ସାଥୀ ଶିବବର୍ମା ଓ ଜୟଦେବ କପୁରଙ୍କ ସହ ବୁଲାବୁଲି କଲାବେଳେ ଜଣେ ଗାର୍ଡ଼ ସେମାନଙ୍କୁ ଅସମ୍ମାନିତ କଲାଭଳି କଥା କହିବାରୁ ତିନିବନ୍ଧୁ ଖୁବ୍ ଉତ୍କ୍ଷିପ୍ତ ହୋଇ ତାକୁ ପିଟିବାକୁ ଲାଗନ୍ତି । ଜେଲ୍ ଭିତରେ ପୋଲିସ୍‌କୁ ମାଡ଼ ମାରିବା ଏକ ଧର୍ତ୍ତବ୍ୟ ଅପରାଧ । ଏଭଳି ଅପରାଧର ଶାସ୍ତି ହେଉଛି ଚାବୁକ୍ ପ୍ରହାର । ଦୁର୍ବଳ ସ୍ୱାସ୍ଥ୍ୟ ଯୋଗୁଁ ବିଜୟ ଓ ଶିବବର୍ମାଙ୍କୁ ଏଥିପାଇଁ ଡାକ୍ତରୀ ଅନୁମତି ମିଳେନି, କେବଳ ଜୟଦେବ କପୁରଙ୍କୁ ଚାବୁକ୍ ମାଡ଼ ହୁଏ । ଏମାନଙ୍କୁ ଭବିଷ୍ୟତରେ ଏମିତି ଅପରାଧ ନକରିବା ପାଇଁ ଚେତାବନୀ ଦେବା ସହ ଜେଲ୍ ଭିତରେ ରାଜବନ୍ଦୀମାନଙ୍କୁ ମିଳୁଥିବା ସମସ୍ତ ସୁବିଧାରୁ ବଞ୍ଚିତ କରିଦିଆଯାଏ । ଏଇ ନିଷ୍ପତ୍ତି ବିରୋଧରେ ସେମାନେ ଆମରଣ ଅନଶନ ଆରମ୍ଭ କରିଦିଅନ୍ତି । ବିଭିନ୍ନ ପ୍ରକାର ନିର୍ଯ୍ୟାତନା ଦିଆଯିବା ସହ ସେମାନଙ୍କୁ ବଳପ୍ରୟୋଗ ପୂର୍ବକ ନାକରେ ନଳୀ ପୂରାଇ ଖୁଆଇବାର ବ୍ୟବସ୍ଥା କରାଯାଏ । ପତ୍ରପତ୍ରିକାରେ ସେମାନଙ୍କ ଅନଶନ ଖବର ପ୍ରକାଶ ପାଇବାରୁ ଏମାନଙ୍କ ଯୁକ୍ତିକୁ ସମର୍ଥନ କରି ସାଧାରଣ ଜନତା ରାସ୍ତାକୁ ଓହ୍ଲାଇବା ଆରମ୍ଭ କରନ୍ତି । କଂଗ୍ରେସ ନେତାମାନେ ବି ସେମାନଙ୍କୁ ଆସି ସାକ୍ଷାତ କରି ଅନୁରୋଧ କରନ୍ତି ଅନଶନ ପ୍ରତ୍ୟାହାର କରିନେବାକୁ । ଏଣେ ସେମାନଙ୍କୁ ଆଣ୍ଡାମାନ ପଠାଯିବାର ସମସ୍ତ ବ୍ୟବସ୍ଥା ହୋଇ ସାରିଥିଲେ ବି ଏଇ ଅନଶନ ଯୋଗୁଁ ପଠାଇବା ସମ୍ଭବ ହୋଇ ପାରେନି । ସେମାନଙ୍କ ମନୋବଳକୁ ଭାଙ୍ଗିବା ଉଦ୍ଦେଶ୍ୟରେ ତିନିଜଣଙ୍କୁ ବିଭିନ୍ନ ଜେଲ୍‌କୁ ପଠାଇ ଦିଆଯାଏ । ବିଜୟ କୁମାର ସିହ୍ନାଙ୍କୁ ଓ୍ୱାଲଟିୟର ଜେଲ୍‌ରେ ରଖାଯିବା ବେଳେ ଶିବବର୍ମାଙ୍କୁ ରଖାଯାଏ ବ୍ରହ୍ମପୁର ଜେଲ୍‌ରେ । ସରକାର ସେମାନଙ୍କ ଦାବୀ ପୂରଣ ନକରିବା ଯାଏ ସେମାନେ ଅନଶନ ପ୍ରତ୍ୟାହାର କରିବାକୁ ସିଧା ସଳଖ ମନା କରିଦିଅନ୍ତି । ଖୁବ୍ ଦୁର୍ବଳ ହୋଇ ପଡ଼ିବାରୁ କଥା ହେବାକୁ ବି ଆଉ ସେମାନଙ୍କର ସାମର୍ଥ୍ୟ ନଥିବା ବେଳେ ଆତ୍ମବଳ କିନ୍ତୁ ଖୁନ୍ଦି ହୋଇ ରହିଥାଏ ଛାତି ଭିତରେ । ଯେକୌଣସି ପରିସ୍ଥିତିରେ ବି ମୁଣ୍ଡ ନୁଆଁଇବାକୁ ନାରାଜ । ଏଇମିତି ପାଞ୍ଚମାସ ଦଶଦିନ ଯାଏଁ ତାଙ୍କର ଅନଶନ ଚାଲିବା ପରେ ଦେଶବାସୀଙ୍କ ଆକୁଳ ଅନୁରୋଧକୁ ଏଡ଼ାଇ ନପାରି ସେମାନେ ଅନଶନ ପ୍ରତ୍ୟାହାର କରନ୍ତି । ଏଭଳି ବନ୍ଦୀଙ୍କୁ ମାଡ୍ରାସ୍ ପ୍ରେସିଡେନ୍ସିର କୌଣସି ଜେଲ୍ ରଖିବାକୁ ରାଜି ହେଉ ନଥିବା ଯୋଗୁଁ ସରକାର ସେମାନଙ୍କୁ ଶୀଘ୍ର ସୁସ୍ଥ କରି ଆଣ୍ଡାମାନ ପଠାଇବା ଉଦ୍ଦେଶ୍ୟରେ ସୁଷମ ଖାଦ୍ୟ ଓ ଔଷଧର ବ୍ୟବସ୍ଥା କରନ୍ତି । ଦୁଇମାସ ପରେ ଦୁର୍ବଳତା ଥିବା ସତ୍ତ୍ୱେ ଡାକ୍ତରୀ ଫିଟ୍‌ନେସ୍ ସାର୍ଟିଫିକେଟ ଦେଇ ଆଣ୍ଡାମାନ ପଠାଇବା ପାଇଁ ଆଦେଶ ଦିଆଯାଏ । ହେଲେ ସେତିକି ବେଳକୁ ସେଲ୍ୟୁଲାର ଜେଲ୍‌ରେ ଅନଶନରତ ବନ୍ଦୀମାନଙ୍କ ଭିତରୁ ଏମାନଙ୍କ ସାଥୀ ମହାବୀର ସିଂହଙ୍କୁ ବଳାତ୍‌ପାନ ବେଳେ ଭୁଲ ବଶତଃ ଖାଦ୍ୟନଳୀ ପରିବର୍ତ୍ତେ ଶ୍ୱାସନଳୀରେ ଦୁଇଲିଟର କ୍ଷୀର ଢାଳି ଦିଆଯିବାରୁ ତାଙ୍କର ବଡ଼ ଦୟନୀୟ ମୃତ୍ୟୁ ଘଟିଥିବା କଥା ଶୁଣିବାକୁ ମିଳେ । ତା'ର କିଛିଦିନ ପରେ ବଙ୍ଗଳାର କ୍ରାନ୍ତିକାରୀ ମୋହିତ ଓ ମୋହନଙ୍କର ମଧ୍ୟ ଅନଶନରତ ଥିବାବେଳେ ଦେହାନ୍ତ ଘଟିଥିବାର ଖବର ଆସେ । ତେବେ ଆଣ୍ଡାମାନରେ ହରତାଳ ଆରମ୍ଭ ହୋଇ ଯାଇଥିବା ଖବର ଶୁଣି ବିଜୟ ସିହ୍ନା ସେଠାକୁ ଯିବାକୁ ବ୍ୟଗ୍ର ହୋଇ ପଡ଼ନ୍ତି । ସେଠାରେ ପହଞ୍ଚିଲେ ହରତାଳରେ ଯୋଗଦେଇ ବନ୍ଧୁମାନଙ୍କ ମନୋବଳକୁ ଆହୁରି ଦୃଢ଼ କରିବାର ଉଦ୍ଦେଶ୍ୟ ଥାଏ ତାଙ୍କର ।

ବିଜୟ କୁମାର ସିହ୍ନା, ଶିବବର୍ମା ଓ ଜୟଦେବ କପୁରଙ୍କୁ କଡ଼ା ପହରା ଭିତରେ ଟ୍ରେନ୍ ଯୋଗେ ମାଡ୍ରାସ ନିଆହୁଏ । ଏମାନଙ୍କୁ ଆଣ୍ଡାମାନ ପଠାଇବା ପାଇଁ ନିଆହେଉଥିବା ଖବର କେମିତି ସାଧାରଣରେ ପ୍ରଘଟ ହୋଇଯିବାରୁ ସେମାନଙ୍କୁ ଟିକିଏ ଦେଖିବା ତଥା ବିଦାୟ ଜଣାଇବା ପାଇଁ ବାଟରେ ଥିବା ପ୍ରତି ଷ୍ଟେସନ୍‌ରେ ପ୍ରବଳ ଜନସମାଗମ ହୁଏ । ରାତିର ଘନ ଅନ୍ଧକାରକୁ ପୁଣି ନିର୍ଦ୍ଧୁମ ବର୍ଷା । ମାତୃଭୂମିର ଏଇ ବୀର ସଂଗ୍ରାମୀମାନଙ୍କ ଦର୍ଶନ ଆଶାରେ ଏଇ ପରିସ୍ଥିତିରେ ବି ଗୋଟାପଣେ ଓଦାସରସର ହୋଇ ଲୋକେ ଅପେକ୍ଷାରତ ଥାଆନ୍ତି । ଦୁର୍ବଳ ସ୍ୱାସ୍ଥ୍ୟ ସତ୍ତ୍ୱେ ସେମାନଙ୍କୁ କଳାପାଣି ପଠାହେଉଥାଏ । ସେମାନେ ଆଣ୍ଡାମାନରେ ପହଞ୍ଚିଲେ ନିଶ୍ଚିତ ସେଠିକା ହରତାଳରେ ଯୋଗଦେବେ । କୋଉ ଉପାଦାନରେ ଗଢ଼ା ଏମାନଙ୍କ ଶରୀର ! ଆଉ କ'ଣ ଜୀବନ ଧରି କେବେ ଏମାନେ ଫେରି ପାରିବେ ନିଜ ମାତୃଭୂମିକୁ ଯାହାର ମୁକ୍ତି ଉଦ୍ଦେଶ୍ୟରେ ଏତେ ସଂଗ୍ରାମ କରୁଛନ୍ତି ! ଏଇସବୁ ଚିନ୍ତା କରି ଲୋକେ ଲୁହ ପୋଛି ପୋଛି ଇଂରେଜ ସରକାରର ହୃଦୟହୀନତା କଥା ପରସ୍ପର ଆଲୋଚନା କରୁଥାନ୍ତି । ରେଳଡବା ଭିତରେ ଏମାନଙ୍କୁ ଘେରି ରହିଥାନ୍ତି ସୁରକ୍ଷାକର୍ମୀମାନେ । କାହାରି ସହିତ ସେମାନେ ଯେମିତି କଥା ହୋଇ ନପାରନ୍ତି ସେଇ ବ୍ୟବସ୍ଥା ହୋଇଥାଏ । ପ୍ଲାଟଫର୍ମରେ ଜମା ହୋଇଥିବା ଅଗଣିତ ଜନତାଙ୍କ ସ୍ଲୋଗାନ- ଭାରତ ମାତାକୀ ଜୟ, ଇନ୍ କିଲାବ୍ ଜିନ୍ଦାବାଦ୍ ଇତ୍ୟାଦିକୁ କିନ୍ତୁ କାହାରି ସାମର୍ଥ୍ୟ ନଥାଏ ଅଟକାଇବାର । ଦେଶବାସୀଙ୍କ ଏଭଳି ସମର୍ଥନ ଶତସିଂହର ବଳ ଯୋଗାଉଥାଏ ତିନି କ୍ରାନ୍ତିକାରୀ ବନ୍ଧୁଙ୍କୁ ।

ମହାରାଜା ଜାହାଜ ଛାଡ଼ିବାର ନିର୍ଦ୍ଧାରିତ ତାରିଖର ପୂର୍ବଦିନ ଏମାନେ ଯାଇ ମାଡ୍ରାସ୍‌ରେ ପହଞ୍ଚିଯାଆନ୍ତି । ରାତିଟି ସେଠିକାର ଜେଲ୍‌ରେ କଟାଇବା ପରେ ସେମାନଙ୍କୁ ବନ୍ଦରକୁ ନିଆଯାଏ । ଜାହାଜର ତଳ ମହଲାରେ ଇଞ୍ଜିନ୍ ପାଖରେ ବନ୍ୟଜନ୍ତୁଙ୍କୁ ବନ୍ଦୀକଲା ଭଳି କିଛି ବଡ଼ ବଡ଼ ଲୁହା ପିଞ୍ଜରା ଥାଏ । ଗୋଟିଏ ଭିତରେ ଏଇ ତିନି ବନ୍ଧୁଙ୍କୁ ପୂରାଇ ଦିଆଯାଏ । ସେଇ ଅନ୍ଧାରୁଆ ତଥା ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ସେମାନଙ୍କୁ ଚାରିଦିନର ଜଳଯାତ୍ରା କରିବାକୁ ପଡ଼େ । ସେଲ୍ୟୁଲାର ଜେଲ୍‌ରେ ପହଞ୍ଚିବା ପରେ ଏମାନେ ଜେଲର୍‌ଙ୍କୁ ଅନୁରୋଧ କରନ୍ତି ହରତାଳ କରୁଥିବା ବନ୍ଦୀମାନଙ୍କ ପାଖକୁ ସେମାନଙ୍କୁ ନେଇଯିବା ପାଇଁ । ତାଙ୍କ ଅନୁରୋଧକୁ କିନ୍ତୁ ଭଦ୍ରତାର ସହ ଅମାନ୍ୟ କରି ଏମାନଙ୍କୁ ହରତାଳ କରୁ ନଥିବା ବନ୍ଦୀଙ୍କ ବ୍ଲକ୍‌ରେ ନେଇ ରଖିବାକୁ ଆଦେଶ ଦିଅନ୍ତି ଜେଲର । ତାଙ୍କର ଭୟ ଥାଏ ଏମାନେ ହରତାଳକାରୀଙ୍କ ସହିତ ମିଶିଗଲେ ପରିସ୍ଥିତି ଆହୁରି ଜଟିଳ ହୋଇଯିବ ବୋଲି । ଯେଉଁ ବ୍ଲକ୍‌କୁ ନିଆଯାଏ ସେଇଠି ୨୫ ଜଣ କମ୍ରେଡ୍ ଥାଆନ୍ତି କଏଦୀ ଭାବେ । କିଛି ଦିନ ଭିତରେ ସେମାନେ ହରତାଳରେ ଯୋଗ ଦେବାକୁ ଯୋଜନା କରୁଥାନ୍ତି । ତାଙ୍କ ଭିତରୁ ଚାରି ପାଞ୍ଚଜଣ ଖୁବ୍ ଅସୁସ୍ଥ ଥିବାରୁ ସେମାନଙ୍କୁ ସେଇ ଯୋଜନାରୁ ଦୂରେଇ ରଖାଯାଇଥାଏ । ଏଇ ତିନିବନ୍ଧୁ ପହଞ୍ଚିଲା ଦିନଠାରୁ ହରତାଳ ଆରମ୍ଭ କରିବେ ବୋଲି ସ୍ଥିର କରିଛନ୍ତି ଜାଣି ସେମାନେ ତାଙ୍କୁ ବାରଣ କରନ୍ତି । ସେତେବେଳେ ଭାରତ ସରକାରଙ୍କ ପ୍ରତିନିଧି ସାଜି ମିଷ୍ଟର ବାର୍କର ଆସିଥାନ୍ତି ଆଣ୍ଡାମାନ ସେଠିକା ପରିସ୍ଥିତି ଅନୁଧ୍ୟାନ କରି ରିପୋର୍ଟ ଦେବାପାଇଁ । ତାଙ୍କ ସହିତ ଅନ୍ତତଃ ଥରେ କଥା ହେବାପରେ ଏମାନେ ହରତାଳରେ ଯୋଗ ଦେବାକଥା ବିଚାର କରିବା ଠିକ୍ ହେବ ବୋଲି ସାଥୀମାନେ ମତ ଦିଅନ୍ତି । ଲାହୋର ସେଣ୍ଟ୍ରାଲ ଜେଲ୍‌ରେ ବନ୍ଦୀ ଥିବାବେଳେ ମି. ବାର୍କର ସେଠାରେ ମେଡିକାଲ ଅଫିସର ଥିବାରୁ ସେ ଏମାନଙ୍କ ସହ ପୂର୍ବରୁ ପରିଚିତ ଥାଆନ୍ତି । ସେ ଏମାନଙ୍କ ଗତିବିଧି ଲକ୍ଷ୍ୟ କରି ପରିସ୍ଥିତିକୁ ଜଟିଳ ନକରିବା ଉଦ୍ଦେଶ୍ୟରେ ତିନିଜଣଙ୍କୁ ଭିନ୍ନ ଭିନ୍ନ ବ୍ଲକ୍‌ରେ ରଖିବାର ବ୍ୟବସ୍ଥା କରିଦିଅନ୍ତି ଯେମିତି କେହି କାହା ସହିତ କଥା ମଧ୍ୟ ହୋଇ ପାରିବେ ନାହିଁ ।

ନୂଆ କୋଠରୀକୁ ଆସିବାର ଅଧଘଣ୍ଟାଏ ଭିତରେ କିନ୍ତୁ ଜଣେ ବିଜୟ ସିହ୍ନାଙ୍କୁ ଆସି ଲୁଚାଇକରି କାଗଜ ଟୁକୁଡ଼ା ଖଣ୍ଡେ ଲୁହା ରେଲିଂବାଟେ ବଢ଼ାଇ ଦିଏ । ତାକୁ ଦେଖି ସେ ଖୁବ୍ ଖୁସି ହୋଇଯାଆନ୍ତି । ତାଙ୍କ ଅନ୍ତରଙ୍ଗ ସାଥୀ କମଳନାଥ ତିଓ୍ୱାରୀ ପେନ୍‌ସିଲ୍‌ରେ କିଛି ଲେଖି ସେଲ୍ୟୁଲାର ଜେଲ୍‌ରେ ତାଙ୍କୁ ସ୍ୱାଗତ ଜଣାଇବା ସହ ଦେଶର ରାଜନୈତିକ ପରିସ୍ଥିତି ତଥା କ୍ରାନ୍ତିକାରୀ ଆନ୍ଦୋଳନର ବର୍ତ୍ତମାନର ସ୍ଥିତି ଜାଣିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି । ଦୀର୍ଘ ପାଞ୍ଚବର୍ଷ ତଳେ ଲାହୋର ଷଡ଼ଯନ୍ତ୍ର କେଶ୍‌ରେ ଗିରଫ୍ ହେବା ପରଠାରୁ ଆଉ ଦେଖା ସାକ୍ଷାତ ହୋଇ ନଥିବା ବନ୍ଧୁଙ୍କ ପାଖରୁ କାଗଜ ଖଣ୍ଡିକ ପାଇ ଶିହରଣ ଖେଳିଯାଏ ବିଜୟଙ୍କ ସମଗ୍ର ଶରୀରରେ । ବିହାର, ବଙ୍ଗଳା ତଥା ନେପାଳରେ ସେମାନେ ଦୁହେଁ ସାଥୀ ହୋଇ କେତେ କାମ କରିଛନ୍ତି । କାଗଜରେ ଥିବା ହାତଲେଖାକୁ ବାରମ୍ବାର ପଢ଼ିବା ସହ ସେ ବିକଳ ହୋଇ ଉଠନ୍ତି ତାଙ୍କୁ ଭେଟିବା ପାଇଁ । ହେଲେ କାରାଗାରର ରୁଦ୍ଧ କୋଠରୀ ଭିତରେ ବନ୍ଦୀଥିବା ଅବସ୍ଥାରେ କେମିତି ସାକ୍ଷାତ ସମ୍ଭବ ହେବ ସେ ବିଷୟରେ କିଛି ବି ଧାରଣା ନଥାଏ ତାଙ୍କର । ସେତେବେଳେ କମ୍ରେଡ୍ କମଳନାଥ ଓ ବଟୁକେଶ୍ୱର ଦତ୍ତଙ୍କୁ ସାତ ନମ୍ବର ବ୍ଲକ୍‌ରେ ବନ୍ଦୀ କରି ରଖାଯାଇଥାଏ । ଜେଲ କର୍ତ୍ତୃପକ୍ଷଙ୍କ ବଦ୍ଧ ଧାରଣା ଯେ ସେଇ ଦୁହେଁ ହିଁ ଅନ୍ୟ ରାଜବନ୍ଦୀମାନଙ୍କୁ ହରତାଳ କରିବାକୁ ଉସୁକାଉଛନ୍ତି । ତେଣୁ ସେମାନଙ୍କ ଉପରେ ସବୁବେଳେ ଥାଏ ଶକ୍ତ ପହରା । କିଛି ଓ୍ୱାର୍ଡ଼ର କିନ୍ତୁ ରାଜବନ୍ଦୀମାନଙ୍କୁ ସହଯୋଗ କରୁଥିବାରୁ ସେଇଦିନ ହିଁ ବିଜୟଙ୍କ ଯୋଗାଯୋଗ ହରତାଳକାରୀଙ୍କ ସହିତ ମଧ୍ୟ ହୋଇଯାଏ । ବିଜୟ ସିହ୍ନା ଓ ଶିବବର୍ମା ସେଲ୍ୟୁଲାର ଜେଲ୍‌ରେ ପହଞ୍ଚିଯାଇଥିବାର ଖବର ପାଇ ସେମାନେ ସମସ୍ତେ ଅତ୍ୟନ୍ତ ଆନନ୍ଦିତ ଥାଆନ୍ତି । ଆଣ୍ଡାମାନରେ ରାଜବନ୍ଦୀଙ୍କର ହରତାଳ ଓ ତହିଁଯୋଗୁଁ ତିନିଜଣଙ୍କ ଦେହାନ୍ତ ଖବର କେମିତି ସାରା ଦେଶରେ ପ୍ରଚାରିତ ହୋଇ ସେମାନଙ୍କ ପକ୍ଷରେ ବିପୁଳ ଜନସମର୍ଥନ ସୃଷ୍ଟି ହୋଇଛି, ସରକାର ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ କମିଟି ଗଠନ କରିଛନ୍ତି ତଥା ରାଜବନ୍ଦୀଙ୍କୁ ସମର୍ଥନ ଜଣାଇ ସ୍ୱାମୀ ଜ୍ଞାନାନନ୍ଦ କିପରି ବିଭିନ୍ନ ପଦକ୍ଷେପ ନେଉଛନ୍ତି ତାହାସବୁ ଜାଣି ସେମାନଙ୍କ ଉତ୍ସାହ ଦ୍ୱିଗୁଣିତ ହୁଏ ।

ମି. ବାର୍କର କିଛିଦିନ ଆଣ୍ଡାମାନରେ ସବୁ ପରିସ୍ଥିତିର ଆକଳନ କରି ଭାରତକୁ ଫେରି ସରକାରଙ୍କୁ ତାଙ୍କ ରିପୋର୍ଟ ଦିଅନ୍ତି । ଏତିକିବେଳକୁ ଚାରି ପାଞ୍ଚଜଣଙ୍କ ଅବସ୍ଥା ଖୁବ୍ ସାଙ୍ଘାତିକ ହୋଇଯାଇଥାଏ । ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପ୍ରତିଦିନ ଟେଲିଗ୍ରାମ ପଠାଯାଉଥାଏ ସିମ୍‌ଲା । ହଠାତ୍ ଦିନେ ଡେପୁଟି କମିଶନର କିଛି ଅଧିକାରୀଙ୍କ ସହ ଜେଲ୍‌କୁ ଆସି ସମସ୍ତ ହରତାଳକାରୀଙ୍କୁ ସେଣ୍ଟ୍ରାଲ ଟାଓ୍ୱାରକୁ ଅଣାହେବା ପାଇଁ ଆଦେଶ ଦିଅନ୍ତି । ଅତ୍ୟଧିକ ଦୁର୍ବଳ ହୋଇଯାଇଥିବା ବନ୍ଦୀଙ୍କୁ ଛାଡ଼ି ଅନ୍ୟମାନଙ୍କୁ ଷ୍ଟ୍ରେଚର୍‌ରେ ବୋହି ଅଣାଯାଏ । ଅଧିକାରୀମାନେ ସେମାନଙ୍କ ସମସ୍ତ ଦାବୀ ପୂରଣ କରିବାକୁ ରାଜି ହୁଅନ୍ତି । କିନ୍ତୁ ହରତାଳ ଜାରି ରଖିଥିବା ଯାଏଁ କିଛି ବି ସମ୍ଭବ ହୋଇ ପାରିବନି । ସରକାର ସେମାନଙ୍କ ଦାବୀ ପୂରଣ କରିବାକୁ ରାଜି ହୋଇଥିଲେ ସୁଦ୍ଧା ଆପଣା ପରାଜୟ ସ୍ୱୀକାର କରିବାକୁ ପ୍ରସ୍ତୁତ ନଥାନ୍ତି । ସେଥିପାଇଁ ସେମାନଙ୍କୁ ପ୍ରଥମେ ହରତାଳ ବନ୍ଦ କରିବାକୁ ଇଙ୍ଗିତ ଦିଆଯାଏ । ରାଜବନ୍ଦୀମାନେ ନିଜ ନିଜ ଭିତରେ ବିଚାର ଆଲୋଚନା କରି ସେଇଦିନ ସନ୍ଧ୍ୟାବେଳେ ହରତାଳ ବନ୍ଦ କରିବାର ନିଷ୍ପତ୍ତି ନିଅନ୍ତି । ସମସ୍ତଙ୍କୁ ଜେଲ୍ ଅଧିକାରୀଙ୍କ ଉପସ୍ଥିତିରେ କ୍ଷୀର ପିଇବାକୁ ଦିଆଯାଏ । ଦୀର୍ଘ ୫୫ ଦିନର ହରତାଳ କରି ସେମାନେ ସରକାରଙ୍କୁ ତାଙ୍କ ଦାବି ପୂରଣ କରିବାକୁ ବାଧ କରିପାରିଥିବାରୁ କମ୍ରେଡ୍‌ମାନେ ଆପଣା ସଫଳତାରେ ଉଲ୍ଲସିତ ହୁଅନ୍ତି ।

ଅନଶନକାରୀମାନେ ଖୁବ୍ ଦୁର୍ବଳ ହୋଇ ପଡ଼ିଥିବାରୁ ସେମାନଙ୍କୁ ଡାକ୍ତରଙ୍କ କଟକଣା ଭିତରେ କିଛିଦିନ ରହିବାକୁ ପଡ଼େ । ଶେଷକୁ ସେଇ ବହୁପ୍ରତୀକ୍ଷିତ ଦିନଟି ଆସେ । ଜେଲର୍ ଏଇ ତିନି ବନ୍ଧୁଙ୍କୁ ନେଇ ପାଞ୍ଚନମ୍ବର ବ୍ଲକ୍‌ରେ ଛାଡ଼ି ଦିଅନ୍ତି । ସାଥୀମାନେ ସେମାନଙ୍କୁ ସ୍ୱାଗତ କରିବା ପାଇଁ ପ୍ରବେଶ ଦ୍ୱାର ନିକଟରେ ରୁଣ୍ଡ ହୋଇଥାନ୍ତି । କରମର୍ଦ୍ଦନ ତଥା କୋଳାକୋଳି ପରେ ସମସ୍ତେ ପରସ୍ପରର କୁଶଳ ଜିଜ୍ଞାସା କରନ୍ତି । ବିଜୟ ତାଙ୍କ ବନ୍ଧୁ କମଳନାଥଙ୍କ ସହ ବସି ବିଗତଦିନର ଆମରଣ ଅନଶନ କଥା ଗପିବାକୁ ଲାଗନ୍ତି । ଦୁଇଦିନ ଧରି ଚାଲିଥିବା ସେଇ ଆଲୋଚନାକୁ ବିଜୟ କୁମାର ସିହ୍ନା ତାଙ୍କ ଲିଖିତ ପୁସ୍ତକ 'ଆଣ୍ଡାମାନ୍ ଦ ଇଣ୍ଡିଆନ୍ ବାଷ୍ଟାଇଲ୍'ରେ ଏକ ସ୍ୱତନ୍ତ୍ର ପରିଚ୍ଛେଦରେ ଲିପିବଦ୍ଧ କରିଛନ୍ତି..... (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୮ ଅଗଷ୍ଟ, ୨୦୨୨

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ

ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



## ଆଲୋଚନା...

# ଆନ୍ତର୍ବିଦ୍ୟାମୂଳକ ଅଧ୍ୟୟନ ଓ ତୁଳନାତ୍ମକ ସାହିତ୍ୟ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର



ଏକ ଏକ ସୁନିର୍ଦ୍ଦିଷ୍ଟ ବିଷୟ ଉପରେ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନ କରିବାର ପରମ୍ପରା ଆମ ଦେଶରେ ପ୍ରବର୍ତ୍ତିତ । ସମଗ୍ର ଭାରତବର୍ଷରେ ବା ପୃଥିବୀରେ ଏମିତି କୌଣସି ଶିକ୍ଷାୟତନ ଏକାନ୍ତ ଦୁର୍ଲଭ, ଯେଉଁଥିରେ ସ୍ନାତକୋତ୍ତର ଶ୍ରେଣୀରେ ଏକ ନୁହେଁ ଏକାଧିକ ବିଷୟ ହେଉଛି ପଠିତବ୍ୟ । ଏହାର ଗମ୍ଭୀର ଗୁରୁତ୍ୱ କେତେ ପରିମାଣରେ ସଂପ୍ରସାରିତ, ତାହା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କ୍ରମଶଃ ସଚେତନ ହେଉଥିବା ପରିଲକ୍ଷିତ ହୁଏ ।

ଏ ପ୍ରସଙ୍ଗରେ ଓଡ଼ିଶାସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ସଜ୍ଜୀକରଣ ପ୍ରତି ଦୃଷ୍ଟି ଦେଇ ଭାଷା ଓ ସାହିତ୍ୟ ବିଭାଗରେ ଯେଉଁ ଆନ୍ତର୍ବିଦ୍ୟା ମୂଳକ ଅଧ୍ୟୟନର ଶୁଭାରମ୍ଭ କରାଯାଇ ପାରିଛି, ତାହା ତୁଳନାତ୍ମକ ସାହିତ୍ୟର ବିଭିନ୍ନ ଦିଗକୁ ଉନ୍ମୋଚିତ କରିଦେଇପାରିଛି ସଫଳ ଭାବରେ । ପୂର୍ବରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏହା ଏକ ସ୍ୱତନ୍ତ୍ର ପତ୍ର ଭାବରେ ଅନ୍ତର୍ଭୁକ୍ତ ହୋଇ ତୁଳନାତ୍ମକ ବିଚାରଧାରାର ସଂକେତ କେତେ ଔଦାର୍ଯ୍ୟ-ଯୁକ୍ତ ତାହା ସୁଦୃଢ଼ ଭାବରେ ପ୍ରମାଣ କରି ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ବୋଧକୁ ମାର୍ଜିତ ତଥା ପରିଶୀଳିତ କରିଦେବାରେ ନେଇଥିଲା ମୁଖ୍ୟଭୂମିକା । ପୂଜ୍ୟ ଗୁରୁଦେବ ପ୍ରଫେସର ଆଦିକନ୍ଦ ସାହୁଙ୍କ ବ୍ୟକ୍ତିଗତ ସମ୍ବେଗ-ସଂଜାତ ବିଷୟ ଭାବରେ ଏହା ଆନୁଷ୍ଠାନିକ ସ୍ୱୀକୃତିଲାଭ କରି ପାରିଥିବା ଆଶ୍ୱାସନାର ବିଷୟ । ଏଥିପାଇଁ ନିର୍ଦ୍ଦିଷ୍ଟ କେତୋଟି ଶ୍ରେଣୀରେ ଏହାକୁ ଆବଦ୍ଧ କରାନଯାଇ ଛାତ୍ରଛାତ୍ରୀମାନଙ୍କୁ ବିଶେଷ ପ୍ରେରଣା ଦେବା ନିମିତ୍ତ ବିଷୟଟିକୁ ମୁକ୍ତ-ଅଧ୍ୟୟନର ଏକ ଶ୍ରେଷ୍ଠ ମର୍ଯ୍ୟାଦା ଦିଆଯାଇ ପାରେ । ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ ତିନୋଟି ବିଷୟକୁ ଆତ୍ମସ୍ଥ କରି ଗୌରବଯୁକ୍ତ । ତାହା ହେଲା ଓଡ଼ିଆ, ଇଂରାଜୀ ଓ ଉର୍ଦ୍ଦୁ । ପ୍ରଥମ ପର୍ଯ୍ୟାୟର ଛାତ୍ରଛାତ୍ରୀମାନେ ନିଜ ନିଜ ବିଷୟ ସହିତ ଆଉ ଏକ ଏକ ଭିନ୍ନ ବିଷୟ ନେଇଥାଆନ୍ତି । ତେଣୁ ଓଡ଼ିଆ, ଇଂରାଜୀ ଓ ଉର୍ଦ୍ଦୁ- ଏହି ତିନୋଟି ଭାଷାର ଶ୍ରେଷ୍ଠ କବି ଲେଖକଙ୍କ କୃତି ସହିତ ଭାଷା ଓ ସାହିତ୍ୟର ଅନ୍ୟାନ୍ୟ ଦିଗ ଉପରେ ମଧ୍ୟ ଜ୍ଞାନ ଆହରଣ କରିବାରେ ସୁଯୋଗ ସେମାନଙ୍କୁ ପ୍ରାପ୍ତ ହୋଇଥାଏ । ଏ ପ୍ରକାରର ଅଧ୍ୟୟନ ଓ ଅଧ୍ୟାପନା ଯେଉଁ ବିଶ୍ୱବିଦ୍ୟାଳୟଗୁଡ଼ିକରେ ରହିଥିବ ନିଶ୍ଚିତ ଭାବରେ ସେହି ଶିକ୍ଷାୟତନର ଛାତ୍ରଛାତ୍ରୀମାନଙ୍କ ସାହିତ୍ୟିକ ଉପଲବ୍ଧି ଅଧିକ ସଂପ୍ରସାରିତ ଓ ପରିଶୀଳିତ ହୋଇପାରିବ ନିଶ୍ଚିତ ଭାବରେ ।

ଆନ୍ତର୍ବିଦ୍ୟାମୂଳକ ଅଧ୍ୟୟନର ଆଭିମୁଖ୍ୟ ହେଉଛି ମାନବିକତାର ଶ୍ରେଷ୍ଠାଂଶକୁ ସୁସଂଗଠିତ ଓ ସୁନିୟନ୍ତ୍ରିତ କରିବା । ଜାତି, ଧର୍ମ, ବର୍ଣ୍ଣ, ଭାଷା ଓ ଆଞ୍ଚଳିକତାକୁ କେନ୍ଦ୍ରକରି ଯେଉଁ ଉତ୍ତେଜନା ମଣିଷ ମନରେ ରହିଥାଏ, ତାହାକୁ ଏକ କଲ୍ୟାଣକାମୀ ଭାବାବେଗରେ ରୂପାନ୍ତରିତ କରିବାରେ ଏହାର ପରମ ସାର୍ଥକତା ସନ୍ନିହିତ । ପ୍ରତ୍ୟେକଟି ମଣିଷ ନିଜର ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ନିଜସ୍ୱ ସୀମିତ ଭୂଖଣ୍ଡଟିକୁ ଭଲ ପାଇଥାଏ ସ୍ୱାଭାବିକ ଭାବରେ । ଏହି ସ୍ୱଜାତି ଭାଷା ଓ ଭୂମି ପ୍ରତି ମମତା ନିଶ୍ଚିତ ଭାବରେ ଅଭିନନ୍ଦନୀୟ । ମାତ୍ର ଏହା ଯେତେବେଳେ ଅନ୍ୟ ଭାଷା ଜାତି ଧର୍ମ ବା ଭୂମିର ବିରୁଦ୍ଧାଚରଣ କରିବାଟାକୁ ହିଁ ମାତୃଭୂମି ଓ ମାତୃଭାଷା ପ୍ରତି ମମତା ବୋଲି ମନେ କରାଯାଏ ଓ ଏଥିପାଇଁ ଆକ୍ଷେପ ପ୍ରତିଆକ୍ଷେପରେ ଦୂଷିତ ହୋଇଯାଏ ପରିବେଶ ସେତେବେଳେ ଦେଶର ଏକତା ଓ ସଂହତି ପ୍ରତି ସୃଷ୍ଟିହୁଏ ବିପଦ । ପୁନଶ୍ଚ କେବଳ ନିଜ ଦେଶକୁ ଭଲ ପାଇବାରେ ରହିଛି ଜାତୀୟତାର ମହାଭାବ ବୋଲି ମନେ କରିବା ଓ ଅନ୍ୟ ଦେଶପ୍ରତି ବୈରତା ପ୍ରକାଶ କରିବା ମଧ୍ୟ ମାନବ-ଜାତି ପ୍ରତି ସୃଷ୍ଟି କରେ ନାନାବିଧ ସଂକଟ ।

ଏହିସବୁ ସଂକୀର୍ଣ୍ଣ ଚିନ୍ତନ ଓ ଅପରିପକ୍ୱ କମ୍ପନରୁ ଜାତିକୁ ମୁକ୍ତ କରିବା ପାଇଁ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରେ ଆନ୍ତର୍ବିଦ୍ୟାମୂଳକ ଅଧ୍ୟୟନର ଗୁରୁତ୍ୱକୁ ଯେକେହି ଶିକ୍ଷାବିତ୍ ଓ ସାହିତ୍ୟିକ ନିଶ୍ଚୟ ସ୍ୱୀକାର କରିବେ, ଏଥିରେ ସନ୍ଦେହ ନାହିଁ ।

ଏପରି ଅଧ୍ୟୟନ ଦ୍ୱାରା ପାରସ୍ପରିକ ସ୍ନେହ ଓ ପ୍ରୀତିର ବନ୍ଧନ ସୁଦୃଢ଼ ହୋଇଯାଏ ସ୍ୱତଃସ୍ଫୂର୍ତ୍ତ ଭାବରେ । ପୁନଶ୍ଚ ସାହିତ୍ୟ ଜଗତକୁ ଏହା ପ୍ରଦାନ କରେ ଯେଉଁ ସର୍ବୋତ୍ତମ ଦୃଷ୍ଟିଭଙ୍ଗୀ, ତାହା ହେଲା- 'ତୁଳନାତ୍ମକ ସାହତ୍ୟ' । ନିଜ ଭାଷା ଆଉ ସାହିତ୍ୟ ମଧ୍ୟରେ ତୁଳନା କରାଯାଇ ପାରିବ କେବଳ ତାହା ନୁହେଁ, ଅନ୍ୟ ଭାଷା-ବୈଭବ ଓ ସାହିତ୍ୟିକ ସୌନ୍ଦର୍ଯ୍ୟ ସହିତ ପ୍ରତ୍ୟେକ ଭାଷା ଓ ସାହିତ୍ୟର ତୁଳନାଧର୍ମୀ ଆଲୋଚନା ଏହା ମାଧ୍ୟମରେ ହୋଇପାରିବ ଏକାନ୍ତ ସାର୍ଥକ । ଆମ ସାହିତ୍ୟିକ ଗବେଷଣା ଗୁଡ଼ିକ ମଧ୍ୟ ଯେତିକି ସମୃଦ୍ଧଶାଳୀ ହୋଇଉଠିବ, ତାହାର କଳନା କରାଯାଇ ପାରିବ ନାହିଁ । ପ୍ରକୃତ କଥା ହେଲା ବିଶ୍ୱବିଦ୍ୟାଳୟ କେବଳ ଡିଗ୍ରୀ ବିତରଣର ଏକ ନିଷ୍ପ୍ରାଣ କେନ୍ଦ୍ର ହୋଇପାରେନା । ଏହା ହେଉଛି ଜ୍ଞାନ ବିଜ୍ଞାନ ବିକାଶର ପ୍ରଶସ୍ତ କ୍ଷେତ୍ର । ବିଶ୍ୱ ବିଦ୍ୟାଳୟରେ ହିଁ ନିର୍ମିତ ହୁଅନ୍ତି ବିଶ୍ୱ-ପ୍ରେମିକ, ବିଶ୍ୱବାଦୀ-ମଣିଷ, ସମଗ୍ର ବିଶ୍ୱକୁ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ ସମର୍ଥ ଭାବ-ବାଦୀ ନେତୃବର୍ଗ । ଆମର ଛାତ୍ରନେତାମାନେ ଯଦି ଏହି ଆନ୍ତର୍ବିଦ୍ୟାମୂଳକ ଅଧ୍ୟୟନ ସହିତ ପରିଚିତ ହେବାର ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇପାରନ୍ତା, ତାହେଲେ ସେମାନଙ୍କ ଚେତନା ଯେ ହୋଇପାରନ୍ତା ଔଦାର୍ଯ୍ୟଯୁକ୍ତ- ଏହା କହିବା ବାହୁଲ୍ୟ ମାତ୍ର । ସେପରି ଅଧ୍ୟୟନ ଓ ଅଧ୍ୟାପନା ଅଭାବରୁ ଓ ରାଜନୈତିକ ଉତ୍ତେଜନାର ବଶବର୍ତ୍ତୀ ହୋଇ ବହୁ ଛାତ୍ରଛାତ୍ରୀ ବିପଥଗାମୀ ହୋଇଥାଆନ୍ତି । ଯେପର୍ଯ୍ୟନ୍ତ ଦେଶର ଶିକ୍ଷାନୁଷ୍ଠାନକୁ ସଜଡ଼ା ଯାଇ ନପାରିଛି, ସେତେଦିନ ପର୍ଯ୍ୟନ୍ତ ପ୍ରକୃତ ଶାନ୍ତି, ସଂହତି, ସଦ୍‌ଭାବ ପ୍ରତିଷ୍ଠା କରିବା ସହଜ ବ୍ୟାପାର ନୁହେଁ । ପ୍ରଥମତଃ ଦେଶ ତଥା ପ୍ରଦେଶର ପରିସୀମାରେ ବିଶ୍ୱ ଭ୍ରାତୃତ୍ୱର ପ୍ରତିଷ୍ଠା ଯେପର୍ଯ୍ୟନ୍ତ ସମ୍ଭବ ନହୋଇଛି, ସେତେଦିନ ପର୍ଯ୍ୟନ୍ତ ବିଶ୍ୱଶାନ୍ତିର ଆହ୍ୱାନ ଯେ ଭାବଶୂନ୍ୟ, ଅର୍ଥଶୂନ୍ୟ ଆଉ ସ୍ନେହହୀନ, ଏହା ସ୍ପଷ୍ଟ ଭାବରେ ସ୍ୱୀକାର କରିବାକୁ ପଡ଼ିବ ।


ଆନ୍ତର୍ବିଦ୍ୟାମୂଳକ ଅଧ୍ୟୟନର ସୁଯୋଗ ତୁଳନାତ୍ମକ ସାହିତ୍ୟ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିପାରିବ ନିଶ୍ଚିତ ଭାବରେ, ତାହା କାର୍ଯ୍ୟକାରୀ କରିବାର ଆନ୍ତରିକତା ହୋଇଥିବ ଯଦି ଛଦ୍ମତା-ମୁକ୍ତ । ବିଭିନ୍ନ ଭାଷା, ଗୋଷ୍ଠୀ, ସମ୍ପ୍ରଦାୟ, ସଂଗୀତ, ଇତିହାସ, ଭୂଗୋଳ, ସଂସ୍କୃତି, ପରମ୍ପରା, ଚାଲିଚଳଣି ଆଦିକୁ କେନ୍ଦ୍ରକରି ଶତଶତ ଗବେଷଣାତ୍ମକ ନିବନ୍ଧ ରଚନା କରିବା ପାଇଁ ଆମ ଆଗରେ ରହିଛି ବିଶାଳ ବିଦ୍ୟାଭଣ୍ଡାର । ଯେଉଁ ଛାତ୍ରଛାତ୍ରୀମାନଙ୍କ ଚେତନା ସ୍ତର ଯେତିକି ଉନ୍ନତ ଓ ଅଭିରୁଚି ଯେତିକି ସଂସ୍କୃତ, ସେମାନେ ଏସବୁ ବିଷୟକୁ ନେଇ ସେତିକି ସଚେତନ । ଏଭଳି ମହତ୍ତ୍ୱପୂର୍ଣ୍ଣ ଗବେଷଣାରେ ନିମଜ୍ଜିତ ହୋଇ ରହିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ଭାବାବେଗ ଅଧିକ ସୁନିୟନ୍ତ୍ରିତ ତଥା ସୌନ୍ଦର୍ଯ୍ୟଯୁକ୍ତ ହୋଇଥାଏ । ପୁନଶ୍ଚ, ଗବେଷଣା ନିମିତ୍ତ ଯେତେବେଳେ କ୍ଷେତ୍ର ଅଧ୍ୟୟନ ପାଇଁ ସେମାନେ ବିଭିନ୍ନ ସ୍ଥାନକୁ ପରିଭ୍ରମଣ ଉଦ୍ଦେଶ୍ୟରେ ଯାତ୍ରା କରନ୍ତି, ସେତେବେଳେ ଅନ୍ୟଜାତି, ବର୍ଣ୍ଣ ଧର୍ମର ମଣିଷମାନଙ୍କ ସଂସ୍ପର୍ଶରେ ଆସି ଓ ସେମାନଙ୍କଠାରୁ ଅକୃତ୍ରିମ ସ୍ନେହଲାଭ କରି ଗବେଷକ ଗବେଷିକାଙ୍କ ଅନୁଧ୍ୟାନ ଓ ଅନୁଶୀଳନ ଗଭୀର ହେବା ସଂଗେ ସଂଗେ ଏକ ସଂପ୍ରୀତିବୋଧର ସେମାନେ ଏକାତ୍ମତା ଅନୁଭବ କରିବା ସ୍ୱାଭାବିକ । ଯେଉଁ ଶିକ୍ଷା, ମଣିଷଠାରୁ ମଣିଷକୁ କରେ ବିଚ୍ୟୁତ, ତାହା ଯେ ପ୍ରକୃତ ପକ୍ଷରେ ଶିକ୍ଷା ପଦବାଚ୍ୟ ନୁହେଁ- ଏହା କିଏ ବା ଅନୁଭବ ନକରନ୍ତି ! ତଥାପି ଏ ପବିତ୍ର ମାଟିରେ ଓ ନିର୍ମଳ ମଣିଷର ସ୍ୱଚ୍ଛ ହୃଦୟରେ ଘୃଣା, ଅଶ୍ରଦ୍ଧା ଓ ଅପ୍ରେମର ଏତେ ବିଷାକ୍ତ ମଞ୍ଜି ବୁଣାଯାଇ ପରିବେଶକୁ ହିଂସାତ୍ମକ ରୂପ ପ୍ରଦାନ କରେ କିଏ ସେ ? ଯାହାକିଛି ଉତ୍ତମ ଓ ମଙ୍ଗଳକର ତାହା ଜାଣି ସୁଦ୍ଧା ଯେଉଁମାନେ କ୍ଷୁଦ୍ର ସ୍ୱାର୍ଥପୂର୍ତ୍ତି ସକାଶେ ପ୍ରମତ୍ତ, ସେମାନେ ଭୁଲି ଯାଆନ୍ତି ଜୀବନର ମହାନ ଉଦ୍ଦେଶ୍ୟ, ତୁଳନାତ୍ମକ ସାହିତ୍ୟ କେବଳ ନିର୍ଦ୍ଦିଷ୍ଟ କେତେଜଣ ଗବେଷକ ଗବେଷିକାଙ୍କ ମଧ୍ୟରେ ଆବଦ୍ଧ ଏପରି ମନେ କରିବା ସଂପୂର୍ଣ୍ଣ ଭାବରେ ଭ୍ରାନ୍ତି-ସୂଚକ । ଗବେଷକ ଗବେଷିକାମାନେ ତୁଳନାତ୍ମକ ଅଧ୍ୟୟନରେ ମନୋନିବେଶ କରି ଉଚ୍ଚକୋଟୀର ନିବନ୍ଧ ରଚନା କରିବେ ଆଉ ତାହାକୁ ସମର୍ପିତ କରିଦେବେ ସମଗ୍ର ସମାଜ ପାଇଁ- ତାହା ହିଁ ଏ ପ୍ରକାର ଗବେଷଣାର ଲକ୍ଷ୍ୟ ।

ପୁନଶ୍ଚ ଏ କଥା ଆମକୁ ମନେ ରଖିବାକୁ ହେବ ଯେ, କାହାକୁ ନିକୃଷ୍ଟ ବା କାହାକୁ ଉତ୍କୃଷ୍ଟ ବୋଲି ନିର୍ଣ୍ଣୟ କରିବା ପାଇଁ ତୁଳନାତ୍ମକ ସାହିତ୍ୟ ଉଦ୍ଦିଷ୍ଟ ନୁହେଁ । ପ୍ରତ୍ୟେକ ଭାଷାର, ପ୍ରତ୍ୟେକ ଜାତିର ଗୋଷ୍ଠୀ ଓ ସମ୍ପ୍ରଦାୟର ସ୍ୱତନ୍ତ୍ର ସ୍ୱତନ୍ତ୍ର ସୌନ୍ଦର୍ଯ୍ୟ ଆଉ ଭିନ୍ନତା ବିଦ୍ୟମାନ । ଏହାକୁ ଆଦରି ନେବା ହିଁ ଆମର ମନୁଷ୍ୟତା । କାହାକୁ ମଧ୍ୟ ଆଦୌ ନିମ୍ନ ଦୃଷ୍ଟିରେ ଦେଖିବାର ଅଧିକାର ଆମକୁ ପ୍ରଦତ୍ତ ହୋଇନାହିଁ । ବରଂ ଆମେ ପ୍ରତ୍ୟେକେ ହେଉଛୁ ଉର୍ଦ୍ଧ୍ୱଚେତନାର ଆଶିଷଯୁକ୍ତ, ଯାହା ଦ୍ୱାରା ପ୍ରତ୍ୟେକଙ୍କୁ ସମୁଚିତ ସମ୍ମାନ ଜ୍ଞାପନ କରିବା ହେଉଛି ଆମର ଶ୍ରେଷ୍ଠ କର୍ତ୍ତବ୍ୟ ।

ବିଭିନ୍ନ ବିଷୟକୁ ଗୋଟିଏ ଗୋଟିଏ ବିଭାଗ ଅଧୀନରେ ରଖିବା ଓ ଆନ୍ତର୍ବିଦ୍ୟାମୂଳକ ଅଧ୍ୟୟନ ପାଇଁ ବିପୁଳ ସଂଖ୍ୟକ ଛାତ୍ରଛାତ୍ରୀଙ୍କୁ ଏହା ସହିତ ସଂଯୁକ୍ତ ହେବାର ସୁବର୍ଣ୍ଣ ସୁଯୋଗ ପ୍ରଦାନ କରିବା, ଆମ ଶିକ୍ଷା ଯୋଜନାର ସର୍ବମୂଳ ଉଦ୍ଦେଶ୍ୟ ହୋଇ ରହିବା ଆବଶ୍ୟକ । ସାହିତ୍ୟ ଗବେଷଣା ଯଦି କେବଳ ସାହିତ୍ୟ ବିଭାଗ ମଧ୍ୟରେ ରହିଲା ଆବଦ୍ଧ, ତାହାହେଲେ ତାହାର ସୁଫଳ ଭୋଗ କରିବାରୁ ବଞ୍ଚିତ ହେବେ କୋଟି କୋଟି ଛାତ୍ରଛାତ୍ରୀ । ଭାବର ଆଦାନ ପ୍ରଦାନ ଯେତିକି ବଢ଼େ, ସେତିକି ମାତ୍ରାରେ ହାର୍ଦ୍ଦିକତା ହୁଏ ବଳିଷ୍ଠ ଓ ତ୍ୟାଗର ଭାବନାରେ ମଣ୍ଡିତ ହୁଏ ସେତିକି ଆମର ଅନ୍ତର୍ଚେତନା । ଆନ୍ତର୍ବିଦ୍ୟାମୂଳକ ଅଧ୍ୟୟନ ସହିତ ତୁଳନାତ୍ମକ ସାହିତ୍ୟର ଅଧ୍ୟୟନ, ଅଧ୍ୟାପନା, ଗବେଷଣା ଅଧିକରୁ ଅଧିକ ପ୍ରଭାବଦୀପ୍ତ ତଥା ସାଫଲ୍ୟମଣ୍ଡିତ ହେଉ ଏହା ହିଁ ଆନ୍ତରିକ ଅଭୀପ୍ସା ।

❤ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

## ସ୍ମୃତି ଶତଦଳ ୨୫୫



# ଇଚ୍ଛାର ଈଶ୍ୱରୀ

ଡା. ସରୋଜିନୀ ଷଡଙ୍ଗୀ
❤ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

ଏସ.ସି.ବି ମେଡିକାଲ କଲେଜରୁ ଅବ୍ୟାହତି ନେବା ପରେ ହସପିଟାଲଟିଏ ଖୋଲିବା ଆମପାଇଁ ଅପରିହାର୍ଯ୍ୟ ହୋଇପଡିଲା । ତେଣୁ ଆମେ ସଂପୂର୍ଣ୍ଣ ଭାବରେ ଯେପରି ଗୋଟିଏ ଛାତତଳେ ସବୁ ଉପଲବ୍ଧ କରାଇପାରିବୁ, ସେଇ ଚିନ୍ତାରେ ବ୍ୟସ୍ତ ରହି ହସପିଟାଲଟିକୁ ସ୍ୱୟଂ ସଂପୂର୍ଣ୍ଣ କରାଇଲୁଁ । ଗାଇନୋକୋଲୋଜିଷ୍ଟ ହିସାବରେ ଏମର୍ଜେନ୍ସି ଅବସ୍ଥାର ଚିକିତ୍ସା କରୁକରୁ ଅନେକ ମହିଳାମାନଙ୍କର ମାନସିକ ଅବସ୍ଥା ତଥା ସମସ୍ୟାର ଚିକିତ୍ସା କରିବାକୁ ପଡିଲା ।

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜୀବନ ଏକ ଅନନ୍ୟ ରେଖା । କେତେବେଳେ ସେ ରେଖାଟି ସରଳରେଖା ଭଳି ସ୍ୱଚ୍ଛନ୍ଦ ଓ ସାବଲୀଳ ହୋଇଥାଏ ତ' ଆଉ କେତେବେଳେ ହୋଇଯାଏ ଜଟିଳ ଓ ବନ୍ଧୁର । ବେଳେବେଳେ ମନ ଖୁବ୍ ଖୁସିରେ ଉଚ୍ଛଳ ଝରଣାଟିଏ ଭଳି ଝରିଯାଏ ଏବଂ କେତେବେଳେ ପୁଣି ପାଲଟିଯାଏ ଉଦ୍ଦାମ ନଇଟିଏ ଯିଏ ତାର ଚଳଚଞ୍ଚଳ ସ୍ରୋତରେ କୂଳ ଲଙ୍ଘିଯାଏ ଓ ବନ୍ୟାରେ ସମସ୍ତଙ୍କୁ ଭସାଇନିଏ । ସେ' ସମୟରେ ଆମେ ଅସ୍ତବ୍ୟସ୍ତ ହୋଇପଡୁଁ ଓ ସଙ୍ଗେ ସଙ୍ଗେ ପ୍ରଭୁଙ୍କୁ ପ୍ରଶ୍ନବାଣରେ ବିବ୍ରତ କରିଦେଉ "ଭଗବାନ ସମସ୍ତଙ୍କୁ ଏତେ ଭଲରେ ରଖିଛ , ମୋ' ପ୍ରତିଏ' ଅବିଚାର କାହିଁକି ?" କିନ୍ତୁ ଆମେ ଯଦି ଟିକେ ତଳେଇ କରି ଦେଖିବା, ଏ ପୃଥିବୀର କେତେ ଲୋକ ଯେ ଦୁଃଖରେ ଶୋକରେ ମ୍ରୀୟମାଣ ହୋଇରହିଥାନ୍ତି, ତା ହେଲେ ଆମେ ଜାଣିବା ପ୍ରଭୁ ଆମକୁ କେତେ ଭଲରେ ରଖିଛନ୍ତି । ଈଶ୍ୱର ତ ସମସ୍ତଙ୍କୁ ଏକାଭଳି ପରୀକ୍ଷା କରିଥାନ୍ତି । ଦୁଃଖ ନଥିଲେ ସୁଖର ମହତ୍ତ୍ୱ ବା' ଆସନ୍ତା କେଉଁଠୁ ?


ଏତେ ସବୁ ସୁଖ, ଦୁଃଖ ଓ କ୍ଲେଶକୁ ସହିବାକୁ ନାରୀଟି ହାତରେ ଗୋଟିଏ ସୁନ୍ଦର ତରାଜୁ ଧରାଇ ଦେଇଥାନ୍ତି ଠାକୁର । କାରଣ ସେ' ହିଁ ସବୁ ପରିସ୍ଥିତରେ ନିଜକୁ ଚଳାଇ ପାରିବାର କ୍ଷମତା ରଖିଥାଏ ଏବଂ ଜୀବନର ସମସ୍ତ କୋମଳ ଓ କଠୋର ଅନୁଭବ ତଥା ସୁଖ ଓ ଦୁଃଖକୁ ସେ ଭଗବାନଙ୍କର ଅନୁପମ ଦାନ ହିସାବରେ ଗ୍ରହଣ କରି ନେଇଥାଏ ଏବଂ ସବୁ କିଛି ତାଙ୍କରି ଇଚ୍ଛା ବୋଲି ଭାବି ନେଇଥାଏ ଏବଂ ତରାଜୁର ଦୁଇପଟକୁ ସମାନ ଗୁରୁତ୍ୱ ଦେଇଥାଏ । ଆମକୁ ଯାହା ଖୁବ୍ ଦୁଃଖମୟ ଓ ନିରାନନ୍ଦମୟ ଭଳି ଲାଗେ, ପ୍ରକୃତରେ ତାହା ଠାକୁରଙ୍କର ଏକ ପରୀକ୍ଷା ବୋଲି ଭାବିନେବାକୁ ହୋଇଥାଏ । ହୁଏତ ପରବର୍ତ୍ତୀ କାଳରେ ଏହା ପ୍ରଭୁଙ୍କର ଏକ ଇଚ୍ଛା ଓ ପରମ ଆଶୀର୍ବାଦ ବୋଲି ଭାବିନେବାକୁ ହୋଇଥାଏ । ଏହା ସବୁବେଳେ ମଙ୍ଗଳମୟ ହିଁ ହୋଇଥାଏ ।

ସବୁ କୋମଳତା ଭିତରେ ନାରୀ ହେଉଛି ପ୍ରକୃତ ଶକ୍ତିମୟୀ ଏବଂ ପ୍ରଚୁର ପ୍ରାଣଶକ୍ତିର ଅସରନ୍ତି ଭଣ୍ଡାର । ଧୈର୍ଯ୍ୟ, ସହିଷ୍ଣୁତା, ସ୍ନେହ, ପ୍ରେମ, ସେବା ଓ ସାଧନାର ଅନନ୍ତ ଗନ୍ତାଘର ହେଉଛି ନାରୀ । ଉପରକୁ ସେ କୋମଳ ଦେଖାଗଲେ ବି ଭିତରେ ଖୁବ୍ ଟାଣପଣ ରଖି ସେ ତାର ସଂସାର ଚଳାଇଥାଏ, ସେଥିପାଇଁ ତ ସୁନ୍ଦର ସଂଗୀତଟିଏ ଅଛି- "ହମ୍ କୋମଲ ହୈ ଲେକିନ୍ କମ୍ ଜୋର୍ ନେହିଁ ।"


ଏସ.ସି.ବି ମେଡିକାଲ କଲେଜରୁ ଅବ୍ୟାହତି ନେବା ପରେ ହସପିଟାଲଟିଏ ଖୋଲିବା ଆମପାଇଁ ଅପରିହାର୍ଯ୍ୟ ହୋଇପଡିଲା । ତେଣୁ ଆମେ ସଂପୂର୍ଣ୍ଣ ଭାବରେ ଯେପରି ଗୋଟିଏ ଛାତତଳେ ସବୁ ଉପଲବ୍ଧ କରାଇପାରିବୁ, ସେଇ ଚିନ୍ତାରେ ବ୍ୟସ୍ତ ରହି ହସପିଟାଲ ଟିକୁ ସ୍ୱୟଂ ସଂପୂର୍ଣ୍ଣ କରାଇଲୁଁ । ଗାଇନୋକୋଲୋଜିଷ୍ଟ ହିସାବରେ ଏମର୍ଜେନ୍ସି ଅବସ୍ଥାର ଚିକିତ୍ସା କରୁ କରୁ ଅନେକ ମହିଳାମାନଙ୍କର ମାନସିକ ଅବସ୍ଥା ତଥା ସମସ୍ୟାର ଚିକିତ୍ସା କରିବାକୁ ପଡିଲା । ସେମାନେ ଦେହ ଦୁଃଖରେ ତ' ଆସିଥାନ୍ତି, କିନ୍ତୁ କ୍ରମେ କ୍ରମେ ତାଙ୍କ ଜୀବନର କରୁଣମୟ କାହାଣୀ ମତେ ଶୁଣାଇଥାନ୍ତି ଏବଂ ମୁଁ ବେଳେବେଳେ ସେମାନଙ୍କର ଅବସ୍ଥା ଦେଖି ଦୁଃଖରେ ମ୍ରୀୟମାଣ ହୋଇଯାଏ । ହେ ଭଗବାନ ପ୍ରଭୁ ସତରେ କ'ଣ ଜଣ ଜଣଙ୍କୁ ଏତେ ଦୁଃଖ ଦେଇଥାନ୍ତି, ଜଣେ ଜଣେ ମା' ହେବାପାଇଁ କେତେ କଷ୍ଟ ସହ୍ୟ କରିଥାନ୍ତି ଏବଂ ଆଉ କେତେଜଣ ଅନେକ ସନ୍ତାନର ଜନନୀ ହୋଇ, ପରଘରେ ଘରକାମ କରି ତଥା ବାସନମାଜି ମଧ୍ୟ ପିଲାଙ୍କୁ ପାଠ ପଢାଇଥାନ୍ତି । ଚଣ୍ଡୀଗଡରୁ ଆସିବା ପରେ ଏସ.ସି.ବି ରେ ଥିବାବେଳେ ନାରୀମାନଙ୍କର ସମସ୍ୟା ଉପରେ ଦୂରଦର୍ଶନ ତଥା ଅନ୍ୟାନ୍ୟ ଚାନେଲରେ ନାରୀ ସମସ୍ୟାମୂଳକ ଅନେକ ଟପିକ ଉପରେ ପ୍ରୋଗାମ ଦେଇଥିଲି । ଏଥିରେ ବାର୍ତ୍ତା ଥିଲା ସଚେତନତା । ମେଡିକାଲ ବିଜ୍ଞାନ ଭଳି ଜଟିଳ ବିଜ୍ଞାନକୁ ସରଳ କରି ଗାଁ ଗହଳରେ ପହଞ୍ଚାଇବା ମୋର ପ୍ରଥମ କର୍ତ୍ତବ୍ୟ ଥିଲା । କେବଳ ଗାଁ ଗହଳି ନୁହେଁ ସହରାଞ୍ଚଳର ନାରୀମାନେ ସେମାନଙ୍କ ସମସ୍ୟକୁ ବୁଝିବେ, ହୃଦୟଙ୍ଗମ କରିବେ, ରୋଗର ଲକ୍ଷଣମାନ ଜାଣିବେ ଏବଂ ତଦନୁଯାୟୀ ସତର୍କ ରହି ନିଜେ ସୁସ୍ଥ ରହିବେ ଏବଂ ସାରା ପରିବାରକୁ ସୁସ୍ଥ ରଖିବେ । ନାରୀଟିଏ ହିଁ ପରିବାରର କେନ୍ଦ୍ର ବିନ୍ଦୁ । ତା' ହାତରେ ହିଁ ସୁସ୍ଥତାର ଚାବିକାଠି । ସେ ସୁସ୍ଥ ରହିଲେ ସମସ୍ତେ ସ୍ୱାସ୍ଥ୍ୟ ପାଇଁ ସଚେତନ ହେବେ ଓ ନିରୋଗ ରହିବେ । ସେଥିପାଇଁ ସାକ୍ଷର ହେବା ନିହାତି ଜରୁରୀ । ନାରୀ ଇଚ୍ଛା କଲେ ଯେ, ମନ୍ଦର ପର୍ବତକୁ ବି' ଟେକି ଧରିପାରେ ଏବଂ ତା'ର ମଙ୍ଗଳମୟ ନିଃଶ୍ୱାସରେ ପୃଥିବୀର ସବୁ ଅମଙ୍ଗଳତାକୁ ଦୂରେଇ ଦେଇପାରେ, ଏକଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ୍ । କାରଣ ନାରୀ ପରା ଇଚ୍ଛାର ଈଶ୍ୱରୀ । (କ୍ରମଶଃ)

## ଧାରାବାହିକ ଅନୁବାଦ ଉପନ୍ୟାସ...(ଭାଗ-୨୨)

# ଶୁଖିଲା ପତ୍ର



ମୂଳ ହିନ୍ଦୀ – ଅମରକାନ୍ତ






ଅନୁସୃଜନ– ନମିତା ପାଇକରାୟ

### (ଦ୍ୱିତୀୟ ଖଣ୍ଡ)

### ।। ତିନି ବନ୍ଧୁ ।।

ଏପଟ ସେପଟକୁ ନ ଚାହିଁ ସିଧା ଆସି ଶ୍ମଶାନ ଘାଟରୁ ଗଙ୍ଗାମାତା ଆଡ଼କୁ ମୁହଁ କରି ଛିଡ଼ା ହେଲୁ । ଗଙ୍ଗାମାତା ଗୋଟେ ପଟେ ବାଲିସ୍ତୂପ, ଅନ୍ୟପଟେ ମୋଟା ମାଟିର ଚଟାଣ, ଉଚ୍ଚା ଉଚ୍ଚା ଛୋଟ ଛୋଟ ମୁଣ୍ଡିଆର ସ୍ନେହାଶ୍ରୟରେ ଜ୍ୟୋତ୍ସ୍ନା ଯୋଡ଼େଇ ଶୋଇଥିଲେ । ପାଣି ସଂପୂର୍ଣ୍ଣ ସ୍ୱଚ୍ଛ ଓ ନିର୍ମଳ ଥିଲା । ଯେଉଁଥିରେ ଛୋଟ ଛୋଟ ରୁପାର ଲହରୀ ପ୍ରଗଳ୍ଭ ହୋଇ ଲହରୁଥିଲେ । ପାଦ ପାଖରେ ନଦୀ କୂଳରେ ଯେମିତି ଗୋଲ ଗୋଲ ବିଜୁଳୀ ପହଁରିଲା ପରି ଦେଖା ହେଉଥାଏ । ପାଣି ଭିତରୁ ଗୋଟେ ସରୁ ସିକ୍ତାର ପଠା ଉପରକୁ ଉଠି ଆସିଛି । ତା'ର ଅଗ୍ରଭାଗ ସଂପୂର୍ଣ୍ଣ ତୀରସମ ଦେଖା ଯାଉଥିଲା । ସେପଟ କୂଳରେ ଦୁଇଟି ଅଲଗା ଠିଆ ହୋଇଥିଲେ ବୃକ୍ଷ । ଗଙ୍ଗାମାତାଙ୍କର ଆହ୍ଲାଦକାରୀ ସୌନ୍ଦର୍ଯ୍ୟକୁ ଛକ୍‌ଛକ୍ ପିଉଥିଲେ ।

ମୁଁ କହିଲି, 'ଏଇଠି ବସିବା ।'

ଦୀନେଶ୍ୱର ମୋ ଆଡ଼କୁ ନଚାହିଁ କହିଲା, 'ହଁ ଚାଲ ଏଠି ବସିବା ।'

ଆମେ ଦୁହେଁ ଚୁପ୍‌ଚାପ୍ ବସିଗଲୁ । ଶୀତ ବହୁତ ବଢ଼ିଯାଇଥିଲା । ମୋ ପାଦ ଦୁଇଟି ଥଣ୍ଡାରୁ କାଠ ପାଲଟି ଯାଇଥାଏ ।

ଆମେ ଆମ ମୁହଁକୁ ପୁରା କମ୍ବଳରେ ଘୋଡ଼େଇ ରଖିଲୁ । ଆଖିନାକ ଛାଡ଼ି ଆପାଦ ମସ୍ତକ କମ୍ବଳ ଭିତରେ ଥିଲା । ତଥାପି ଦେହ ଭିତରେ ରୋମାଞ୍ଚିତ ହେଉଥିଲା । ଲାଗୁଥିଲା ଯେମିତି ସାରା ଦୁନିଆକୁ ଏଇଠୁ ଶୀତ ବଣ୍ଟା ହେଉଛି ।

ମୁଁ ଚାହୁଁ ଥିଲି କିଛି କଥାବାର୍ତ୍ତା କରିବା ପାଇଁ । କିନ୍ତୁ ମୋ ମୁହଁରୁ ଶବ୍ଦ ବାହାରୁ ନଥିଲା । ଏଇ କିଛି ସମୟ ପୂର୍ବରୁ ଗଙ୍ଗାମାତାଙ୍କ କୂଳେ କୂଳେ ଚାଲି ଯେଉଁ ଖୁସୀ ମିଳିଥିଲା, ଜଣାନାହିଁ ସେ ଖୁସି କୁଆଡ଼େ ହଜିଗଲା । ଚାଲିବା ଗୋଟେ କାର୍ଯ୍ୟ ଥିଲା । କିନ୍ତୁ ସେ ଶ୍ମଶାନଘାଟରେ ବସିଲା ପରେ ଅନ୍ୟ ପାଖର ଦୃଶ୍ୟ ଦେଖିବା ଛଡ଼ାଆଉ କିଛି କାମ ନଥିଲା । ଏବେ ବି ଅଧା ରାତି ବାକି ଅଛି । ମନ ଉପରେ ଗୋଟେ ବୋଝ ଥୁଆ ହେଲା ଭଳିଆ ଲାଗୁଥାଏ ।

'କିଏ ସେଠି ?' ପଛକୁ ଅନେଇ ଦୀନେଶ୍ୱର କହିଲା, ଏତେ ଜୋରରେ କହିଲା ଯେ ମୁଁ ଭୟଭୀତ ହୋଇଗଲି । ମୋ ତଣ୍ଟି ଶୁଖି ଗଲା । ମୁଁ ବି ପଛକୁ ଚାହିଁଲି କେହି ନଥିଲେ ।

ମୋ ଭୟକୁ ଲୁଚାଇ ପଚାରିଲି, 'କଣ ହେଲା ? ଦୀନେଶ୍ୱର କହିଲା, 'ମୋତେ ଏମିତି ଲାଗିଲା ଯେମିତି ପଛରୁ ମୋ ବାଳ କିଏ ଟାଣି ଦେଲା ।'

ସେ ମୋତେ ଭୟାଳୁ ଦୃଷ୍ଟିରେ ଚାହୁଁଥାଏ । ମୁଁ ବୁଝିପାରୁ ନଥାଏ ଦୀନେଶ୍ୱର ମୁଣ୍ଡରୁ ପାଦ ପର୍ଯ୍ୟନ୍ତ କମ୍ବଳ ଘୋଡ଼େଇ ହୋଇଛି । ତା' ବାଳ କିଏ କେମିତି ଟାଣି ପାରିବ । ତା କମ୍ବଳ ଭିତରେ ହାତ ପୁରାଇବା ଅସମ୍ଭବ କଥା ।

ମୁଁ ତାକୁ ବୁଝାଇଲି, 'ତୁ ପୁରା କମ୍ବଳ ଘୋଡ଼େଇ ହୋଇଛୁ ତୋ ବାଳ କେହି କେମିତି ଟାଣିବେ ଦେଖ ତୋ ସାର୍ଟ ବୋତାମ ଫୋତାମ ବାଳରେ ଲାଗି ଝିଙ୍କି ହେଉଥିବ । ଠିକ୍ ତ ।'

'କେଜାଣି ?' ଦୀନେଶ୍ୱର ଭୟରେ ଆନମନା ହୋଇ ଉତ୍ତର ଦେଲା । ପାଣିକୁ ଏକ ଲୟରେ ଚାହିଁଲା । ଏକଥା ସ୍ପଷ୍ଟ ଥିଲା କି ତା' ଦିମାଗ ମୋ କଥାକୁ ଗ୍ରହଣ କରି ନେଉଥିଲା । କିନ୍ତୁ ତା ମନ ଭିତରେ ପୂର୍ବବତ ଭୟ ଥିଲା ।

ମୁଁ ବି ଡରି ଯାଇଥିଲି । ଏ ଡରରେ ଆଉ ଗୋଟେ କାରଣ ଥିଲା । ଦୀନେଶ୍ୱର ଚିଲ୍ଲେଇଲା ବେଳେ ମୁଁ ଯେତେବେଳେ ମୁଣ୍ଡ ବୁଲାଇ ପଛକୁ ଚାହିଁଲି ଗୋଟେ ଭୟାବହ ଦୃଶ୍ୟ ମୁଁ ଦେଖି ପାରିଲି । ମୋ ପଛରେ ଟିକେ ଆଗକୁ ଗୋଟେ ମଣିଷ ଖପୁରୀ ଧଳା ରଙ୍ଗର ପଡ଼ିଥିଲା । ଖପୁରୀର ମୁହଁ ମୋରି ଆଡ଼କୁ ଥିଲା । ସେ ଖପୁରୀ ମୁହଁ ଫାଡ଼ି ହସିଲା ପରି ଜଣା ପଡୁଥାଏ । ଖପୁରୀ ଠାରୁ କିଛି ଦୂରରେ ଗୋଟେ ନରକଙ୍କାଳ ପଡ଼ିଥିଲା । ଯାହା ବେଶୀ ପୁରୁଣା ହୋଇ ନଥିଲା । ମୁଁ ଓ ମୋ ସାଙ୍ଗ ଦୀନେଶ୍ୱର ଜାଣିଶୁଣି ସେପଟକୁ ଚାହୁଁନଥିଲୁ ।

ମୋ ହୃଦୟକୁ ଗୋଟେ ଆତଙ୍କ ଘେରି ଥିଲା । ଯାହା ଉପରେ ବିଜୟ ପ୍ରାପ୍ତ କରିବା ପାଇଁ ମୋ ଭିତରେ ଯୁଦ୍ଧ ଚାଲିଥିଲା । ସେ ଭୟକୁ ମନରୁ ବାହାର କରିବା ପାଇଁ ମୁଁ ଅନେକ ଚେଷ୍ଟା କଲି । କିନ୍ତୁ ସବୁ ଅସଫଳ । ମୋତେ ଲାଗିଲା କି କଙ୍କାଳ ମୋ ପଛରେ ଆସି ଠିଆ ହୋଇଯାଇଛି । ମୁଁ ବାରବାର ଚମକି କରି ପଛକୁ ଚାହୁଁଥାଏ । ଦୂରରୁ ଯେଉଁ ଗଛସବୁ ସୌନ୍ଦର୍ଯ୍ୟମୟୀ ଲାଗୁଥିଲା ସେସବୁ ଏକ ବିରାଟ ବିରାଟ ପ୍ରେତାତ୍ମା ଭଳି ପ୍ରତିତ ହେବାକୁ ଲାଗିଲେ । ଏମିତି ଲାଗୁଥିଲା ଗଙ୍ଗାନଦୀ ଆମ ବିଷୟରେ ସବୁକିଛି ଜାଣି ସାରିଲେଣି ସେ ଆମର ଅନାଗତ ଭବିଷ୍ୟ ଉପରେ ହସୁଛି, ଠିକ୍ ଯେମିତି ମାୟାବିନୀ ଯାଦୁଗରିଣୀ ପରି । ଖାଲି ସେତିକି ନୁହେଁ ଗଙ୍ଗାନଦୀ କୂଳରେ ପବନରେ ଯେଉଁ ବାଲି ଉଡ଼ୁଥିଲା ଲାଗୁଥିଲା କେଉଁ ରାକ୍ଷସ ବୋଧେ ନିଃଶ୍ୱାସ ନେଉଛି । ଭୂମିରୁ ମୁଣ୍ଡିଆ ଗୁଡ଼ିକ ଦେଖାଯାଉଥାଏ ଏକ ବିଶାଳ ଦିନ ଶୋଇଲା ପରି ଧିରେ ଧିରେ ଭୂଇଁରୁ ଉଠୁଥାଏ ।

ମୋ ସାଙ୍ଗର ଅବସ୍ଥା ମୋ ଠାରୁ ଆହୁରି ଖରାପ ଥିଲା । ମୁଁ ଖୁବ୍ ସହଜରେ ତା' କଥା ବୁଝିପାରୁଥିଲି । ଆମକୁ ଜଣାନଥିଲା ।

ଦିନେଶ୍ୱର ମୋ ପଟକୁ ଟିକେ ଝୁଙ୍କି କରି ସାଏଁ ସାଏଁ ଶବ୍ଦ ଆସ୍ତେ ଆସ୍ତେ କହିଲା, ' ସେ ବାଲି କଡ଼କୁ ଦେଖିଲୁ । ଡରରେ ମୋ ନିଃଶ୍ୱାସ ବନ୍ଦ ହୋଇଗଲା । ସିଏ ଯେମିତି କହିଲା, ଲାଗିଲା କେଉଁ ପ୍ରେତାତ୍ମାର ଦର୍ଶନ କରିଦେଲା । ମୁଁ ପାଣିରୁ ବାହାରି ଆସିଥିବା ମୁନିଆ ବାଲୁକା ପିଠା ଆଡ଼େ ଚାହିଁଲି । ଟିକେ ସମୟ ପରେ ମୁଁ ଯେଉଁ ଦୃଶ୍ୟ ଦେଖିଲି, ମୋ ଦେହ ସାରା ରକ୍ତ ଜମିଗଲା । ବାଲି କଡ଼କୁ ଗୋଟେ ଶବ ଆସି ଲାଗିଥିଲା । ତା' ଶରୀର ସଂପୂର୍ଣ୍ଣ ଫୁଲି ଯାଇଥିଲା । ତା' ମୁହଁ ଅତ୍ୟନ୍ତ ବିଚିତ୍ର ବିଭତ୍ସ ଦେଖାଯାଉଥିଲା । ଅତ୍ୟନ୍ତ ଭୟରେ ଥରି ଥରି ଦୀନେଶ୍ୱର ମୋତେ ଫୁସ୍‌ଫୁସ୍ ହୋଇ କହିଲା, 'ଦେଖ, ହଲୁଛି ।'

ସତରେ ସେ ହଲୁଥିଲା । ମୁଁ ପ୍ରଥମରୁ ଏ କଥା ଅନୁମାନ ଲଗଉଥିଲି । ସେତେବେଳେ ପବନର ଗତି ଟିକେ ଅଧିକ ଥିଲା । ସେଥିପାଇଁ ଢେଉ ସଙ୍ଗେ ଶବଟି ହଲୁଥିଲା । କିନ୍ତୁ ସବୁଜାଣି ବି ମନ ବୁଝୁ ନଥିଲା । ଓଲଟା ଭୟ ବଢ଼ି ଚାଲିଲା ।

ଠିକ୍ ସେତିକି ବେଳକୁ କେଉଁଠୁ କେଜାଣି ବାଲିଆ ଜମିରୁ ପଛପଟୁ ଆଉ କୋଉଠୁ ହୁହୁ ଶବ୍ଦ ଶୁଭିଲା । ମୋଟର ଲରୀ କଲା ପରି ଶବ୍ଦ ।

ଏ ଶବ୍ଦ ଶୁଣିଲା ମାତ୍ରେ ଦୀନେଶ୍ୱର ଧଡ଼ କରି ଠିଆ ହୋଇଗଲା । ଜୋର ଜୋର କରି କହିଲା, କୃଷ୍ଣକୁମାର ଦୌଡ଼ ଦୌଡ଼ ଶବ ହୁ ହୁ କରି ହସୁଛି । ଚପଲ ଛାଡ଼ି ଦୀନେଶ୍ୱର ଦୌଡ଼ିଲା । ତା' ଦୌଡ଼ିବା ଦେଖି, ମୋ ବୁଦ୍ଧି ବିବେକ ସବୁ କୁଆଡ଼େ ଉଡ଼ିଗଲା, ମୁଁ ବି ତା' ପଛେ ପଛେ ଦୌଡ଼ିବାକୁ ଲାଗିଲି ।

ଦୀନେଶ୍ୱର ଏତେ ଭଲ ଦୌଡ଼ି ପାରୁନଥିଲା ଆଗେ । କିନ୍ତୁ ବର୍ତ୍ତମାନ ତା ଫୁର୍ତ୍ତିକୁ ଦେଖି ମାନିବାକୁ ପଡ଼ିବ ପ୍ରଶଂସନୀୟ ଦୌଡ଼ । ଯେତେବେଳେ ଆମେ କୋଷେ ଦେଢ଼ କୋଷ ଦୌଡ଼ି ସାରିଲୁ ତା' ପରେ ମୋ ମନ ମୋତେ ଧିକ୍କାରିଲା । ମୁଁ କେତେ ବୋକା ଯେ 'ହୁ ହୁ ଶବ୍ଦରେ ଡରିଗଲି ? ଯୋର ଯୋର ପବନ ବହିଲେ ଏମିତି ଶବ୍ଦ ଶୁଭେ । ଏକଥା ମୁଁ ଭଲ ଭାବେ ଜାଣିଥିଲି । ମୁଁ ତ ଶବକୁ ବିଲକୁଲ ହସିଲା ଭଳି ତ ଦେଖି ନଥିଲି । ଇଏତ ଦୀନେଶ୍ୱରର ଭୟଗ୍ରସ୍ତ କଳ୍ପନା ମାତ୍ର । ଯଦି ମୋତେ ଏମିତି ଡରିବାର ଥିଲା ତ ମୁଁ କାହିଁକି ଆସୁଥିଲି ? ମୁଁ କେଉଁ ପ୍ରେତ କି ପିଶାଚ ଦେଖିନି । ଏମିତି ଅକାରଣରେ ଦୌଡ଼ି କି ଫେରିଗଲେ ମୁଁ ଖୁବ୍ ଆନ୍ତରିକ ପୀଡ଼ା ଅନୁଭବ କରିବି । ମୁଁ ଖୁବ୍ ଭଲ ଭାବେ ଏକଥାକୁ ବୁଝିପାରୁଥିଲି । ଏହା ମୋର ବିକଶିତ ବ୍ୟକ୍ତିତ୍ୱରେ ବାଧା ସୃଷ୍ଟି କରୁଥିଲା ।

'ରହ ଦୀନେଶ୍ୱର' ମୁଁ ଦୃଢ଼ ସ୍ୱରରେ କହିଲି ।

ଦୀନେଶ୍ୱରର ଠିଆ ହେବାକୁ ଇଚ୍ଛା ନଥିଲା ।

କିନ୍ତୁ ଯେତେବେଳେ ମୁଁ ଠିଆ ହୋଇଯିବା ଦେଖିଲା, ତା' ପରେ ସେ ମୋ ପାଖକୁ ଆସିଲା ।

'କଣ ହେଲ ?' ଧିର ସ୍ୱର କରି ପଚାରିଲା ।

'ଦେଖ୍ ସତ ସସତ କହ ମୋତେ ଶବ ହସୁଥିଲା ?' ମୁଁ ପଚାରିଲି । ଦୀନେଶ୍ୱର କହିଲା, ଠିକ୍ ସେ କହିପାରିବିନି । ହୁ, ହୁ ଶବ୍ଦ ହେଲା ତ ମୋତେ ଲାଗିଲା ଶବ ହସୁଛି । ଫୁସଫୁସ ହୋଇ କହୁଥିଲା ।

ମୁଁ କହିଲି, ଏଇଟା ତୋ ମନର ଭ୍ରମ । ଆମ ମାନଙ୍କର ଏମିତି ଫେରିଯିବା ଠିକ୍ ହେବନି । ତୁ ତ ଜାଣୁ ନା ଯେତେବେଳେ ଜୋରରେ ପବନ ବହିଥାଏ 'ହୁ ହୁ ଶବ୍ଦ ହୋଇଥାଏ । ମନେ ପକା ଆମେ କଣ ନିଷ୍ପୟ କରି ଆସିଥିଲେ । ରାତି ସରିବାକୁ ଆଉ ଖୁବ୍ କମ୍ ସମୟ ବାକି ଅଛି । ଏତେ ସମୟ ପର୍ଯ୍ୟନ୍ତ ଆମେ ରହିକି କିଛି ହେଲାନି । ଆଗକୁ ବି କିଛି ହେବନି । ଏକଥାକୁ ବିଶ୍ୱାସ ରଖ । ମନରେ ଦୃଢ଼ତା ରଖ । ଆମେ ତ ଭାଇ କ୍ରାନ୍ତିକାରୀ ଅଟୁ । ଆମ ଦୁନିଆରେ କିଛି ସ୍ୱାର୍ଥ ନାହିଁ । ଯଦି ଆମେ ଏଠୁ ଡରିକି ପଳେଇବା ତା' ହେଲେ ବ୍ରିଟିଶ ଶାସନର ଜୁଲୁମକୁ କେମିତି ବରଦାସ୍ତ କରିବା ? ମୋ ମନ ତ କହୁନି ଆମେ ଫେରିଯିବା ଠିକ୍ ହେବ ।'

'ଫେରିଗଲେ କଣ ଫାଇଦା ହେବ ଯେ ? ଏମିତି ତ ଶ୍ମଶାନଘାଟରେ ଆମେ ରାତି ସାରା ରହିଛେ । ଚାଲ ଘରକୁ ଚାଲ । ସେ ତା ଅନିଚ୍ଛା ପ୍ରକଟ କଲା ।

ତୁ ବେକାରରେ ଡରିଗଲୁ ଦୀନେଶ୍ୱର । ମୁଁ ତାକୁ ବୁଝେଇବାକୁ ଚେଷ୍ଟା କଲି । 'ଭୁତ ଫୁତ କିଛି ନାହିଁ ।' ସବୁ ମନର ଭ୍ରମ । ଯଦିବି ଭୂତ ପ୍ରେତ ଅଛନ୍ତି ତା' ହେଲେ ସେମାନେ ମଣିଷଙ୍କର କ୍ଷତି କରିବେନି । ଆମେ ତ ପ୍ରତିଜ୍ଞା କରି ଆସିଥିଲେ ପ୍ରାଣ ଚାଲିଗଲେ ବି ଆମେ ଡରି କି ଫେରିବାନି । ମୁଁ ତ କହିବି ଏବେ ଆମେ ଫେରିଯିବା ଠିକ୍ ହେବନି । ମୁଁ ତ ସଂକଳ୍ପ କରୁଛି ମୁଁ ଫେରି କି ଯିବିନି । ତୁ ଯିବୁ ଯଦି ଯାଏ । ଯଦି କିଛି ହୁଏ, ମାନେ ଘଟେ, ତାହେଲେ ତୋ ସହ ଏକ୍ଲା ଘଟିବନି । ମୁଁ ବି ଅଛି ମୋ ସହ ବି ଘଟିବ ।(କ୍ରମଶଃ)

❤ ପ୍ଲଟ ନଂ-୩୫୨, ସେକ୍ଟର-୫, ଲେନ୍-୧, ପ୍ରଥମ ମହଲା, ନୀଳାଦ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧
(ମୋ) ୯୮୬୧୩୮୫୦୪୬

# ବାର୍ଷିକ ବିଶେଷାଙ୍କ-୨୦୨୨

## ଶୁଭ୍ର ଶାରଦ

**ପ୍ରେମାନନ୍ଦ ପାଣିଗ୍ରାହୀ**

ଭଗବାନଙ୍କର ସୃଷ୍ଟି ଅତି ବିଚିତ୍ର । ସେଥି ମଧ୍ୟରୁ ଋତୁଚକ୍ର ଅନ୍ୟତମ । ପ୍ରକୃତିର ରୂପସମ୍ଭାର ଅନୁସାରେ ବଦଳିଯାଏ ସବୁକିଛି । ଷଡ ଋତୁ ମଧ୍ୟରୁ ଶରତ ଋତୁ ଅନ୍ୟତମ । ଋତୁ ଚକ୍ରର ନିୟମ ଅନୁସାରେ ଭାରତରେ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟରେ ବର୍ଷା ଋତୁ ତାର ଲୀଳାଖେଳା କରିଥାଏ । ସେପ୍ଟେମ୍ବର ମାସ ଶେଷ କିମ୍ବା ଅକ୍ଟୋବର ମାସର ପ୍ରଥମ ସପ୍ତାହ ମଧ୍ୟରେ ସୂର୍ଯ୍ୟ ବିଷୁବରେଖା ଉପରେ ଅବସ୍ଥାନ କରିଥାନ୍ତି । ଉତ୍ତର-ପୂର୍ବ ମୌସୁମୀ ବାୟୁ ପ୍ରବାହ ଆରମ୍ଭ ହେବାରୁ ଭାରତରେସେପ୍ଟମ୍ବର ମାସରେ ବର୍ଷାଦିନର ଶେଷ ପର୍ବ ଆରମ୍ଭ ହୋଇଯାଏ । ମୌସୁମୀ ଫେରିଯାଏ ତା ମାଆ କୋଳକୁ । ଆକାଶରୁ କଳା ବାଦଲର ଆସ୍ତରଣ ହଟିଯାଇ ଧୋବ ଫରଫର ମେଘ ଖଣ୍ଡମାନ ଦୃଶ୍ୟମାନ ହୁଏ । ପ୍ରକୃତିର ସୁରମ୍ୟ କୋଳ ସୁନୀଳ ମଧୁରିମାର ସମ୍ଭାରରେ ଭରିଯାଏ । ଋତୁଚକ୍ରର ଆଉ ଏକ ବସନ୍ତ "ଶରତ" ନିର୍ମଳକାନ୍ତିରେ ବିଭୂଷିତ ହୋଇ ଧରାପୃଷ୍ଠରେ ବିରାଜମାନ କରେ । ଭାଦ୍ରବ ମାସ ଶରତ ଋତୁର ପ୍ରଥମ ମାସ । ଭାଦ୍ରପଦ ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ପଡୁଥିବା ଚାନ୍ଦ୍ରମାସକୁ ଭାଦ୍ରବ ବା ଭୋଦୁଅ ମାସ କୁହାଯାଏ । ଶରତ ଋତୁର ପ୍ରାକୃତିକ ସୌନ୍ଦର୍ଯ୍ୟ ଅତ୍ୟନ୍ତ ମନୋମୁଗ୍ଧକର । ବସୁମତି ଆଜି ସୁଶ୍ୟାମଳା ଆଉ ପୂର୍ଣ୍ଣଗର୍ଭା । ଶରତର ଶୁଭାଗମନରେ ଧରିତ୍ରୀର ସୃଜନଶୀଳତା ଭବ୍ୟରୂପ ଧାରଣ କରିଛି । ଅନନ୍ତ ନିର୍ମଳ ଆକାଶ ଦେହରେ ଆଜି ଶୁଭ୍ର ମେଘର ବିଭୂତି । ତରଙ୍ଗାୟିତ ବାଦଲର ଉତ୍ତାଳ ଲହରୀ ଭିତରେ ସୁନେଲୀ ସୂର୍ଯ୍ୟକିରଣ ସୃଷ୍ଟି କରୁଛି ବର୍ଣ୍ଣାଢ୍ୟ ସୌନ୍ଦର୍ଯ୍ୟ । ଜଳରାଶି ଆଜି ନିର୍ମଳ । ନଦୀପଠା ଆଉ ପ୍ରାନ୍ତରର କାକର ଭିଜା ପବନର ସ୍ପର୍ଶ । ଶରତର ସ୍ପର୍ଶରେ ଖିଲିଖିଲି ହସୁଛି ଶୁଭ୍ର କାଶତଣ୍ଡୀ ଗହୀର ପାଟ ଆଉ ପୁଷ୍କରିଣୀରେ ଦୋଳାୟିତ ହେଉଛି କୁମୁଦ ମହ୍ଲାର । ବାଡିବଗିଚାରେ ସ୍ୱର୍ଣ୍ଣାଭ ଅପରାଜିତା ଫୁଲର ଅନାବିଳ ନିଳିମା । ବନଉପବନରୁ ପ୍ରଭାତରେ ଭାସିଆସୁଛି ଗଙ୍ଗଶିଉଳିର ଭୁରୁ ଭୁରୁ ମହକ । ଶରତ ଏଭଳି ଏକ ସମୟ ଯେତେବେଳେ ମନ ଆପେଆପେ ପ୍ରକୃତି ଆଡକୁ ଆକର୍ଷିତ ହୋଇଯାଏ ।

ଫୁଲ ! ଯେତିକି କୋମଳ ସେତିକି ସୁନ୍ଦର । ଯଦିଓ ସବୁ ଫୁଲ ସୁଗନ୍ଧିତ ନୁହଁନ୍ତି,କିନ୍ତୁ ସୌନ୍ଦର୍ଯ୍ୟରେ ମନ ମୋହି ନିଅନ୍ତି । ବସନ୍ତ ଋତୁ ପରେ ଶରତ ଋତୁରେ ସର୍ବାଧିକ ଫୁଲ ଫୁଟେ । ବଗିଚାରେ ହରରଙ୍ଗୀ ଫୁଲର ସମ୍ଭାର । ସେଥିଲାଗି ଶରତ ଋତୁକୁ ଫୁଲର ଋତୁ କୁହାଯାଏ । ଚାରିଆଡେ ଖାଲି ଫୁଲ ଆଉ ଫୁଲ । ନୀଳକଇଁ, ପଦ୍ମ, ଜବାକୁସୁମର ଅପୂର୍ବ ମନଲୋଭା ପ୍ରାକୃତିକ ସୌନ୍ଦର୍ଯ୍ୟ ଦର୍ଶନରେ ଆଜି ଫୁଲପରି ମନ, ଫୁଲପରି ହୃଦୟ ଆଉ, ମନଭର୍ତ୍ତି ପୁଲକ । ଶରତ ଋତୁର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ମନୋମୟ ମୁଗ୍ଧ ଅମୃତୋପମ ବାତାବରଣକୁ ଦେଖି ଫରାସୀ ଲେଖକ ଆଲବର୍ଟ କାମ୍ୟୁ କହିଥିଲେ :- Autumn is a second spring when every leaf is a flower । ଏହାର ଅର୍ଥ ଶରତ ଋତୁରେ ଗଛର ପତ୍ର ସବୁ ବି ପାଲଟିଯାନ୍ତି ଗୋଟେ ଗୋଟେ କମନୀୟ ଫୁଲ । ଶରତ ଋତୁର ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଭାଷା ମଧ୍ୟ ହାର ମାନିଯାଏ । ଶରତର ସରସତାକୁ ବର୍ଣ୍ଣନା କରିବାପାଇଁ କବି, ଗାଳ୍ପିକଙ୍କ ଲେଖନୀ ଆଉ ଚିତ୍ରଶିଳ୍ପୀର ତୂଳୀ ଚଞ୍ଚଳ ହୋଇଉଠେ । ସୌନ୍ଦର୍ଯ୍ୟ ପିପାସୁଙ୍କ ଅନ୍ତର ରସାପ୍ଲୁତ ହୋଇଯାଏ ।

ଶରତ ଆସିଲେ ଜଗତ ହୁଏ ମଧୁମୟ- ରସମୟ-ସୁଗନ୍ଧମୟ ଆଉ ପାର୍ବଣ ମୁଖର । ଅଗ୍ରପୂଜ୍ୟ ଗଜାନନଙ୍କ ଆଗମନ ପରେ ପରେ ଆରମ୍ଭ ହୋଇଯାଏ ପାର୍ବଣ ଋତୁ । ପାର୍ବଣର ସ୍ମୃତି ଖେଳିଯାଏ ପ୍ରତିଟି ପ୍ରାଣରେ । ଠିକ୍ ଏତିକିବେଳେ ପ୍ରକୃତିର ଅନନ୍ୟ ଶୋଭାକାନ୍ତିକୁ ବନ୍ଦନା କରିବାପାଇଁ ଧରାପୃଷ୍ଠକୁ ଓହ୍ଲାଇ ଆସନ୍ତି ବିପଦ ଭଞ୍ଜନୀ ମା ଖୁଦୁରୁକୁଣୀ,ବିଶ୍ୱ ସ୍ଥପତି ବିଶ୍ୱକର୍ମା,କରୁଣାମୟୀ ମା ଦଶଭୂଜା । ପୁରପଲ୍ଲି ଆନନ୍ଦ ବିଭୋର, ଜନ ଜୀବନ ଉଲ୍ଲସିତ ହୋଇଉଠେ । ଶ୍ରଦ୍ଧାଳୁ ଭକ୍ତି ନୈବେଦ୍ୟ ଓ କୁସୁମାଞ୍ଜଳି ଅର୍ପଣ କରେ ଦେବଦେବୀଙ୍କ ପାଦପଦ୍ମରେ । ଧନୀ,ନିର୍ଦ୍ଧନ ନିର୍ବିଶେଷରେ ସମସ୍ତେ ଆଧ୍ୟାତ୍ମିକତା ଓ ପବିତ୍ରତାରେ ବିଭୁ କୃପା ଲାଭ କରିବାକୁ ବ୍ୟାକୁଳ ହୋଇଉଠନ୍ତି ।

+ ଭୁଷଳ, ଭୁବନ
ଢେଙ୍କାନାଳ
ମୋ-୯୪୩୭୭୨୯୩୮୪

## ମହଙ୍ଗା ମାଡ

**ନଗେନ୍ଦ୍ର ନାଥ ପଟ୍ଟନାୟକ**

ସମଗ୍ର ବିଶ୍ୱରେ ଯେମିତି ଦରଦାମ ଉପରମୁହାଁ ହୋଇ ବୃଦ୍ଧିପାଉଛି ତାହା କାହାରିକୁ ଅଛପା ନାହିଁ । ସାମଗ୍ରୀର ବର୍ଦ୍ଧିଷ୍ଣୁ ଦରଦାମ ଜନିତ ସମସ୍ୟାରେ ଲୋକେ ଜର୍ଜରିତ । ଦରଦାମ ବୃଦ୍ଧି ସାଧାରଣ ଜନତାଙ୍କ ସମସ୍ୟାକୁ ବହୁଳାଂଶରେ ଉତ୍କଟ କରିଦେଇଛି । ଏହି ଅବାଂଛିତ ଓ ଅହେତୁକ ବୃଦ୍ଧିର ସବୁଠୁ ଅଧିକ ବୋଝ ସମାଜର ଗରିବ ତଥା ଦୀନଦରିଦ୍ର ଗୋଷ୍ଠୀଙ୍କୁ ବୋହିବାକୁ ପଡିଛି । ୟୁନସିଟିଡି ଅଥାର୍ଥ ମିଳିତ ରାଷ୍ଟ୍ର ବ୍ୟାପାର ଓ ବିକାଶ ସଂଗଠନ ପକ୍ଷରୁ ଜାରି ହୋଇଥିବା ସଦ୍ୟତମ ବିଶ୍ଳେଷିତ ରିପୋର୍ଟରୁ ଜଣାଯାଏ ଖାଦ୍ୟପଦାର୍ଥ ମୂଲ୍ୟରେ ଦଶ ପ୍ରତିଶତ ବୃଦ୍ଧି ପାଇଥିବାରୁ ନିର୍ଦ୍ଧନ ପରିବାରଙ୍କ ଆୟରେ ପାଂଚ ପ୍ରତିଶତ ହ୍ରାସ ଘଟିଛି । ଏହି ଦୃଷ୍ଟିକୋଣରୁ ବିଚାରିଲେ ଏହି ରାଶୀ ସେତିକି ଥାଏ ଯେତିକି ସେହି ପରିବାରବର୍ଗ ସାଧାରଣତଃ ଆପଣା ସ୍ୱାସ୍ଥ୍ୟର ଦେଖାରେଖା ତଥା ଯତ୍ନ ସଂକ୍ରାନ୍ତ ଆବଶ୍ୟକତାକୁ ପୂରଣ କରିବାରେ ବ୍ୟୟ କରିଥାନ୍ତି । ବିଶ୍ୱତମାମ ସାମଗ୍ରୀ ଓ ନିତ୍ୟବ୍ୟବହାର୍ଯ୍ୟ ଉତ୍ପାଦ ଦିନକୁ ଦିନ ତୀବ୍ର ଗତିରେ ଉପରମୁହାଁ ହୋଇ ବୃଦ୍ଧିପାଉଛି । ୟୁଏନସିଟିଡି ରିପୋର୍ଟ ଉପରେ ଦୃକପାକ କଲେ ଜଣାଯାଏ ସଂପ୍ରତି ବିଶ୍ୱ ସମୁଦାୟ ସମ୍ମୁଖରେ ଆକାଶଛୁଆ ଦରଦାମ ବୃଦ୍ଧି ଓ ବର୍ଦ୍ଧିଷ୍ଣୁ ଋଣ ବିରାଟ ସମସ୍ୟା ହୋଇ ମୁଣ୍ଡଟେକିଛି । ଖାଲି ସେତିକି ନୁହେଁ ଖାଦ୍ୟପ୍ରଦାର୍ଥ ଓ ଉର୍ଜା ସାଧନର କ୍ରମବର୍ଦ୍ଧିଷ୍ଣୁ ଦରଦାମ ହେତୁ କୋଟି କୋଟି ଲୋକ ଜୀବନ ଯାପନର ଦୁର୍ଦ୍ଦିନ ଦେଇ ଗତି କରୁଛନ୍ତି । ବିଗତ ଦୁଇବର୍ଷ ଧରି ଅଦୃଶ୍ୟ ଶକ୍ତି କରୋନା ସଂକ୍ରମଣ ମହାମାରୀ ସହ ମୁକାବିଲା କରିବା ଉତାରେ ବୈଶ୍ୱିକ ଅର୍ଥନୀତିର ସ୍ଥିତି ବି ସଙ୍ଗୀନ ତଥା ଖୁବ୍ ଉଦବେଗଜନକ ।

ଏପଟେ ୟୁକ୍ରେନରେ ସଂଘଟିତ ଘମାଘୋଟ ଯୁଦ୍ଧ ଓ ଜଳବାୟୁରେ ପରିବର୍ତନ ସ୍ଥିତିକୁ ଆହୁରି ବିଗାଡିଦେଇଛି । ନିର୍ଭରଯୋଗ୍ୟ ସଦ୍ୟପ୍ରାପ୍ତ ପରିସଂଖ୍ୟାନ ଅନୁସାରେ ସଂପ୍ରତି ୬୦ ପ୍ରତିଶତ ମଜୁରୀଆଙ୍କ ପ୍ରକୃତ ଆୟ ପୂର୍ବବର୍ତୀ କରୋନା ମହାମାରୀ କାଳର ଆୟ ତୁଳନାରେ ବହୁତ କମ୍ । ସେମିତି ୨୩୦ କୋଟି ଲୋକଙ୍କ ଭାଗ୍ୟକୁ ଦିନକୁ ଦି ପଟ ରୁଟି ବି ଆହାର ଜୁଟିଲା ନାହିଁ । ଯୋଉ ଲୋକଙ୍କୁ ଆହାର ଗଣ୍ଡେ ମିଳୁଥିଲା ସେମାନଙ୍କ ସ୍ଥିତି ବି ସେତେ ଭଲ ନଥିଲା । ଜଣାପଡିଛି ସୁସ୍ଥ ଆହାର ବିଶ୍ୱରେ ୩୧୦ କୋଟି ଲୋକଙ୍କ ପାଇଁ ଅପହଂଚ । ସେହିଭଳି ଏଫେ.ଏ .ଓ ଦ୍ୱାରା ଜାରି କରାଯାଇଥିବା ରିପୋର୍ଟ ଅନୁସାରେ ଫୁଡ୍ ପ୍ରାଇସ ଇଂଡେକ୍ସ ପାଖାପାଖି ରେକର୍ଡ ସ୍ତରକୁ ଛୁଇଁସାରିଛି ଓ ଗତବର୍ଷ ତୁଳନାରେ ଏ ସମୟ ମଧ୍ୟରେ ଏହା ୨୦.୮ ପ୍ରତିଶତ ଅଧିକ ।

ସେପରି ଉର୍ଜା କ୍ଷେତ୍ରରେ ବି ସ୍ଥିତି ଅନୁରୂପ । ଯେଉଁଠି ଅଶୌଧିତ ତୈଳଦାମ ବ୍ୟାରେଲ ପିଛା ୧୨୦ ଡଲାର ଟପି ସାରିଲାଣି ସେପରିସ୍ଥଳେ ଉର୍ଜାଦାମ ବି ୨୦୨୧ ବର୍ଷ ତୁଳନାରେ ଚଳିତ ବର୍ଷ ପଚାଶ ପ୍ରତିଶତ ବୃଦ୍ଧି ପାଇବାର ଆଶଙ୍କା ଉପୁଜିଛି । ଏମିତି ବୃଦ୍ଧି ରସାୟନିକ ସାର କ୍ଷେତ୍ରରେ ଦେଖିବାକୁ ମିଳେ । ୨୦୦୦ରୁ ୨୦୨୦ ମଧ୍ୟରେ ରାସାୟନିକ ସାରର ହାରାହାରି ଦାମ ତୁଳନାତ୍ମକ ଭାବରେ ଦୁଇଗୁଣାରୁ ଅଧିକ ବୃଦ୍ଧିପାଇଛି ବୋଲି ପରିସଂଖ୍ୟାନରୁ ଜାଣିହୁଏ ।

ଏ ପ୍ରସଙ୍ଗରେ ଭାରତ ବିଶେଷକରି ଓଡିଶା କଥା ଆଲୋଚନା କରାଯାଇପାରେ । ସାଂପ୍ରତିକ ପରିସ୍ଥିତିରେ ଦେଶରେ କେତେକ ରାଜ୍ୟରେ ବାଦଲଫଟା ବର୍ଷା ,ଭୂସ୍ଖଳନ ଓ ତଜନିତ ବନ୍ୟାବତ୍ପାତ ଯୋଗୁ ନିତ୍ୟବ୍ୟବହାଯ୍ୟ ସାମଗ୍ରୀ ଦରଦାମ ହୁ ହୁ ହୋଇ ବଢିଚାଲିଛି । ସେମିତି ଓଡିଶାରେ ବି ସ୍ଥିତି ବେହାଲ । ପ୍ରବଳ ବନ୍ୟା ଯୋଗୁଁ ଭାବେ ପନିପରିବା ,ଖାଦ୍ୟପ୍ରଦାର୍ଥ ବ୍ୟାପକ ଭାବେ ନଷ୍ଟବିନଷ୍ଟ ହୋଇଯାଇଛି ,ଯାହାଫଳରେ ଜଳବନ୍ଦୀ ହୋଇ ରହିଥିବା ବନ୍ୟାକ୍ଲିଷ୍ଟ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ଆକାଶଛୁଆଁ ଦାମରେ ଖାଦ୍ୟସାମଗ୍ରୀ କିଣି ଆହାର କରିବା ସେମାନଙ୍କ ସାମର୍ଥ୍ୟର ବାହାରେ । ଏଭଳି ଘଡିସନ୍ଧି ମୂହୁର୍ତରେ ପରିସ୍ଥିତିର ଫାଇଦା ଉଠାଇବା ପାଇଁ କଳାବଜାରୀମାନେ ସକ୍ରିୟ ହୋଇଉଠିଛନ୍ତି । ବଜାରର ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର କୃତ୍ରୀମ ଅଭାବ ସୃଷ୍ଟିକରି ଜନତାଙ୍କୁ ହନ୍ତସନ୍ତ କରୁଛନ୍ତି ।

ତେବେ ସେ ଯାହାହେଉ, ଜଳବାୟୁ ପରିବର୍ତନ ହେତୁ ପ୍ରତିବର୍ଷ ପାଖାପାଖି ଦୁଇକୋଟି ଲୋକ ବିସ୍ଥାପିତ ହେବାକୁ ବାଧ୍ୟ ହୋଇଛନ୍ତି । ଅନୁମାନ କରାଯାଏ ଜଳବାୟୁ ସହିତ ଜଡିତ ବିପର୍ଯ୍ୟୟ ହେତୁ ପ୍ରତିବର୍ଷ ୪୧.୬ ଲକ୍ଷ କୋଟି ଟଙ୍କା ଲୋକସାନ ସହିବାକୁ ପଡିଛି ବୈଶ୍ୱିକ ଅର୍ଥନୀତିକୁ । ପରିଶେଷରେ ଯାର ପ୍ରଭାବ କେବଳ ଖାଦ୍ୟପଦାର୍ଥ ର ଦରଦାମ ବୃଦ୍ଧି ଉପରେ ପଡୁନାହିଁ ଉତ୍ପାଦନରେ ବି ବିଶେଷ ଭାବରେ ହ୍ରାସ ଘଟୁଛି । ଏସବୁ କିଛି ଏତିକିରେ ସୀମିତ ହୋଇ ରହିନାହିଁ । ଆଗାମୀ ଋତୁରେ ବି ଏହା ବର୍ଦ୍ଧିଷ୍ଣୁ ଦରଦାମକୁ ଯେ ପ୍ରତିକୂଳ ଭାବେ ପ୍ରଭାବିତ କରିବ ଏଥିରେ ଗାରେମାତ୍ର ସନ୍ଦେହ ନାହିଁ । ଯଦି ସାଧାରଣ ଜନତାଙ୍କ ଜନଜୀବନ ଉପରେ ପଡୁଥିବା କଥାକୁ ବିଚାରକୁ ନେବା ତେବେ କ୍ରମବର୍ଦ୍ଧିଷ୍ଣୁ ଦରଦାମ ବୃଦ୍ଧିର ତାତ୍ପର୍ଯ୍ୟ ହେଉଛି ଖାଦ୍ୟସାମଗ୍ରୀ ଉତ୍ପାଦ ଓ ଉର୍ଜା ଶକ୍ତିର ଦାମରେ ବୃଦ୍ଧି ନିଶ୍ଚିତ ରୂପେ ଘଟିବ ,ଯାହାର କୁପ୍ରଭାବ ବେଡି ଉପରେ କୋରଡା ମାଡ ଭଳି ଜନତାଙ୍କ ବାସ୍ତବ ଜୀବନଯାପନ ଉପରେ ପଡିବା ଏକପ୍ରକାର ନିଶ୍ଚିତ । ଏଗୁଡିକରେ ହ୍ରାସ ଘଟିଲେ ଆଗାମୀ ଭବିଷ୍ୟତର ଉଜ୍ଜ୍ୱଳ ସମ୍ଭାବନାକୁ ବି ପ୍ରଭାବିତ କରିବ ।

୯୯୯- ୩, ଜଗମୋହନ
ନଗର, ଜାଗମରା, ଖଣ୍ଡଗିରି,
ଭୁବନେଶ୍ୱର,
(ମୋ)୯୪୩୮୩୩୨୧୩୮

## ବିଗୁଲ୍

**ମାନସ ରଞ୍ଜନ ମହାପାତ୍ର**

॥ ୧ ॥ ସବୁ କିଛି ଘଟିଯାଉଥାଏ ଅଚାନକ
ଅଚାନକ ଫେରିଯାଆନ୍ତି ଦାମ ହୋତା ଓ
ଲତା ଦିଦି ଏକାଠି ଏକା ଗାଡ଼ିରେ ଚୁପଚାପ୍
ଫେରିଯାଏ ମୋର ଗତ ଦୁଇ ଦଶନ୍ଧିର ସାଥୀ
ଜନି: ଯିଏ ରାଗୁଥିଲା ତାକୁ କୁକୁର କହିଲେ
ବ୍ୟାପୁଥିବା କରୋନା ଥମିଯାଏ ଅଚାନକ
ନିର୍ବାଚନ ଇସ୍ତାହାରରେ ଚିତାଭସ୍ମରେ ସମୁଦ୍ରରେ ବିଲୀନ ଗାନ୍ଧୀ
ଅଚାନକ ଫେରିଆସନ୍ତି ଦେଖିବାକୁ
କାଶ୍ମୀର ଫିଲ୍ମ ସିନେମା ହଲରେ ମ୍ୟାଟିନି ସୋ'ରେ
ସବୁ କିଛି ବି ବଦଳିଯାଏ ଅଚାନକ ବିନା ଘୋଷଣାରେ
ଅନ୍ଧମାନେ ପାଲଟିଯାଆନ୍ତି ଭକ୍ତ ରାମ ମନ୍ଦିରରେ
ମୂର୍ଖମାନେ କୁଳପତି ପାଲଟିଯାଆନ୍ତି ଜାତୀୟ ବିଶ୍ୱବିଦ୍ୟାଳୟରେ
ତୋପ ଓ କମାଣମାନେ ଚରଖାର ଜାଗା
ଦଖଲ କରି ନିଅନ୍ତି ଜାତୀୟ ପତାକାରେ
ମୁର୍ଦ୍ଦାରମାନେ ପହଞ୍ଚନ୍ତି ଶୋଭାଯାତ୍ରା କରି ଇଣ୍ଡିଆ ଗେଟରେ
ସବୁ କିଛି ଆଜିକାଲି ଘଟେ ଅଚାନକ ନିରବରେ ॥

॥ ୨ ॥ ଆଜିକାଲି ବିଜ୍ଞାପନରେ ମିଳେ ସବୁ କିଛି
ଜନ୍ମନିରୋଧକର ପ୍ରଚାର ଠାରୁ ପ୍ରଧାନମନ୍ତ୍ରୀଙ୍କ ବଜେଟ୍ ଭାଷଣ
ଗଣଧର୍ଷଣ ଠୁ ଗାନ୍ଧୀବାଦ ଗାଁ ଠୁ ଜାତିସଂଘ

କେତେ ସହଜ ସତେ ଏବେ ବଞ୍ଚିବା ସର୍କାରୀ ଖବର କାଗଜରେ
ଏତେ କୋଟି ଯୁବକଙ୍କୁ ମିଳିବ ଚାକିରୀ କାଲି
ଆଜି ବଞ୍ଚିଯାଅ ଭୋକ / ବହୁ ଦୁର୍ଘଟଣାର ଛପେନି ଖବର
ଛପେ କିନ୍ତୁ ରଙ୍ଗ ବେରଙ୍ଗ / ସରକାରୀ, ବେସରକାରୀ ବିଜ୍ଞାପନ
ହେଲେ, ଭୋକିଲା ମଣିଷର ବିଜ୍ଞାପନ କେବେ ଦେଖିଚ ?

ପୁରୀ, ମୋ: ୯୮୯୧୯୪୬୧୭୮

## ଏ ମାଟି ପାଇଛି...

**ଶ୍ରୀ ସତ୍ୟବ୍ରତ ସାହୁ**

ଏ ମାଟି ଦେଖିଛି ଶଠତା, ଛଳନା, ଲାଞ୍ଛନା, କୃରତା, ବର୍ବରତା,
ଦେଖିଛି ମାଆର ଓଠେ ହସ ପାଇଁ ସନ୍ତାନ ମନର ବ୍ୟାକୁଳତା ।

ବୀର ପ୍ରସବିନୀ ସାଜିଛି ଏ ମାଟି ଶୁଣାଇଛି କେତେ ବୀରଗାଥା
ଦେଶ ପ୍ରେମ ବହ୍ନି ଜଳାଇ ଦେଇଛି ନାଶି ବିଦେଶୀର ଚଞ୍ଚକତା
ଏ ମାଟି ପିଇଛି ସନ୍ତାନର ଲହୁ ଲୁହରେ ଭିଜାଇ ଆଖିପତା ।

ଶିଖାଇ ଦେଇଛି ବୀର ହାରେ ନାହିଁ ସଂଗ୍ରାମୀ ହୁଏନା ପରାଜିତ
ଗୋଟିଏ ପଣତ କୋଟି ସନ୍ତାନକୁ କୋଳ କରେ ଗାଇ ଶାନ୍ତି ଗୀତ
ଏ ମାଟି ପାଇଛି ବୀର ରକତର ବିଜୟ ତିଳକ ସ୍ୱାଧୀନତା ।

ଏ ମାଟି ଦେଖିଛି ଶଠତା,ଛଳନା,ଲାଞ୍ଛନା, କୃରତା, ବର୍ବରତା,
ଦେଖିଛି ମାଆର ଓଠେ ହସ ପାଇଁ ସନ୍ତାନ ମନର ବ୍ୟାକୁଳତା ।

+ ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର-୭୫୫୦୩୬
ମୋ- ୯୩୩୮୧୬୫୬୧୯

## ଗାଁ ସାଜିଲାଣି ସହର

**ଅମ୍ବିକା ସ୍ୱାଇଁ**

ଯୁଗର ଧାରାରେ ଚାଲିଛି ଜୀବନ
ଲାଗେ ସବୁ ନୂଆ,ନୂଆ
ପୁରୁଣା ଆଜି ଅଲୋଡ଼ା ହେଲାଣି
ବିଜ୍ଞାନ ଦେଖାଏ ରାହା ।

ଗାଆଁ ସାଜିଲାଣି ସହର ଆମର
ବଦଳି ଗଲାଣି ରୂପ
ନାହିଁ ଚାଳଘର,ନାହିଁ ମାଟି ଚୁଲ୍ଲୀ
ଦେଖା ନାହିଁ ନନ୍ଦ କୂପ ।

ଗରା, ବାଲ୍ଟି କୁ ଦଉଡିରେ ବାନ୍ଧି
ପାଣି କାଢୁ ନାହିଁ କେହି
ପାଇପରେ ପାଣି ଗଲାଣି ଘରକୁ
ପାଣି କଢ଼ା ଯୁଗ ନାହିଁ ।

ଆଧୁନିକ ଯୁଗ ମାଡି ବସିଲାଣି
ଘରେ ପାଇଖାନା କମଡ
ଗାଆଁ ସହରରେ ଫରକ ଯେ ନାହିଁ
ଧନୀଠୁ ଗରିବ ବଡ଼ ।

ପଙ୍ଖା ବଦଳରେ ଏସି ଲାଗିଲାଣି
ଘରେ ଘରେ ରେଫ୍ରିଜେଟର
ଢ଼ିଙ୍କିଶାଳ ନାହିଁ, ଶିଳ ଚକି ନାହିଁ
ଘିର୍ ଘିର୍ ଘୁରେ ଗ୍ରାଇଣ୍ଡର ।

ଡିବିରିବତୀ ଲଣ୍ଠନ ଚେମେଣି
ହଜାଇଲାଣି ତା'ସତ୍ତା
ବିଜୁଳି ବତୀ ପାୱାର କଟିଲେ
ଇନଭଟର ଟେକେ ମଥା ।

ଯୁଗର ଧାରାରେ ଚାଲିଛି ଜୀବନ
ଗାଁ ସାଜିଲାଣି ସହର
ସଭିଙ୍କ ହାତରେ ସ୍ମାର୍ଟ ଫୋନ ଆଜି
ପିଲା, ବୁଢ଼ା,ନାରୀ ନର ।

ସହର ପରିକା ଗାଆଁର ରାସ୍ତାରେ
ଗଡୁଛି ଗାଡି ମଟର
ଦୁଇ ଚକିଆ, ଚାରିଚକିଆ ଯାନ
ପେଁ ପାଁ କେଁ କଟର ।

ଆମାଜନ,ଫ୍ଲିଥ୍ କାର୍ଡ ,ଜମାଟୋ
ଗାଆଁକୁ ଗଲାଣି ମାଡି
ମୋବାଇଲରେ କଲେ ଅର୍ଡର
ପହଞ୍ଚି ଯାଉଛି ଗାଡି ।

ଯୁଗର ଧାରାରେ ଚାଲିଛି ଜୀବନ
ଖାଇବା ଗଲାଣି ବଦଳି
ଚୁଡା ସାଥେ ଛେନା- ଗୁଡ଼- ନଡ଼ିଆ
କେଡେ ମଜ୍ଜା ସତେ କଦଳୀ ।

ଗାଆଁ ମାଟି ହାଣ୍ଡି ପଖାଳ ତୋରାଣି
ମହ ମହ ବାସୁନାହିଁ
ବାଡ଼ି ଲେଉଟିଆ ସେ ଖଡା ଶାଗର
ଆଦର ଯେ ଆଉ ନାହିଁ ।

ଗାଆଁ ସାଜିଲାଣି ସହର ଯେ ଆଜି
ଏକଥା ଭୁଲିବା ନାହିଁ
ଯୁଗର ଧାରାରେ ଚାଲିଛି ଜୀବନ
ଆପେ ଯାଏ ମଥା ନଇଁ ।

+ ଭୁବନେଶ୍ୱର
୯୭୭୭୫୯୯୬୯୫

## ସ୍ୱାଧୀନତା ରଙ୍ଗ !

**ସୁଶ୍ରୀ ସଙ୍ଗୀତା ସେଠୀ**

ଏଠି ନୀଳସାଗର ଗାଏ ସ୍ୱାଧୀନତା ଗୀତ
ମୟୂର ନାଚେ ପୁଚ୍ଛ ମେଲାଇ ବନାନୀରେ,
ଫସଲ ଲୋଟି ଆଜି ବସୁଧା କୋଳେ ଝୁମି
ଗାଇ ଉଠେ ଏଇ ମାଟିର ମହିମା ଗୀତି ରେ !

ସାକ୍ଷୀ ଏଇ ବନଲତା, ପାହାଡ଼ ଝରଣା
ପ୍ରତି ରକ୍ତବିନ୍ଦୁର ଯାହା ଯାଇଛି ବହି,
କରେ ସେ ପ୍ରଣାମ ନତମସ୍ତକେ ସେହି
ବୀରପୁତ୍ରଙ୍କ ବଳିଦାନକୁ ଏ ସ୍ୱାଧୀନତା ପାଇଁ ।

ଭାରତ ମାତାର ସେ ସୁଯୋଗ୍ୟ ସନ୍ତାନ
ଯାହାଙ୍କ ତ୍ୟାଗର ସୁଫଳ ପାଳେ ଆଜି ଦେଶ,
ଏ ସ୍ୱାଧୀନତା ସ୍ୱାଦ ଆଜି ଲାଗେ ନିଆରା
ଅମୃତର ଏ ଉତ୍ସବ ପୁରିଛି ପରା ୭୫ ବରଷ ।

ସଜାଅ ଭାରତ , ସଜାଅରେ ଆଜି ଏ ମାଟି
ଖୁସିର ଲହରୀ ଯାଉ ତା ପାଦେ ଲୋଟି,
ପ୍ରତି ଭାରତୀୟ ଶରୀରେ ବୋଳି ହେଉ
ସ୍ୱାଧୀନତା ରଙ୍ଗ ଭରି ଦେଶପ୍ରେମ ଆଉ ପ୍ରୀତି ।

+ ବିଲିପଡ଼ା, ଯାଜପୁର

With Best Compliments from:

**KALINGA ELECTRICAL CORPORATION**

KACHERY ROAD, BALASORE -756001 (ORISSA)
PH : 265976, 262432(S),
FAX : (06782) 265927

## ଚାଷୀ ଭାଇ ଓ ଭଉଣୀମାନଙ୍କ ନିମନ୍ତେ ପରାମର୍ଶ

୧. ଉତ୍ତମ ଫସଲ ଓ ଜମିର ସୁରକ୍ଷା ତଥା ମାଟିର ସ୍ୱାସ୍ଥ୍ୟ ବିଷୟରେ ଜାଣିବା ପାଇଁ ମାଟି ପରୀକ୍ଷା କରାଇ ଫଳାଫଳ ମୁତାବକ ଜମିରେ ଅନୁମୋଦିତ ସାର ପ୍ରୟୋଗ କରନ୍ତୁ ।

୨. ଖରିଫ ଚାଷ ପୂର୍ବରୁ ବିହନକୁ କାର୍ବାଣ୍ଡାଇଜିମ୍, ଥିରାମରେ ବିଶୋଧନ କରି ଚାଷକାର୍ଯ୍ୟରେ ଲଗାନ୍ତୁ ।

୩. ଅଧିକ ଅମଳ ପାଇବା ପାଇଁ ଅଧିକ ଅମଳକ୍ଷମ ବିହନ ଓ ଶଙ୍କର ଜାତୀୟ ବିହନ ପଞ୍ଜିକୃତ ବିହନ ବିକ୍ରୟ କେନ୍ଦ୍ରରୁ କ୍ରୟ କରନ୍ତୁ ଓ ଗଜା ପରୀକ୍ଷା କରି ଚାଷକାର୍ଯ୍ୟରେ ବ୍ୟବହାର କରନ୍ତୁ ।

୪. ସେବା ସମବାୟ ସମିତି ଓ ବିଭିନ୍ନ ଜାତୀୟକରଣ ବ୍ୟାଙ୍କରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଫସଲବୀମା କରାନ୍ତୁ । ଏଥିପାଇଁ ନିକଟସ୍ଥ ବ୍ଲକ୍ କୃଷି ଅଧିକାରୀ ଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସହିତ ପରାମର୍ଶ କରନ୍ତୁ ।

୫. ଫସଲର ସମନ୍ୱିତ ଖାଦ୍ୟସାର ଓ ରୋଗ ପୋକ ପରିଚାଳନା କରନ୍ତୁ ।

୬. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ କୃଷି ଯନ୍ତ୍ରପାତି କିଣିବାର ସୁଯୋଗ ନିଅନ୍ତୁ ।

୭. 'ବଳରାମ' ଯୋଜନାରେ ଭାଗଚାଷୀ ଭାଇମାନେ ମିଳିତ ଦେୟ ଗୋଷ୍ଠୀ ଗଠନ କରି NABARD ମାଧ୍ୟମରେ ଫସଲ ଋଣ ପାଇବା ପାଇଁ ନିଜ ଅଞ୍ଚଳର କୃଷକ ସାଥୀଙ୍କ ସହ ଯୋଗାଯୋଗ କରନ୍ତୁ ।

୮. ମହିଳାସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ କୃଷି ଯନ୍ତ୍ରପାତି ରିହାତି ମୂଲ୍ୟରେ ଯୋଗାଇ ଦିଆଯାଉଅଛି । ATMA ଯୋଜନାରେ ମହିଳା ଗୋଷ୍ଠୀଙ୍କୁ ଦିଆଯାଉଥିବା ବିହନ ମୂଲ୍ୟ ଟଙ୍କା, ଦକ୍ଷତା ବୃଦ୍ଧି ଟ୍ରେନିଂ ଏବଂ ମନରେଗା ଯୋଜନା ମାଧ୍ୟମରେ ହେଉଥିବା କାର୍ଯ୍ୟଗୁଡ଼ିକର ତଦାରଖ କରିବା ବାବଦକୁ ଉଦ୍ଦିଷ୍ଟ ଆର୍ଥିକ ସହାୟତାର ସୁଯୋଗ ନିଅନ୍ତୁ । ଏଥିପାଇଁ ବ୍ଲକ୍ କୃଷି ଅଧିକାରୀ ଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କ ସହିତ ପରାମର୍ଶ କରନ୍ତୁ ।


୯. ସମନ୍ୱିତ କୃଷି ପ୍ରଣାଳୀ (IFS)ର ସୁବିଧା ସୁଯୋଗ ନେବାପାଇଁ ବ୍ଲକ୍ କୃଷି ଅଧିକାରୀଙ୍କ ସହିତ ପରାମର୍ଶ କରନ୍ତୁ ।

୧୦. ସର୍ବୋପରି ଚାଷୀଭାଇମାନଙ୍କୁ ଅନୁରୋଧ ସେମାନେ ମୋ ସେବାକେନ୍ଦ୍ରକୁ ଯାଇ ତାଙ୍କ ନାମକୁ 'କୃଷକ ଓଡ଼ିଶା' ଏବଂ 'ଗୋ ସୁଗମ' ପୋର୍ଟାଲରେ ତୁରନ୍ତ ପଞ୍ଜିକରଣ କରି ସରକାରୀ ସୁବିଧାମାନଙ୍କର ସୁଯୋଗ ନିଅନ୍ତୁ ।

ବର୍ତ୍ତମାନ ବିଭିନ୍ନ ବେସରକାରୀ ବିହନକେନ୍ଦ୍ରରେ ଆବଶ୍ୟକୀୟ ଖରିଫ ବିହନ ମହଜୁଦ ଅଛି । ତାହାର ସୁଯୋଗ ନେବାପାଇଁ ବିଶେଷ ଅନୁରୋଧ ।

ସ୍ୱା-
ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବାଲେଶ୍ୱର


## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା

**ଶ୍ରୀଯୁକ୍ତ କେଶୁ ଦାସ**
ବିଶିଷ୍ଟ ଚିତ୍ରଶିଳ୍ପୀ ଓ କବି, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ସାରସ୍ୱତପ୍ରେମୀ ବାଲେଶ୍ୱରବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

**ଡ. ରମାକାନ୍ତ ବେହେରା**
ବିଶିଷ୍ଟ ସାହିତ୍ୟିକ, ସାଧନାଳୟ, ବିକାଶ ନଗର, ବାଲେଶ୍ୱର




ମାସିକ କିସ୍ତିରେ ଜାଗା...
{ବାଲେଶ୍ୱର ଓ ଭୁବନେଶ୍ୱରରେ}
ସମ୍ପର୍କ
ନିଳାଦ୍ରି ବିହାର, ବୁଦ୍ଧପାର୍କ ଭୁବନେଶ୍ୱର, ୯୮୩୭୬୭୯୮୨୧


## ଶୁଭେଚ୍ଛା



ସମଗ୍ର ଓଡ଼ିଶାରେ ସାହିତ୍ୟକୁ ନେଇ ବିପ୍ଳବ ସୃଷ୍ଟି କରିବାରେ 'ଧ୍ୱନି ପ୍ରତିଧ୍ୱନି'ର ଅବଦାନକୁ କେବେ ଭୁଲି ହେବ ନାହିଁ। ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଓ ସାହିତ୍ୟ ପତ୍ରିକା 'ସାଗରିକା'ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ପରିଚାଳନା ନିର୍ଦ୍ଦେଶକ, ସମ୍ପାଦିକାଙ୍କ ସମେତ ଏହି ପରିବାର ସହ ଜଡ଼ିତ ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇ ରହୁଛି।

**ପ୍ରମିଳା ପଣ୍ଡା**
ନଗରପାଳ,
ବିଜ୍ଞାପିତ ଅଞ୍ଚଳ ପରିଷଦ, ଉଦଳା

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ସମସ୍ତଙ୍କ ଜୀବନ ମଙ୍ଗଳମୟ ହେଉ, ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସମସ୍ତଙ୍କୁ ସୁଖଶାନ୍ତିରେ ରଖନ୍ତୁ।

**ଶ୍ରୀଯୁକ୍ତ ପରମାନନ୍ଦ ବାରିକ**
ଉପସଭାପତି ଜିଲ୍ଲା ବାରିକ ସମିତି, ବାଲେଶ୍ୱର


ପଢ଼ନ୍ତୁ ପଢ଼ନ୍ତୁ ପଢ଼ନ୍ତୁ
ସହରରୁ ଗାଆଁ ଯାଏଁ ସଠିକ ଖବର
ଅଭିନନ୍ଦନ
ସାପ୍ତାହିକ ଖବର କାଗଜ
ସମ୍ପର୍କ
ବୈରାମ ନଗର, ମୋତିଗଞ୍ଜ, ବାଲେଶ୍ୱର, ମୋ.ନଂ.-୯୮୩୭୬୭୯୮୨୧
ଓଡ଼ିଶାର ସବୁ ଜିଲ୍ଲା ଓ ବ୍ଲକରୁ ସାମ୍ବାଦିକ ଆବଶ୍ୟକ


## ଶୁଭେଚ୍ଛା



ନୂତନ ସାହିତ୍ୟିକ ସୃଷ୍ଟି କରିବା ଓ ହଜି ଯାଉଥିବା କବି, ଲେଖକ ମାନଙ୍କୁ ଲୋକଲୋଚନକୁ ଆଣିବା ସହିତ ସମଗ୍ର ଓଡ଼ିଶାରେ ଏକ ସାରସ୍ୱତ ବଳୟ ସୃଷ୍ଟି କରିବାରେ 'ଧ୍ୱନି ପ୍ରତିଧ୍ୱନି'ର ଅବଦାନକୁ କେଉଁ ଭାଷାରେ ଧନ୍ୟବାଦ ଜଣାଇବି, ସେଥପାଇଁ ଭାଷା ପାଉ ନାହିଁ। ଆଜି ସମ୍ବାଦପତ୍ର 'ଧ୍ୱନି ପ୍ରତିଧ୍ୱନି' ଓ ସାହିତ୍ୟ ପତ୍ରିକା 'ସାଗରିକା'ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି।

**ପ୍ରଫୁଲ୍ଲ କୁମାର ଖିଲାର**
ସମ୍ପାଦକ, 'ଶମୀବୃକ୍ଷ' ସାହିତ୍ୟ ସଂସଦ, ପୋଡ଼ାଡ଼ିହା, ମୟୂରଭଞ୍ଜ (ମୋ) ୮୯୦୮୬୫୬୬୬୨

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ମୁଁ ଏହାର ଉନ୍ନତି, ପ୍ରଗତି ଓ ସଫଳତା କାମନା କରୁଛି।

**ଇଂ ମଧୁସୂଦନ ସିଂ**
ଜନସ୍ୱାସ୍ଥ୍ୟ ବିଭାଗ, ଭଦ୍ରକ

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ମୁଁ ଏହାର ଉନ୍ନତି, ପ୍ରଗତି ଓ ସଫଳତା କାମନା କରୁଛି।

**ରୋଟାରିଆନ ବିଭୁ ନାୟକ**
ରୋଟାରୀ କ୍ଲବ ରାଉରକେଲା ଷ୍ଟିଲ ସିଟି, ରାଉରକେଲା

## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

**ଶ୍ରୀଯୁକ୍ତ ପରେଶ ରାୟ ମହାପାତ୍ର**
ବରିଷ୍ଠ ସାହିତ୍ୟିକ ଓ ସୁସଂଗଠକ

## ଶୁଭେଚ୍ଛା ଓ ଅଭିନନ୍ଦନ





'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

**ଶ୍ରୀଯୁକ୍ତ ନାରାୟଣ ପ୍ରଧାନ**
ସଭାପତି, ଜିଲ୍ଲା ପରିଷଦ, ବାଲେଶ୍ୱର

ଦୈନିକ ସମ୍ବାଦପତ୍ର ଧ୍ୱନି ପ୍ରତିଧ୍ୱନିର ୩୩ଶ ବାର୍ଷିକ ଉତ୍ସବ ସମାରୋହ-୨୦୨୨ ପାଳନ ଅବସରରେ ଶୁଭେଚ୍ଛା...

**JOGENDRA**
HIGHER SECONDARY SCHOOL
ANKO, RUPSA, BALASORE
AFFLIATED TO CHSE, ODISHA.
RECOGNISED BY GOVT. OF ODISHA
+2 SCIENCE & ARTS



ADMISSION OPEN...




**Minati Rani Behera**
Principal:
Jogendra Higher Secondary School


## ଶୁଭେଚ୍ଛା ଓ ଅଭିନନ୍ଦନ



'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

**ଶ୍ରୀମତୀ କୃଷ୍ଣା ପ୍ରଧାନ**
କବି ଓ ସୁସାହିତ୍ୟିକା, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ






'ଧ୍ୱନି ପ୍ରତିଧ୍ୱନି'ର ୩୩ଶ ବାର୍ଷିକ ଉତ୍ସବ ପାଳନ ଅବସରରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

**ଶ୍ରୀମତୀ ସବିତା ସାହୁ**
ପୌରାଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା, ବାଲେଶ୍ୱର




Supporting
Public Health Engineering
since, last 50 years


Ori-Plast®
LIFE LINES... NOT JUST PIPE LINES




O T Road, Balasore - 756001, Phone:06782 264551/52/53, Fax: 06782 262551, Email: sales@oriplast.com, Web: www.oriplast.com



Ph- 06782-267028
Mob- 099370-26428
Mahalaxmi jewellery
ଧନୀରୁ ଗରିବ ସମସ୍ତଙ୍କ ପାଇଁ ଉପଲବ୍ଧ!
V N Marg, Front of Durga Nursing Home, Balasore-1
E: lmdrana@gmail.com W:www.mahalaxmijewellery.com



LN
LAXMI NARAYAN JEWELLERY
Motiganj, Balasore, Ph: 06782- 262754
Extension Counter :
V.N. Marga, Balasore, Ph : 06782- 265495
Web : www.lnjewellery.com

# ନିଆରା ହାଟ



**ଦିଲ୍ଲୀପ କୁମାର ସାହୁ**

ମାଲକାନାଗିରି ଜିଲ୍ଲାର ସାତଗୋଟି ବ୍ଲକ୍ ମଧ୍ୟରୁ ଗୋଟିଏ ଖଇରିପୁଟ । ଏହି ଖଇରିପୁଟରେ ପ୍ରତି ବୁଧବାର ଦିନ ହାଟ ବସେ । ସବୁ ହାଟ ପରି ଏ ହାଟରେ ମିଳେ ପନିପରିବା, ଡିଲି, ଚାଉଳ, ଲୁଗାପଟା ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀ । ଏ ହାଟ କିନ୍ତୁ ଅନ୍ୟାନ୍ୟ ହାଟମାନଙ୍କଠାରୁ ନିଆରା । ଏକଦା ଏ ହାଟରେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଦେଖିବାକୁ ମିଳୁଥିଲା । ଅବଶ୍ୟ ସରକାରୀ କଟକଣା ଯୋଗୁ ଏବେ ଏଠାକୁ ଆଉ ବିଦେଶୀମାନେ ଆସୁନାହାନ୍ତି । ଏହି ହାଟର ବିଶେଷତା ହେଲା ଯେ ଏଠାକୁ ଉପର ବଣ୍ଡାମାନେ କିଣାବିକା କରିବା ପାଇଁ ଆସନ୍ତି । ବଣ୍ଡାମାନେ ହେଉଛନ୍ତି ବିଶ୍ୱର ଅତି ଆଦୀମ ଅଧିବାସୀ ମାନଙ୍କ ମଧ୍ୟରୁ ଅନ୍ୟତମ । ଏମାନେ ସାଧାରଣତଃ ଦୁଇ ଭାଗରେ ବିଭକ୍ତ । ତଳ ବଣ୍ଡା ଓ ଉପର ବଣ୍ଡା । ତଳ ବଣ୍ଡାମାନେ ମୁଖ୍ୟସ୍ରୋତରେ ସାମିଲ ହୋଇ ଏବେ ସାଧାରଣ ମଣିଷ ପରି ଜୀବନ ବିତାଉଛନ୍ତି । ଉପର ବଣ୍ଡାମାନେ କିନ୍ତୁ ଏଯାଏଁ ତାଙ୍କ ପରମ୍ପରାକୁ ଛାଡିପାରିନାହାନ୍ତି । ଯଦିଓ ଶିକ୍ଷା ଓ ସଭ୍ୟତା ସେମାନଙ୍କ ଭିତରେ ପ୍ରବେଶ କରିବା ଆରମ୍ଭ କଲାଣି, ତଥାପି ଅଧିକାଂଶ ଉପରବଣ୍ଡା ସେମାନଙ୍କର ଚାଲିଚଳନ ଓ ପାରମ୍ପରିକ ବେଶ ପରିଧାନରେ ଏଯାଏଁ ପରିବର୍ତ୍ତନ ଆଣିପାରିନାହାନ୍ତି ।

ଉପର ବଣ୍ଡା ରମଣୀମାନଙ୍କର ପରିଧାନ ହେଲା ଆଣ୍ଠୁ ଉପରକୁ ଲୁଗା, ବେକରେ ମେଞ୍ଚାଏ ମାଳି ଓ ଆଲୁମିନିୟମରେ ତିଆରି ଚକ ସଦୃଶ ଅଳଙ୍କାର 'ଖଗଲା'। ଏବେବି କିଛି ବଣ୍ଡା ରମଣୀ ସର୍ବଦା ମୁଣ୍ଡ ଲଣ୍ଡା ହେବାପାଇଁ ପସନ୍ଦ କରନ୍ତି । ଉପର ବଣ୍ଡାମାନେ ବାସ କରନ୍ତି ସମୁଦ୍ର ପତନଠାରୁ ପାଂଚହଜାର ଫୁଟ ଉଚ୍ଚରେ ଥିବା ପାହାଡ ଉପରେ । ସେଠାରେ ତାଙ୍କର ରହିଛି ୨୯ ଗୋଟି ଗାଁ ଓ ତିନିଗୋଟି ପଡାଗାଁ । ଖଇରିପୁଟ ଠାରୁ ସେଠାକୁ ଲମ୍ବିଯିଇଛି ୧୩ କିଲୋମିଟର ଘାଟି ରାସ୍ତା । ବଣ୍ଡାମାନେ ଖୁବ୍ ସରଳ ଓ ସ୍ୱାଧୀନଚେତା । ସେମାନଙ୍କର ନିଆରା ପରମ୍ପରା ବିଦେଶୀମାନଙ୍କୁ ଆକୃଷ୍ଟ କରୁଥିଲା । ଘାଟିଉପରକୁ ଯାଇ ସେସବୁ ଦେଖିବା ସେମାନଙ୍କ ପକ୍ଷେ ସମ୍ଭବ ନଥିଲା । ତେଣୁ ସେମାନେ ଖଇରିପୁଟ, ଅନ୍ଲାଡିଲ୍ ଓ କୁଡୁମୁଲୁଗୁମା ଆଦିଠାରେ ବସୁଥିବା ହାଟକୁ ଧାଇଁ ଆସୁଥିଲେ ସେହି ଆଦିମ ଅଧିବାସୀମାନଙ୍କୁ ଦେଖିବା ପାଇଁ ।

ସକାଳୁ ସକାଳୁ ଏହି ହାଟ ଆରମ୍ଭ ହୁଏ ଓ ଶେଷ ହୁଏ ଦିନ ଏଗାରରୁ ବାରଟା ମଧ୍ୟରେ । ତେଣୁ ରାତି ନ ପାହୁଣୁ ଘର ପାଇଟି ସାରି



ଘାଟିରାସ୍ତା ଅତିକ୍ରମ କରି ବଣ୍ଡା ରମଣୀମାନେ ପହଞ୍ଚିଯାଆନ୍ତି ଏହି ହାଟରେ ସେମାନଙ୍କର ନିତ୍ୟ ଆବଶ୍ୟକ ସାମଗ୍ରୀ କିଣିବାପାଇଁ । କାରଣ ବଣ୍ଡା ପୁରୁଷମାନଙ୍କର ଘର ସଂସାର ପ୍ରତି ନଜର ନଥାଏ । ସଲପ ନାମକ ଗଛରୁ ମିଳୁଥିବା ଏକ ପ୍ରକାର ପାନୀୟ ପାନକରି ଦିନସାରା ନିଶାରେ ଝୁମିବା ପୁରୁଷମାନଙ୍କର କାମ । ଯେତେ କଷ୍ଟ ହେଲେ ମଧ ଘର ଚଳାଇବା ପାଇଁ ସପ୍ତାହକୁ ଥରେ ହାଟ କରିବାପାଇଁ ଭୁଲନ୍ତିନାହିଁ ଏହି ବଣ୍ଡା ରମଣୀମାନେ । ଘାଟି ଉପରେ ୩୨ ଗୋଟି ଗାଁ ଥିଲେ ମଧ କିଛି ମିଳେ ନାହିଁ । ଦିଆସିଲିଟିଏ ନଥିଲେ ଚୁଲିଜଳିବା ବନ୍ଦ । ଲୁଣ ନଥିଲେ ମାଣ୍ଡିଆ ଜାଉ ରାନ୍ଧିବା ମଧ କଷ୍ଟ । ହାଟରେ ବୁଲିବୁଲି ବଣ୍ଡା ରମଣୀମାନେ କିଣାକିଣି କରନ୍ତି । ସେମାନଙ୍କର ବେଶ ପରିଧାନରୁ ସେମାନଙ୍କୁ ସହଜରେ ଚିହ୍ନିହୁଏ । ବଣ୍ଡା ରମଣୀମାନେ ସେମାନଙ୍କର ସନ୍ତାନକୁ ଅଣ୍ଟାରେ ବାନ୍ଧି ମୁଣ୍ଡରେ ଡାଲି ଚାଉଳର ବୋଝ ମୁଣ୍ଡାଇ ହାଟ କରୁଥିବା ବେଳେ ବୟସ୍କା ମାନଙ୍କ ମୁଣ୍ଡରେ ଥାଏ ଓଜନିଆ ବୋଝ । ଏଥିରୁ ବାରିହୁଏ ନାରୀ ହେଲେ ମଧ ସେମାନେ କେତେ କଷ୍ଟ ସହିଷ୍ଣୁ ।

ହାଟରେ ବଣ୍ଡାମାନଙ୍କୁ ଦେଖିଲେ ମନେପଡେ ଆମ ପୂର୍ବପୁରୁଷଙ୍କ କଥା । ସେମାନଙ୍କ ମଧ୍ୟରେ ଗରିବ ଧନୀର ଭେଦ ବିଚାର ନଥିଲା । ଯାହା ମିଳୁଥିଲା ସେଇଥିଲେ ସେମାନେ ସନ୍ତୁଷ୍ଟ ହେଉଥିଲେ । ଅଭାବ ଅସୁବିଧାକୁ ସେମାନଙ୍କର ନଥିଲା ଖାତିର । ବାଦବିବାଦ ସେମାନଙ୍କୁ ଛୁଇଁ ପାରୁନଥିଲା । ମିଳିମିଶି ନାଚିଗାଇ ସେମାନେ ଜୀବନକୁ ଉପଭୋଗ କରୁଥିଲେ ।

ଖଇରିପୁଟ ପରି ଆଉ ଏକ ପ୍ରମୁଖ ବଣ୍ଡାହାଟ ହେଲା ଅନ୍ଲାଡିଲ୍ । ବଣ୍ଡାମାନଙ୍କ ଅନ୍ୟ ହାଟ ଗୁଡିକ ପାହାଡ ତଳେ ବସୁଥିବା ବେଳେ ଏ ହାଟ ବସେ ଘାଟି ଉପରେ । ଉପର ବଣ୍ଡାମାନଙ୍କ ପାଇଁ ଏ ହାଟରେ କିଣାବିକା କରିବା ସହଜ ହୋଇଥାଏ । ପ୍ରତି ଗୁରୁବାର ଦିନ ବସୁଥିବା ଏହି ଅନ୍ଲାଡିଲ୍ ହାଟଟି କୋରାପୁଟ ଜିଲ୍ଲାର ଲମତାପୁଟ୍ ବ୍ଲକ୍ ରେ ଅବସ୍ଥିତ । ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ଟାଉନଶିପ୍ ଠାରୁ ଅନ୍ଲାଡିଲ୍ ଯାଏ ଲମ୍ବିଯାଇଛି ପ୍ରାୟ ୭-୮ କିଲୋମିଟର ର ଘାଟି ରାସ୍ତା । ଅନ୍ଲାଡିଲ୍ ହାଟକୁ ଲମ୍ବିଥିବା ଏହି ଘାଟି ରସ୍ତାରେ ଯିବା ସମୟରେ ଡୁଡୁମା ଜଳପ୍ରପାତ ର ସୌନ୍ଦର୍ଯ୍ୟ ଉପଭୋଗ କରିବାର ସୁଯୋଗ ମିଳେ ।

ଖଇରିପୁଟ ପରି ଅନ୍ଲାଡିଲ୍ ର ଏହି ବଣ୍ଡା ହାଟ ମଧ ଥିଲା ବିଦେଶୀ ପର୍ଯ୍ୟଟକ ଙ୍କ ପାଇଁ ବଡ ଆକର୍ଷଣ । ପ୍ରତି ଗୁରୁବାର ଦିନ ଏହି ହାଟକୁ ବିଭିନ୍ନ ୟୁରୋପୀୟ ଦେଶରୁ ପର୍ଯ୍ୟଟକମାନେ ଛୁଟି ଆସୁଥିଲେ ପୃଥିବୀର ଅନ୍ୟତମ ଆଦିମ ଅଧିବାସୀମାନଙ୍କୁ ଦେଖିବା ପାଇଁ । ସରକାରୀ କଟକଣା ଯୋଗୁଁ ବିଦେଶୀ ପର୍ଯ୍ୟଟକ ଆସୁନାହାନ୍ତି ସତ, ବଣ୍ଡା ରମଣୀମାନେ କିନ୍ତୁ ସକାଳୁ ସକାଳୁ ପହଞ୍ଚି ଯାଇଥାନ୍ତି ଏଠାରେ ସେମାନଙ୍କର ସଲପ ପସରା ଧରି । ସେମାନଙ୍କ ସେହି ପାରମ୍ପରିକ ପାତ୍ରରେ ଏହି ସୁସ୍ୱାଦୁ ପାନୀୟକୁ ସେମାନେ ପରସି ଦିଅନ୍ତି ଗରାଖ ମାନଙ୍କୁ । ସଲପ ସହିତ ଅନ୍ୟାନ୍ୟ ବନଜାତ ସାମଗ୍ରୀର କିଣାବିକା ମଧ ଏଠାରେ ହୋଇଥାଏ ।

ଅନ୍ଲାଡିଲ୍ ହାଟରେ ବଣ୍ଡାମାନଙ୍କ ସହ ଗଦବା ଆଦିବାସୀମାନଙ୍କୁ ମଧ ଦେଖିବାକୁ ମିଳିଥାଏ । ବେଶପରିଧାନରୁ ଉଭୟଙ୍କ ମଧ୍ୟରେ ଥବା ପାର୍ଥକ୍ୟକୁ ସହଜରେ ବାରିହୁଏ । ଗଦବା ମାନେ ବଣ୍ଡାମାନଙ୍କଠାରୁ ବେଶ୍ ଉନ୍ନତ । ଅଧିକାଂଶ ଗଦବା ମୁଖ୍ୟସ୍ରୋତରେ ମିଶିସାରିଥିବା ବେଳେ ବଣ୍ଡାମାନେ ଆସ୍ତେ ଆସ୍ତେ ଆଧୁନିକତା ଆଡକୁ ମୁହାଁଇବା ଆରମ୍ଭ କରିଛନ୍ତି ।

+ ଶଙ୍କରପୁର,
ଚାରବାଟିଆ, ଚୌଦ୍ୱାର,
କଟକ

---


## ପଞ୍ଚାୟତ ପୋଖରୀରେ ମାଛଚାଷ

୧. ପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ମାଛ ଚାଷ କରିବା ନିମନ୍ତେ ପଞ୍ଚାୟତ ପୋଖରୀଗୁଡ଼ିକରୁ ଦୀର୍ଘକାଳୀନ ମିଆଦରେ ଲିଜ୍ ଦିଆଯାଇଛି ।



୨. ମହିଳା ସହାୟକ ଗୋଷ୍ଠୀଙ୍କୁ ଏହି ମାଛଚାଷ କରିବା ନିମନ୍ତେ ହେକ୍ଟର ପ୍ରତି ଦେଢ଼ଲକ୍ଷ ଟଙ୍କା ମାଛଯାଆଁଳ ଓ ଖାଦ୍ୟ ଉପରେ ୬୦% ଅର୍ଥାତ୍ ୯୦ ହଜାର ଟଙ୍କା ରିହାତି ଦିଆଯାଇଛି ।

୩. ପଞ୍ଚାୟତ ପୋଖରୀଗୁଡ଼ିକୁ ଅଗ୍ରାଧିକାର ଓ ଦୀର୍ଘକାଳୀନ ଭିତ୍ତିରେ ନିଲାମ ନେବାର ସୁବିଧା କରାଯାଇଛି ।

୪. ମତ୍ସ୍ୟ ବିଭାଗ ମିଶନଶକ୍ତି ଓ ପଞ୍ଚାୟତିରାଜ ବିଭାଗର ମିଳିତ ପ୍ରଚେଷ୍ଟାରେ ସ୍ୱୟଂ ସହାୟକ ଗୋଷ୍ଠୀମାନେ ପଞ୍ଚାୟତ ପୋଖରୀରେ ମାଛଚାଷ କରି ସ୍ୱାବଲମ୍ବୀ ହେବା ସଙ୍ଗେ ସଙ୍ଗେ ମତ୍ସ୍ୟ ସମ୍ପଦ ବୃଦ୍ଧିରେ ସହାୟକ ହୋଇ ପାରୁଛନ୍ତି ।

ଜିଲ୍ଲା ମତ୍ସ୍ୟ ଅଧିକାରୀ
ବାଲେଶ୍ୱର


## ॥ ସନ୍ଥ ଶିରୋମଣି ରବି ଦାସ ॥



**ସୁଧାଂଶୁ ଶେଖର ଦ୍ୱିବେଦୀ**

ସମ୍ଭବତଃ ଛ'ଶହ ବର୍ଷ ପୂର୍ବରୁ କାଶୀରେ ଚର୍ମକାର କୂଳରେ ପିତା ରଘୁ ଓ ମାତା ଘୁରୁବିନିଆଙ୍କ ଘରେ ରବି ଦାସଙ୍କ ଜନ୍ମ ୧୩୯୮ ସାଲରେ ହୋଇଥିଲା। ଜଣେ ସନ୍ଥ ହୋଇ ମଧ ଜୋତା ତିଆରି କରିବାର ପୈତୃକ ବ୍ୟବସାୟକୁ ସହର୍ଷ ଆପଣାର କରିଥଲେ। ତାଙ୍କର ମଧୁର ବ୍ୟବହାର ପାଇଁ ଲୋକମାନେ ଅନେକ ମାତ୍ରାରେ ପ୍ରଭାବିତ ହୋଇ ଥିଲେ। ମଧ କାଳର ପ୍ରମୁଖ ସନ୍ଥମାନଙ୍କ ମଧ୍ୟରେ ରବିଦାସଙ୍କ ସ୍ୱୀକାର୍ଯ୍ୟତା ଓ ଲୋକପ୍ରିୟତା ଜଣେ ଶୁଦ୍ରଙ୍କ ଘରେ ଜନ୍ମ ହୋଇଥିଲେ ବି କାଶୀ ପଣ୍ଡିତମାନଙ୍କୁ ସ୍ୱୀକାର୍ଯ୍ୟତା କରିବାକୁ ପଡିଥିଲା ।ତତ୍କାଳୀନ ବ୍ରାହ୍ମଣମାନେ ଶାସ୍ତ୍ରରେ ମହାବୀରଙ୍କୁ ଉଲ୍ଲେଖ କରିଥିଲେ ହେଲେ ବୁଦ୍ଧଙ୍କ ବିଚାରକୁ ମାନୁ ନଥିଲେ। ପରେ ପରେ ରବି ଦାସଙ୍କ ଅନୁରୋଧରେ ସେମାନେ ତାହା ମାନିବାକୁ ବିବଶ ହୋଇଥିଲେ।

ସନ୍ଥ ରବି ଦାସ ଭାରତର ଆଧାତ୍ମିକ ଆକାଶର ଜଣେ ଧ୍ରୁବ ତାରା ।ନୀଚ ଜାତିରେ ଜନ୍ମ ହୋଇଥିବା ପରେ ବି ସେ ପରଂବ୍ରହ୍ମଙ୍କୁ ସାକ୍ଷାତ୍କାର କରିଥିଲେ, ଯାହାଙ୍କ ପାଇଁ ମାନବ ଜନ୍ମ ଜନ୍ମ ଧରି ଅପେକ୍ଷା କରି ରହିଥାଏ ।ଗୁରୁ ରାମାନନ୍ଦଙ୍କ ଶିଷ୍ୟ ରବି ଦାସ ସନ୍ଥ କବୀରଙ୍କ ଗୁରୁ ଭାଇ ଥିଲେ ଏବଂ ସ୍ୱଭାବରେ କବୀରଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ ଥିଲେ ।କବୀରଙ୍କ ନିକଟରେ ଦୀପ୍ତି, ଅଖଣ୍ଡତା, ପ୍ରଖରତା ଥିଲା ମାତ୍ର ସନ୍ଥ ରବି ଦାସ ଶାନ୍ତ, ସଂଯମୀ ଏବଂ ବିନମ୍ରତାର ଅଧିକାରୀ ଥିଲେ।

ମୀରା ବାଈଙ୍କ ଗୁରୁ ସନ୍ଥ ରବି ଦାସ ଗୃହସ୍ଥ ହୋଇ ମଧ ଈଶ୍ୱରଙ୍କ ସାଧନା ଅହରହ କରୁଥିଲେ। ଯାହାଦ୍ୱାରା ସେ ସେହି ପରମ ଚୈତନ୍ୟ ଗଙ୍ଗାରେ ସ୍ନାନ କରିବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ।

ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ, ସହିଷ୍ଣୁତା ପାଇଁ ସେ ଅନେକ ପ୍ରୟାସ କରିଛନ୍ତି। ପ୍ରଭୁଙ୍କ ପ୍ରତି ତାଙ୍କର ନିଷ୍ଠା ପ୍ରବଳରୁ ପ୍ରବଳ ଥିଲା। ସେ ସବୁବେଳେ କହି ହେଉଥିଲେ ପ୍ରଭୁ ତୁମେ ଚନ୍ଦନ, ମୁଁ ପାଣି। ପରୋପକାର ଓ ଦୟାଳୁ ସ୍ୱଭାବର ହେବା ସହିତ ସାଧୁ

ସନ୍ଥ,ଦୀନ-ଦୁଃଖୀଙ୍କର ସେବା, ସହାୟତା କରିବାରେ ତାଙ୍କୁ ବିଶେଷ ଆନନ୍ଦ ମିଳୁଥିଲା ।ତାଙ୍କର ଏଭଳି ସ୍ୱଭାବ କାରଣରୁ ମାତା ପିତା ଅସନ୍ତୁଷ୍ଟ ହେଉଥିଲେ। ଶେଷରେ ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ଘରୁ ବିତାଡିତ କରି ଦେଇଥିଲେ। ତତ୍ପଶ୍ଚାତ ସେ ଜଣେ ପଡ଼ୋଶୀଙ୍କ ସହାୟତାରେ ଚାଳ ଛପର ଘରେ ରହି ତତ୍ପରତା ସହକାରେ ନିଜର କୌଳିକ ବ୍ୟବସାୟ କରୁଥିଲେ।

ଥରେ ତାଙ୍କ ପଡ଼ୋଶୀମାନେ ଗଙ୍ଗା ସ୍ନାନ ନିମନ୍ତେ ଯାଉଥାନ୍ତି। ରବିଦାସଙ୍କ ଶିଷ୍ୟଙ୍କ ମଧ୍ୟରୁ ଜଣେ ଶିଷ୍ୟ ଆଗ୍ରହ ପ୍ରକାଶ କରି ତାଙ୍କୁ ଯିବା ପାଇଁ ଅନୁରୋଧ କଲା। ଶିଷ୍ୟର ଅନୁରୋଧରେ ରବି ଦାସ କହିଲେ, ଗଙ୍ଗା ସ୍ନାନ ନିମନ୍ତେ ମୁଁ ଅବଶ୍ୟ ଯାଆନ୍ତି କିନ୍ତୁ ଜଣେ ବ୍ୟକ୍ତିଙ୍କର ଜୋତା ତିଆରି କରି ଆଜି ହିଁ ଦେବାକୁ କଥା ଦେଇଛି। ଯଦି ଆଜି ଜୋତା ଦେଇପାରିବି ନାହିଁ ତାହେଲେ ବଚନ ଭଙ୍ଗ ହୋଇଯିବ। ଅନ୍ତଃକରଣରେ ଯେଉଁ ପ୍ରକାର କାର୍ଯ୍ୟ କରିବାକୁ ପ୍ରସ୍ତୁତ ତାହାହିଁ ମୋତେ କରିବାକୁ ହେବ । ମନ ସଫା ଥିଲେ ଗୋବର ଗଡ଼ିଆରେ ବି ଗଙ୍ଗା ସ୍ନାନର ପୁଣ୍ୟ ପ୍ରାପ୍ତ କରିପାରିବି।

ରବି ଦାସଙ୍କର ଈଶ୍ୱରଙ୍କ ପ୍ରତି ଭକ୍ତି, ସଦାଚାର, ପରହିତ ଭାବନା ଏବଂ ସଦବ୍ୟବହାର ସଭିଙ୍କୁ ଆକୃଷ୍ଟ କରିଥିଲା। ଈଶ୍ୱରଙ୍କ ଭକ୍ତି ବଡ଼ ଭାଗ୍ୟରେ ପ୍ରାପ୍ତ ହୁଏ। ଅଭିମାନ ଶୂନ୍ୟ ହୋଇ କାର୍ଯ୍ୟ କରୁଥିବା ବ୍ୟକ୍ତି ହି ଜୀବନରେ ସଫଳ ହୋଇଥାଏ। ସେହିପରି ରବି ଦାସ ଉଚ୍ଚ ନୀଚ ଭାବନା ତଥା ଈଶ୍ୱର ଭକ୍ତି ନାମରେ ବାଦ ବିବାଦକୁ ସାର ହୀନ ଓ ନିରର୍ଥକ ବୋଲି କହୁଥିଲେ। ସମସ୍ତଙ୍କୁ ପରସ୍ପର ମିଳିମିଶି ପ୍ରେମ ପୂର୍ବକ ରହିବାକୁ, ଅନ୍ୟର ବିପତ୍ତିରେ ସାହାଯ୍ୟ ସହଯୋଗ କରିବାକୁ ସେ ସବୁବେଳେ ଲୋକ ମାନଙ୍କୁ ପ୍ରେରଣା ଦେଉଥିଲେ। ଏହାଛଡା ସଙ୍ଗୀତ ପ୍ରତି ରବି ଦାସଙ୍କ ରାଗ ସ୍ୱରର ଜ୍ଞାନ ଅଦ୍ଭୁତ ଥିଲା। ରାଗ ରାମକଲି, ରାଗ କେଦାର, ରାଗ ମହ୍ଲାର, ରାଗ ଧନାଶ୍ରୀ, ରାଗ ଗୌଡ଼ ଆଦି ତାଙ୍କ ଦ୍ୱାରା ଉତ୍କୃଷ୍ଟ ରଚନା ସମୂହ ଅଟେ ।ସତରେ ତାଙ୍କ ବାଣୀର ପ୍ରଭାବ ଏତେ ବ୍ୟାପକ ଥିଲା ଯେ ସମାଜର ସବୁ ବର୍ଗର ଲୋକ ମାନେ ତାଙ୍କରି ଶ୍ରଦ୍ଧାଳୁ ହୋଇ ଯାଇଥିଲେ। ତାଙ୍କ ଭଜନ ଓ ଉପଦେଶ ଦ୍ୱାରା ଲୋକମାନଙ୍କୁ ଏଭଳି ଶିକ୍ଷା ମିଳୁଥିଲା, ଯାହାକି ସଭିଙ୍କୁ ସନ୍ତୋଷ ଜନକ ରୂପେ ପ୍ରତୀତ ହେଉଥିଲା। ଆଜି ବି ରବି ଦାସଙ୍କ ଉପଦେଶ ସମାଜ କଲ୍ୟାଣ ନିମନ୍ତେ ନିହାତି ମହତ୍ୱପୂର୍ଣ୍ଣ ଅଟେ। ବାସ୍ତବରେ ସେ ନିଜର ଆଚରଣ ଏବଂ ବ୍ୟବହାର ଦ୍ୱାରା ପ୍ରମାଣିତ କରି ଯାଇଛନ୍ତି, ମନୁଷ୍ୟ କେବଳ ନିଜ ଜନ୍ମ ଓ କର୍ମ ଦ୍ୱାରା ମହାନ ହୋଇନଥାଏ ଅପିତୁ ବିଚାର କରିବାର ଶ୍ରେଷ୍ଠତା, ସମାଜ ହିତର ଭାବନା ତଥା ସଦବ୍ୟବହାର ଗୁଣ ମନୁଷ୍ୟକୁ ମହାନ କରିଥାଏ।

+ ବିସି - ୭୪,ସଲଟ
ଲେକ, କଲକାତା-୬୪
ମୋ -୯୬୮୧୩୭୩୫୧୨


## ବିଜ୍ଞାପିତ ଅଞ୍ଚଳ ପରିଷଦ, ଉଦଳା

ତା ୨୮ଅଗଷ୍ଟ ୨୦୨୨ରିଖ 'ଧ୍ୱନି ପ୍ରତିଧ୍ୱନି' ଖବରକାଗଜର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଉଦଳାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ଓ ଅଜସ୍ର ଶୁଭକାମନା ସହ ପରିଷଦବାସୀଙ୍କୁ ପୌରସେବା ଯୋଗାଇ ଦେବାକୁ ଆମେ ସଂକଳ୍ପବଦ୍ଧ ।

୧. ପୌର ସମ୍ପତ୍ତି ଆପଣମାନଙ୍କର ସମ୍ପତ୍ତି ।

୨. ସର୍ବସାଧାରଣ ରାସ୍ତା ଓ ଡ୍ରେନରେ ଅଳିଆ ଆବର୍ଜ୍ଜନା ପକାନ୍ତୁ ନାହିଁ । ନିଜ ଘରୁ ବାହାରୁଥିବା ଅଳିଆ (ଓଦା ଓ ଶୁଖିଲା) ଭାବେ ଅଲଗା କରି ସଫେଇ କର୍ମଚାରୀମାନଙ୍କୁ ପ୍ରଦାନ କରନ୍ତୁ ।

୩. ଚ଼ଠିନ ବର୍ଜ୍ୟବସ୍ତୁ ପାଇଁ ବ୍ୟବହାରିକ ଧାର୍ଯ୍ୟ ଟିକସ ସ୍ୱଚ୍ଛ ସାଥୀମାନଙ୍କୁ ଠିକ୍ ସମୟରେ ପ୍ରଦାନ କରନ୍ତୁ । ନିୟମିତ ଧାର୍ଯ୍ୟ ଟିକସ ଦେଇ ପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।

୪. ପଲିଥିନ୍ ବ୍ୟବହାର ନକରି ପ୍ରଦୂଷଣମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ ।

୫. ଜନ୍ମ ମୃତ୍ୟୁ ପଞ୍ଜିକରଣ ବାଧ୍ୟତାମୂଳକ ଭାବରେ କରନ୍ତୁ ।

୬. ବାହାରେ ମଳତ୍ୟାଗ ନକରି ନିଜସ୍ୱ ପାଇଖାନା କିମ୍ବା ଗୋଷ୍ଠୀ ଶୌଚାଳୟ ବ୍ୟବହାର କରନ୍ତୁ ।

୭. ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।

ଶ୍ରୀ ବିଦ୍ୟାଧର ଦଣ୍ଡପାଟ
କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ,
ଉଦଳା

ଶ୍ରୀମତୀ ପ୍ରମିଳା ପଣ୍ଡା
ଅଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ
ପରିଷଦ, ଉଦଳା


## ହେ ସମ୍ମୋହନୀ ଶବ୍ଦ ମାନେଞ୍ଚ

**ସୁବ୍ରତ କୁମାର ଜେନା**

ଯିଏ ଯେମିତି ଭାବିଲା ତତେ, ତୁ ସେମିତି ଧରାଦେଲୁ ତାକୁ,
କେବେ କେବେ ହିମାଳୟର ହିମଦହରେ,
କେବେ ପୁଣି ଟକ ମକ ଫୁଟୁଥିବା ରାଜସ୍ଥାନର ଉତପ୍ତ ମରୁଭୂମିରେ,
ପୁଣି ନାଚିଉଠୁ ମନଭରି,
ଆସାମର ଚେରାପୁଞ୍ଜିରେ ବର୍ଷାନ୍ତିର ଋତୁଟେ ହୋଇ ।

ଅନେକ ସମୟ ତତେ ଖୋଜିଲେବି ତୁ ଶୋଇଯାଉ କୋଉ ସୁପ୍ତ ନିଦ୍ରାରେ,
ସତେ ଅବା ଡରିଯାଇଛୁ ହିଟଲରକୁ,
ଅବା ଦୁରେଇ ପାରିନୁ ଆଖିରୁ ଆମେରିକାର ପରମାଣୁ ବୋମା ନିକ୍ଷେପକୁ,
ହେଲେ କେତେ ସହଜରେ ଆସି ଧରାଦେଉ,
ନଗଡାର ନଗ୍ନ ଚିତ୍ରରେ, ଢ଼ିଙ୍କିଆର ଢ଼ିଙ୍କି ଶାଳାରେ,
ଯୋଉଠି ଜୀବନ ପ୍ରତିଟି ମୁହୂର୍ତ୍ତ କରେ ସଂଘର୍ଷ,
ନିଜ ପିଲା ପାଇଁ,ନିଜ ସ୍ତ୍ରୀ ପାଇଁ,
ନିଜ ସ୍ୱାମୀ ପାଇଁ,ନିଜ ବାପ -ମା ପାଇଁ,
ସବୁପରେ ନିଜର ସତ୍ତାର ସନ୍ତକ ଭିଟା ମାଟି ଖଣ୍ଡକ ଲାଗି ।

ତୁ ସେଦିନ ଖୁବ କାନ୍ଦିଥିଲୁ ରାତିକୁ ସାଥି କରି,
ଜହ୍ନ କିନ୍ତୁ ହସୁଥିଲା ଖୁବ ଜୋରରେ,
ତୁ ତାକୁ ନୂଆ ଆଖ୍ୟା ଦେଲୁ ଚୋର ବୋଲି,
ଏ ପାଖେ ବିରହିନୀର ବିରହ, ସେପାଖେ ଫୁଲେଇ ଜହ୍ନର ଛିଗୁଲାମୀ,
ଶେଷରେ ବାନ୍ଧିଦେଲୁ କଇଁର ପ୍ରେମରେ ।

କିଏ ତତେ ଦେଖେ ସକାଳର ପହିଲି ସୂର୍ଯ୍ୟରେ,
କିଏ ପୁଣି ଅସ୍ତଗାମୀ ରବିଙ୍କ ଠାରେ,
ତୁ ହସି ହସାଉ ଶିଶୁର ଦୋରୁଟି ହସରେ,
ବିମୋହିତ ହେଉ ଗୋଧୂଳି ବେଳାରେ,
ଚାରଣ ଭୂମିରୁ ଲେଉଟା ପଶୁଙ୍କ ଟାପୁର ଧୂଳିରେ,
ପୁଣି ବୈଶାଖର ଶୁଖିଲା ପତ୍ରର ଚିତ୍କାରରେ,
ହେଲେ ସବୁ ଭୁଲିଯାଉ ବସନ୍ତର ଆଗମନେ,
ଫୁଟି ଉଠୁ ଗୀତ ହୋଇ ସବୁ ମନ ଉପବନେ,
ତୁ ...ତୁ ତ, ଜୀବନ ଜୀଇଁବାର ପ୍ରଥମ ପୁଲକ,
ଆଖି ଖୋଲି ଖୋଜିବାର ପ୍ରଥମ ଅନ୍ୱେଷ,
ଭଲ ପାଇବା ଋତୁର ପ୍ରଥମ ସ୍ପର୍ଶ ,
ତୁ ଶବ୍ଦ...ତୁ ଭାବ..ତୁ ତ ଶବ୍ଦରେ ସଜା 'କବିତା ଓ ଗଳ୍ପ' ।

ଶୂରଡିହ, ନନ୍ଦିପୁର, ଯାଜପୁର, (ମୋ) -୯୭୭୬୨୦୮୯୩୦


# DAS I.T.I.

TULANK (Near Mathasahi Chhak),
Balasore - 03

Mob.: 9437191950, 9437445627,
Tel. - 06782 - 251617 (O)
E-mail : das_itc@rediffmail.com

AFFILIATED TO N.C.V.T.
GOVT. OF INDIA, NEW DELHI

AFFILIATED TRADES :

FITTER, ELECTRICIAN, ELECTRONICS MECHANIC, REFRIGERATION AND AIR-CONDITIONING MECHANIC, COMPUTER (COPA), DRIVER-CUM-MECHANIC, CUTTING AND SEWING, SEWING, STENOGRAPHY (ENGLISH)

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ମାନସ କୁମାର ଦତ୍ତ**
ରାଜ୍ୟ ଉପସଭାପତି, ବିଜେପି ଯୁବମୋର୍ଚ୍ଚା, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ଡ. ଅରବିନ୍ଦ ଗିରି**
ବରିଷ୍ଠ ଗବେଷକ ଓ ସାହିତ୍ୟ ସମାଲୋଚକ



**କୁମରନାଥ ପାତ୍ର**
ବରିଷ୍ଠ ସାହିତ୍ୟିକ, ବାଲେଶ୍ୱର

## ।। ମୋ ଅଭିବ୍ୟକ୍ତି ।।

କେବେବି ଭୁଲିବିନି ସେଦିନର କଥା । କବୀ ବନ୍ଧୁ ରେଖା ମହାପାତ୍ରଙ୍କ ଅନୁରୋଧ ନୁହେଁ ତ ଏକପ୍ରକାର ତାଗିଦ କଲେ ସାଗରିକା ଧ୍ୱନି ପ୍ରତିଧ୍ୱନିର କଳିଙ୍ଗ ହୋଟେଲରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ପହଂଚିବାକୁ। କେବଳ ଯୋଗଦାନ ନୁହେଁ, କବିତା ପଢ଼ିବାକୁ ମଧ୍ୟ । ମୁଁ ଖୁବ୍ ନର୍ଭସ ଥିଲି । ଭୟ ଏବଂ ଉତ୍କଣ୍ଠା ଭିତରେ ପହଞ୍ଚିଲି । ତାହା ଥିଲା ମୋ’ର ପ୍ରଥମ କବିତା ପାଠ, ପୁଣି ଜ୍ଞାନୀ ଗୁଣୀଙ୍କ ଉପସ୍ଥିତିରେ । ପଢ଼ିଲି କବିତା ‘ଇଟାଭାଟି ’। ପ୍ରଶଂସା ସାଉଁଟିଲି। ସେଇଠୁ ଯେ ଆରମ୍ଭ, ଆଜି ଏଇଠି । ଯଦି ସାରସ୍ୱତ ଜଗତରେ ସ୍ଥାନିତ ହୋଇ କିଛଟା ପରିଚୟ ପାଇଛି ସେଥିପାଇଁ ସମସ୍ତ ଶ୍ରେୟ ଦେବି କବୀ ରେଖା ମହାପାତ୍ରଙ୍କୁ ଏବଂ ଓଡ଼ିଶାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସାଗରିକା, ଧ୍ୱନି ପ୍ରତିଧ୍ୱନିକୁ। ସେଥିପାଇଁ ହୃଦୟରୁ କୃତଜ୍ଞତା ଜଣାଉଛି । ମୁଖ୍ୟ ସମ୍ପାଦକ ଶ୍ରୀ ସୃଷ୍ଟିଧର ପରିଡ଼ା ସାର୍ ପ୍ରତ୍ୟେକ ଆସର ଦିନ ଫୋନଟେ ନିଶ୍ଚୟ କରିବେ । ଏମିତି ଆପଣାପଣ ହୁଏତ ଆଉ କୋଉ ଅନୁଷ୍ଠାନରେ ନଥିବ । ଆଜି ସାହିତ୍ୟ ଜଗତରେ ମୋତେ ପରିଚିତ କରାଇଥିବାରୁ ସାଗରିକାର ସମ୍ପାଦିକା ଶ୍ରୀମତୀ ସୈରିନ୍ଧ୍ରୀ ସାହୁ ଏବଂ ଶ୍ରୀ ସୃଷ୍ଟିଧର ସାର୍‌ଙ୍କୁ ଆନ୍ତରିକ କୃତଜ୍ଞତା ଏବଂ ସମ୍ମାନ ଜଣାଉଛି । ୩୩ଶ ତମ ବାର୍ଷିକ ଉତ୍ସବ ଅବସରରେ ଅନେକ ଶୁଭେଚ୍ଛା ।

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ସୁଧାକର ସେଠୀ**
ସମାଜସେବୀ, ସୁସାହିତ୍ୟିକ, ବାଲେଶ୍ୱର


## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ରାଧାକୃଷ୍ଣ ଆଚାର୍ଯ୍ୟ**
ପ୍ରଡ୍ୟୁସର, ବାଣୀରତ୍ନ ପ୍ରଡକ୍ସନ (ୟୁଟ୍ୟୁବ୍ ଚ୍ୟାନେଲ)

## ଶୁଭେଚ୍ଛା ଓ ଅଭିନନ୍ଦନ



‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଚିତ୍ତରଂଜନ ବ୍ରହ୍ମା**
ବରିଷ୍ଠ ଲେଖକ, ରାଉରକେଲା

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତ ପ୍ରେମୀ ଜନସାଧାରଣଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ।



**ସୁଜିତ୍ କୁମାର ଦେବ୍**
ବରିଷ୍ଠ ବିଜେପି ନେତା, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ଗିରିଜା ଶଙ୍କର୍ ଶର୍ମା**
ବରିଷ୍ଠ ସାହିତ୍ୟିକ, ସମ୍ବଲପୁର

## ଶୁଭେଚ୍ଛା ଓ ଅଭିନନ୍ଦନ



‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଶମ୍ଭୁନାଥ ଯାଦବ**
ବିଶିଷ୍ଟ ଶିକ୍ଷାବିତ୍ ଓ ଲେଖକ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ବାଲେଶ୍ୱର ଜିଲ୍ଲାର ସମସ୍ତ ଅଗ୍ରଣୀ ଅନୁଷ୍ଠାନ ଓ ସାରସ୍ୱତପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ପ୍ରଶାନ୍ତ କୁମାର ପଟେଲ୍**
ସମାଜସେବୀ ଓ ସମ୍ପାଦକ ଜ୍ଞାନଶ୍ରୀ

## ଶୁଭେଚ୍ଛା ଓ ଅଭିନନ୍ଦନ



‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ଡଲିରାଣୀ ବ୍ରହ୍ମା**
ସାହିତ୍ୟିକ ଓ ସାମ୍ବାଦିକ, ରାଉରକେଲା

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ପ୍ରଭାକର ସାହୁ**
ବ୍ୟଙ୍ଗକବି, ରେମୁଣା, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ପଦ୍ମଲୋଚନ ପ୍ରଧାନ**
ବ୍ୟଙ୍ଗକବି, ରେମୁଣା, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ସମସ୍ତଙ୍କ ଚଲାପଥକୁ ଈଶ୍ୱର କୁସୁମିତ କରନ୍ତୁ



**ଶ୍ରୀରୂପା ମଞ୍ଜରୀ ସେନ**
ବିଶିଷ୍ଟ ଲେଖିକା, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ଗୁରୁ ଗୌରବ ରବୀନ୍ଦ୍ର ବିଶ୍ୱାଳ**
ଗୀତିକାର, ରୂପଖଣ୍ଡ, ଅଭଣା, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମୋର ଶୁଭେଚ୍ଛା ଓ ଶୁଭକାମନା ।



**ସବ୍ୟସାଚୀ ସାହୁ**
ବରିଷ୍ଠ ଶାଖା ପ୍ରବନ୍ଧକ, ଏଲ.ଆଇ.ସି, ବାଲେଶ୍ୱର ଶାଖା

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ପ୍ରଦୀପ କୁମାର କମିଲା**
ବରିଷ୍ଠ ସାହିତ୍ୟିକ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ମହେଶ୍ୱର ପ୍ରଧାନ**
ସମ୍ପାଦକ ଓଡ଼ିଶା ଦୁର୍ନୀତି ସଂଘର୍ଷ ମଂଚ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ଯତୀନ୍ଦ୍ର କୁମାର ପୁହାଣ**
ବିଜେପି ବରିଷ୍ଠ ସଦସ୍ୟ ତଥା ବାଘାଯତୀନ ମଣ୍ଡଳ ମିଡିଆ ସଂଯୋଜକ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ସାରସ୍ୱତପ୍ରେମୀ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**କମଳାକାନ୍ତ ଦାଶ**
ବିଶିଷ୍ଟ ସାହିତ୍ୟିକ, ବାଲେଶ୍ୱର

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ବାର୍ଷିକ ଉତ୍ସବ ଅବସରରେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକା ସମେତ ବାଲେଶ୍ୱର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।



**ସ୍ନିଗ୍ଧା ସାମନ୍ତରାୟ**
କବି ଓ ସୁସାହିତ୍ୟିକା, ବାଲେଶ୍ୱର

**କାଳିକିଙ୍କର ଦାଶ**
ବରିଷ୍ଠ ସାହିତ୍ୟିକ, ସୌଭାଗିନୀ, ରେଞ୍ଚ, ପୁରୀ

## ଶୁଭେଚ୍ଛା ଓ ଅଭିନନ୍ଦନ

‘ଧ୍ୱନି ପ୍ରତିଧ୍ୱନି’ର ୩୩ଶ ସ୍ୱନକ୍ଷତ୍ର ଦିବସ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ‘ଧ୍ୱନି ପ୍ରତିଧ୍ୱନି’ ଅଧିକ ଲୋକପ୍ରିୟ ହେଉ ଏବଂ ଜନସାଧାରଣଙ୍କ ସୁଖ ଦୁଃଖୀର ସାଥୀ ହେଉ ।



# ଏ.ଏସ୍.ଓ. ପରୀକ୍ଷା ପରିଚାଳନା : ୫୬୫୩ ପରୀକ୍ଷାର୍ଥୀଙ୍କ ପାଇଁ ପ୍ରସ୍ତୁତି ଥିଲା

ଭଦ୍ରକ, ୨୭/୦୮ (ନି.ପ୍ର): ଓଡ଼ିଶା ଲୋକସେବା ଆୟୋଗ କଟକ ଦ୍ୱାରା ପରିଚାଳିତ ସହକାରୀ ଉପ ବିଭାଗ ଅଧିକାରୀ ପଦବୀ ପାଇଁ ଲିଖିତ ପରୀକ୍ଷା ଆଜି ଜିଲ୍ଲାର ବିଭିନ୍ନ କେନ୍ଦ୍ରରେ ସୁରାରୁରୂପେ ଅନୁଷ୍ଠିତ ହୋଇଯାଇଛି । ଗତ ତା ୨୧.୮.୨୨ରିଖ ରବିବାର ଦିନ ଅନୁଷ୍ଠିତ ହେବାକୁ ଥିବା ଏହି ପରୀକ୍ଷା ଗତ ବନ୍ୟା ପରିସ୍ଥିତି ପାଇଁ ବାତିଲ କରାଯାଇଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ ତଥା ସହପରିଚାଳକ ଶାନ୍ତନୁ କୁମାର ମହାନ୍ତିଙ୍କ ସହପରିଚାଳନାରେ ଏହି ପରୀକ୍ଷା ପରିଚାଳନା ପାଇଁ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ବିଭିନ୍ନ ଦାୟିତ୍ୱରେ ନିୟୋଜିତ କରାଯାଇଥିଲା । ସୂଚନାଯୋଗ୍ୟ କି ଏହି ପରୀକ୍ଷା ପାଇଁ ଜିଲ୍ଲାରେ ୧୧ଟି ପରୀକ୍ଷା କେନ୍ଦ୍ର ପ୍ରସ୍ତୁତ କରାଯାଇଥିଲା । ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୬୫୩, ଭଦ୍ରକ ମହିଳା ମହାବିଦ୍ୟାଳୟରେ ୩୦୦, ସରସ୍ୱତୀ ଶିଶୁ ମନ୍ଦିର ନୂଆବଜାର ରେ ୬୦୦, ଇଞ୍ଜିନିୟରିଂ କଲେଜ ବରପଦାରେ ୯୫୦, କାରମେଲ ସ୍କୁଲ ଇଚ୍ଛାପୁରରେ ୩୦୦, ଚରମ୍ପା କଲେଜରେ ୫୫୦, ଦୁର୍ଗାପ୍ରସାଦ ସରାଫ୍ ବିଦ୍ୟାପୀଠ ରାନ୍ଧିଆରେ ୫୦୦, ଆଇ.ସି.ଏସ୍.ଏସ୍ କଲେଜରେ ୪୦୦, ଏନ୍.ଆର୍.ଆଇ ସ୍କୁଲରେ ୩୦୦, ଏସ୍.ବି.ଡ଼ି. ସ୍କୁଲରେ ୫୦୦, ବିନାୟକ ଆଚାର୍ଯ୍ୟ ଉଚ୍ଚ ମାଧ୍ୟମିକ ସ୍କୁଲରେ ୬୦୦ ସମୁଦାୟ ୫,୬୫୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ପ୍ରଶାସନ ତରଫରୁ ପୂର୍ଣ୍ଣ ପ୍ରସ୍ତୁତି ଥିଲା । ପରୀକ୍ଷାକେନ୍ଦ୍ର ସୁପର ଭାଇଜର ଅଧକ୍ଷ ଡ଼. ସୁବୋଧ ଚନ୍ଦ୍ର ମିଶ୍ର, ଡ଼. ମୋହନ ଚରଣ ପଣ୍ଡା, ସୁଚିତ୍ରା ପାଣିଗ୍ରାହୀ, ସୋମା ମାରିଆ, ବ୍ରଜ କିଶୋର ବଳ, ଅଶୋକ କୁମାର ପରିଡ଼ା, ନିର୍ଦ୍ଦେଶକ ଜୟ ପ୍ରକାଶ କର, ପ୍ରଧାନଆଚାର୍ଯ୍ୟ ଭାଗବତ ମହାଳିକ, ଅଧକ୍ଷ ବିବେକାନନ୍ଦ ସେନାପତି, ଯୁଧିଷ୍ଠିର ଦେବତା, ପ୍ରଭାତ ପ୍ରଭାକର ପାଢ଼ୀ ଦାୟିତ୍ୱ ତୁଲାଇଥିଲେ । ପରୀକ୍ଷା ପରିଚାଳନାରେ ସହକାରୀ ସଂଯୋଜକ ଭାବେ ପ୍ରଶାସନିକ ଅଧିକାରୀ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ତହସିଲଦାର ଭଦ୍ରକ ମଧୁସୂଦନ ନାୟକ, ସହାୟକ ଜିଲ୍ଲାପାଳ ସୁଧାଂଶୁ ମୋହନ ସ୍ୱାଇଁ, ବି.ଡ଼ି.ଓ. ତିହିଡ଼ି ବସନ୍ତ କୁମାର ସାହାଣୀ, ଅତିରିକ୍ତ ତହସିଲଦାର, ତିହିଡ଼ି ଅଙ୍କିତା ମହାନ୍ତି, ତହସିଲଦାର, ଭଣ୍ଡାରିପୋଖରୀ ସରୋଜକାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭଣ୍ଡାରିପୋଖରୀ ଡ଼ି. ସତ୍ୟଭୂଷଣ, ନିର୍ବାହୀ ଅଧିକାରୀ ପୌରପରିଷଦ ଭଦ୍ରକ ଦେବୀ ପ୍ରସାଦ ରାଉତ, ସହାୟକ ଜିଲ୍ଲାପାଳ ବସନ୍ତ କୁମାର ଲେଙ୍କା, ବି.ଡ଼ି.ଓ. ଭଣ୍ଡାରିପୋଖରୀ ଦେବଦତ୍ତ ଦାସ ଦାୟିତ୍ୱ ନିର୍ବାହ କରିଥିଲେ । ସେହି ପରି ଫ୍ଲାଇଂ ସ୍କ୍ୱାଡ୍‌ର ଅଧିକାରୀ ଭାବେ ଜିଲ୍ଲାପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କୁଶଳ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ର,ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡ଼ୁ ସଂପୃକ୍ତ ପରୀକ୍ଷାକେନ୍ଦ୍ର ପରିଦର୍ଶନ କରି ସଠିକ୍ ପରିଚାଳନା ନେଇ ତଦାରଖ କରିଥିଲେ । ସୂଚନାଯୋଗ୍ୟ କି ଆଜିର ଏହି ପରୀକ୍ଷାରେ ପ୍ରଥମ ସିଟିଂରେ ୪୦୭୯ ଜଣ, ଦ୍ୱିତୀୟ ସିଟିଂରେ ୪୦୮୦ ଏବଂ ତୃତୀୟ ସିଂଟିଂରେ ୪୦୬୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ।

## ମୁଖ୍ୟ ବିଚାରପତି ୟୁୟୁ ଲଳିତଙ୍କୁ ଶୁଭକାମନା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭/୦୮ (ନି.ପ୍ର): ଦେଶର ୪୯ ତମ ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିଥିବା ବିଚାରପତି ୟୁ ୟୁ ଲଳିତଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭକାମନା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ ବିଚାରପତି ଉଦୟ ଉମେଶ ଲଳିତ ଦେଶର ୪୯ ତମ ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିବା ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଉଛି । ତାଙ୍କର ସଫଳ କାର୍ଯ୍ୟକାଳ ପାଇଁ ଶୁଭକାମନା ।

## ନାଇଜର କ୍ୟାମ୍ପସରେ ପ୍ରସ୍ତାବିତ ଟାଟା କ୍ୟାନସର ହସପିଟାଲ ସମ୍ପର୍କରେ ସମୀକ୍ଷା କଲେ ସାଂସଦ ଅପରାଜିତା

ଭୁବନେଶ୍ୱର,୨୭/୦୮ (ନି.ପ୍ର): ଭୁବନେଶ୍ୱର ଉପକଂଠରେ ନାଇଜର କ୍ୟାମ୍ପସରେ ପ୍ରସ୍ତାବିତ ଟାଟା ମେମୋରିଆଲ କ୍ୟାନସର ହସପିଟାଲ ସମ୍ପର୍କରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ସମୀକ୍ଷା କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ୩ ମାସରେ ଆରମ୍ଭ ହେବ ନାଇଜର କ୍ୟାମ୍ପସ ନିର୍ମାଣ କାର୍ଯ୍ୟ । ୧୮ ମାସ ଭିତରେ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖା ଯାଇଛି । ସେ କହିଛନ୍ତି ଯେ ଏଠାରେ କ୍ୟାନସର ହସପିଟାଲ ସହିତ ରୋଗୀ ମାନଙ୍କର ଆଟେଂଡାଂଟ ମାନଙ୍କ ପାଇଁ ଧର୍ମଶାଳା ମଧ୍ୟ ନିର୍ମାଣ କରା ଯିବ । ସେହିପରି ଏହି ପରିସରରେ ଗେଷ୍ଟ ହାଉସ ସହିତ କର୍ମଚାରୀ ମାନଙ୍କ ପାଇଁ ହାଉସିଂ କଂପ୍ଲେକ୍ସ ମଧ୍ୟ ନିର୍ମିତ ହେବ । ଏହା ବାଦ ଏଠାରେ କର୍ମଚାରୀ ଓ ଆଖ ପାଖ ଗାଁର ଲୋକ ମାନଙ୍କର ପିଲା ମାନଙ୍କ ପାଇଁ ଏକ ସ୍କୁଲ ମଧ୍ୟ କରା ଯିବ ବୋଲି ସେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଏଠାରେ କେବଳ କ୍ୟାନସର ଚିକିତ୍ସା ନୁହେଁ, ଅନୁସନ୍ଧାନ କାମ ମଧ୍ୟ କରା ଯିବ । କ୍ୟାନସର ପାଇଁ ଔଷଧ ତିଆରି କରା ଯିବାର ସ୍ୱପ୍ନ ରହିଛି । ସେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେବା ସହ କାମକୁ ତ୍ୱରାନ୍ୱିତ କରିବାକୁ ରାଜ୍ୟ ସରକାରଙ୍କ ସହଯୋଗ ଲୋଡିଛନ୍ତି ।

# ରାସ୍ତାକାମକୁ ବିରୋଧ କରି ବିଡିଓଙ୍କୁ ଦାବିପତ୍ର



ବସ୍ତା, ୨୭/୮(ନିପ୍ର) : ନିର୍ଦ୍ଧାରିତ ସ୍ଥାନ ବଦଳରେ ଅନ୍ୟ ସ୍ଥାନରେ ପଞ୍ଚାୟତର ରାସ୍ତାକାମ କୁ ବିରୋଧ କରି ବିଡିଓ ଙ୍କୁ ଦାବିପତ୍ର । ଘଟଣାରୁ ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ବରୁଣଗଡ଼ିଆ ପଞ୍ଚାୟତର ୨ ହଜାର ୨୦/୨୧ ଆର୍ଥିକ ବର୍ଷରେ ପଞ୍ଚାୟତ ପକ୍ଷରୁ ପଞ୍ଚଦଶ ଏସ ଏଫ୍ ସି ଯୋଜନାରେ ତିନିଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ ଗହିରଗଡ଼ିଆ ଗ୍ରାମକୁ ପକ୍କା ରାସ୍ତା ପାଇଁ ଅର୍ଥ ବ୍ୟୟବରାଦ ହୋଇଥିଲା । ତେବେ କୌଣସି କାରଣ ବସତ ଉକ୍ତ କାମକୁଏହି ପଞ୍ଚାୟତର ଅର୍ଜୁନି ଗ୍ରାମକୁ ସ୍ଥାନାନ୍ତର କରାଯାଇଥିଲା । ମାତ୍ର ଏହି ରାସ୍ତା କାମ ଅର୍ଜୁନି ରେ କରାନଯାଇ, ଗୁହିରାଗଡ଼ିଆ ରେ କରାଯାଇଛି । ଯାହାକୁ ନେଇ ପୂର୍ବତନ ସରପଞ୍ଚ ଲିପିକା ରାଉଳ, ସୁବୋଧ କିଶୋର ରାଉଳ, ଗୋପାଳ ଜେନା, ବିଦ୍ୟାଧର ବେହେରା, ପରେଶ୍ ବେହେରା, ମଧୁସୂଦନ ନାୟକ, ହରିସ ବେହେରା ପ୍ରମୁଖ ରାସ୍ତା କାମକୁ ବିରୋଧ କରି, ବସ୍ତା ବିଡିଓ ଜ୍ଞାନ ରଞ୍ଜନ ସାହୁଙ୍କ ନିକଟରେ ଘଟଣାର ତଦନ୍ତ ପାଇଁ ଦାବିପତ୍ର ଦେଇଛନ୍ତି । ଏନେଇ ବସ୍ତା ବିଡିଓ କହିଚନ୍ତି କି ତଦନ୍ତ କରି ଉଚିତ୍ ପଦକ୍ଷେପ ନିଆଯିବ ।

## ବାଣିଦାରେ ପାଇପ୍‌ପାଣି ପ୍ରକଳ୍ପ କାର୍ଯ୍ୟର ଶୁଭାରମ୍ଭ

ଜଳେଶ୍ୱର, ୨୭/୮(ନିପ୍ର) : ଜଳେଶ୍ୱର ବ୍ଲକର ଅନ୍ୟଏକ ବୃହତ୍ ଗ୍ରାମ ବାଣିଦାଠାରେ ଆଜି ଏକ ପିଇବାପାଣି ପ୍ରକଳ୍ପକୁ ସରପଂଚ ଜୟନ୍ତୀ ପରିଡା ଶୁଭାରମ୍ଭ କରିଛନ୍ତି । ବହୁଦିନରୁ ଦାବି ହୋଇ ଆସୁଥିବା ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟମୁଖ୍ୟ ଭାଗବତ ମହାନ୍ତି, ଧନଞ୍ଜୟ ମହାପାତ୍ର ଓ ରାମଚନ୍ଦ୍ର ଦଳାଇ ଉପସ୍ଥିତ ଥିଲେ । ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଭିଜିତ୍ ପ୍ରଧାନ, ସମିତି ସଦସ୍ୟ ସଂଜୟ ମହାନ୍ତି, ତ୍ରିଲୋଚନ ନାୟକ ପ୍ରମୁଖ ଉପସ୍ଥିତ ରହି ବାଣିଦା ଗ୍ରାମରେ ବିଶୁଦ୍ଧ ପିଇବାପାଣି ସଂକଟ ଦୂର ହେବାକୁ ଯାଉଥିବା ସଂପର୍କରେ କହିଥିଲେ । ଜଳ ଜୀବନ ମିଶନ ସହାୟତାରେ ଏହି କାର୍ଯ୍ୟକ୍ରମର ସଫଳ ହେବାକୁ ଯାଉଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଯାଇଛି ।

# ରେଳ ବିଭାଗର ନିଷ୍କ୍ରିୟତା ପ୍ରତିବାଦରେ ୟୁଜର୍ସ କମିଟିର ଜରୁରୀ ବୈଠକ

ଜଳେଶ୍ୱର, ୨୭/୮(ନିପ୍ର) : କରୋନାପରେ ସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲେ ମଧ୍ୟ ରେଳ ଚଳାଚଳରେ ସୁଧାର ଅଦ୍ୟାବଧି ଆସିନାହିଁ । ଏଥିଲାଗି ଜନ ଅସନ୍ତୋଷ ଲାଗିଥିବା ବେଳେ ଆଜି ସଂଧ୍ୟାରେ ରେଲ ୟୁଜର୍ସ କମିଟି ପକ୍ଷରୁ ଏକ ବୈଠକ ଆହ୍ୱାନ ହୋଇଥିଲା । ଏଥିରେ ୟୁଜର୍ସ କମିଟିର ସଭାପତି ସୁକୁମାର ରଣା ଅଧ୍ୟକ୍ଷତା କରିଥିବା ବେଳେ କମିଟିର ସଂପାଦକ ପୂର୍ଣ୍ଣଚନ୍ଦ୍ର ପାତ୍ର ସବିଶେଷ ଆଲୋଚନା କରିଥିଲେ । ବଣିକ ସଂଘର ସଭାପତି ସୁଧିର କୁମାର ମହାନ୍ତି , ବରିଷ୍ଠ ବିଜେପି ନେତା ଅରୁଣ କୁମାର ବେଜ, ଡ. ଅଜିତ୍ କୁମାର ମହାନ୍ତି, ହେମନ୍ତ ଗିରି, ଅଶୋକ ମହାନ୍ତି, ଫାଲଗୁନୀ ପାଣିଗ୍ରାହୀ, ରାଜିବ ପରିଡ, ଜଗନ୍ନାଥ ଗୋଛାୟତ, ଗୋବିନ୍ଦ ସାହୁ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ପୂର୍ବପରି ସମସ୍ତ ଲୋକାଲ ଟ୍ରେନ୍ ପୂର୍ବ ନିର୍ଦ୍ଧାରିତ ସମୟରେ ତଥା ଉତ୍କଳ ଏକ୍ସପ୍ରେସ୍‌ର ଡାଉନ୍ ଟେନ୍ ର ରହଣି ସଂପର୍କରେ ବିଶେଷଭାବେ ଆଲୋଚନା ହୋଇଥିଲା । ପୂର୍ବରୁ ଏ ସମ୍ପର୍କରେ ଖଡଗପୁର ଡିଆର୍‌ଏମ୍ ମନୋରଂଜନ ପ୍ରଧାନଙ୍କୁ ଜଳେଶ୍ୱରର ବିଭିନ୍ନ ସଂଗଠନ ପକ୍ଷରୁ ଅବଗତ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବାରୁ ଆଜି ରେଲ ୟୁଜର୍ସ କମିଟିରେ କ୍ଷୋଭ ପ୍ରକାଶ କରାଯାଇଥିଲା । ଆଗାମୀ ଦିନରେ ରେଳ ଚଳାଚଳ ସ୍ୱାଭାବିକ ନ ହେଲେ ଜଳେଶ୍ୱରରେ ରେଳ ରୋକ କରାଯିବାର ବୈଠକରେ ଆଲୋଚନା କରାଯାଇଛି ।

## ସହାୟକ ପକ୍ଷରୁ ବନ୍ୟା ବିପନ୍ନଙ୍କୁ ସହାୟତା

ବାଲେଶ୍ୱର,୨୭/୦୮ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଅନୁଷ୍ଠାନ 'ସହାୟକ' ତରଫରୁ ବାଲିଆପାଳ ବ୍ଲକ୍‌ର ବନ୍ୟାକ୍ଲିଷ୍ଟ ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ସୁବର୍ଣ୍ଣରେଖାର ଜଳସ୍ତର କ୍ରମଶଃ ହ୍ରାସ ହେଉଥିଲେ ମଧ, ଅନେକ ଲୋକଙ୍କ ଘରେ ପାଣି ପଶି ଯାଇଥିବାରୁ ସେମାନଙ୍କ ଘରେ ଚୁଲି ଜଳୁନାହିଁ । ଏହି ପରିପ୍ରେକ୍ଷୀରେ ବାଲିଆପାଳ ବ୍ଲକ୍‌ର ବାଲିଆପାଳ, ଶଙ୍ଖମୁହଁ ଓ ଅଠାବାଟିଆ ଗ୍ରାମର ଅଧିବାସୀମାନଙ୍କୁ'ସହାୟକ'ର ସଭ୍ୟ ତଥା କର୍ମକର୍ତ୍ତାମାନେ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବିତରଣ କରିଥିଲେ । ଏହି ମହତ୍ କାମରେ ପ୍ରଶାସନ ତରଫରୁ ବାଲିଆପାଳ ତହସିଲଦାର ଓ ସ୍ଥାନୀୟ ସରପଞ୍ଚ ହେମନ୍ତ ଦାସ ସହଯୋଗର ହାତ ବଢ଼ାଇଥିଲେ । 'ସହାୟକ'ର ସଭ୍ୟ ଓ ସଭ୍ୟା ମୁଖ୍ୟତଃ ବିଜୟ କୁମାର ଦାସଅଧିକାରୀ, ଶଚୀନ୍ଦ୍ର ଦାସ, ଅଖିଳ କୁମାର ଦାସ, କେଶବ ଚନ୍ଦ୍ର ମହାନ୍ତି, ରବି ନାରାୟଣ ଭୋଳ, ଶେଖ୍ ଆଲ୍ଲାଉଦ୍ଦିନ୍ ଓ ସାବିତ୍ରୀ ଦାସ ସକ୍ରିୟ ଭାବେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଂକୁଳ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ଜଳେଶ୍ୱର, ୨୭/୮(ନିପ୍ର) : ଉତ୍ତର ବାଲେଶ୍ୱରର ଜଳେଶ୍ୱର, ଭୋଗରାଇ, ବାଲିଆପାଳରେ ଥିବା ସମସ୍ତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଂକୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଆଜି ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇ ଯାଇଛି । ଏହାକୁ ଉଦ୍‌ଘାଟନ କରି ପ୍ରାଧ୍ୟାପକ ସୁକାନ୍ତ ଦାସ ବିଜ୍ଞାନ ବିନା ଜୀବନ ଅସମ୍ଭବ, ଜ୍ଞାନହିଁ ବିଜ୍ଞାନ ଓ ବିଜ୍ଞାନ ବିନା ଧର୍ମ, ଧର୍ମ ବିନା ବିଜ୍ଞାନ ଅସମ୍ଭବ ବୋଲି କହିଥିଲେ । ଏଥିରେ ପ୍ରଧାନ ଗୁରୁଜୀ ରାଧାରଂଜନ ବାଗ ପୌରହିତ୍ୟ କରିଥିବା ବେଳେ ସଂକୁଳ ସଂଯୋଜକ ରବିନ୍ଦ୍ର ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗ ଦେଇ ସରକାରୀ ବିଦ୍ୟାଳୟରେ କେବଳ ବିଜ୍ଞାନମେଳ ହେଉଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ସାଂସ୍କୃତିକ ଜ୍ଞାନ ପ୍ରଶ୍ନ ମଂଚ, ବିଜ୍ଞାନ ପ୍ରଶ୍ନ ମଂଚ ଓ ଗଣିତ ପ୍ରଶ୍ନମଂଚ ଇତ୍ୟାଦି ଦ୍ୱାରା ଶିଶୁକୁ ପ୍ରତ୍ସାହନ ମିଳିଥାଏ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ କପିଳେଶ୍ୱର ମହାନ୍ତି ଯୋଗ ଦେଇଥିଲେ । ଏଥିରେ ଚନ୍ଦନେଶ୍ୱର, ଅମର୍ଦ୍ଧା, କାଶିମପୁର, ବାହାର୍ଦ୍ଧା, ପୁଟିଣା, ବାଲିଆପାଳ, କାଳିପଦା, ବଳରାମପୁର, ଦେବକୁମାର, ନାମ୍ପୋ, କମର୍ଦ୍ଧା ଇତ୍ୟାଦି ୧୫ଟି ବିଦ୍ୟାଳୟ ଭାଗ ନେଇଥିଲେ ।

# ଚାନ୍ଦିଲି ବନ୍ଧ ପ୍ରକଳ୍ପ ସରିଲେ ସୁବର୍ଣ୍ଣରେଖା ବନ୍ୟା କମିବ : ମନ୍ତ୍ରୀ ଅଶ୍ୱିନୀ ପାତ୍ର

ବସ୍ତା, ୨୭/୦୮ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ଝାଡଖଣ୍ଡ ସ୍ଥିତ ଚାନ୍ଦିଲି ବନ୍ଧ ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ନଦୀରେ ବନ୍ୟା ପ୍ରକୋପ କମିବ । ବିଶେଷ କରି ତଳ ଅଞ୍ଚଳର ଯେଭଳି ଭୟଙ୍କର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ତାହାର ଅବସାନ ଘଟିବ ବୋଲି ଆଜି ବସ୍ତାରେ ଅବକାରୀ ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀକୁମାର ପାତ୍ର ପ୍ରକାଶ କରିଛନ୍ତି । ବନ୍ୟା କ୍ଷୟକ୍ଷତିର ସମୀକ୍ଷା କରିବାକୁ ବସ୍ତାବ୍ଲକ ପରିସରକୁ ଆସି ସେ ଏହା କହିବା ସହିତ ସୁବର୍ଣ୍ଣରେଖା ସଂସ୍କର ଯୋଜନା କାର୍ଯ୍ୟକାରୀ ହେଉନି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ସେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ କହିଲେ ୨୦୦୪ରେ ଅର୍ଜୁନ ସେଠୀ ଜଳସଂପଦ ମନ୍ତ୍ରୀ ଥିବା ବେଳେ ସୁବର୍ଣ୍ଣରେଖା ଓ ସାଳନ୍ଦୀ ନଦୀ ସଂସ୍କାର ପାଇଁ ପ୍ରସ୍ତାବ କେନ୍ଦ୍ରକୁ ଯାଇଥିଲା । ମାତ୍ର ସୁବର୍ଣ୍ଣରେଖା ପ୍ରସ୍ତାବକୁ ଫେରାଇ ଦିଆଗଲା । ଏହାପରେ ତତକାଳୀନ ଜଳସଂପଦ ବିଭାଗ ସଚିବ ଅରବିନ୍ଦ ବେହେରାଙ୍କ ଉଦଯୋଗରେ ଅଭିଜ୍ଞ ଯନ୍ତ୍ରୀ ଶ୍ରୀଧର ବେହେରା କମିଟି ତଦନ୍ତ କରି ରିପୋର୍ଟ ଦେଇଥିଲେ । ଏହି ଯୋଜନା ଏବେ ସୁଦ୍ଧା ଆଗେଇ ନାହିଁ । ଏହାଛଡା ପୂର୍ବତନ ସଂସଦ ଇଂ ରବୀନ୍ଦ୍ର ଜେନା ଏହି ପ୍ରକଳ୍ପ ପାଇଁ ପାର୍ଲାମେଣ୍ଟରେ ମଧ ଦାବି କରିଥିଲେ । ଏହା କେନ୍ଦ୍ରର ଦାୟିତ୍ୱ । ଏହି ଯୋଜନା ଉଚିତ ବୋଲି କହିଥିଲେ । ସେ କହିଲେ ଯେ, ଚଳିତ ବନ୍ୟାରେ ଧାନଚାଷ ଓ ପନିପରିବା ଚାଷର ବ୍ୟାପକ କ୍ଷତି ଘଟିଛି । ବିଶେଷ କରି ବସ୍ତାବ୍ଲକର ଭେଲୋରା, ସନ୍ତୋଷପୁର, ରଘୁନାଥପୁର, କାଦରାୟାଁ, ପାଉଁଶକୁଲି, କରୁଆ, ନାବରା ଓ ସିଂଲାରେ ପନିପରିବା ଚାଷ ସଂପୂର୍ଣ୍ଣ ନଷ୍ଟ ହୋଇଛି । ଆଗମୀ ରବିଋତୁରେ ବିଭିନ୍ନ ଚାଷପାଇଁ ସାରା, ଔଷଧ, ରଣ ଇତ୍ୟାଦି ର ପ୍ୟାକେଜ ଦିଆଯାଇ ଲୋକଙ୍କୁ ପ୍ରୋତ୍ସାହିତ କରାଯିବ । କ୍ଷତିଗ୍ରସ୍ତ ନଦୀକୂଳିଆ ପଞ୍ଚାୟତରେ ସାଂଘାତିକ କ୍ଷତି ଘଟିଥିବାରୁ ଏଥିପ୍ରତି ବିଶେଷ ଧ୍ୟାନ ଦିଆଯିବ । ଯେଉଁମାନଙ୍କର ଘର ଦବିଯାଇ ସଂପୂର୍ଣ୍ଣ ନଷ୍ଟ ହୋଇଛି ସେମାନଙ୍କୁ ଆପାତତଃ ୯୪ହଜାର ଟଙ୍କା ଦିଆଯିବ । ସୁବର୍ଣ୍ଣରେଖା ବନ୍ୟାରେ ୨୩ଟି ପଞ୍ଚାୟତ କ୍ଷତିଗ୍ରସ୍ତ ହୋଇଛି । ବିଶେଷ କରି ନଳକୂପ, କୃଷିବିଭାଗ, କୃଷି ଉଦ୍ୟାନ ବିଭାଗ, ସ୍ୱାସ୍ଥ୍ୟବିଭାଗ, ପ୍ରାଣୀଚିକିତ୍ସା ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, ଶିକ୍ଷା ବିଭାଗ ପ୍ରଭୃତିର କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ପରେ ମରାମତି ବା ପୁନର୍ନିର୍ମାଣ ପାଇଁ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ । ଏହି ସମୀକ୍ଷା ବୈଠକରେ ବିଧାୟକ ନିତ୍ୟାନନ୍ଦ ସାହୁ, ବିଡିଓ ଜ୍ଞାନରଂଜନ ସାହୁ, ତହସିଲଦାର କାର୍ତ୍ତିକ କୁମାର ଦାସ, ବ୍ଲକ ଅଧକ୍ଷ ଅଂଜଳୀ ଦାସ, ଉପାଧକ୍ଷ ଦିଲୀପ କୁମାରଦାସମହପାତ୍ର, ପ୍ରାକ୍ତନ ବ୍ଲକ ଅଧକ୍ଷ ଲକ୍ଷ୍ମୀଧର ଦାସ, ପୂର୍ବତନ ସରପଞ୍ଚ ଅନୀଲକୁମାର ମହାନ୍ତି, ସମିତିସଭ୍ୟ ଅନାଦି ଦାସ, ହରେକୃଷ୍ଣ ପାଳ, ପଞ୍ଚାୟତ ପ୍ରତିନିଧି ମାୟାଧର ମଣି, ଦେବୀପ୍ରସାଦ ଭଞ୍ଜ, ମନୋରଂଜନ ସାହୁ, ପୂର୍ବତନ ସରପଞ୍ଚ ଲିପିକା ରାଉଳ ସମେତ ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଥାଲାସେମିଆ ସଚେତନତା....

ହେଲଦି ଲାଇଫ୍‌ର ନିର୍ଦ୍ଦେଶକ ତାଙ୍କ ବକ୍ତବ୍ୟରେ ସଚେତନତା ଉପରେ ଗୁରୁତ୍ୱ ଆରୋପ କରିଥିଲେ ଏବଂ ଆଗାମୀ ଦିନରେ ରୋଗୀମାନଙ୍କୁ ଯୋଗଶିକ୍ଷା ଓ ମନସ୍ତାତ୍ତ୍ୱିକ ପରାମର୍ଶ ବିନା ଦେୟରେ କରାଇବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସୋସାଇଟ୍‌ର ସାଧାରଣ ସଂପାଦକ ଶ୍ରୀଯୁକ୍ତ ନିରାକାର ପଣ୍ଡା ସୋସାଇଟ୍‌ର କାର୍ଯ୍ୟାବଳୀ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଏହି ରୋଗର ନିରାକରଣ ଓ ରୋଗୀ ମାନଙ୍କୁ କିପରି ଆବଶ୍ୟକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେଲେ ସେମାନେ ସାଧାରଣ ଜୀବନ ଯାପନ କରିପାରିବେ ତାହା ପ୍ରକାଶ କରିଥିଲେ । ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସେସବୁର ଦାବିପତ୍ର ଜିଲ୍ଲାପାଳ ଓ ପୂର୍ବତନ ସାଂସଦ ଶ୍ରୀଯୁକ୍ତ ରବୀନ୍ଦ୍ର କୁମାର ଜେନାଙ୍କୁ ଦେବାପାଇଁ ସ୍ଥିର କରାଗଲା । ଏହି କାର୍ଯ୍ୟକ୍ରମରେ ପଚାଶଜଣ ରୋଗୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସଙ୍ଗେ ସଙ୍ଗେ ପାଞ୍ଚଜଣ ରୋଗୀଙ୍କର ଅସ୍ଥିମଜ୍ଜା ପ୍ରତିରୋପଣ ପାଇଁ ନମୂନା ସଂଗ୍ରହ କରାଗଲା । ଏହି କାର୍ଯ୍ୟକ୍ରମକୁ ରଘୁନାଥ ପ୍ରଧାନ, ପୀତବାଶ ବିଶ୍ୱାଳ, କବିତା ନାୟକ, ଅନୀତା ମିଶ୍ର, ମମତା ମଡୁଆଲ, ଅନୁପ୍ରଭା ପ୍ରଧାନ, ପ୍ରୀତିଲତା ଗିରି, ଦମୟନ୍ତି ମହାପାତ୍ର, ମୌସୁମୀ ନାୟକ, ଅନିତା ଦାସ ଓ ସୂଚୀସ୍ମିତା ପଣ୍ଡା ପ୍ରଭୃତି ପରିଚାଳନା କରିଥିଲେ । ଏଥିରେ ଏଷ୍ଟର ସି.ଏମ.ଆଇର ବରିଷ୍ଠ ପରିଚାଳକ ସୁରେଶ କୁମାର ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସୋସାଇଟ୍‌ର ଯୁଗ୍ମ ସଂପାଦକ ସମସ୍ତ ଅତିଥି ଓ ଉପସ୍ଥିତ ସମସ୍ତ ସଭ୍ୟ ଓ ଅଭିଭାବକ ମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସଂଗେ ସଂଗେ ସମସ୍ତେ ମିଳିମିଶି କାମକରି ଆମେ ଥାଲାସେମିଆକୁ ରୋକି ପାରିବା ଓ ଆମ ପିଲାମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ବ୍ୟବସ୍ଥା ଦେଇପାରିବା ବୋଲି ମତପ୍ରକାଶ କରିଥିଲେ ।

## ମଣୀନ୍ଦ୍ରଙ୍କୁ 'ସାଗରିକା' ଓ ପ୍ରଭାସଙ୍କୁ ....

ମନ୍ତ୍ରୀ ତଥା ଚାରିଥର ନିରବଚ୍ଛିନ୍ନ ବିଧାୟକ ଭାବେ ଭୋଗରାଇ ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ଦାସଙ୍କୁ ପ୍ରଦାନ କରାଯିବ । ଏଥିସହିତ ଶ୍ରୀମତୀ ଯଶୋଧାରା ଦାସଙ୍କୁ କବିତା ସମ୍ମାନ, ଶ୍ରୀଯୁକ୍ତ ରାଜ୍ୟବର୍ଦ୍ଧନ ଧଳମହାପାତ୍ରଙ୍କୁ ଗଳ୍ପ ସମ୍ମାନ, ଡ. ରାଧାରଂଜନ ପଟ୍ଟନାୟକଙ୍କୁ ପ୍ରବନ୍ଧ ସମ୍ମାନ, ଶ୍ରୀଯୁକ୍ତ ପୀତାମ୍ବର ଦାସଙ୍କୁ ଶିଶୁ ସାହିତ୍ୟ ସମ୍ମାନ, ଡ. ଭାଗବତ ପ୍ରସାଦ ଦାସଙ୍କୁ ସାହିତ୍ୟ ସଂଗଠନ ସମ୍ମାନ, ଶ୍ରୀମତୀ ଜୟନ୍ତୀ ବିଶ୍ୱାଳ ବେହୁରିଆ ସାଗରିକା ନବପ୍ରତିଭା ସମ୍ମାନ ଓ ଶ୍ରୀମତୀ ପ୍ରୀତିଲେଖା ଦାସଙ୍କୁ ଧ୍ୱନି ପ୍ରତିଧ୍ୱନି ନବପ୍ରତିଭା ସମ୍ମାନ, ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦଣ୍ଡପାଟଙ୍କୁ ସୁଦକ୍ଷ ଯନ୍ତ୍ରୀ ସମ୍ମାନ, ଶ୍ରୀଯୁକ୍ତ ନଳିନୀକାନ୍ତ ଦାସଙ୍କୁ ସୁଦକ୍ଷ ଅଧିକାରୀ ସମ୍ମାନ, ଶ୍ରୀଯୁକ୍ତ ଧ୍ରୁବ ରଣାଙ୍କୁ ସମାଜସେବା ସମ୍ମାନ, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟକୁ ଅନୁଷ୍ଠାନ ସମ୍ମାନ ପ୍ରଦାନ କରାଯିବାକୁ ଘୋଷଣା କରାଯାଇଛି । ଚଳିତ ବର୍ଷର 'ଧ୍ୱନି ପ୍ରତିଧ୍ୱନି' ଓ 'ସାଗରିକା'ର ବାର୍ଷିକ ଉତ୍ସବରେ ଅତିଥିଭାବେ ଅଧ୍ୟାପକ ବିଶ୍ୱରଞ୍ଜନ, ଡ. ପ୍ରଭାବ ଚନ୍ଦ୍ର ଆଚାର୍ଯ୍ୟ, ଡ. ଜ୍ଞାନୀ ଦେବାଶିଷ ମିଶ୍ର, ଶ୍ରୀମତୀ ସୁବାସିନୀ ଜେନା, ଶ୍ରୀଯୁକ୍ତ କାଳୀପଦ ପଣ୍ଡା, ଶ୍ରୀମତୀ ପ୍ରମିଳା ପଣ୍ଡା ଯୋଗଦେଉଥିବା ବେଳେ ଧ୍ୱନି ପ୍ରତିଧ୍ୱନିର ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ ଶ୍ରୀଯୁକ୍ତ ରଘୁନାଥ ମହାନ୍ତି ଏଥିରେ ସଭାପତିତ୍ୱ କରିବେ ବୋଲି ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ା ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ।

## ଅପରେସନ ଲୋଟସ ଭୟରେ....

ଏହି ଚର୍ଚ୍ଚା ଭିତରେ ହେମନ୍ତଙ୍କ ପତ୍ନୀ କଳ୍ପନା ଏବଂ ତାଙ୍କ ବିଧାୟକ ଭାଇ ବସନ୍ତଙ୍କ ନାଁ ରହିଛି । ରାଜ୍ୟରେ ସୋରେନ୍ ପରିବାରର ଏକ ବଡ ଭୋଟ୍ ବ୍ୟାଙ୍କ ରହିଛି । ଏପରି ସ୍ଥିତିରେ ଦଳର ଅନ୍ୟ ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ଅପେକ୍ଷା ହେମନ୍ତ ସୋରେନ ପରିବାର ସଦସ୍ୟଙ୍କୁ ନିଜ ଆସନରେ ବସାଇବାକୁ ଚିନ୍ତା କରୁଥିବା ଚର୍ଚ୍ଚା ହେଉଛି । ସେହିପରି ହେମନ୍ତ ସୋରେନଙ୍କ ବାପା ଶିବୁ ସୋରେନ୍, ମାଆ ରୁପି ସୋରେନଙ୍କ ନାଁ ମଧ ସିଏମ୍ ପଦ ପାଇଁ ଚର୍ଚ୍ଚାରେ ରହିଛି । ଜାତୀୟ ଗଣମାଧମର ରିପୋର୍ଟ ଅନୁଯାୟୀ ବିଧାୟକ ଦଳ ବୈଠକରେ ଭାଇ ବସନ୍ତ ସୋରେନ୍ ତାଙ୍କ ମାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବାକୁ ଦାବି କରିଛନ୍ତି । ତେବେ ହେମନ୍ତ ସୋରେନଙ୍କ ସ୍ତ୍ରୀ, ମୟୂରଭଞ୍ଜର ଝିଅ କଳ୍ପନା ସୋରେନଙ୍କ ନାଁ ସିଏମ୍ ରେସରେ ଆଗରେ ରହିଛି । ତାଙ୍କ ରାଜନୈତିକ ଅନୁଭବକୁ ନେଇ ପ୍ରଶ୍ନ ଉଠାଯାଉଛି । କିନ୍ତୁ କଳ୍ପନାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଇ ହେମନ୍ତ କ୍ଷମତାର ଚାବିକୁ ପାଖରେ ରଖିବାକୁ ପସନ୍ଦ କରିବେ ବୋଲି କୁହାଯାଉଛି । ଯଦି କଳ୍ପନା ମୁଖ୍ୟମନ୍ତ୍ରୀ ହୁଅନ୍ତି, ତେବେ ମୟୁରଭଞ୍ଜର ଝିଅ ପାଲଟିବେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ।

## ଏସଆଇ ସ୍ୱାଗତିକା ବେହେରାଙ୍କ ....

ସବଇନ୍ସପେକ୍ଟର, କନ୍ଧମାଳ ଜି. ଉଦୟଗିରି ଥାନା । ପ୍ରାୟ ୭ ମାସ ତଳେ ଏହି ଥାନାରେ ନିଯୁକ୍ତି ପାଇଥିଲେ । କିନ୍ତୁ ଶନିବାର ସରକାରୀ ବାସଭବନରୁ ତାଙ୍କର ଝୁଲନ୍ତା ମୃତ ଦେହ ଉଦ୍ଧାର ହୋଇଛି । ମହିଳା ସବଇନପେକ୍ଟରଙ୍କ ମୃତ୍ୟୁ ଖବର ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଖବର ଶୁଣି ପରିବାର ସମେତ ସ୍ଥାନୀୟ ଲୋକ ସ୍ତବ୍ଧ ହୋଇଯାଇଛନ୍ତି । ମୃତ ସ୍ୱାଗତିକାଙ୍କ ମା' ଝିଅର ମୃତ୍ୟୁ ଖବର ଶୁଣି ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବାବେଳେ ସେ ଯେଉଁ ଅଭିଯୋଗ ଆଣିଛନ୍ତି ତାହା ଅତି ସାଂଘାତିକ । ଥାନା ଆଇଆଇସି ରେବତୀ ଶବରଙ୍କୁ ସ୍ୱାଗତିକାଙ୍କ ମୃତ୍ୟୁ ପାଇଁ ଦାୟୀ କରିଛନ୍ତି । କହିଛନ୍ତି ପୂର୍ବରୁ କଥା ହେବାବେଳେ ଆଇଆଇସି ମାଡାମ ସ୍ୱାଗତିକାଙ୍କୁ ନିର୍ଯ୍ୟାତନା ଦେଉଥିଲେ ବୋଲି ତାଙ୍କ ଝିଅ ବାରମ୍ବାର କହୁଥିଲେ । ଆଉ ନିର୍ଯ୍ୟାତନା ସହିନପାରି ଏମିତି ଚରମ ନିଷ୍ପତ୍ତି ନେଇଛି । ତେବେ ସ୍ୱାଗତିକା ଏକା ରହୁଥିବାବେଳେ କେଉଁ କାରଣରୁ ଓ କେମିତି ତାଙ୍କର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇନାହିଁ । ଏବଂ ସବୁ ଦିଗରୁ ତଦନ୍ତ କରାଯିବ ବୋଲି ସୂଚନା ଦେଇଛନ୍ତି ଏସପି । ପ୍ରଶ୍ନ ଉଠୁଛି ସ୍ୱାଗତିକାଙ୍କ ମାଙ୍କ ଅଭିଯୋଗ ଆଧାରରେ ଆଇଆଇସିଙ୍କୁ ତଦନ୍ତ ପରିସର ଭୁକ୍ତ କରାଯିବ କି ? ଆଇଆଇସି ସତରେ ନିର୍ଯାତନା ଦେଉଥିଲେ କି ? ନିର୍ଯାତନା ଦେବା ପଛର କାରଣ କଣ ?

## ମାଟିରେ ମିଶିବ ନୋଏଡାର....

ଭାଙ୍ଗି ଦିଆଯିବା ପରେ ନୋଏଡା ଆକାଶ ଧୂଆଁମୟ ହୋଇଯିବ । ଟାୱାରର ଧ୍ୱଂସ ପରେ ପାଖାପାଖି ୩୫ହଜାର ଘନ ମିଟର ଉଚ୍ଚ ପର୍ଯ୍ୟନ୍ତ ଧୂଆଁ ଭରିଯିବ । ଧୂଳିମୟ ହୋଇଯିବ ସମ୍ପୂର୍ଣ୍ଣ ଆକାଶ । ଯେଉଁଥିପାଇଁ ରବିବାର ନୋଏଡାର ଆକାଶପଥ ଦେଇ କୌଣସି ବିମାନ ଉଡିବ ନାହିଁ । ଟ୍ୱିନ ଟାୱାରକୁ ଯାଉଥିବା ରାସ୍ତାକୁ ସକାଳ ସନ୍ଧ୍ୟା ଯାଏଁ ମଧ ଡାଇଭର୍ଟ କରାଯିବ । ନୋଏଡା-ଗ୍ରେଟର ନୋଏଡା ଏକ୍ସପ୍ରେସୱେ ମଧ ଅପରାହ୍ନ ୨ଟାରୁ ୩ଟା ଯାଏଁ ବନ୍ଦ ରହିବ । ଅନ୍ୟପଟେ ଜରୁରୀକାଳିନ ଯାତାୟତ ପାଇଁ ସ୍ୱତନ୍ତ୍ର ଗ୍ରୀନ କରିଡରର ପ୍ରସ୍ତୁତି କରାଯିବ । ପରିସ୍ଥିତିକୁ ନଜରରେ ରଖି ରବିବାର ସକାଳ ୭ଟା ସୁଦ୍ଧା ଆଖପାଖ ଘର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିସ୍ଫୋରଣ ସମୟରେ ସଜାଗ ରହିବେ ଏନଡିଆରଏଫ ଟିମ୍ ଓ ୪ଶହରୁ ଅଧିକ ପୋଲିସ କର୍ମଚାରୀ । ଆଖପାଖ ସରକାରୀ ଓ ବେସରକାରୀ ଡାକ୍ତରଖାନାକୁ ମଧ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏତେ ବଡ କୋଠାକୁ କାହିଁକି ମାଟିରେ ମିଶାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । କଣ ରହିଛି ରହିଛି ବିବାଦ ? ନ୍ୟାସନାଲ ବିଲଡିଂ କୋଡ ନିୟମ ଉଲ୍ଲଂଘନ କରିବା ଅଭିଯୋଗ ମାମଲାର ବିଚାର କରି ୨୦୨୧ ଅଗଷ୍ଟ ମାସରେ ସୁପ୍ରିମକୋର୍ଟ ଏହାକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଆଉ ଏବେ ଭାଙ୍ଗିବା ପାଇଁ ଅନୁମତି ଦେଇଛି ସେଣ୍ଟ୍ରାଲ ବିଲଡିଂ ରୋଡ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ।

## ଆଇଏଏସ ସ୍ତରରେ ଛୋଟ ....

ଏହାସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଦାୟିତ୍ୱରେ ମଧ ରହିବେ ଲୋହାନୀ । ସେହିଭଳି ୧୯୯୭ ବ୍ୟାଚ ଆଇଏଏସ ଅଫିସର ସଞ୍ଜୟ କୁମାର ସିଂ ଅତିରିକ୍ତ ଭାବେ ଜିଏସଟି ଓ ବାଣିଜ୍ୟ କର କମିଶନର ଭାବେ ଦାୟିତ୍ୱ ତୁଲାଇବେ । ସଞ୍ଜୟ ଏବେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ସଚିବ, ବିଡିଏ ଉପାଧକ୍ଷ, ସ୍ମାର୍ଟସିଟି ଭୁବନେଶ୍ୱରର ପରିଚାଳନା ନିର୍ଦ୍ଦେଶକ ଭାବେ ମଧ ଦାୟିତ୍ୱ ତୁଲାଉଛନ୍ତି । ପୂର୍ବରୁ ଜିଏସଟି ଓ ବାଣିଜ୍ୟ କର କମିଶନର ଭାବେ ଦାୟିତ୍ୱ ତୁଲାଉଥିଲେ ସୁଶୀଲ ଲୋହାନୀ ।

# କାଳ ହେଲା ଡ୍ରେନେଜ ସମସ୍ୟା : ଏନ.ଏ.ସି.ର ୫ନଂ ୱାର୍ଡରେ ଶତାଧିକ ଘର ଜଳମଗ୍ନ

ନୀଳଗିରି, ୨୭/୦୮ (ନି.ପ୍ର): ଶନିବାର ଦିନ ପ୍ରାୟ ୨ଟା ସମୟରେ ଦୀର୍ଘ ୨ଘଣ୍ଟା ଧରି ମୁଷଳ ଧାରାରେ ବର୍ଷା ହେବା ଯୋଗୁଁ ନୀଳଗିରି ଏନ.ଏ.ସି.ର ୫ନଂ. ୱାର୍ଡର ସାନଅଡା ଓ ବରିସାହି ଗ୍ରାମରେ ୭୦ଭାଗ ଘରେ ବର୍ଷାଜଳ ପଶି ଆଣ୍ଠୁଏ ଲେଖାଏଁ ପାଣି ଛିଡ଼ା ହୋଇଥିବା ବେଳେ ଘରେ ଥିବା ସମସତ ଆସବାବ ପତ୍ର ଭାସୁଥିବାର ଦେଖିବାକୁ ମିଳିଛି । ଢ଼ଢ଼ୟା ପୋଲ ମୁଖ୍ୟ ରାସ୍ତା ଉପରେ ୨ଫୁଟ ଉଚ୍ଚର ବର୍ଷାଜଳ ଚାଲିଥିବା ବେଳେ ଅନେକ ଦୋକାନ ଘର ବର୍ଷା ପାଣିରେ ବୁଡ଼ିଥିବା ବେଳେ ଯାତାୟତ ସଂପୂର୍ଣ୍ଣ ଠପ୍ ପାଲଟି ଯାଇଥିଲା । ପ୍ରଥମଥରପାଇଁ ଉକ୍ତ ୱାର୍ଡରେ ବର୍ଷା ପାଣି ଶତାଧିକ ଘରେ ପଶିବା ଇତିହାସର ପ୍ରଥମଥର ବୋଲି ଚର୍ଚ୍ଚା ଚାଲିଛି । ମୁଖ୍ୟ ରାସ୍ତାରେ ଥିବା ଢ଼ଢ଼ୟା ପୋଲର ଅନତିଦୂରରେ ଜନୈକ ବ୍ୟକ୍ତି ହୋମ ପାଇପ ପକାଇ ଯାତାୟତ କରୁଥିବା ବେଳେ ଉକ୍ତ ହୋମପାଇପ ଦେଇ ବର୍ଷାପାଣି ନିଷ୍କାସନ ନ ହେବାରୁ ଶେଷରେ ୫ନଂ. ୱାର୍ଡରେ କୃତ୍ରିମ ସମୁଦ୍ର ସୃଷ୍ଟି ହୋଇଥିଲା । ଶତାଧିକ ପରିବାର ପିଲାଛୁଆଙ୍କୁ ଧରି ଜୀବନ ବିକଳରେକାନ୍ଦୁଥିଲେ । ପରେ ଦମକଳ ବାହିନୀକୁ ଖବର ଦେବା ପରେ ମେସିନ ଲଗାଇ ଘର ଭିତରୁ ପାଣି ନିଷ୍କାସନ କରାଯାଇଅଛି । ଖବରପାଇ ଏନ.ଏ.ସି. ଅଧକ୍ଷାଙ୍କ ସ୍ୱାମୀ ତଥା ସମାଜସେବୀ ଶରତଦାସ ଘଟଣାସ୍ଥଳରେ ପହଂଚି ହୋମପାଇପ ଗୁଡ଼ିକୁ ଖୋଲିବା ଦ୍ୱାରା ରାସ୍ତା ଉପରୁ ବର୍ଷାପାଣି କମିଯାଇଥିଲା । ମୁଖ୍ୟତଃ ଡ୍ରେନେଜ ସମସ୍ୟାର ସୁଧାରନ ଆଣିଲେ ଭବିଷ୍ୟତରେ ଏମିତି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିବ । ଉକ୍ତ ବର୍ଷାଜଳରେ ମେଣ୍ଟୁ ବିଶ୍ୱାଳ, ସରସ୍ୱତୀ ଦିଦି, ଛଉଘର, ମଧୁସୂଦନ ବିନ୍ଧାଣୀ, ନରୋତମ ବେହେରା, ପୁରସ୍ତମ ଦାସ, ପ୍ରଭାକର ମହାକୁଡ଼, ମଙ୍ଗୁଳିଆ ବିଶ୍ୱାଳ, ସମନାଥ ନାୟକ, ମନୋରଂଜନ ଖୁଣ୍ଟିଆ, ରାଜେଶ ବିଶ୍ୱାଳ, କିଶୋର ବିଶ୍ୱାଳ, ପରଭା କୁଅଁର, ଅମୂଲ୍ୟ କୁଅଁର, ରଂଜନ କୁଅଁର, ଉମାକାନ୍ତ ବୈଠା, ଟୁନୁ ମାଣ, ଚନ୍ଦନ କୁମାର , ବଣ୍ଟି ଗୋଛାୟତ, ଲକ୍ଷ୍ମୀ ବୈଠା, ମାନୁ ବୈଠା, ଚେମା ମାଣ, ଦେବ ମାଣ, କାଜଲ ବୈଠା, ସମେତ ଶତାଧିକ ଘରେ ପାଣି ପଶିଥିବାର ଜଣାପଡ଼ିଛି ।

# ଭାରତୀୟ ଦୃଷ୍ଟିବାଧିତ ଫୁଟବଲ ଟିମରେ ବାଲେଶ୍ୱରର ଛାତ୍ରୀ ପଦ୍ମିନୀ

ବାଲେଶ୍ୱର,୨୭/୦୮ (ନି.ପ୍ର): ଭାରତୀୟ ଦୃଷ୍ଟିବାଧିତ ଫୁଟବଲ ଟିମରେ ସାମିଲ ହୋଇଥିବା ରାଣୀପାଟଣା ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ପଦ୍ମିନୀ ଟୁଡୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଭାରତୀୟ ଦୃଷ୍ଟି ବାଧିତ ଫୁଟବଲ ଟିମ ପାଇଁ କୋଟିଠାରେ ଗତ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ହୋଇଥିବା ଖେଳାଳି ଚୟନ ପ୍ରକ୍ରିୟାରେ କୃତକାର୍ଯ୍ୟ ହୋଇ ପଦ୍ମିନୀ ଶନିବାର ବାଲେଶ୍ୱରରେ ପହଞ୍ଚିଥିଲେ। ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟ ପକ୍ଷରୁ ବାଲେଶ୍ୱର ରେଳ ଷ୍ଟେସନରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପଦ୍ମିନୀ କେବଳ ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟ ନିର୍ଦ୍ଦେଶକ ଦିବାକର ସ, ଉପଦେଷ୍ଟା ସୁବ୍ରତ କର ପଦ୍ମିନୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉତରୋତର ଉନ୍ନତି କାମନା କରଥିଲେ। ତାଙ୍କର ଏହି ସଫଳତା ସମଗ୍ର ଓଡ଼ିଶାର ଦୃଷ୍ଟିବାଧିତ ଫୁଲବଲ ଖେଳାଳିଙ୍କ ପାଇଁ ପ୍ରେରଣା ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ସମ୍ବର୍ଦ୍ଧିତ ଅବସରରେ ପଦ୍ମିନୀ ସନ୍ତୋଷ ପ୍ରକାଶ ସହ ଭାରତୀୟ ଟିମର ଗରିମା ରକ୍ଷା ପାଇଁ ଆଗାମୀ ଆନ୍ତର୍ଜାତିକ ଟୁର୍ଣ୍ଣାମେଣ୍ଟରେ ସେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ପ୍ରକାଶ କରିଛନ୍ତି। ବାଲେଶ୍ୱର ରେଳ ଷ୍ଟେସନରେ ଏହି ସମ୍ବର୍ଦ୍ଧନା ବେଳେ ବିଦ୍ୟାଳୟର ଖେଳଶିକ୍ଷକ ପ୍ୟାରୀମୋହନ ଭୂୟାଁଙ୍କ ସମେତ ଶିକ୍ଷକ ନବୀନ କୁମାର ବେହେରା, ଜଗତଜିତ କୁମାର ପତି ଗୌରାଙ୍ଗ ପ୍ରଧାନ, ପବିତ୍ର ପଣ୍ଡା, ବିତେନ୍ଦ୍ର ଦାସ, ଚନ୍ଦ୍ରଜିତ ନାୟକ, ଅଭିରାମ ସାବତ, ମନୋଜ ପଲାଇ, ଲକ୍ଷ୍ମୀଧର ପଣ୍ଡା, ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗତ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ କୋଟିଠାରେ ଭାରତୀୟ ଦୃଷ୍ଟି ବାଧିତ ଫୁଟୁବଲ ଟିମ ପାଇଁ ଚୟନ କମିଟ ବସିଥିଲା। ଇଣ୍ଡିଆ ଦୃଷ୍ଟି ବାଧିକ ଫୁଟବଲ ଫେଡ୍ରେରେସନ ଚମ୍ପିୟନସିପ ଜରିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଦେଶର କୋଣ ଅନୁକୋଣରୁ ଦୃଷ୍ଟିବାଧିତ ଫୁଟବଲ ଖେଳାଳିମାନେ ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏଥିରେ ପଦ୍ମିନୀ ବେଶ ଭଲ ପ୍ରଦର୍ଶନ କରିଥିଲେ।

# ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ସମ୍ମିଳନୀ



ବାଲେଶ୍ୱର,୨୭/୦୮ (ନି.ପ୍ର): ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତିର ୧୩ତମ ରାଜ୍ୟ ସମ୍ମିଳନୀ ସହରର ମାହେଶ୍ୱରୀ ଭବନଠାରେ ଶନିବାର ଉଦଘାଟିତ ହୋଇଯାଇଛି।ଏହି ପରିପ୍ରେକ୍ଷୀରେ ସମିତି ପକ୍ଷରୁ ଏକ ଶୋଭାଯାତ୍ରା ମାହେଶ୍ୱରରୀ ଭବନଠାରୁ ବାହାରି ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆସି ପୁଣି ସମ୍ମିଳନୀ ସ୍ଥଳକୁ ଫେରିଥିଲା। ରାଜ୍ୟ ସମ୍ମିଳନୀକୁ ଗଣତାନ୍ତ୍ରିକ ମହିଳା ସମିତିର ସର୍ବଭାରତୀୟ ସଭାନେତ୍ରୀ ଡକ୍ଟର ମାଳିନୀ ଭଟ୍ଟାଚାର୍ଯ୍ୟ ଉଦଘାଟନ କରିବା ସହ ରାଷ୍ଟ୍ର ନିର୍ମାଣରେ ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଭାରତୀୟ ସ୍ୱାଧୀନତା ଆନ୍ଦୋଳନଠାରୁ ରାଷ୍ଟ୍ର ବିକାଶ ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ମହିଳାମାନେ ଆଗକୁ ଆସିପାରିଛନ୍ତି। ଏହା ସତ୍ତ୍ୱେ ନିଜର ହକ ପାଇଁ ମହିଳାମାନେ ସଂଗ୍ରାମ ଜାରି ରଖିଛନ୍ତି। ନିଜର ସ୍ୱାଧୀନତା ଓ ସମାନତା ପାଇଁ ପ୍ରତ୍ୟେକ ନାରୀ ସ୍ୱର ଉତ୍ତୋଳନ ପାଇଁ ଶ୍ରୀମତୀ ଭଟ୍ଟାଚାର୍ଯ୍ୟ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସଂଗଠନର ସର୍ବଭାରତୀୟ ସମ୍ପାଦିକା ତାପସୀ ପ୍ରହରାଜ, ଉତ୍କଳ ମହିଳା ସମିତି ନେତ୍ରୀ ବନଲତା ଜେନା, ଅଭ୍ୟର୍ଥନା କମିଟି ସମ୍ପାଦିକା ହରପ୍ରିୟା ଜେନା ପ୍ରମୁଖ ଏହି ସମ୍ମିଳନୀରେ ଯୋଗଦେଇ ନାରୀ ଶକ୍ତି ଜାଗରଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମିତିର ରାଜ୍ୟ ସଭାନେତ୍ରୀ ସୁରଜିତା ନାୟକ ସଭାପତିତ୍ୱ କରିଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ପ୍ରାଧ୍ୟାପିକା ବିନୀତା ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଉପ-ସଭାପତି ଚାରୁବାଳା ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସବିଆଇ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବଡି ବିଲ୍ଡର ତରୁଣ କୁମାର ଚାଟାର୍ଜୀଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୨୭/୦୮ (ନି.ପ୍ର): ଭାରତୀୟ ଷ୍ଟେଟବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘ ବାଲେଶ୍ୱର ଜିଲା ସଭାପତି ହରେକୃଷ୍ଣ ପାତ୍ରଙ୍କ ସଭାପତିତ୍ୱରେ ଏସିଆ ବଡ଼ି ବିଲଡିଂ ଚମ୍ପିୟନସିପ୍ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ବିଜେତା ତରୁଣ କୁମାର ଚାଟାର୍ଜୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଭାରେ ସଂଘର ସମ୍ପାଦକ ଗଣେଶ ଚନ୍ଦ୍ର ଜେନା, ବାଲେଶ୍ୱର ଶାଖାର ମୁଖ୍ୟ ପ୍ରବନ୍ଧକ ହେମନ୍ତ କୁମାର ବେହେରା, ବାଲେଶ୍ୱର ଶାଖା କର୍ମଚାରୀ ସଂଘର ସମ୍ପାଦକ ତଥା ଜୋନାଲ୍ ସେକ୍ରେଟାରୀ ମାନସ କୁମାର ମହାପାତ୍ର ଉପସ୍ଥିତ ଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରାୟ ୫୦ଜଣ ସଭ୍ୟ ଯୋଗଦାନ କରିଥିଲେ। ତରୁଣ ଚାଟାର୍ଜୀ ତା ୦୯-୦୭-୨୦୨୨ରିଖ ଏସିଆ ମହାଦେଶର ମାଲଡିଭସଠାରେ ଏସିଆ ବଡ଼ି ବିଲଡିଂ ଚମ୍ପିୟନସିପ୍ ପ୍ରତିଯୋଗିତାରେ ଭାରତପକ୍ଷରୁ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ଲାଭ କରିଥିବାରୁ ତାଙ୍କୁ ଉଚ୍ଚପ୍ରଶଂସା କରାଯାଇଥିଲା। ଆସନ୍ତା ଡିସେମ୍ବର ୯ ତାରିଖରେ ଥାଇଲାଣ୍ଡରେ ହେବାକୁ ଥିବା ବିଶ୍ୱ ବଡ଼ି ବିଲ୍ଡିଙ୍ଗ୍ ଚମ୍ପିଆନସିପ୍‌ର ସେ ଟିମ୍ ଇଣ୍ଡିଆ ତରଫରୁ ପ୍ରତିନିଧିତ୍ୱ କରୁଥିବାରୁ ସଂଘ ପକ୍ଷରୁ ତାଙ୍କର ସଫଳତା କାମନା କରାଯାଇଛି।ଏହି ଅବସରରେ ସଂଘର ସଦସ୍ୟ ପ୍ରଫୁଲ୍ଲ କୁମାର ଦାସ ଶ୍ରୀ ଚାଟାର୍ଜୀଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ। ପରେଶ ଚନ୍ଦ୍ର ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଗ୍ରାମ୍ୟ ସବୁଜ ବଳୟ ସୃଷ୍ଟିଲାଗି ଅଣ୍ଟା ଭିଡିଲା ରୋଟାରୀ କ୍ଲବ



ଜଳେଶ୍ୱର, ୨୭/୮(ନିପ୍ର) : ଗୋଟିଏ ବୃକ୍ଷ କୋଟିଏ ଜୀବନ ନିତିକୁ ଆପରେଇଛି ଜଳେଶ୍ୱର ରୋଟାରୀ କ୍ଲବ । ଜଳେଶ୍ବର ବ୍ଲକର ଗୋପୀମୋହନପୁର ପାବନକ୍ଷେତ୍ର ଶ୍ରୀଜଗନ୍ନାଥ ମିନ୍ଦିର ସମ୍ମୁଖ ମହାମାୟା ପୋଖରୀ ଆଡିରେ ୧ଏକର ସ୍ଥାନରେ ରୋଟାରୀ କ୍ଲବ ପକ୍ଷରୁ ସବୁଜ ବଳୟ ସୃଷ୍ଟିଲାଗି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକୟମକୁ ରୋଟାରୀ କ୍ଲବ ଗଭର୍ଣ୍ଣର ଯଜ୍ଞାଶିଷ ମହାପାତ୍ର ଉଦ୍‌ଘାଟନ କରି ସବୁଜ ବଳ ସୃଷ୍ଟି ପ୍ରତ୍ୟେକ ନାଗରିକଙ୍କ ଧ୍ୟେୟ ହେବା ଉଚିତ ବୋଲି କହିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ମାନସ ଜେନା ଯୋଗ ଦେଇ ରୋଟାରୀ କ୍ଲବ ସମଗ୍ର ବିଶ୍ୱରୁ ପୋଲିଓ ହଟାଇବାର ଆହ୍ୱାନ ଦେଇ ସଫଳ ହୋଇଥିବା ବେଳେ ଏବେ ଦେଶରେ ସବୁଜ ବଳୟ ସୃଷ୍ଟି ପ୍ରତି ଧ୍ୟାନ ଦିଆଯାଉଥିବା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ ସଭାପତି ଡା ଦିପ୍ତିମୟୀ ମହାପାତ୍ର, ସଂପାଦକ ସତ୍ୟନାରାୟଣ ସିଂ, ରବିନ୍ଦ୍ର କୁମାର ଜେନା, ନିର୍ମଳ କୁମାର ରାଜ, ଗ୍ରାମ୍ୟମୁଖ୍ୟ ଶରତଚନ୍ଦ୍ର ପ୍ରଧାନ, ପ୍ରଧାନ ଶିକ୍ଷକ ମନୋରଂଜନ ଦାସ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ରୋଟାରୀ କ୍ଲବ ଅଧିନରେ ମହାମାୟା ଆର୍‌ସିସି ସେଠାରେ ଲଗା ଯାଇଥିବା ଗଛଗୁଡିକର ଯତ୍ନ ନେବେ ବୋଲି କହିଛନ୍ତି । ପାର୍ଥସାରଥି ଦାସ, ଉତ୍ପଳ ଚନ୍ଦ୍ର, ପଦ୍ମଲୋଚନ ଦେ, ହୃଷିକେଷ ଧଳ ପ୍ରମୁଖ କାର୍ଯ୍ୟକୁ ପରିଚାଳନା କରିଥିବା ବେଳେ ସୁରେଶ କୁମାର ସାହୁ, ମଣିଭଦ୍ର ଜେନା, ସୁବ୍ରତ କୁମାର ରଣା, ପ୍ରବୀର ପ୍ରଧାନ, ଲେଲିନ୍ ପ୍ରଧାନ, ରାଜେଶ ଖଟୁଆ, ଦୀପକ ସାହୁ ପ୍ରମୁଖ ପୂର୍ବତନ ସଭାପତିମାନେ ଉପସ୍ଥିତ ଥିଲେ ।

# ନୀରଜ ଚୋପଡାଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୭/୦୮ (ନି.ପ୍ର): ଲୁସାନେ ଡାଇମଣ୍ଡ ଲିଗରେ ବିଜୟୀ ହୋଇଥିବା ଭାରତୀୟ ଜାଭଲିନ ଖେଳାଳୀ ନୀରଜ ଚୋପଡାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟ୍ୱିଟ କରି କହିଛନ୍ତି ଯେ ଲୁସାନେ ଡାଇମଣ୍ଡ ଲିଗରେ୮୯.୦୮ ମିଟର ଜାଭଲିନ ଫିଙ୍ଗି ପ୍ରଥମ ଭାରତୀୟ ଭାବେ ଏହି ପ୍ରତିଯୋଗିତା ଜିତିବା ସହ ଜୁରିକରେ ଡାଇମଣ୍ଡ ଲିଗ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ନୀରଜ ଚୋପଡାଙ୍କୁ ଅଭିନନ୍ଦନା ଆଗାମୀ ଦିନରେ ମଧ୍ୟ ସେ ଭାରତକୁ ଏପରି ଗୌରବାନ୍ୱିତ କରିବେ ବୋଲି ଶୁଭକାମନା ।

# ରାଜଧାନୀରେ ୪୯ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୭/୦୮ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ଶୁକ୍ରବାର ମୋଟ ୪୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି କୁହାଯାଇଛି। ଅପରପକ୍ଷରେ ୨୪ ଘଂଟାରେ ଆଉ ୬୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୪ ହଜାର ୮୭୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୨ ହଜାର ୬୧୮ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିଲା ବେଳେ ୧୦୩୩ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୪୨ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ନିରବି ଗଲା ବାବାଜୀଙ୍କ ବଇଁଶି ସୁର



ବାରିପଦା, ୨୭/୦୮ (ନି.ପ୍ର): ମୟୁରଭଂଜ ଜିଲ୍ଲାର ବିଶିଷ୍ଟ ବଂଶୀ ବାଦକ ବାବାଜୀ ଦାସ ଆଜି ଭୋର ସମୟରେ ୯୪ ବର୍ଷ ବୟସରେ ଇହଧାମ ତ୍ୟାଗକରିଛନ୍ତି । ତାଙ୍କର ମୃତ୍ୟୁରେ ସାରା ବାରିପଦା ତ ଥା ଜିଲ୍ଲାରେ ବିଶେଷ କରି କଳାକାର ଓ ଛଉପ୍ରେମୀ ମହଲରେ ଶୋକର ଛାୟା ଖେଳିଯାଇଛି । ସେ ପିଲାବେଳୁ ଜଣେ ବଂଶୀବାଦକ ଭାବରେ ନିଜର କଳାକୌଶଳ ପ୍ରଦର୍ଶନ କରି ଆସୁଥିବା ବେଳେ, ଆନୁଷ୍ଠାନିକ ଭାବେ ପ୍ରଥମରେ ୧୯୭୦ ମସିହାରେ ଉତର ସାହି ଛଉନୃତ୍ୟ ପ୍ରତିଷ୍ଠାନରେ ବଂଶୀ ବାଦକ ଭାବେ ଯୋଗ ଦେଇଥିଲେ । ଦୁଇବର୍ଷ ପରେ ୧୯୭୨ ମସିହା ରେ ସେ ଦକ୍ଷିଣ ସାହି ଛଉ ନୃତ୍ୟ ମନ୍ଦିରକୁ ଚାଲିଆସିଥିଲେ ଏବଂ ୨୦୨୨ ଶେଷ ଜୀବନ ପର୍ଯ୍ୟନ୍ତ ଦକ୍ଷିଣ ସାହିର ବଂଶୀବାଦକ କଳାକାର ଭାବେ କାର୍ଯ୍ୟରତ ଥିଲେ । ବୟସ ତାଙ୍କ ଠାରେ ହାର ମାନିଥିଲା ୯୪ ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ କଷ୍ଟକୁ ଭୃକ୍ଷେପ ନକରି ୨୦୨୨ ମସିହା ଚୈତ୍ରପର୍ବରେ ମଧ ସେ ରାତିସାରା ମଂଚ ତଳେ ଛିଡା ହୋଇ ବଂଶୀ ବଜାଇବା ସମସ୍ତଙ୍କୁ ଆଶ୍ଚର୍ଯ୍ୟରେ ପକାଇଥିଲା । ତେବେ ଛଉନୃତ୍ୟ ନିଶିଥ ମିଳନ, ମାୟା ଶବରୀ, କିରାତ ଅର୍ଜୁନ, ବଂଶୀ ଚୋରି, ବାଉଲ କୃଷ୍ଣ, ମେଘ ମୟୂରୀ ଏମିତି ଅନେକ ନୃତ୍ୟରେ ସେ ତାଙ୍କର ବଂଶୀ ବାଦନରେ ଦର୍ଶକଙ୍କୁ ବିମୋହିତ କରିଛନ୍ତି । ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ସ୍ଥାନରେ ସେ ଛଉନୃତ୍ୟ ଦଳ ସହ ଯାଇ ନିଜର ପ୍ରତିଭା ପ୍ରଦର୍ଶନ କରି ସୁନାମ ଅର୍ଜନ କରିଥିଲେ । ତାଙ୍କଭଳି ଜଣେ ସ୍ନେହୀ, ସରଳ, ପ୍ରତିଭାଶାଳୀ କଳାକାରଙ୍କୁ ହରାଇ ବାରିପଦାବାସୀ ଆଜି ମର୍ମାହତ । ତାଙ୍କର ବିୟୋଗ ସମଗ୍ର ମୟୁରଭଂଜ ଛଉ ନୃତ୍ୟ ପାଇଁ ଏକ ଅପୂରଣୀୟ କ୍ଷତି । ତେବେ ତାଙ୍କୁ ଶେଷ ଦର୍ଶନ କରିବା ପାଇଁ ଉତରସାହି ଓ ଦକ୍ଷିଣ ସାହିର ବହୁ ଛଉ କଳାକାର ଓ ସଂଗଠକ ଯାଇ ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ ।

# ଦରଦାମ ବୃଦ୍ଧି ବିରୋଧରେ ସହରର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା



ଭଦ୍ରକ,୨୭/୦୮ (ନି.ପ୍ର): ବିଭିନ୍ନ ଅତ୍ୟାବଶ୍ରକ ସାମଗ୍ରୀର ଦରଦାମ ବୃଦ୍ଧି ପ୍ରତିବାଦରେ ଭଦ୍ରକ ବିଧାନସଭା କଂଗ୍ରେସ ପକ୍ଷରୁ ହାଲ୍ଲାବୋଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ କୁମାର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓ ଭଦ୍ରକ ବିଧାନସଭା ନେତା ନଳିନୀ ମହାନ୍ତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଶୁକ୍ରବାର ସଂଧ୍ୟାରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ସମୟରେ ସମସ୍ତ ଆତ୍ୟାବଶ୍ରକ ସାମଗ୍ରୀର ଦର ଆକାଶ ଛୁଆଁ ହୋଇଛି। ପେଟୋଲିୟମଜାତ ଦ୍ରବ୍ୟର ଦରବୃଦ୍ଧି ଯୋଗୁଁ ସବୁ ଜିନିଷର ମୂଲ୍ୟ୍ୟରେ ଅହେତୁକ ବୃଦ୍ଧି ଘଟିଛି। ଇନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ, ପରିବା, ଖାଇବା ତେଲ, ଡାଲି ଜାତୀୟ ଖାଦ୍ୟର ଅହେତୁକ ଦର ବୃଦ୍ଧି ଘଟିଛି। ଲୋକେ ଗ୍ୟାସ ଛାଡ଼ି ପୁଣି ଜାଳ ସଂଗ୍ରହ କରି ଚୁଲି ଜାଳୁଛନ୍ତି। ଯାହାକି ସାଧାରଣ ଲୋକଙ୍କ ହାଣ୍ଡିଶାଳ ଉପରେ ପ୍ରଭାବ ପକାଇଛି ବୋଲି ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭାରେ ଉପସ୍ଥିତ ରହି କୃଷକ ନେତା ତଥା ଜିଲ୍ଲା କଂଗ୍ରେସର ପ୍ରଭାରୀ ଅମୟ ପଟ୍ଟନାୟକ କହିଥିଲେ। ଜିଲ୍ଲା ସଭାପତି ଶ୍ରୀ ଦାସ ନିଜ ବକ୍ତବ୍ୟରେ କେନ୍ଦ୍ର ସରକାର ଲୋକଙ୍କ ହିତ ପରିବର୍ତ୍ତେ ହୀନ ସାମ୍ପ୍ରଦାୟିକ ରାଜନୀତି ଚଳାଇଛି ବୋଲି ଅଭିଯୋଗ କରିଥିଲେ। ସେହିପରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏଥି ନିମନ୍ତେ ଭଦ୍ରକ ବିଧାନସଭା ନେତା ନଳିନୀ ମହାନ୍ତି ଦାୟୀ କରିଥିଲେ। ସେ ନିଜ ବକ୍ତବ୍ୟରେ କେନ୍ଦ୍ରୀୟ ଅବହେଳା ପାଇଁ ରାଜ୍ୟର ସାଢ଼େ ଚାରିକୋଟି ଲୋକ ପ୍ରଭାବିତ ହୋଇଛନ୍ତି। ଅଧେ ଲୋକଙ୍କ ଘରେ ଦୁଇ ଓଳି ଚୂଲି ଜଳୁ ନାହିଁ। ଦୀର୍ଘ ୨୨ ବର୍ଷ ଶାସନ କ୍ଷମତାରେ ରହି ମଧ୍ୟ ଆର୍ଥୀକ ସୁପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାର କୌଣସି ଠୋସ ପଦକ୍ଷେପ ନେଇ ପାରି ନାହାନ୍ତି। ଏହା କ'ଣ ଆଛେ ଦିନ୍ କି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଥିଲେ। ଉକ୍ତ ପଥପ୍ରାନ୍ତ ସଭା ଅପର୍ତ୍ତିବନ୍ଧା ଛକ, ଟାଉନ ହଲ ଛକ, ପୁରୁଣାବଜାର ଛକ, ବାଙ୍କା ଛକ, ପାନ ଅରଥ ଛକ, ପାଟଣା ସାହି ଠାରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା।


# କମ୍ୟୁନିଷ୍ଟ ପାର୍ଟିର ଦୁଇଦିନିଆ ସମ୍ମିଳନୀ ଉଦଘାଟିତ

ବାଲେଶ୍ୱର,୨୭/୦୮ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ଜିଲା ଶାଖାର ଦ୍ୱାବିଂଶ ସମ୍ମିଳନୀ ବାଲେଶ୍ୱର ସହରର ଜଗନ୍ନାଥ କଲ୍ୟାଣ ମଣ୍ଡପରେ ଶନିବାର ଉଦଘାଟିତ ହୋଇଯାଇଛି। ବର୍ଷୀୟାନ କମ୍ୟୁନିଷ୍ଟ ନେତା କୈଳାସ ଚନ୍ଦ୍ର ପଣ୍ଡା ଦଳୀୟ ପତାକା ଉତ୍ତୋଳନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ପ୍ରତିନିଧି ଅଧିବେଶନକୁ ଦଳର ରାଜ୍ୟ ସଂମ୍ପାଦକ ଆଶୀଷ କାନୁନ୍‌ଗୋ ଉଦ୍‌ଘାଟନ ସହ ସାମ୍ପ୍ରତିକ ସ୍ଥିତିରେ ରାଜ୍ୟ ତଥା ରାଷ୍ଟ୍ରର ରାଜନୀତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ରାଜ୍ୟ ସହ-ସଂପାଦକ ପ୍ରଶାନ୍ତ ମିଶ୍ର ଦରଦାମ୍ ବୃଦ୍ଧି, ବେକାରୀ, ସାଂପ୍ରଦାୟିକତାବାଦ ଦେଶର ସାଧାରଣ ନାଗରିକଙ୍କୁ ଅତିଷ୍ଠ କରିଛି ବୋଲି କହିଥିଲେ। ଏହି ଦୁଇଦିନିଆ ସମ୍ମିଳନୀରେ ସମସ୍ତ ଅଧିବେଶନରେ କୈଳାସ ଚନ୍ଦ୍ର ପଣ୍ଡା, ଅନାମ ପ୍ରସାଦ ବାରିକ ଓ ପ୍ରଭାବତୀ ଦାସ ଅଧକ୍ଷତା କରୁଛନ୍ତି। ପ୍ରତିନିଧି ଅଧିବେଶନ ପ୍ରାରମ୍ଭରେ ଦିବଂଗତ ସାଥୀମାନଙ୍କ ଉଦ୍ଦେଶ୍ୟରେ ମାୟାଧର ନାୟକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଗୌରାଙ୍ଗ ପାଣିଗ୍ରାହୀ ପ୍ରତିନିଧି ତଥା ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲା ସଂପାଦକ ନିରଞ୍ଜନ ବାରିକ ସାଂଗଠନିକ ଚିଠା ପ୍ରସ୍ତାବ ଓ ସହ-ସଂପାଦକ ଭାଗବତ ପ୍ରତିହାରୀ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଛନ୍ତି। ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିବେ। ୨ୟ ଦିନର ଅନ୍ତିମ ଅଧିବେଶନରେ ଜିଲ୍ଲା ପରିଷଦ ଓ କର୍ମକର୍ତ୍ତା ନିର୍ବାଚନ ପାଇଁ କାର୍ଯ୍ୟକ୍ରମ ରହିଛି।

# ଖୁବ ଶୀଘ୍ର ଦୂର ହେବ ଡମ୍ପିଂ ୟାର୍ଡ ସମସ୍ୟାର ସମାଧାନ : ମେୟର

ଭୁବନେଶ୍ୱର,୨୭/୦୮ (ନି.ପ୍ର): ଭୁବନେଶ୍ୱର ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଡମ୍ପିଂ ୟାର୍ଡ ବିବାଦର ସମାଧାନ ଖୁବ ଶୀଘ୍ର ବାହାରିବ ବୋଲି ସୂଚନା ଦେଇଛନ୍ତି ମେୟର ସୁଲୋଚନା ଦାସ । ବିଏମସି କାର୍ଯ୍ୟାଳୟରେ ଏହାର ସମାଧାନ ପାଇଁ ବସିଥିବା ବୈଠକ ପରେ ସାମ୍ବାଦିକ ମାନଙ୍କୁ ସେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଆଜିର ବୈଠକ ଖୁବ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଓ ସକାରାତ୍ମକ ଭାବେ ହୋଇଥିଲା । ଗ୍ରାମର ପ୍ରତିନିଧି ମାନେ ଦୁଇ ଦିନ ସମୟ ନେଇଛନ୍ତି । ସେମାନେ ଗ୍ରାମବାସୀଙ୍କ ସହ ଆଲୋଚନା କରିବେ । ଖୁବ ଶୀଘ୍ର ଏହି ସମାଧାନ ହେବ । ଉଲ୍ଲେଖନୀୟ ଯେ ଭୁବନେଶ୍ୱର ଉପକଣ୍ଠ ଦାରୁଠେଙ୍ଗ ଡମ୍ପିଂ ୟାର୍ଡ ବିବାଦ ଦୂର ପାଇଁ ବୈଠକ ବିଏମସି କାର୍ଯ୍ୟାଳୟରେ ଆଜି ବସିଥିଲା ।




❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo